

'ସ୍ପିରିଟ୍'
ପ୍ରଭାସ ନେଇଛନ୍ତି
୧୬୦ କୋଟି
▸ପୃଷ୍ଠା ୧୧ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-163 •TUESDAY •9 DECEMBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୬୩ •ମଙ୍ଗଳବାର •୯ ଡିସେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦

### ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର ଘଟଣା

# ଗୋଷ୍ଠୀ ସଂଘର୍ଷରେ ଜଳୁଛି ମାଲକାନଗିରି

■ ମାଲକାନଗିରି/କୋରୁକୋଣ୍ଡା, ୮ ।୧୨(ସମିସ): ମୁଣ୍ଡବିହୀନ ମହିଳାଙ୍କ ଶବ ଉଦ୍ଧାର ଘଟଣାକୁ ନେଇ କୋରୁକୁଣ୍ଡା ବ୍ଲକ୍ ମାରିବେଡ଼ା ପଞ୍ଚାୟତ ଅଧୀନ ରଖେଲଗୁଡ଼ା ଓ ଏମ୍‌ଭି-୨୬ ଗ୍ରାମରେ ଲାଗି ରହିଥିବା ସଂଘର୍ଷ ଥମିବାର ନାଁ ଧରୁନି । ଆଜି ମଧ ରଖେଲଗୁଡ଼ାର କିଛି ଗ୍ରାମବାସୀ ଏମ୍‌ଭି-୨୬ ଗ୍ରାମର ବହୁ ଲୋକଙ୍କ ଘର ଜାଳି ଦେଇଛନ୍ତି । ଅପରପକ୍ଷେ, ଏହାର ପ୍ରତିବାଦରେ ୨ ହଜାରରୁ ଉର୍ଦ୍ଧ୍ୱ ବଙ୍ଗଳା ଭାଷାଭାଷୀ ଲୋକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିଛନ୍ତି । ମାଲକାନଗିରିସ୍ଥିତ ଏମ୍‌ଭି-୩ରୁ ସେମାନେ ଏକ ବିଶାଳ ରାଲିରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ । ବଙ୍ଗଳା ଭାଷାଭାଷୀଙ୍କ ବିରୋଧରେ ଅତ୍ୟାଚାର ବଢ଼ୁଥିବା ବେଳେ ଜିଲ୍ଲା ଏବଂ ପୁଲିସ୍ ପ୍ରଶାସନ କାହିଁକି ଚୁପ୍ ବସିଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ଘଟଣାକୁ ଗୁରୁତ୍ୱର ସହ ନେଇ ପ୍ରଶାସନ ତଦନ୍ତ ଆରମ୍ଭ କରିଛି । ଉତ୍ତେଜନା କ୍ରମଶଃ ବଢ଼ୁଥିବାରୁ ପ୍ରଶାସନ ପକ୍ଷରୁ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଜିଲ୍ଲାରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦିଆଯାଇଛି । ମଙ୍ଗଳବାର ମଧ୍ୟରାତ୍ରି ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ମଦ ଦୋକାନକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆଜି ସଂଧ୍ୟାରେ ପୁଲିସ ଡିଜି ୱାଇ.ବି ଖୁରାନିଆ, ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଅଖିଳେଶ୍ୱର ସିଂ, ଏଡିଜି (ଅପରେସନ୍) ସଂଜୀବ ପଣ୍ଡା ପ୍ରମୁଖ ମାଲକାନଗିରିରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି ।

ସୂଚନାନୁଯାୟୀ, ରାଖେଲଗୁଡ଼ାର ବିଧବା ଲୋକେ ପଡ଼ିଆମି (୫୧) ଗତ ୧ ତାରିଖ ଦିନ ଜମିକୁ କାମ କରିବାକୁ ଯାଇ ଆଉ ଘରକୁ ଫେରିନଥିଲେ । ଦୁଇ ଦିନ ପରେ ମହିଳାଙ୍କ ମୁଣ୍ଡବିହୀନ ଶବ ପୋଟେରୁ ନଦୀର ଡୁଡୁମେଟଲା ଗ୍ରାମର ମଶାଣି ନିକଟସ୍ଥ ଏକ ଗଛ କଡ଼ରୁ ଉଦ୍ଧାର ହୋଇଥିଲା । ଲୋକେଙ୍କ ସହ ଏମ୍‌ଭି-୨୬ ଗ୍ରାମର ୩ଜଣଙ୍କ ଜମିବାଡ଼ି ବିବାଦ ଥିବାରୁ ତାଙ୍କୁ ସୁପରିକଳ୍ପିତ ଭାବେ ହତ୍ୟା କରାଯାଇଛି ବୋଲି ରାଖେଲଗୁଡ଼ା ଗ୍ରାମବାସୀ ଅଭିଯୋଗ ଆଣିଥିଲେ । ଏହାକୁ ନେଇ ଦୁଇ ଗାଁ ମଧ୍ୟରେ ୩ ଦିନ ହେଲା ଉତ୍ତେଜନା ଲାଗି ରହିଛି । ଗତକାଲି ରାଖେଲଗୁଡ଼ା ଗ୍ରାମବାସୀ ଏମ୍‌ଭି-୨୬ ଗ୍ରାମରେ ପଶି ବ୍ୟାପକ ଭଙ୍ଗାରୁଜା ଓ ▸ପୃଷ୍ଠା-୭

**ଇଣ୍ଟରନେଟ୍ ସେବା ଓ ମଦ ଦୋକାନ ବନ୍ଦ**

**ଧସ୍ତାଧସ୍ତିରେ ପୁଲିସ ଆହତ**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ବଙ୍ଗଳା ଭାଷାଭାଷୀ**

**ପୋଟେରୁ ଜଳ ଶୁଖାଇ ଖୋଜା ଚାଲିଛି କଟାମୁଣ୍ଡ**



## ବିଧାନସଭାରେ ମାଲକାନଗିରି ତାତି

■ ଭୁବନେଶ୍ୱର,୮ ।୧୨(ସମିସ): ମାଲକାନଗିରିରେ ସୃଷ୍ଟି ହୋଇଥିବା ଗୋଷ୍ଠୀ ସଂଘର୍ଷର ତାତି ଆଜି ବିଧାନସଭାରେ ଅନୁଭୂତ ହୋଇଛି । ବିଜେଡି ଓ କଂଗ୍ରେସର ସଦସ୍ୟ ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରିବା ସହ ସରକାର କ'ଣ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି । ସୋମବାର ଶୂନ୍ୟକାଳରେ ବିଜେଡି ବିଧାୟକ ପ୍ରତାପ ଦେବ୍ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ରାଜ୍ୟ ସରକାର ନିଘୋଡ଼ ନିଦ୍ରାରେ ଶୋଇଛନ୍ତି । ମାଲକାନଗିରିର ଅଘଟଣ ବିଷୟରେ ଗୃହ ବିଭାଗ ଜାଣି ନ ପାରିବା ଦୁର୍ଭାଗ୍ୟଜନକ । ▸ପୃଷ୍ଠା-୭

**ତୁରନ୍ତ ଡିଜିଙ୍କୁ ମାଲକାନଗିରି ପଠାଯିବାକୁ ବିଜେଡିର ଦାବି**

**ଆଇନଶୃଙ୍ଖଳା ପ୍ରତି ମୁଖ୍ୟମନ୍ତ୍ରୀ ଧ୍ୟାନ ଦିଅନ୍ତୁ: କଂଗ୍ରେସ**

### ବଜେଟ ପ୍ରସଙ୍ଗରେ ନବୀନଙ୍କ କଟାକ୍ଷ

## ଫମ୍ପା ମାଠିଆର ଶବ୍ଦ ବେଶି

**ଲୋକଙ୍କ ବିକାଶ ପାଇଁ ଅର୍ଥ ଖର୍ଚ୍ଚ କରୁନାହାନ୍ତି ସରକାର**



■ ଭୁବନେଶ୍ୱର,୮ ।୧୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଗୃହରେ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଗତ କରିଛନ୍ତି । ଏହାକୁ ନେଇ ଗୃହ ବାହାରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ନବୀନ କହିଛନ୍ତି ଯେ ଆମେ ସମସ୍ତେ ଜାଣୁ ଯେ ଫମ୍ପା ମାଠିଆ ଭଲ ଶବ୍ଦ କରେ, ଆଉ ସେହି ଶବ୍ଦରେ ହିଁ ସେମାନେ (ସରକାର) ସନ୍ତୁଷ୍ଟ । ବଜେଟ ଉପରେ ପ୍ରତିକ୍ରିୟା ରଖି ନବୀନ କହିଛନ୍ତି ଯେ ଦୁଃଖର ସହ କହିବାକୁ ଚାହୁଁଛି ଯେ ଏହା କେବଳ ମୋର ମତ ନୁହେଁ; ଏହା ରାଜ୍ୟର ଅନେକ ଲୋକଙ୍କର ମତ ଅଟେ । ରାଜ୍ୟ ସରକାର ଏହି ରାଜ୍ୟର ଲୋକଙ୍କ ପାଇଁ ଏବଂ ସେମାନଙ୍କ ବିକାଶ ପାଇଁ କୌଣସି ଅର୍ଥ ଖର୍ଚ୍ଚ କରୁନାହାନ୍ତି । ଏହା ଅତ୍ୟନ୍ତ ଦୁଃଖର ବିଷୟ । ବାରମ୍ବାର ବିଜେଡି ପକ୍ଷରୁ ରାଜ୍ୟର ଲୋକଙ୍କ ବିକାଶ ପାଇଁ କିଛି ଖର୍ଚ୍ଚ ହେବା ଉଚିତ୍ ବୋଲି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି । ମାତ୍ର ସେମାନେ ଏ ବିଷୟରେ ସମ୍ପୂର୍ଣ୍ଣ ଅବହେଳା କରୁଛନ୍ତି । ଏଥିପାଇଁ କେବଳ କିଛି ଲୋକ ନୁହେଁ, ସମସ୍ତେ ଅସୁବିଧା ଭୋଗୁଛନ୍ତି ବୋଲି ସେ କହିଛନ୍ତି ।

### ଆଜିଠୁ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦

## ଲାଲ୍‌ମାଟିରେ ବାରବାଟୀ ଲଢ଼େଇ



■ କଟକ,୮ ।୧୨ (ସମିସ): ଐତିହାସିକ କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତାକାଲି (ମଙ୍ଗଳବାର) ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପ୍ରଥମ ମୁକାବିଲା ।ହେବ । ଏହି ମୁକାବିଲା ଲାଗି ଉଭୟ ଦଳ ଯେପରି ପ୍ରସ୍ତୁତି କରିଛି, ଠିକ୍ ସେହିପରି ମ୍ୟାଚ୍‌କୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବାକୁ ଓଡ଼ିଶା କ୍ରିକେଟ ସଂଘ ଓ ସରକାରୀ ଏଜେନ୍ସିଗୁଡିକ ପ୍ରସ୍ତୁତ ରହିଛନ୍ତି । ଦର୍ଶକଙ୍କୁ ନିୟନ୍ତ୍ରଣ କରିବା, ମ୍ୟାଚ୍‌କୁ ଶୃଙ୍ଖଳିତ କରିବା ଆଦି ପୁଲିସ ଓ ପ୍ରଶାସନ ଲାଗି ଏକ ବଡ ଚ୍ୟାଲେଞ୍ଜ ହୋଇଛି । ପୂର୍ବରୁ ଦକ୍ଷିଣ ଆଫ୍ରିକା ମ୍ୟାଚ୍ ବେଳେ ୨୦୧୫ରେ ଦର୍ଶକ ବିଶୃଙ୍ଖଳା ଓ ଚଳିତବର୍ଷ ଫ୍ଲଡ୍‌ଲାଇଟ୍ ଲିଭିବା ଘଟଣା ମନରୁ ଯାଇନି । ଏହାର ଯେପରି ପୁନରାବୃତ୍ତି ନ ହୁଏ, ସେଥିଲାଗି ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି ।

ଅନ୍ୟପକ୍ଷରେ ବାରବାଟୀରେ ଉଭୟ ଦଳ ଲାଗି ଦୁଇଟି ଆହ୍ୱାନ ରହିଛି । ପ୍ରଥମଟି ହେଉଛି କାକର ବା କୁହୁଡି ସମସ୍ୟା । ଏହାକୁ କେହି ନିୟନ୍ତ୍ରଣ କରିବା ସମ୍ଭବପର ନୁହେଁ । ଦ୍ୱିତୀୟଟି ହେଉଛି ବାରବାଟୀରେ ନିର୍ମିତ ▸ପୃଷ୍ଠା-୭

### ଏସ୍‌ଆଇଆର୍ ପାଇଁ ଚିନ୍ତା

## ତାମିଲନାଡୁରେ ହଟିବେ ୮୪ ଲକ୍ଷ ଭୋଟର

■ ଚେନ୍ନାଇ, ୮ ।୧୨(ଏଜେନ୍ସି): ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଚାଲୁରହିଛି । ଆସନ୍ତା ୧୧ ତାରିଖ ଫର୍ମ ଦାଖଲ କରିବାର ଶେଷ ଦିନ ରହିଛି । ଇତିମଧ୍ୟରେ ଏପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁସାରେ ଜଣାପଡ଼ିଛି ଯେ, ବିଭିନ୍ନ ରାଜ୍ୟରେ ଏବେକାର ଭୋଟର ତାଲିକାରୁ ବହୁ ସଂଖ୍ୟାରେ ଭୋଟର ବାଦ୍ ପଡ଼ିବେ ବୋଲି ଆଶଙ୍କା କରାଯାଉଛି । ଏହି ରାଜ୍ୟଗୁଡିକ ମଧ୍ୟରେ ତାମିଲନାଡୁ ସର୍ବାଗ୍ରେ ରହିଛି । ତାମିଲନାଡୁରେ ୮୪.୯୧ ଲକ୍ଷ ଫର୍ମ ଅସଂଗ୍ରହଣୀୟ ଶ୍ରେଣୀରେ ରହିଛନ୍ତି । ଅର୍ଥାତ ଏହି ଫର୍ମଗୁଡିକ ଭିନ୍ନ ଭିନ୍ନ କାରଣ ଯୋଗୁଁ ଏକାଠି ହୋଇପାରିନାହିଁ । ଏଥିରେ ଅସମ୍ପୂର୍ଣ୍ଣ ସୂଚନା, ୨୦୦୩ ତାଲିକାରୁ ନାମ ହଜିବା ଭୋଟରଙ୍କ ମୃତ୍ୟୁ କିମ୍ବା ସ୍ଥାନାନ୍ତର ଅନ୍ତର୍ଭୁକ୍ତ । ଇତିମଧ୍ୟରେ ତାମିଲନାଡୁରେ ମିଳିଥିବା ସୂଚନା ଅନୁସାରେ ଏବେକାର ଭୋଟର ତାଲିକାରୁ ୮୪ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ କରିବାର ଆଶଙ୍କା ସୃଷ୍ଟି ହୋଇଛି । ସେହିପରି ପଶ୍ଚିମବଙ୍ଗରେ ମଧ ସମାନ ସ୍ଥିତି ସୃଷ୍ଟି ହୋଇଛି । ଏହି ରାଜ୍ୟରେ ▸ପୃଷ୍ଠା-୭

**ପଶ୍ଚିମବଙ୍ଗରେ ଫର୍ମ ଦାଖଲ କରିନାହାନ୍ତି ୫୪ ଲକ୍ଷ**

### ଗୋପାଳପୁର ଗଣଦୁଷ୍କର୍ମ ମାମଲା

## ୫ ସାବାଳକଙ୍କ ନାମରେ ଚାର୍ଜଫ୍ରେମ୍

■ ବ୍ରହ୍ମପୁର, ୮।୧୨ (ସମିସ): ବହୁଚର୍ଚ୍ଚିତ ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ମାମଲାରେ ୫ଜଣ ଅଭିଯୁକ୍ତଙ୍କ ଚାର୍ଜଫ୍ରେମ୍ ହୋଇଛି । ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ଦ୍ୱିତୀୟ) ଆୟୁଷ୍ମାନ ମହନ୍ତଙ୍କ ଅଦାଲତରେ ମାମଲାର ବିଚାର ଚାଲିଥିବା ବେଳେ ସୋମବାର ଅଭିଯୁକ୍ତଙ୍କ ଚାର୍ଜଫ୍ରେମ୍ ହୋଇଛି । ଚାର୍ଜଫ୍ରେମ ହୋଇଥିବା ଅଭିଯୁକ୍ତମାନେ ହେଲେ ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ ଓ ଦୀପକ ତରାଇ ।

ସୂଚନାନୁଯାୟୀ, ଗତ ଜୁନ୍ ୧୫ ତାରିଖରେ ଜଣେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ଉପସ୍ଥିତିରେ ଗଣଦୁଷ୍କର୍ମ ହୋଇଥିଲା । ଏହି ମାମଲାରେ ପୁଲିସ ଜୁନ ୧୬ ତାରିଖରେ ୬ଜଣ ସାବାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ୪ଜଣ ନାବାଳକଙ୍କୁ ଜେଜେବିରେ ହାଜର କରିଥିଲା । ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ନେଇଥିଲା । ୪୪ ଦିନରେ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ଜେଏମ୍‌ଏଫ୍‌ସି (ଗ୍ରାମାଞ୍ଚଳ) ରିତିକା ଜେନାଙ୍କ କୋର୍ଟରେ ୫୭୪ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଥିଲା । ସେଥିରେ ଗଣଦୁଷ୍କର୍ମ ମାମଲାରେ ୫ଜଣ ସାବାଳକ ଯଥା ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇ ଓ ୪ଜଣ ନାବାଳକଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା । ଏଥିରେ ଅନ୍ୟତମ ସାବାଳକ ଓଁ ପ୍ରଧାନଙ୍କୁ ଚାର୍ଜସିଟ୍‌ରୁ ବାଦ୍ ଦିଆଯାଇଥିଲା । ପରେ ଓଁଙ୍କୁ ମାମଲାରୁ ଡିସଚାର୍ଜ କରିବାକୁ ତାଙ୍କ ଓକିଲ ▸ପୃଷ୍ଠା-୭

### ବ୍ୟୟ ମଞ୍ଜୁରୀ ବିଲ ଆଲୋଚନା ବେଳେ ଘେରିଲେ ବିରୋଧୀ

## ସରକାରଙ୍କୁ ଜଣାନାହିଁ ଆର୍ଥିକ ପରିଚାଳନା

■ ଭୁବନେଶ୍ୱର,୮ ।୧୨(ସମିସ): ଗତ ବିଜେଡି ସରକାରଙ୍କ ଆର୍ଥିକ ପରିଚାଳନାକୁ ନୀତି ଆୟୋଗ ଉଚ୍ଚ ପ୍ରଶଂସା କରିଥିଲେ । ବିତ୍ତୀୟ ପରିଚାଳନାରେ ଓଡ଼ିଶା ସାରା ଦେଶରେ ମଡ଼େଲ ପାଲଟିଥିଲା । ମାତ୍ର ରାଜ୍ୟରେ ନୂଆ ସରକାର ଆସିବା ପରେ ବଜେଟ ଅର୍ଥ ଖର୍ଚ୍ଚ ହୋଇପାରୁ ନାହିଁ । କେନ୍ଦ୍ରୀୟ ଅନୁଦାନ କମୁଛି, ରାଜସ୍ୱ ଆୟ ହ୍ରାସ ପାଇଛି । ସରକାର ଖୋଲା ବଜାରରୁ ଋଣ କରିବାରେ ବ୍ୟସ୍ତ ଅଛନ୍ତି । ରାଜ୍ୟ ସରକାରଙ୍କ ବଜେଟ ମାୟାଜାଲ ପରି ଲାଗୁଛି । ବିଜେପି ସରକାର ଓଡ଼ିଶାକୁ ରୋଗୀଣା ରାଜ୍ୟରେ ପରିଣତ କରିବାରେ ଲାଗିଛନ୍ତି । ଶୁକ୍ରବାର ବ୍ୟୟ ମଞ୍ଜୁରୀ ବିଲ (ଅତିରିକ୍ତ ବଜେଟ) ଆଲୋଚନାରେ ଭାଗନେଇ ସରକାରଙ୍କୁ ଏପରି କଡ଼ା ଭାଷାରେ ସମାଲୋଚନା କରିଛନ୍ତି ବିରୋଧୀ । ଅନ୍ୟପକ୍ଷରେ ଦେଇଥିବା ପ୍ରତିଶ୍ରୁତି ସବୁ ପାଳନ କରିଥିବା ନେଇ ଶାସକ ଦଳ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି ▸ପୃଷ୍ଠା-୭

**ଅକ୍ଟୋବର ସୁଦ୍ଧା ରାଜ୍ୟର ମୁଣ୍ଡପିଛା ଋଣଭାର ୨୬,୯୭୮ ଟଙ୍କା**

**ଓଡ଼ିଶାକୁ ରୋଗଣା ରାଜ୍ୟ ଆଡ଼କୁ ନେଇଯାଉଛି ବିଜେପି ସରକାର**

**ରାଜ୍ୟର ଆର୍ଥିକ ପରିଚାଳନାକୁ ସାର୍ଟିଫିକେଟ ଦେଇଥିଲେ 'ନିତି' ଆୟୋଗ**

**ରାଜ୍ୟ ସରକାରଙ୍କୁ ୧୦୦ଟି 'କାହିଁକି' ପ୍ରଶ୍ନରେ ଘାଇଲା କଲେ ଅରୁଣ ସାହୁ**

**ସବୁ ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିଥିବା ନେଇ ଶାସକ ଦଳର ଦମ୍ଭୋକ୍ତି**

### ୨ ବର୍ଷରେ ସବୁ ଗାଁକୁ ବିଜୁଳି, ପାଣି ଓ ରାସ୍ତା: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର,୮ ।୧୨(ସମିସ): ଆଗାମୀ ଦୁଇ ବର୍ଷରେ ଓଡ଼ିଶାର ସମସ୍ତ ଗାଁକୁ ବିଜୁଳି, ପିଇବା ପାଣି ଏବଂ ରାସ୍ତା ସଂଯୋଗ କରିବା ପାଇଁ ସରକାର 'ମିଶନ ପାୱାର' କରିଛନ୍ତି । ଆମ ସରକାର ଆସନ୍ତା ଦୁଇ ବର୍ଷ ଭିତରେ ଏହା ସୁନିଶ୍ଚିତ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ▸ପୃଷ୍ଠା-୭

**ଗୋଟିଏ ବି ଯୋଗ୍ୟ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବେ ନାହିଁ**

### ଚରମ ଅରାଜକତା

## ରାଜ୍ୟରେ ଦିନକୁ ୭ ଦୁଷ୍କର୍ମ, ୨୧ ଅସଦାଚରଣ

■ ଭୁବନେଶ୍ୱର,୮ ।୧୨(ସମିସ): ଦିନକୁ ଦିନ ବଢ଼ୁଛି ରାଜ୍ୟରେ ମହିଳା ବିରୋଧୀ ହିଂସା । ଅଶାନ୍ତ ହେଉଛି ଓଡ଼ିଶା, ବିପର୍ଯ୍ୟସ୍ତ ହୋଇ ଚାଲିଛି ଆଇନଶୃଙ୍ଖଳା ପରିସ୍ଥିତି । ବିଧାନସଭାରେ ଖୋଦ ସରକାର ଦେଇଛନ୍ତି ଏ ସଂକ୍ରାନ୍ତ ତଥ୍ୟ । ଗତ ୧୫ ମାସ ମଧ୍ୟରେ ରାଜ୍ୟର ୩୨୦୫ ଜଣ ମହିଳା ଦୁଷ୍କର୍ମ ବା ଗଣ ଦୁଷ୍କର୍ମର ଶିକାର ହୋଇଥିବା ସରକାର ସ୍ୱୀକାର କରିଛନ୍ତି । ଗୋଟିଏ ପଟେ ଝିଅ ପୋଡିକୁ ନେଇ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ନିନ୍ଦିତ ହୋଇଛି । ଗୋଟିଏ ପରେ ଗୋଟିଏ ଘଟଣା ରାଜ୍ୟ ପାଇଁ ଅପବାଦ ଡାକି ଆଣୁଛି । ଏପରି ମାମଲା ଥମିବାର ନାଁ ଧରୁ ନ ଥିବାବେଳେ ଦୁଷ୍କର୍ମ ଓ ମହିଳା ହିଂସା ତଥ୍ୟ ସମସ୍ତଙ୍କୁ ଭୟଭୀତ କରିଛି ।

ରାଜ୍ୟରେ ମହିଳା ହିଂସା ସଂକ୍ରାନ୍ତରେ ବିଧାନସଭାରେ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଛି । ଗତ ୧୫ ମାସ ମଧ୍ୟରେ ରାଜ୍ୟରେ ମୋଟ୍ ୩୨୦୫ ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି । ସେହିପରି ଏହି ସମୟ ମଧ୍ୟରେ ୨୦୨ ଜଣ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଥିବା ନେଇ ମଧ ମାମଲା ରୁଜୁ ହୋଇଛି ।

**୧୫ ମାସରେ ସର୍ବସାଧାରଣ ସ୍ଥାନରେ ୨୩୧୦ ମହିଳାଙ୍କୁ ବିବସ୍ତ୍ର କରାଯାଇଛି**

ଅନ୍ୟପକ୍ଷରେ ରାଜ୍ୟରେ ଅସଦାଚରଣ ମାମଲା ସବୁ ରେକର୍ଡ ଭାଙ୍ଗି ଦେଇଛି । ଗତ ୧୫ ମାସ ମଧ୍ୟରେ ରାଜ୍ୟରେ ୯ ହଜାର ୮୫୧ଜଣ ମହିଳା ଅସଦାଚରଣ ଜନିତ ହିଂସାର ଶିକାର ହୋଇଛନ୍ତି । ସେହିପରି ଗତ ୧୫ ମାସରେ ୧୪୭୬ ଜଣ ମହିଳା ଯୌନ ପ୍ରତାରଣାର ଶିକାର ହୋଇଛନ୍ତି ଏବଂ ୮୮୬୩ ଜଣଙ୍କୁ ଅପହରଣ କରାଯାଇଛି । ସର୍ବସାଧାରଣସ୍ଥଳରେ ୨୩୧୦ ଜଣ ମହିଳାଙ୍କୁ ବିବସ୍ତ୍ର କରାଯାଇଥିବାବେଳେ ୧୨୯ ଜଣଙ୍କୁ ଚାଲାଣ କରାଯାଇଛି । ସେହିପରି ମହିଳାଙ୍କୁ ଖରାପ ନଜରରେ ଦେଖିବା ଯୋଗୁଁ ୫୫୬ଟି ମାମଲା ରୁଜୁ ହୋଇଥିବାବେଳେ ଅଶ୍ଳୀଳ ଆଚରଣ ପାଇଁ ୭୯୬ ମାମଲା ରୁଜୁ କରାଯାଇଥିବା ତଥ୍ୟ ପ୍ରକାଶ ପାଇଛି । ପୁଲିସ କାର୍ଯ୍ୟାନୁଷ୍ଠାନରେ ଶିଥିଳତା ଯୋଗୁଁ ରାଜ୍ୟରେ ଅପରାଧୀ ଉପରମୁହାଁ ହୋଇଯାଇଛନ୍ତି । ମହିଳା ବିରୋଧୀ ହିଂସା ରୋକିବାରେ ପୁଲିସର ନିଷ୍କ୍ରିୟତା ଚିନ୍ତା ବଢ଼ାଇଲାଣି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

ବିଧାନସଭାରେ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା ବେଳେ ବିଧାୟକ ଅରୁଣ ସାହୁ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି, ମହିଳା ଅସଦାଚରଣ କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ଅଛି । ଓଡ଼ିଶା ତଳକୁ ମହାରାଷ୍ଟ୍ର ରହିଥିବା କହି ସେ ସରକାରଙ୍କୁ ସମାଲୋଚନା କରିଛନ୍ତି ।

# ଜୀବନ ଯୁଦ୍ଧରେ ହାରିଗଲେ ଶ୍ରୁତି



**ଯୁବକଙ୍କ ନିର୍ଯାତନା ସହି ନ ପାରି କରିଥିଲେ ଆତ୍ମଦାହ ଉଦ୍ୟମ**

**କ୍ଷତିପୂରଣ, ନ୍ୟାୟ ଦାବିରେ ବିଜେଡି ଓ ପରିବାର ବର୍ଗଙ୍କ ଧାରଣା**

**୪ ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା ପରେ ଉଠିଲା ଶବ**

■ ରାଉରକେଲା, ୮।୧୨(ସମିସ): ଜଣେ ଯୁବକର ନିର୍ଯାତନାରେ ଅତିଷ୍ଠ ହୋଇ ନିଜ ଦେହରେ ନିଆଁ ଲଗାଇ ଦେଇଥିବା ଲାଞ୍ଜିବେର୍ଣ୍ଣାର ଛାତ୍ରୀ ଶ୍ରୁତି ଟପ୍ପୋ ଜୀବନଯୁଦ୍ଧରେ ହାରି ଯାଇଛନ୍ତି । ଗତକାଲି ରାତିରେ ସେ ରାଉରକେଲାର ଆଇଜିଏଚ୍‌ର ବର୍ଣ୍ଣ ୟୁନିଟ୍‌ରେ ଆଖି ବୁଜିଛନ୍ତି । ଏହି ଘଟଣାରେ ରାଜଗାଙ୍ଗପୁର ପୁଲିସ୍ ଅଭିଯୁକ୍ତ ନିଲେଶ ସାହୁକୁ ଗିରଫ କରି କୋର୍ଟ ଚାଲାଣ କରିଛି । ତା' ବିରୋଧରେ ▸ପୃଷ୍ଠା-୭

### ହୃଦୟ ବିଦାରକ: ନବୀନ

**ସରକାର ଆଉ କେତେ ନିରୀହ ଜୀବନ ଏପରି ଜଳିବାକୁ ଛାଡ଼ିଦେବେ**

■ ଭୁବନେଶ୍ୱର, ୮।୧୨ (ସମିସ): ରାଜଗାଙ୍ଗପୁର ଲାଞ୍ଜିବେର୍ଣ୍ଣାରେ ନିଆଁରେ ଜଳି କଲେଜ ଛାତ୍ରୀ ପ୍ରାଣ ହରାଇବା ଘଟଣାକୁ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଉକ୍ତ ଘଟଣାକୁ ନବୀନ ଅତ୍ୟନ୍ତ ହୃଦୟବିଦାରକ ବୋଲି ନବୀନ ଅଭିହିତ କରିବା ସହ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । ନବୀନ କହିଛନ୍ତି ଯେ ଏପରି ଦୁଃଖଦ ସମୟରେ ପରିବାରବର୍ଗଙ୍କ ▸ପୃଷ୍ଠା-୭

**ଆଇନଶୃଙ୍ଖଳା ବ୍ୟବସ୍ଥା ସଜାଡ଼ିବା ଦିଗରେ ସରକାର କଠୋର ହୁଅନ୍ତୁ**

# ଲୋକସଭାରେ 'ବନ୍ଦେ ମାତରମ୍': ସରକାର-ବିରୋଧୀ ମୁହାଁମୁହିଁ

ନୂଆଦିଲ୍ଲୀ, ୮।୧୨ (ଏଜେନ୍ସି): ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ'କୁ ୧୫୦ ବର୍ଷ ପୂରଣ ହୋଇଛି। ଏହି ଅବସରରେ ସଂସଦରେ ଜାତୀୟ ସଙ୍ଗୀତ ଉପରେ ସ୍ୱତନ୍ତ୍ର ଚର୍ଚ୍ଚା ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଲୋକସଭାରେ ଚର୍ଚ୍ଚା ଆରମ୍ଭ କରି କହିଛନ୍ତି ଯେ ବନ୍ଦେ ମାତରମକୁ କଂଗ୍ରେସ ଖଣ୍ଡ ଖଣ୍ଡ କରିଦେଇଛି। ମହମ୍ମଦ ଅଲ୍ଲି ଜିନ୍ନାଙ୍କ ଚାପେର କଂଗ୍ରେସ ନଇଁ ଯାଇଥିଲା। ଏଥିପାଇଁ ସେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜାବହର ଲାଲ ନେହରୁଙ୍କୁ ଦାୟୀ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରଧାନମନ୍ତ୍ରୀଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିବାକୁ ଯାଇ କହିଛନ୍ତି, ବନ୍ଦେ ମାତରମକୁ ନେଇ ସଂସଦରେ ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନ କରାଯାଉଛି।

ଲୋକସଭାରେ ଆଲୋଚନା ଆରମ୍ଭ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ବନ୍ଦେ ମାତରମ ଇଂରେଜଙ୍କୁ ଦୃଢ଼ ଜବାବ ଦେଇଥିଲା। ସ୍ୱାଧୀନତା ପୂର୍ବରୁ ଏହା ପ୍ରେରଣାର ସ୍ରୋତ ପାଲଟିଥିଲା। ଏହା ମହାତ୍ମା ଗାନ୍ଧୀଙ୍କ ପସନ୍ଦ ଥିଲା। ସେ ଏହାକୁ ଜାତୀୟ ସଙ୍ଗୀତ ଭାବେ ଦେଖୁଥିଲେ। ଏହାସତ୍ତ୍ୱେ ଗତ କିଛି ଦଶନ୍ଧି ହେଲା ବନ୍ଦେ ମାତରମ ସହ ଅନ୍ୟାୟ ଏବଂ ବିଶ୍ୱାସଘାତ କାହିଁକି କରାଯାଇଥିଲା? କାହା ପାଇଁ ବାପୁଙ୍କ ଭାବନାକୁ ଆଘାତ ଦିଆଯାଇଥିଲା? ୧୯୩୬ ଅକ୍ଟୋବର ୧୫ରେ ବନ୍ଦେ ମାତରମକୁ ଜିନ୍ନା ବିରୋଧ କରିଥିଲେ। ମୁସଲିମ ଲିଗ୍‌କୁ ଜବାବ ଦେବା, ନିନ୍ଦା କରିବା ପରିବର୍ତ୍ତେ ନେହରୁ ଓଲଟା ଆଭିମୁଖ୍ୟ ଗ୍ରହଣ କରିଥିଲେ। ସେ ବନ୍ଦେ ମାତରମକୁ ଖଣ୍ଡ ଖଣ୍ଡ କରି ଦେଇଥିଲେ। ଏବେ ଆଇଏନସି ଏମଏନସି ପାଲଟି ଗଲାଣି। କଂଗ୍ରେସ ଯାହାଙ୍କ ସହ ଅଛି ସେମାନେ ବନ୍ଦେ ମାତରମକୁ ନେଇ ବିବାଦ ସୃଷ୍ଟି କରୁଛନ୍ତି। ପ୍ରଧାନମନ୍ତ୍ରୀ ଘଣ୍ଟାଏ ପର୍ଯ୍ୟନ୍ତ ଦେଇଥିବା ତାଙ୍କ ବକ୍ତବ୍ୟରେ ସେ ୧୨୧ ଥର ବନ୍ଦେ ମାତରମ, ୫୦ ଥର ଦେଶ, ୩୪ ଥର ଇଂରେଜ, ୧୭ ଥର ପଶ୍ଚିମବଙ୍ଗ, ୧୩ ଥର କଂଗ୍ରେସ, ୧୦ ଥର ବଙ୍କୀମ ଚନ୍ଦ୍ର ଚାଟାର୍ଜୀ, ୭ ଥର ଜବାହାରଲାଲ ନେହେରୁଙ୍କ ନାମ ନେଇଥିଲେ। ମୋଦୀ ମଝିରେ ବଙ୍କୀମ ଚନ୍ଦ୍ର ଦା କହିବାରୁ ଟିଏମସି ସାଂସଦ ତାଙ୍କୁ ଅଟକାଇ ଥିଲେ। ବଙ୍କୀମ ଚନ୍ଦ୍ର ବାବୁ କହିବା ପାଇଁ ମୋଦୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ମହାତ୍ମା ଗାନ୍ଧୀଙ୍କ ଅନିଚ୍ଛା ସତ୍ତ୍ୱେ ଭାରତ ବିଭାଜନ ହେଲା ବୋଲି ସେ କହିଥିଲେ।




- ଜାତୀୟ ସଙ୍ଗୀତକୁ ଖଣ୍ଡ ଖଣ୍ଡ କରିଥିଲା କଂଗ୍ରେସ: ମୋଦୀ
- ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନ କରାଯାଉଛି: ପ୍ରିୟଙ୍କା ଭଦ୍ରା

ପ୍ରଧାନମନ୍ତ୍ରୀଙ୍କ ଅଭିଯୋଗକୁ ଖଣ୍ଡନ କରିବାକୁ ଯାଇ ପ୍ରିୟଙ୍କା କହିଥିଲେ ଯେ ସମ୍ବିଧାନ ସଭାରେ ବନ୍ଦେ ମାତରମର ସାଂପ୍ରତିକ ସ୍ୱରୂପକୁ ଜାତୀୟ ସଙ୍ଗୀତ ରୂପେ ଗ୍ରହଣ କରିବାକୁ ସମ୍ମତି ପ୍ରକାଶ ପାଇଥିଲା। ସମ୍ବିଧାନ ସଭାରେ ଏହାକୁ କେହି ବିରୋଧ କରିନଥିଲେ। କଂଗ୍ରେସ ଓ ନେହରୁଙ୍କୁ ଟାର୍ଗେଟ କରି ଯାହା କୁହାଯାଉଛି, ତାହା ସମ୍ବିଧାନସଭା ଓ ସ୍ୱତନ୍ତ୍ର ସଂଗ୍ରାମୀଙ୍କ ପ୍ରତି ଅପମାନ ଛଡ଼ା ଆଉ କିଛି ନୁହେଁ। ବନ୍ଦେ ମାତରମ ହେଉଛି ଦେଶର ଆତ୍ମାର ଅଂଶବିଶେଷ। ଏହା ୭୫ ବର୍ଷ ହେଲା ଲୋକଙ୍କୁ ହୃଦୟରେ ରହିଛି। ତଥାପି ଆଜି ଏହା ଉପରେ ବିତର୍କ କାହିଁକି ହେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। କେବଳ ପଶ୍ଚିମବଙ୍ଗ ନିର୍ବାଚନକୁ ଦୃଷ୍ଟିରେ ରଖି ଏହା ଉପରେ ରାଜନୀତି କରାଯାଉଛି। ଏହାକୁ ନେଇ ନିର୍ବାଚନେର ମୋଦୀ ନିଜ ଭୂମିକା ନିର୍ବାହ କରିବାକୁ ଚାହୁଁଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀ ଯେମିତି ଥିଲେ, ଏବେ ସେମିତି ନାହାନ୍ତି। ନେହରୁଙ୍କୁ ଟାର୍ଗେଟ କରାଯାଉଥିବାରୁ ଏହାର ସମାଲୋଚନା କରି ପ୍ରିୟଙ୍କା କହିଲେ ଯେ ମୋଦୀ ଯେତିକି ବର୍ଷ ପ୍ରଧାନମନ୍ତ୍ରୀ ଅଛନ୍ତି, ସେତିକି ବର୍ଷ ନେହରୁ ଜେଲ୍‌ରେ କଟାଇ ଥିଲେ। ବାରମ୍ବାର ନେହରୁଙ୍କୁ ସବୁକଥାରେ ଦୋଷ ଦେବା ଅପେକ୍ଷା ସଂସଦରେ ଥରେ ଏହା ଉପରେ ସ୍ୱତନ୍ତ୍ର ଆଲୋଚନା ହେଉ ବୋଲି ସେ ପରାମର୍ଶ ଦେଇଥିଲେ। ସେହିପରି କଂଗ୍ରେସ ସାଂସଦ ଗୌରବ ଗୋଗୋଇ ସରକାରଙ୍କ ନୀତିକୁ ନେଇ ପ୍ରଶ୍ନ ଉଠାଇ ଥିଲେ। ପଶ୍ଚିମବଙ୍ଗ ନିର୍ବାଚନ ଆସିଥିବାରୁ ବିଭ୍ରାନ୍ତିକର ପ୍ରସଙ୍ଗ ଉଠା ଯାଉଥିବା ସେ କହିଥିଲେ।

ସ୍ୱାଧୀନ ସାଂସଦ ପପୁ ଯାଦବ ଏହି ଚର୍ଚ୍ଚାକୁ ବିରୋଧ କରି ସ୍ୱଚ୍ଛ ବାୟୁ, ଜଳ, ପରିବେଶ, ଆର୍ଥିକ ସ୍ୱାଧୀନତା ଆଦି ପ୍ରସଙ୍ଗ ଉପରେ ବିତର୍କ କରାଯାଉ ବୋଲି କହିଛନ୍ତି। ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ କହିଲେ ଯେ ଯେଉଁମାନେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ନ ଥିଲେ, ସେମାନେ ଏହାର ମହତ୍ତ୍ୱକୁ ବୁଝିପାରିବେ ନାହିଁ। ସେମାନେ ରାଷ୍ଟ୍ରବାଦୀ ନୁହନ୍ତି, ସେମାନେ ହେଉଛନ୍ତି ରାଷ୍ଟ୍ରବିବାଦୀ। ସ୍ୱାଧୀନତା ସଂଗ୍ରାମର ସବୁ ସଫଳତା ବିଜେପି ନିଜ ନାମରେ କରିବାକୁ ଚାହୁଁଛି ବୋଲି ସେ କହିଥିଲେ। ସେହିଭଳି ଡିଏମକେର ଏ.ରାଜା କହିଥିଲେ ଯେ ଏଥିରେ କୌଣସି ଦୁଇମତ ନାହିଁ ଯେ ମୁସଲିମ ସମାଜକୁ ଟାର୍ଗେଟ କରି ବନ୍ଦେ ମାତରମର ରଚନା କରାଯାଇଥିଲା।

ତେବେ ଆଲୋଚନା ଶେଷ କରି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଲେ ଯେ ବନ୍ଦେ ମାତରମକୁ ଜନ ଗଣ ମନ ଭଳି ସମ୍ମାନ ଦେବା ଉଚିତ। ସେ କହିଲେ ଯେ ବନ୍ଦେ ମାତରମ ଏବଂ ଆନନ୍ଦ ମଠ ଆଦୌ ମୁସଲିମ ବିରୋଧୀ ନ ଥିଲା। ବେଙ୍ଗଲ ନବାବ ଏବଂ ବ୍ରିଟିଶ ଶାସନ ବିରୋଧରେ ଥିଲା ଏହା ଜନମତର ପ୍ରତିଫଳନ। କଂଗ୍ରେସର ତୁଷ୍ଟୀକରଣ ନୀତି ଯୋଗୁଁ ଦେଶ ଭାଗ ଭାଗ ହେଲା ବୋଲି ସେ କହିଥିଲେ।

## ସଂକ୍ଷିପ୍ତ

### ବାବରୀ ମସଜିଦ୍ ନିର୍ମାଣ ପାଇଁ ୧୧ ବାକ୍ସ ଚାନ୍ଦା ମିଳିଛି

- ଅନ୍‌ଲାଇନ୍‌ରେ ମିଳିଛି ୯୩ ଲକ୍ଷ

ମୁର୍ଶିଦାବାଦ୍, ୮।୧୨(ଏଜେନ୍ସି): ପଶ୍ଚିମବଙ୍ଗର ମୁର୍ଶିଦାବାଦ୍ ଜିଲ୍ଲା ବେଲଡାଙ୍ଗାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ନିଲମ୍ବିତ ବିଧାୟକ ହୁମାୟୁନ କବୀର ଡିସେମ୍ବର ୬ରେ ବାବରୀ ମସଜିଦର ଭିତ୍ତି ରଖିଥିଲେ। ବାବରୀ ମସଜିଦ୍ ଭଙ୍ଗା ଘଟଣାର ୩୩ ବର୍ଷ ପୂରଣ ଦିନ ସେ ଶିଳାନ୍ୟାସ କରିଥିଲେ। କଡ଼ା ସୁରକ୍ଷା ବଳୟ ଭିତରେ କବୀର ମୌଲବୀଙ୍କ ସହ ମଞ୍ଚ ଉପରେ ଫିତା କାଟି ଔପଚାରିକତା ପୂରଣ କରିଥିଲେ। ଏବେ ଏହି ମସଜିଦ ନିର୍ମାଣ ପାଇଁ ଏକାଠି କରାଯାଇଥିବା ଚାନ୍ଦାର ଏକ ଭିଡିଓ ସାମ୍ନାକୁ ଆସିଛି। କବୀର ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍‌ରେ ଏ ନେଇ ଏକ ଭିଡିଓ ସେୟାର କରିଛନ୍ତି। ଏଥିରେ କିଛି ଲୋକ ଟଙ୍କା ଗଣୁଥିବାର ଦେଖାଯାଇଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଶିଳାନ୍ୟାସ ସମାରୋହରେ ୧୧ ବାକ୍ସରେ ଚାନ୍ଦା ଏକାଠି କରାଯାଇଛି। ଏହାକୁ ଗଣିବା ପାଇଁ ୩୦ ଜଣ ଲୋକ ଓ ନୋଟ ଗଣିବା ମେସିନକୁ ନିୟୋଜିତ କରିବାକୁ ପଡ଼ିଛି। ଇତିମଧ୍ୟରେ କବୀର ଆଉଏକ ନୂଆ ଘୋଷଣା କରିଛନ୍ତି। ସେ ଏକ ଲକ୍ଷ ଲୋକଙ୍କୁ ନେଇ କୋରାନ ପାଠ କରିବାକୁ ଘୋଷଣା କରିଛନ୍ତି।

### ଯୌନ ଉତ୍ପୀଡ଼ନ ମାମଲାରୁ ମାଲାୟଲମ୍ ଅଭିନେତା ଦିଲୀପ ମୁକ୍ତ



କୋଚି, ୮।୧୨(ଏଜେନ୍ସି): ୨୦୧୭ରେ ଘଟିଥିବା ଏକ ଯୌନ ଉତ୍ପୀଡ଼ନ ମାମଲାରେ ମାଲାୟଲମ ଅଭିନେତା ଦିଲୀପ ଦୋଷ ମୁକ୍ତ ହୋଇଛନ୍ତି। ୨୦୧୭ରେ ଦକ୍ଷିଣର ଜଣେ ଅଭିନେତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଥିଲେ। କେରଳ ଏର୍ଣ୍ଣାକୁଲମ ସେସନ କୋର୍ଟ ସୋମବାର ଏହି ମାମଲାରେ ଦିଲୀପଙ୍କୁ ମୁକ୍ତ କରିଛନ୍ତି। ବିଚାରପତି ହନୀ ଏମ୍ ବର୍ଗିସ କହିଛନ୍ତି ଯେ, ଦୀଲିପ ଅଭିନେତ୍ରୀଙ୍କ ଉତ୍ପୀଡ଼ନ ମାମଲାରେ ସାମିଲ ନଥିଲେ। ଅନ୍ୟ ୩ ଜଣ ଅଭିଯୁକ୍ତଙ୍କୁ ମଧ୍ୟ କୋର୍ଟ ମୁକ୍ତ କରିଛନ୍ତି। ତେବେ କୋର୍ଟ ମୁଖ୍ୟ ଅଭିଯୁକ୍ତ ସୁନୀଲ ଏନ୍‌ଏସ୍ ଓରଫ୍ ପଲ୍ସର ସୁନୀଙ୍କ ସମେତ ୬ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଡିସେମ୍ବର ୧୨ରେ କୋର୍ଟ ଦୋଷୀଙ୍କ ବିରୋଧରେ ଦଣ୍ଡ ଘୋଷଣା କରିବେ। ଛବି ଓ କ୍ୟାରିଅର ଶେଷ କରିବାକୁ ମୋ ବିରୋଧରେ ଷଡ଼ଯନ୍ତ୍ର କରାଯାଇଥିଲା ବୋଲି କୋର୍ଟ ରୁମ ବାହାରକୁ ଆସି ଦୀଲିପ କହିଛନ୍ତି। ଜଣେ ବିରଷ୍ଠ ମହିଳା ଅଧିକାରୀ ଓ କେତେଜଣ ଗୁଣ୍ଡା ମୋତେ ଫସାଇଥିଲେ ବୋଲି ସେ କହିଛନ୍ତି।

### ଗୌରବ ଖାନ୍ନା ବିଗ୍ ବସ୍ ୧୯ର ବିଜେତା



ନୂଆଦିଲ୍ଲୀ, ୮।୧୨ (ଏଜେନ୍ସି): ଜଣାଶୁଣା ରିୟାଲିଟି ଶୋ ବିଗ୍ ବସ୍‌ର ୧୯ତମ ସଂସ୍କରଣ ଶେଷ ହୋଇଛି। ଗ୍ରାଣ୍ଡ ଫିନାଲେରେ ବିଜୟୀ ହୋଇ ଗୌରବ ଖାନ୍ନା ବିଜେତା ଘୋଷିତ ହୋଇଛନ୍ତି। ସେହିପରି ଫରହାନ ଭଟ୍ଟ ରନର୍ସଅପ ବିବେଚିତ ହୋଇଛନ୍ତି। ପ୍ରଣିତ ମୋରେ ତୃତୀୟ, ତାନ୍ୟା ମିତ୍ତଲ ଚତୁର୍ଥ ଓ ଅମାନ ମଲିକ ପଞ୍ଚମ ସ୍ଥାନରେ ରହିଛନ୍ତି। ଗୌରବ ଜଣେ ଜଣାଶୁଣା ଟେଲିଭିଜନ ଅଭିନେତା। ସିଆଇଡି ଓ ଅନୁପମା ଭଳି ଟିଭି ଶୋ'ରେ ତାଙ୍କୁ ଦେଖିବାକୁ ମିଳିଛି। ଶୋ ଜିତିବା ପରେ ଗୌରବଙ୍କୁ ବିଗ ବସ ଟ୍ରଫି ସହ ୫୦ ଲକ୍ଷ ଟଙ୍କା ନଗଦ ପୁରସ୍କାର ରାଶି ମିଳିଛି। ଗ୍ରାଣ୍ଡ ଫିନାଲେରେ କାର୍ତ୍ତିକ ଆର୍ଯ୍ୟନ, ଅନନ୍ୟା ପାଣ୍ଡେ, ଅରମାନ ମଲିକ, କରଣ କୁନ୍ଦ୍ରାଙ୍କ ଭଳି ତାରକା ଉପସ୍ଥିତ ଥିଲେ। ଭୋଜପୁରୀ ସୁପରଷ୍ଟାର ତଥା ଗାୟକ ପବନ ସିଂ ମଧ୍ୟ ଏଥିରେ ଯୋଗ ଦେଇଥିଲେ। ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ତରଫରୁ ଧମକ ମିଳିବା ସତ୍ତ୍ୱେ ସେ ଫିନାଲେରେ ଯୋଗ ଦେଇଥିଲେ।

### ବାଂଲାଦେଶରେ ହିନ୍ଦୁ ଦମ୍ପତିଙ୍କ ଗଳାକାଟି ହତ୍ୟା

ଢାକା, ୮।୧୨(ଏଜେନ୍ସି): ବାଂଲାଦେଶର ରଙ୍ଗପୁର ଜିଲ୍ଲାରେ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା କରାଯାଇଛି। ୧୯୭୧ ମୁକ୍ତି ସଂଗ୍ରାମରେ ସାମିଲ ଥିବା ୭୫ ବର୍ଷୀୟ ଯୋଗେନ୍ଦ୍ର ଚନ୍ଦ୍ର ରାୟ ଓ ତାଙ୍କ ପତ୍ନୀ ସୁବର୍ଣ୍ଣା ରାୟଙ୍କ ଗଳା କାଟି ନିର୍ମମ ଭାବେ ହତ୍ୟା କରାଯାଇଛି। ରବିବାର ସକାଳେ ଦୁଇଜଣଙ୍କ ମୃତଦେହ ସେମାନଙ୍କ ଘରୁ ଉଦ୍ଧାର କରାଯାଇଛି। ଏପର୍ଯ୍ୟନ୍ତ କୌଣସି ଏଫ୍‌ଆଇଆର୍ ଦାଏର କରାଯାଇନାହିଁ ଓ କାହାକୁ ଗିରଫ ମଧ୍ୟ କରାଯାଇନାହିଁ। ରବିବାର ସକାଳେ କବାଟ ବନ୍ଦ ଥିବା କାରଣରୁ ଘରୋଇ ସହାୟିକା କବାଟ ବାଡେଇଥିଲେ। କିନ୍ତୁ କିଛି ଜବାବ ମିଳି ନଥିଲା। ଫଳରେ ସେ ଲେସେଣୀ ଲଗାଇ ଘର ଭିତରକୁ ଯାଇଥିଲେ ଓ ଦୁଇଜଣଙ୍କ ମୃତଦେହ ଦେଖିଥିଲେ। ଦୁଇଜଣଙ୍କ ଗଳା କଟାଯାଇଥିଲା। ରାତି ୧ଟାରେ ଆକ୍ରମଣ କରାଯାଇଥିଲା ବୋଲି ପୁଲିସ କହିଛି। ଏହି ଦମ୍ପତି ଗାଁ ଘରେ ଏକାଟିଆ ରହୁଥିଲେ। ଦମ୍ପତିଙ୍କ ଦୁଇ ପୁଅ ଶୋଭନ ଚନ୍ଦ୍ର ରାୟ ଓ ରାଜେଶ ଖାନ୍ନା ଚନ୍ଦ୍ର ରାୟ ବାଂଲାଦେଶ ପୁଲିସ ବିଭାଗରେ ଚାକିରି କରନ୍ତି।

# ସୁଧୁରୁନି ଇଣ୍ଡିଗୋ, ପୁଣି ୫୦୦ ବାତିଲ

ନୂଆଦିଲ୍ଲୀ, ୮।୧୨ (ଏଜେନ୍ସି): ସରକାରଙ୍କ ଉପରେ ଚାପ ସୃଷ୍ଟି କରିଥିବା ଦେଶର ବଡ଼ ଏୟାରଲାଇନ ଇଣ୍ଡିଗୋ ଉଡ଼ାଣ ସମସ୍ୟାରୁ ବାହାରି ପାରୁନି। ନିୟମ କୋହଳ ସତ୍ତ୍ୱେ 'ଯଥା ପୂର୍ବଂ ତଥା ପରଂ' ସ୍ଥିତି ଲାଗି ରହିଛି। ବିମାନବନ୍ଦରରେ ଅପେକ୍ଷା କରି କରି ଯାତ୍ରୀ ନାକେଦମ ହେଉଛନ୍ତି। ଏହାକୁ ନେଇ ସଂସଦର ଉଭୟ ଗୃହରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ସରକାର କ'ଣ କରୁଛନ୍ତି ବୋଲି ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ବିପର୍ଯ୍ୟୟପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛନ୍ତି। ଏପରି ସମୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ରାଜ୍ୟସଭାରେ ଇଣ୍ଡିଗୋ ସଙ୍କଟକୁ ନେଇ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ନୂଆ ନିୟମ କାର୍ଯ୍ୟକାରୀ ହେବା ପରେ କ୍ର୍ୟୁ ରିଷ୍ଟୋରିଂ ଏବଂ ଆଭ୍ୟନ୍ତରୀଣ ଯୋଜନା ଅଭାବରୁ ଇଣ୍ଡିଗୋରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏଥିପାଇଁ ଯାତ୍ରୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାର ଏହି ମାମଲାକୁ ହାଲକାରେ ନେଉ ନାହାନ୍ତି। ମାମଲାର ତଦନ୍ତ ଜାରି ରହିଛି। ଏହି ବିଭ୍ରାଟକୁ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ, ଯାହା ଅନ୍ୟ ଏୟାରଲାଇନ ପାଇଁ ଉଦାହରଣ ପାଲଟିବ। ଯଦି ଟିକିଏ ବି ଅବହେଳା ଥାଏ ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଏହି କ୍ଷେତ୍ରକୁ ଅଧିକ କମ୍ପାନୀ ଆସନ୍ତୁ ବୋଲି ସରକାର ଚାହୁଁଛନ୍ତି। ଦେଶରେ ପାଞ୍ଚଟି ବଡ଼ ଏୟାରଲାଇନ ହେବାର କ୍ଷମତା ରହିଛି ବୋଲି ସେ କହିଛନ୍ତି। ତେବେ ମନ୍ତ୍ରୀଙ୍କ ଉତ୍ତରରେ ବିରୋଦୀ ସଦସ୍ୟ ସନ୍ତୁଷ୍ଟ ହୋଇ ନ ଥିଲେ। ସେମାନେ ଏହାକୁ ବିରୋଧ କରି କକ୍ଷତ୍ୟାଗ କରିଥିଲେ।



- ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଉଦାହରଣ ସୃଷ୍ଟି କରିବୁ: ମନ୍ତ୍ରୀ
- ତତ୍କାଳ ଶୁଣାଣି ପାଇଁ ମନା କଲେ ସୁପ୍ରିମକୋର୍ଟ

କ୍ରମାଗତ ସପ୍ତମ ଦିନରେ ଏହି ଏୟାରଲାଇନରେ ଅଚଳାବସ୍ଥା ଜାରି ରହିଛି। ଦିଲ୍ଲୀ, ଶ୍ରୀନଗର, ହାଇଦରାବାଦ, ବେଙ୍ଗାଲୁରୁ, ଅହମଦାବାଦ ଆଦି ବିମାନବନ୍ଦରରେ ସୋମବାର ୫୦୦ରୁ ଅଧିକ ଉଡ଼ାଣକୁ ବାତିଲ କରିଦିଆଯାଇଛି। ଦିନକ ତଳେ ୬୫୦ରୁ ଅଧିକ ଉଡ଼ାଣ ରଦ୍ଦ କରିଦିଆଯାଇଥିଲା। ଗତ ୬ ଦିନ ହେଲା ଇଣ୍ଡିଗୋର ୩, ୯୫୦ରୁ ଅଧିକ ଉଡ଼ାଣ ବାତିଲ ହେଲାଣି। ଏହାକୁ ନେଇ ଇଣ୍ଡିଗୋ ସିଇଓ ପିଟର ଏଲବର୍ସ କହିଛନ୍ତି ଯେ ପ୍ରତିଦିନ ସ୍ଥିତି ସୁଧୁରିବାରେ ଲାଗିଛି। ୧୦ ତାରିଖ ସୁଦ୍ଧା ସ୍ଥିତି ସ୍ୱାଭାବିକ ହେବାର ସମ୍ଭାବନା ରହିଛି। ସେହିପରି ଇଣ୍ଡିଗୋ ପକ୍ଷରୁ ଦାବି କରାଯାଇଛି ଯେ ସମ୍ପୂର୍ଣ୍ଣ ନେଟ୍‌ୱର୍କକୁ ରିଷ୍ଟୋର କରିଦିଆଯାଇଛି। ୯୧ ପ୍ରତିଶତ ବିମାନ ଠିକ୍ ସମୟରେ ଚାଲିଛି। ଏହା ରବିବାର ତୁଳନାରେ ୭୫ ପ୍ରତିଶତ ଅଧିକ। ଅନ୍ୟପଟେ ଆଜି ଏକ ଇଣ୍ଡିଗୋ ବିମାନରେ ଅବ୍ୟବସ୍ଥାର ଚିତ୍ର ସାମ୍ନାକୁ ଆସିଛି। ଇଣ୍ଡୋଗର ବେଙ୍ଗାଲୁରୁ-ଭଦଦୋରା ବିମାନ ଭିତରେ ପାରା ପଶି ଯାଇଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଇଣ୍ଡିଗୋର ସ୍ଥିତିରେ ସୁଧାର ଆସି ନ ଥିବା ବେଳେ ବିଭ୍ରାଟକୁ ନେଇ ସିଇଓ ଏବଂ କମ୍ପାନୀଙ୍କୁ ଜାରି କରାଯାଇଥିବା କାରଣ ଦର୍ଶାଅ ନୋଟିସ ଉପରେ ଜବାବ ଦେବାକୁ ଡିଜିସିଏ ଅଧିକ ୨୪ ଘଣ୍ଟା ସମୟ ଦେଇଛି।

ଆଜି ସୁପ୍ରିମକୋର୍ଟରେ ଇଣ୍ଡିଗୋ ବିଭ୍ରାଟ ମାମଲା ଉପରେ ଶୁଣାଣି ହୋଇଥିଲା। ତେବେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ଏହାର ତ୍ୱରିତ ଶୁଣାଣି କରିବାକୁ ମନା କରିଦେଇଥିଲେ। ସିଜେଆଇ କହିଥିଲେ ଯେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାମଲା। ଲକ୍ଷାଧିକ ଲୋକ ବିମାନବନ୍ଦରରେ ଫସି ରହିଛନ୍ତି। ଅନେକ ଲୋକେ ସ୍ୱାସ୍ଥ୍ୟ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସମସ୍ୟାରେ ପୀଡ଼ିତ ହୋଇ ବିମାନବନ୍ଦରରେ ଘଣ୍ଟା ଘଣ୍ଟା ଅପେକ୍ଷା କରୁଥିବା ଆମେ ଜାଣିଛୁ। ଭାରତ ସରକାର ଏହି ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ନେଇ ସାରିଛନ୍ତି। ତେଣୁ ୧୦ ତାରିଖରେ ଏହାର ଶୁଣାଣି କରାଯିବ।

## ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ୧୦ ପ୍ରାଧ୍ୟାପକ ଛାଡ଼ିଲେ ଚାକିରି

ଫରିଦାବାଦ୍, ୮।୧୨(ଏଜେନ୍ସି): ଦିଲ୍ଲୀର ଲାଲକିଲ୍ଲା ବିସ୍ଫୋରଣ ମାମଲା ସହିତ ଜଡିତ ଫରିଦାବାଦ୍‌ର ଅଲ-ଫଲହା ବିଶ୍ୱବିଦ୍ୟାଳୟରେ ଏବେ ଶିକ୍ଷକ ଓ ପ୍ରାଧ୍ୟାପକଙ୍କ ଅଭାବ ପରିଲକ୍ଷିତ ହୋଇଛି। ଫଳରେ ଏମ୍‌ବିବିଏସ୍ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ସପ୍ତାହ ପାଇଁ ଛୁଟିରେ ଯିବାକୁ କୁହାଯାଇଛି। ବିଶ୍ୱବିଦ୍ୟାଳୟ ଭିତରେ ଆତଙ୍କର ଜାଲ ସୃଷ୍ଟି କରିଥିବା ମହିଳା ଡାକ୍ତର ଶାହିନ ସହିଦ୍ ଓ ଡା ମୁଜାମିଲ ଶକିଲ ଗିରଫ ହେବା ପରେ ଲଗାତର କର୍ମଚାରୀମାନେ ଚାକିରି ଛାଡି ଚାଲିଯାଉଛନ୍ତି। ଏବେ ୧୦ ଜଣ ମେଡିକାଲ ପ୍ରାଧ୍ୟାପକ ଚାକିରି ଛାଡି ଚାଲିଯାଇଛନ୍ତି। ପ୍ରାଧ୍ୟାପକଙ୍କୁ ବାଦ୍ ଦେଲେ ଅନ୍ୟ ବିଭାଗର କର୍ମଚାରୀମାନେ ମଧ୍ୟରେ ଚାକିରି ଛାଡ଼ି ଯାଉଛନ୍ତି ବୋଲି କୁହାଯାଉଛି। ଫଳରେ ବିଶ୍ୱବିଦ୍ୟାଳୟରେ ମେଡିକାଲ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦିଲ୍ଲୀ ବିସ୍ଫୋରଣ ପରେ ଯାଞ୍ଚ୍ ଏଜେନ୍ସିଗୁଡିକ ଏହି ବିଶ୍ୱବିଦ୍ୟାଳୟ ଉପରେ ବାରମ୍ବାର ଚଢ଼ାଉ କରିଛନ୍ତି। ଦିଲ୍ଲୀ ବିସ୍ଫୋରଣ ପରେ ହିଁ ବିଶ୍ୱବିଦ୍ୟାଳୟ ସ୍ଥିର ହୋଇପାରୁ ନାହିଁ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ଦିଲ୍ଲୀ ବିସ୍ଫୋରଣ ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ୩ ଜଣ ଡାକ୍ତର ରହିଛନ୍ତି। ଉଲ୍ଲେଖଥାଉ କି, ନଭେମ୍ବର ୧୦ରେ ଦିଲ୍ଲୀର ଲାଲକିଲ୍ଲାରେ ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା। ଏଥିରେ ୧୫ଜଣ ମୃତ୍ୟୁବରଣ କରିଥିବା ବେଳେ ୨୦ରୁ ଉର୍ଦ୍ଧ୍ୱଲୋକ ଆହତ ହୋଇଥିଲେ।

## ୫୦୦ କୋଟି ଦେଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ ହେବେ କହି ସିଦ୍ଧୁଙ୍କ ପତ୍ନୀ ବିଦା

ଚଣ୍ଡିଗଡ଼, ୮।୧୨(ଏଜେନ୍ସି): ପଞ୍ଜାବ କଂଗ୍ରେସରେ ଏବେ ଗୋଡ଼ ଟଣାଟଣି ଚାଲିଛି। ଇତିମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନଭଜୋତ ସିଂହ ସିଦ୍ଧୁଙ୍କ ପତ୍ନୀ ନଭଜୋତ କୌର ଏକ ଚକିତ କଲା ଭଳି ମନ୍ତବ୍ୟ ଦେଇଛନ୍ତି। ଏହାକୁ ନେଇ କଂଗ୍ରେସ ତାଙ୍କୁ ଦଳରୁ ନିଲମ୍ବନ କରିଦେଇଛି। ପ୍ରାଥମିକ ସଦସ୍ୟତାରୁ ମୁକ୍ତି କରିଦେଇଛି। କୌର କହିଥିଲେ ଯେ କଂଗ୍ରେସରେ ମୁଖ୍ୟମନ୍ତ୍ରୀ ହେବାକୁ ୫ ଜଣ ନେତା ଦୌଡ଼ରେ ଅଛନ୍ତି। ଏହି ପଦ କ୍ରୟ ପାଇଁ ଆମ ପାଖରେ ୫୦୦ କୋଟି ଟଙ୍କା ନାହିଁ। ଯଦି ନଭଜୋତଙ୍କୁ କଂଗ୍ରେସ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବାକୁ ଚାହୁଁଛି, ତେବେ ସେ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ। କିନ୍ତୁ ପାର୍ଟିରେ ଗୋଷ୍ଠୀ ବିବାଦ ଚାଲିଛି ବୋଲି ସେ କହିଛନ୍ତି। ଗୋଷ୍ଠୀ ବିବାଦରୁ କଂଗ୍ରେସ ମୁକୁଳିବାକୁ ପ୍ରୟାସ କରୁଥିବା ବେଳେ ନଭଜୋତ କୌରଙ୍କ ଏହି ମନ୍ତବ୍ୟ ବିଜେପିକୁ ପ୍ରଶ୍ନ କରିବା ପାଇଁ ଖୋରାକ ଯୋଗାଇ ଥିଲା। କଂଗ୍ରେସ ଉପରୁ ଲୋକଙ୍କ ଭରସା ଉଠିଯାଇଛି ବୋଲି ପଞ୍ଜାବ ବିଜେପି ଅଧ୍ୟକ୍ଷ ସୁନୀଲ ଝାଖଡ଼ କହିଥିଲେ। ଅବଶ୍ୟ ନିଜ ମନ୍ତବ୍ୟ ନେଇ ବିବାଦ ହେବାରୁ ନଭଜୋତ ସ୍ପଷ୍ଟୀକରଣ ଦେଇଥିଲେ। କେହି ଆମକୁ ବ୍ୟକ୍ତିଗତ ଭାବେ ୫୦୦ କୋଟି ଟଙ୍କା ମାଗିନାହାନ୍ତି। କିନ୍ତୁ ଯେଉଁ ବ୍ୟକ୍ତି ୫୦୦ କୋଟି ଟଙ୍କା ପ୍ରଦାନ କରିବେ ସେ ମୁଖ୍ୟମନ୍ତ୍ରୀ ହୋଇପାରିବେ। ତେବେ ଆମ ପାଖରେ ଏତେ ଅର୍ଥ ନାହିଁ। କିନ୍ତୁ ସୁଯୋଗ ମିଳିଲେ ଆମେ ପଞ୍ଜାବକୁ ସୁନାର ପଞ୍ଜାବ ଗଢ଼ିବୁ ବୋଲି ସେ କହିଥିଲେ। ମାତ୍ର ଦଳ ଏଥିରେ ସନ୍ତୁଷ୍ଟ ହୋଇ ନ ଥିଲା। ବିଜ୍ଞପ୍ତି ଜାରି କରି ତାଙ୍କୁ ନିଲମ୍ବନ କରାଯାଇଥିଲା।

## କୋର୍ଟଙ୍କ ମହିଳା ବିରୋଧୀ ଟିପ୍ପଣୀକୁ ନେଇ ସୁପ୍ରିମକୋର୍ଟ ଚିନ୍ତିତ

ନୂଆଦିଲ୍ଲୀ, ୮।୧୨ (ଏଜେନ୍ସି): ଦୁଷ୍କର୍ମ ଏବଂ ଯୌନ ଉତ୍ପୀଡ଼ନ ମାମଲାର ଶୁଣାଣି ସମୟରେ କୋର୍ଟଗୁଡ଼ିକ ଦେଉଥିବା ମହିଳା ବିରୋଧୀ ବିବାଦୀୟ ଟିପ୍ପଣୀକୁ ନେଇ ସୁପ୍ରିମକୋର୍ଟ ସୋମବାର ଚିନ୍ତା ପ୍ରକଟ କରିଛନ୍ତି। ଏହି ମାମଲା ଉପରେ ବିସ୍ତୃତ ତଥ୍ୟ ହାସଲ ପରେ ସମସ୍ୟାର ସମାଧାନ ପାଇଁ ହାଇକୋର୍ଟଗୁଡ଼ିକ ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟ ମାର୍ଗଦର୍ଶିକା ଜାରି କରିବେ। ଆହ୍ଲାବାଦ ହାଇକୋର୍ଟ ଦେଇଥିବା ଏକ ବିବାଦୀୟ ଟିପ୍ପଣୀ ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। ହାଇକୋର୍ଟ 'ଦୁଷ୍କର୍ମ ଅଭିଯୋଗ ଲଗାଇବା ପାଇଁ ଛାତି ଧରିବା ଏବଂ ପ୍ୟାଣ୍ଟ ହୁକ୍ ଭାଙ୍ଗିବା' ପର୍ଯ୍ୟାପ୍ତ ନୁହେଁ ବୋଲି କହି ଦୁଷ୍କର୍ମ ଉଦ୍ୟମ ଅଭିଯୋଗ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାରେ ସୁପ୍ରିମକୋର୍ଟ କହିଛନ୍ତି ଯେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଖାରଜ କରିଦିଆଯିବ। ଏହି ମାମଲାର ଟ୍ରାଏଲ ଜାରି ରହିବ। କୋର୍ଟଗୁଡ଼ିକର ଏଭଳି ଟିପ୍ପଣୀ ପୀଡ଼ିତଙ୍କ ଉପରେ ଭୟଙ୍କର ପ୍ରଭାବ ପକାଇ ଥାଏ। ଅନେକ ସମୟରେ ଅଭିଯୋଗ ପ୍ରତ୍ୟାହାର କରିବା ଭଳି ଚାପ ସୃଷ୍ଟି କରିଥାଏ। କୋର୍ଟଗୁଡ଼ିକୁ, ବିଶେଷ କରି ହାଇକୋର୍ଟମାନେ ନିଷ୍ପତ୍ତି ଲେଖିବା ଏବଂ ଶୁଣାଇବା ସମୟରେ ଏଭଳି ଦୁର୍ଭାଗ୍ୟପୂର୍ଣ୍ଣ ଟିପ୍ପଣୀ ଦେବାରୁ ଦୂରେଇ ରହିବା ଉଚିତ।

## ଜାପାନରେ ୭.୬ ତୀବ୍ରତାର ଭୂକମ୍ପ; ସୁନାମୀ ଚେତାବନୀ

ଟୋକିଓ, ୮।୧୨ (ଏଜେନ୍ସି): ଜାପାନର ଆଓମୋରି ପ୍ରଦେଶରେ ୭.୬ ତୀବ୍ରତାର ଭୂକମ୍ପ ହୋଇଛି। ଭୂପୃଷ୍ଠରୁ ୫୦ କିମି ତଳେ ଏହାର କେନ୍ଦ୍ରସ୍ଥଳ ଥିଲା। ଏଥିରେ କୌଣସି ଜୀବନହାନୀ ହୋଇ ନ ଥିବା ବେଳେ ଭୂକମ୍ପକୁ ନେଇ ଆଓମୋରି, ଇୱାତେ, ହୋକାଇଡୋ ପ୍ରଦେଶକୁ ସୁନାମୀ ଚେତାବନୀ ଜାରି କରାଯାଇଛି। ଆଓମୋରିରେ ବଡ଼ ଲହରୀ ଆସିବା ଆରମ୍ଭ ହୋଇଗଲାଣି। ୩ ମିଟର ଉଚ୍ଚର ଲହରୀ ଆସିବା ନେଇ ଚେତାବନୀ ଜାରି ହୋଇଛି।

# ସଂସଦରୁ ଦରମା, ବିଧାନ ପରିଷଦରୁ ଭତ୍ତା ନେଉଛନ୍ତି କୁଶ୍ୱାହ-ଠାକୁର

ନୂଆଦିଲ୍ଲୀ, ୮।୧୨ (ଏଜେନ୍ସି): ନିୟମ ପ୍ରସ୍ତୁତ କରି ଭାଙ୍ଗିବାର ସର୍ବାଧିକ ରେକର୍ଡ ବୋଧେ ନେତାମନ୍ତ୍ରୀଙ୍କ ନାମରେ ହିଁ ରହିଛି। ଏମାନେ ସଂସଦ ଏବଂ ବିଧାନସଭାରେ ନୂଆ ନିୟମ ଆଣିଥାନ୍ତି। ଏହାକୁ କଠୋର ଭାବେ କାର୍ଯ୍ୟକାରୀ କରିବାକୁ କହିଥାନ୍ତି। କିନ୍ତୁ ଯେତେବେଳେ ନିଜ ଉପରକୁ ଆସିଯାଏ ସେତେବେଳେ ତାହାକୁ ଉଲ୍ଲଙ୍ଘନ କରିଥାନ୍ତି। ଆଉ କଥା ବାହାରି ଗଲେ ଆଇନ ତା ବାଟରେ ଯିବ କହି ଦୋଷ ଝାଡ଼ି ଦେଇଥାନ୍ତି। ଏଭଳି ଏକ ଆଇନ ଉଲ୍ଲଙ୍ଘନର ଜଘନ୍ୟ ମାମଲା ବିହାର ଏବଂ କେନ୍ଦ୍ର ସରକାରରେ ସାମିଲ ମନ୍ତ୍ରୀ କରିଛନ୍ତି। ମନ୍ତ୍ରୀ ପଦରେ ଥାଇ ବି ମାନନୀୟ ଭତ୍ତା ନେଉଛନ୍ତି। ଏହା ନିୟମ ବିରୋଧୀ ଜାଣି ବି ଚୁପ୍ ହୋଇ ବସି ରହିଛନ୍ତି। ପ୍ରତି ବର୍ଷ ଜୀବିତ ଥିବା ପ୍ରମାଣ ଦେଖା ସରକାରୀ ପାଣ୍ଠି ଲୁଟ୍ କରି ଚାଲିଛନ୍ତି। ଆଉ ସରକାର ନିଜର ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ବି ଶୂନ ରହିଛି। ସୂଚନା ଅଧିକାର (ଆରଟିଆଇ) ବଳରେ ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ର ଓ ବିହାର କ୍ୟାବିନେଟରେ ସାମିଲ ଜଣେ ଲେଖାଏଁ ମନ୍ତ୍ରୀ ସରକାରଙ୍କଠାରୁ ଦରମା ସହିତ ଭତ୍ତା ବି ନେଉଛନ୍ତି।

ସୂଚନା ଅନୁଯାୟୀ, ବିହାରରେ ଏଭଳି ଅନେକ ନେତା ଅଛନ୍ତି ଯେଉଁମାନେ ସାଂସଦ ହେବା ସହିତ ପୂର୍ବତନ ସଦସ୍ୟ ଭାବେ ସରକାରଙ୍କଠାରୁ ଭତ୍ତା ବି ନେଉଛନ୍ତି। ଏମାନଙ୍କ ମଧ୍ୟରେ ବିହାର ମନ୍ତ୍ରୀ ବିଜେନ୍ଦ୍ର ପ୍ରସାଦ ଯାଦବ ଏବଂ କେନ୍ଦ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ସାମିଲ ଅଛନ୍ତି। ଗତ ୨ ତାରିଖରେ ଆରଟିଆଇ ମାଧ୍ୟମରେ ସାମ୍ନାକୁ ଆସିଥିବା ଏହି ତାଲିକାରେ ୮ ଜଣଙ୍କ ନାମ ରହିଛି। ଦୁବେ ଜୀ ୨୦୧୯ ମେ' ୨୬ରୁ ୫୯ ହଜାର ଲେଖାଏଁ ଭତ୍ତା ନେଉଛନ୍ତି। ୨୦୦୫ ମେ' ୨୪ରୁ ବିଜେନ୍ଦ୍ର ପ୍ରସାଦ ଯାଦବ (୧୦ ହଜାର ଟଙ୍କା), ୨୦୦୫ ଏପ୍ରିଲ ୭ରୁ ଉପେନ୍ଦ୍ର କୁଶ୍ୱାହ (୪୭ ହଜାର ଟଙ୍କା), ୨୦୨୦ ମେ' ୭ରୁ ଦେବେଶ ଚନ୍ଦ୍ର ଠାକୁର (୮୬ ହଜାର ଟଙ୍କା), ୨୦୨୦ ମେ' ୨୪ରୁ ଲଲନ କୁମାର ସରାଫ (୫୦ ହଜାର ଟଙ୍କା), ୨୦୧୮ ମେ' ୭ରୁ ସଞ୍ଜୟ ସିଂହ (୬୮ ହଜାର ଟଙ୍କା) ଏବଂ ୨୦୧୫ ସେପ୍ଟେମ୍ବର ୨୨ରୁ ନୀତୀଶ ମିଶ୍ରା (୪୩ ହଜାର ଟଙ୍କା) ଲେଖାଏଁ ଭତ୍ତା ନେଉଛନ୍ତି।

### ଦରମା ସହ ଭତ୍ତା ବି ନେଉଛନ୍ତି ମନ୍ତ୍ରୀ

ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆରଏଲଏମ) ମୁଖ୍ୟ ଉପେନ୍ଦ୍ର କୁଶ୍ୱାହ ପ୍ରଥମେ ନିଜ ନାମ ଉପେନ୍ଦ୍ର ପ୍ରସାଦ ସିଂହ ଲେଖୁଥିଲେ। ସେ ଏବେ ରାଜ୍ୟସଭା ସାଂସଦ ଏବଂ ଏନଡିଏର ସହଯୋଗୀ ଅଛନ୍ତି। ଏଥିପାଇଁ ଦରମା ମଧ୍ୟ ନେଉଛନ୍ତି। ସେହପରି ପଶ୍ଚିମ ଚମ୍ପାରଣର ସତୀଶ ଦୁବେ ରାଜ୍ୟସଭା ସାଂସଦ ଅଛନ୍ତି। ସେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ୨୦୧୯ରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ଜେଡିୟୁର ବରିଷ୍ଠ ନେତା ବିଜେନ୍ଦ୍ର ପ୍ରସାଦ ଯାଦବ ଏବେ ବିହାର ଅର୍ଥମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ଶକ୍ତି ବିଭାଗ ମଧ୍ୟ ତାଙ୍କ ଅଧିନରେ ରହିଛି। ସେ ୧୯୯୦ରୁ କ୍ରମାଗତ ଭାବେ ସୁପୌଲରୁ ନିର୍ବାଚିତ ହୋଇ ଆସୁଛନ୍ତି। ୨୦୨୫ରେ ସେ ପଞ୍ଚମ ଥର ପାଇଁ ଶପଥ ନେଇଥିଲେ।

ଜେଡିୟୁ ନେତା ଦେବେଶ ଚନ୍ଦ୍ର ଠାକୁର ଲୋକସଭା ସାଂସଦ ଅଛନ୍ତି। ସେ ବିଧାନସଭା ବାଚସ୍ପତି ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। କିନ୍ତୁ ନିଜେ ନିୟମକୁ ଅଣଦେଖା କରି ଭତ୍ତା ନେଇ ଚାଲିଛନ୍ତି। ସେ ୨୦୨୪ରେ ଦେବେସ ସଂସଦୀୟ ଆସନରୁ ବିଜୟୀ ହୋଇଥିଲେ। ସେହିପରି ବିହାର ବିଧାନ ପରିଷଦ ସଦସ୍ୟ ଭାବେ ଲଲନ ସରାଫ ଦରମା ନେଉଛନ୍ତି। ଏହା ସହିତ ଭତ୍ତା ନେଇ ରାଜକୋଷ ଲୁଟ୍‌ରେ ସାମିଲ ଅଛନ୍ତି। ଜେଡିୟୁର ଏହି ପ୍ରଭାବଶାଳୀ ନେତା ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଘନିଷ୍ଠ ଭାବେ ପରିଚିତ। ଏହା ବ୍ୟତୀତ ଝଞ୍ଝାରପୁରର ବିଜେପି ବିଧାୟକ ନୀତୀଶ ମିଶ୍ରା ୪୩ ହଜାର ଟଙ୍କା ଲେଖାଏଁ ଭତ୍ତା ସହିତ ଦରମା ମଧ୍ୟ ପାଉଛନ୍ତି। ତେବେ ସେ କୌଣସି ଭତ୍ତା ନେଉ ନ ଥିବା କହିଛନ୍ତି। ୨୦୧୫ରେ ବିଧାୟକ ନ ଥିବାବେଳେ ମାସେ ପାଇଁ ଭତ୍ତା ନେଇଥିବା ଉଲ୍ଲେଖ କରିଛନ୍ତି। ଜେଡିୟୁର ବିଧାନ ପରିଷଦ ସଦସ୍ୟ ସଞ୍ଜୟ ସିଂହ ୨୦୧୮ରୁ ଭତ୍ତା ନେବା ଜାରି ରଖିଛନ୍ତି।

# ରାସ୍ତାରେ ଶିକ୍ଷକ; ଶିକ୍ଷାଦାନ ବାଧାପ୍ରାପ୍ତ

## ଓଏଭିରେ ପାଠପଢ଼ା ଠପ୍




ଭୁବନେଶ୍ୱର, ୮ ।୧୨(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ର ଶିକ୍ଷକ ଶିକ୍ଷୟିତ୍ରୀମାନେ ୧୩ ଦଫା ଦାବିରେ ସୋମବାର ଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପୂର୍ବରୁ ସେମାନଙ୍କ ଦାବି ସମ୍ପର୍କରେ ସେମାନେ ସରକାରଙ୍କୁ ଅବଗତ କରିଥିଲେ ମଧ୍ୟ ସରକାର କର୍ଣ୍ଣପାତ କରି ନାହାନ୍ତି। ଏଣୁ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଚେତାବନୀ ଦେଇ ଅହୋରାତ୍ର ଆନ୍ଦୋଳନ ଜାରି ରଖିଛନ୍ତି।

ସଂଘର ଅଭିଯୋଗ ଅନୁଯାୟୀ ସରକାରୀ ମାନ୍ୟତା ସହ ଏଚ୍‌ଆର୍‌ଏମ୍‌ଏସ୍ ଆଇଡି ଖୋଲିବା, ୟୁନିଫର୍ମ କ୍ୟାଡ଼ର ମାନ୍ୟତା, ସମାନ କାମକୁ ସମାନ ଦରମା, ପିଇଟି, ମ୍ୟୁଜିକ ଓ କମ୍ପ୍ୟୁଟର ଶିକ୍ଷକଙ୍କୁ ମଧ୍ୟ ୪୬୦୦ ଗ୍ରେଡ୍ ପେ ପ୍ରଦାନ କରିବା, ଓଏଭିକୁ ପିଏମ୍‌ଶ୍ରୀ ସ୍କୁଲ ମାନ୍ୟତା, କଳା ବିଭାଗ ଖୋଲିବା ପରି ମୋଟ୍ ୧୩ ଦଫା ପୂରଣ କରିବା ପାଇଁ ସରକାରଙ୍କୁ ଅବଗତ କରିଛନ୍ତି। ୮୦ ରୁ ଅଧିକ ବିଧାୟକ ଓ ମନ୍ତ୍ରୀଙ୍କ ସମେତ ଜିଲ୍ଲା ପ୍ରଶାନକୁ ଦାବିପତ୍ର ଦେଇଛନ୍ତି। ହେଲେ ସେମାନଙ୍କ ଦାବିକୁ କେହି ନ ଶୁଣିବାରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବା ସଂଗଠନର ରାଜ୍ୟ ସଭାପତି ରିପୁଦମନ ମିଶ୍ର କହିଛନ୍ତି। ସେମାନଙ୍କ ଦାବି ଯଥାର୍ଥ ଏବଂ ସରକାର ତାକୁ ତ୍ୱରିତ ପୂରଣ କରିବାକୁ ପଦକ୍ଷେପ ନିଅନ୍ତୁ, ଅନ୍ୟଥା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନ ଜାରି ରଖିବେ ବୋଲି କହିବା ସହ ପିଲାଙ୍କ ପାଠ ପଢ଼ାରେ ଯେଉଁ ବାଧା ସୃଷ୍ଟି ହେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ରାଜ୍ୟ ସଂପାଦକ ସୁଭାଶିଷ ଦାସ କହିଛନ୍ତି।

ଓଏଭିର ପ୍ରାୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଆନ୍ଦୋଳନକୁ ଓହ୍ଲାଇବା ପରେ ପାଠପଢ଼ା ଠପ୍ ହୋଇଯାଇଛି। ବିଦ୍ୟାଳୟ ଖୋଲା ଥିଲେ ମଧ୍ୟ ଶିକ୍ଷାଦାନ କରିବାକୁ କେହି ନାହାନ୍ତି। ଅନେକ ସ୍ଥାନରେ ଅଧାରୁ ଅଘୋଷିତ ଭାବେ ବିଦ୍ୟାଳୟ ବନ୍ଦ ହୋଇଯାଇଛି। ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାକୁ ଆଉ ମାତ୍ର ଦୁଇମାସ ଥିବାବେଳେ ଶିକ୍ଷକଙ୍କ ଆନ୍ଦୋଳନ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକମାନେ ଚିନ୍ତିତ ହୋଇଛନ୍ତି। ଆଗକୁ ଆନ୍ଦୋଳନ ଜାରି ରହିଲେ ଇଂରାଜୀ ମାଧ୍ୟମରେ ସିବିଏସ୍‌ଇ ପାଠ୍ୟକ୍ରମ ପଢୁଥିବା ପିଲାଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏଣୁ ତ୍ୱରିତ ଶିକ୍ଷକଙ୍କ ଦାବି ପୂରଣ କରିବା ସହ ବିଦ୍ୟାଳୟରେ ପାଠପଢ଼ା ସ୍ୱାଭାବିକ କରିବା ପାଇଁ ପଦକ୍ଷେପ ନେବାକୁ ଅଭିଭାବକମାନେ ମଧ୍ୟ ଦାବି କରିଛନ୍ତି।

## ବ୍ଲକ୍ ଗ୍ରାଣ୍ଟ ଶିକ୍ଷକଙ୍କୁ ପେନ୍‌ସନ୍ ଦାବିରେ ଆନ୍ଦୋଳନ

ଭୁବନେଶ୍ୱର, ୮ ।୧୨(ସମିସ): ଦୀର୍ଘ ଦିନରୁ ବ୍ଲକ୍ ଗ୍ରାଣ୍ଟ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଶିକ୍ଷକମାନଙ୍କୁ ପେନସନ୍ ପ୍ରଦାନ କରିବାକୁ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ କେବଳ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ପ୍ରତାରିତ କରୁଛନ୍ତି। ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଖାଲି ହାତରେ ଅବସର ନେଇଛନ୍ତି। ଆଉ କିଛି ଅବସର ଦ୍ୱାର ଦେଶରେ ପହଞ୍ଚିଲେଣି। ଏଣୁ ସେମାନଙ୍କୁ ପେନସନ୍ ପ୍ରଦାନ ସହିତ ମୋଟ୍ ୭ ଦଫା ଏହାସହ ଚାକିରି ସର୍ତ୍ତାବଳୀ ପ୍ରଦାନ କରିବା, ଜିପିଏଫ୍, ଅବସର ବୟସ ୬୨କୁ ବଢ଼ାଇବା ପରି ମୋଟ୍ ୭ ଦଫା ଦାବିରେ ଆନ୍ଦୋଳନ କରିଛନ୍ତି। ଅପରପକ୍ଷରେ ଶିକ୍ଷକ ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ ସରକାରଙ୍କ କମିଟି ଗଠନ ରଣନୀତିକୁ ସଂଘର ସଭାପତି କିଶୋର କୁମାର ମହାନ୍ତି ନିନ୍ଦା କରିଛନ୍ତି। କମିଟି ପରେ କମିଟି ଗଠନ କରି ଶିକ୍ଷକଙ୍କୁ ଠକି ଦେବାକୁ ଏହା ସରକାରଙ୍କ ଅପପ୍ରୟାସ ବୋଲି ସେ ଅଭିଯୋଗ କରିଛନ୍ତି। ସରକାର କାଳକ୍ଷେପଣ

**ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ**




ଦାବିରେ ସୋମବାର ବ୍ୟାପକ ଆନ୍ଦୋଳନ କରିଛନ୍ତି।

ସଂଘର ଅଭିଯୋଗ ଅନୁଯାୟୀ ସେମାନଙ୍କ ଦାବିକୁ ସରକାର କର୍ଣ୍ଣପାତ କରୁ ନ ଥିବାରୁ ବ୍ଲକ୍ ଗ୍ରାଣ୍ଟ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସାମାଜିକ ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ଅଦାଲତଙ୍କ ନିର୍ଦ୍ଦେଶକୁ ମଧ୍ୟ ସରକାର ପାଳନ କରୁ ନାହାନ୍ତି। ମାତ୍ର ମାମଲାକୁ ଦୀର୍ଘ କରିବା ପାଇଁ ରାଜକୋଷରୁ ବ୍ୟାପକ ଅର୍ଥ ଖର୍ଚ୍ଚ କରିବା ସରକାରଙ୍କ କ୍ରୁର ମାନସିକତାକୁ ପ୍ରତିଫଳିତ କରୁଥିବା ସଂଘର ନେତାମାନେ ଅଭିଯୋଗ କରିଛନ୍ତି। ମାନସିକତାରୁ ବାହାରି ଶିକ୍ଷକଙ୍କ ଦାବି ପୂରଣ କରନ୍ତୁ ବୋଲି ସଂଘର ମୁଖ୍ୟ ଉପଦେଷ୍ଟା ପ୍ରଶାନ୍ତ କୁମାର ମହାପାତ୍ର ଏବଂ ସାଧାରଣ ସମ୍ପାଦକ ଅଶୋକ କୁମାର ଲେଙ୍କା ପ୍ରମୁଖ ଦାବି କରିଛନ୍ତି। ସମସ୍ତ ଦାବି ନେଇ ସରକାରଙ୍କ ସହ ଆଲୋଚନା କରିବା ପରେ ସଂଘ ସାମୟିକ ଭାବେ ଆନ୍ଦୋଳନକୁ ସ୍ଥଗିତ ରଖିଛି। ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଗଣଶିକ୍ଷା ବିଭାଗର ପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇଥିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ସଂଘର ସଭାପତି ଶ୍ରୀ ଲେଙ୍କା ସୂଚନା ଦେଇଛନ୍ତି।

**ଗାନ୍ଧୀ ମାର୍ଗରେ ବସିଛନ୍ତି ଶିକ୍ଷକ**

## ଶୂନ୍ୟକାଳରେ ପ୍ରସଙ୍ଗ ଉଠାଇଲେ ଗୌତମବୁଦ୍ଧ

ଭୁବନେଶ୍ୱର,୮ ।୧୨(ସମିସ): ରାଜଧାନୀର ଗାନ୍ଧୀ ମାର୍ଗରେ ୪ଦିନ ହେବ ଶୀତ କାକରରେ ଶିକ୍ଷକମାନେ ବସି ରହିଛନ୍ତି। ହେଲେ ସରକାର ସେମାନଙ୍କ ଦାବି ପ୍ରତି ଆଦୌ ଦୃଷ୍ଟି ଦେଉ ନଥିବା କହି ଗୃହରେ ବର୍ଷିଛନ୍ତି ବିରୋଧୀ। ସୋମବାର ଶୂନ୍ୟକାଳରେ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ଓ କଂଗ୍ରେସ ବିଧାୟକ ପବିତ୍ର ସାଉଁତା ଶିକ୍ଷକ ଆନ୍ଦୋଳନ ପ୍ରସଙ୍ଗ ଉଠାଇ ସରକାରଙ୍କୁ ସମାଲୋଚନା କରିଛନ୍ତି।

ବିଜେଡି ବିଧାୟକ ଶ୍ରୀ ଦାସ କହିଛନ୍ତି, ବିଧାନସଭା ଆରମ୍ଭ ହେବାଠାରୁ ଗାନ୍ଧୀ ମାର୍ଗରେ ହଜାର ହଜାର ଶିକ୍ଷକ ଧାରଣାରେ ବସି ରହିଛନ୍ତି। ପ୍ରାଥମିକ ଶିକ୍ଷକମାନଙ୍କର ଏକ ବଡ଼ ସଂଗଠନ ରହିଛି। ପ୍ରାୟ ଦେଢ଼ ଲକ୍ଷ ଶିକ୍ଷକ ଏଥିରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ୪୦-୫୦ ହଜାରରୁ ଅଧିକ ଶିକ୍ଷକ ରାଜରାସ୍ତାରେ ବସିଛନ୍ତି। ସେମାନଙ୍କର ପ୍ରମୁଖ ଦୁଇଟି ଦାବି ରହିଛି। ପ୍ରଥମତଃ ସେମାନଙ୍କ ଗ୍ରେଡ୍ ପେ' ୨୨୦୦ରୁ ୪୨୦୦ ଟଙ୍କା କରିବା ଓ ଠିକା କାର୍ଯ୍ୟକାଳକୁ ଚାକିରିକାଳ ମଧ୍ୟରେ ମିଶାଇବା ପାଇଁ ଦାବି କରି ଆସୁଛନ୍ତି। ସରକାର ଏହି ଦାବିକୁ ୬ ଘଣ୍ଟା କିମ୍ବା ୬ ଦିନ ମଧ୍ୟରେ ପୂରଣ କରିପାରିବେ। ମାତ୍ର ଏହାକୁ ବିଚାର କରିବାକୁ ୬ ମାସ ସମୟ ନେଇଛନ୍ତି। ସରକାର କ'ଣ ପାଇଁ ସମୟ ଗଡ଼ାଉଛନ୍ତି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ସେହିପରି ଅନ୍ୟ ଏକ ପ୍ରସଙ୍ଗରେ ସେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରସଙ୍ଗ ଉଠାଇଛନ୍ତି। ପୂର୍ବ ସରକାରର ଏହା ଏକ ଯୁଗାନ୍ତକାରୀ ଯୋଜନା। କିନ୍ତୁ, ୧୦ବର୍ଷ ଭିତରେ ପ୍ରଥମଥର ପାଇଁ ଆଦର୍ଶ ବିଦ୍ୟାଳୟ ଶିକ୍ଷକମାନେ ରାଜରାସ୍ତାକୁ ଆସିଛନ୍ତି। ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ, ପ୍ରିନ୍ସପାଲ୍ ଅଭାବ ରହିଛି। ନିକଟରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ହେବ ବୋଲି କୁହାଯାଇଥିବା ବେଳେ ବିଦ୍ୟାଳୟରେ ଥିବା ଲାଇବ୍ରେରୀଆନ୍ ପୋଷ୍ଟକୁ ଉଚ୍ଛେଦ କରି ଦିଆଯାଇଛି। ସେହିପରି ଆଦର୍ଶ

**ବିରୋଧୀରେ ଥିବା ବେଳେ ସମର୍ଥନ; ଏବେ କାହିଁକି ନୁହେଁ: ପବିତ୍ର**

ବିଦ୍ୟାଳୟ ଶିକ୍ଷକମାନଙ୍କ ପାଇଁ ଇଆରପି ପୋର୍ଟାଲ କରାଯାଇଛି। ଏହାକୁ ଏସ୍‌ଆଇ ପରୀକ୍ଷା ଦାୟିତ୍ୱ ନେଇଥିବା ସିଲିକନକୁ ଦିଆଯାଇଛି। ସେମାନଙ୍କୁ ଏଚ୍‌ଆରଏମ୍‌ଏସ୍ ପୋର୍ଟାଲରେ ସାମିଲ କରିବାକୁ ଦାବି କରାଯାଉଥିବା ବେଳେ ସରକାର ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ସେହିପରି ଏସ୍‌ଏସ୍‌ପିରେ ଯେଉଁ ଅଧ୍ୟାପକ ଅଧ୍ୟାପିକାମାନେ ଚୟନ ହୋଇ ଆସିଥିଲେ, ସେମାନେ ମଧ୍ୟ ସମାନ କାମକୁ ସମାନ ଦରମା ଦାବିରେ ଆନ୍ଦୋଳନରେ ବସିଛନ୍ତି। ଏହାସହ ୫ଲକ୍ଷ ସରକାରୀ କର୍ମଚାରୀଙ୍କୁ ବିଏସ୍‌କେୱାଇ ଦାବିକୁ ମଧ୍ୟ ଶ୍ରୀ ଦାସ ଦୋହରାଇଛନ୍ତି।

କଂଗ୍ରେସ ସଦସ୍ୟ ପବିତ୍ର ସାଉଁତା ମଧ୍ୟ ଏହି ପ୍ରସଙ୍ଗ ଉଠାଇ କହିଥିଲେ, ବିଜେପି ବିରୋଧୀ ଦଳରେ ଥିବା ବେଳେ ଯେଉଁ ଦାବିକୁ ସମର୍ଥନ କରୁଥିଲା, ସରକାରକୁ ଆସିବା ପରେ କାହିଁକି ପୂରଣ କରୁନାହିଁ ବୋଲି ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଶିକ୍ଷକମାନେ ରାଜରାସ୍ତାରେ ବସିଛନ୍ତି। ସେମାନଙ୍କ ଦାବି ପୂରଣ ହେଉନାହିଁ। ୨୨ଟି ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କ ଠିକା ବ୍ୟବସ୍ଥା ହଟି ସାରିଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ମଧ୍ୟ ୫୦୦୦ ହଜାର ଶିକ୍ଷକ ରାସ୍ତାରେ ବସିଛନ୍ତି। ଆଗକୁ ପରୀକ୍ଷା ଅଛି। ଏହି ସମୟରେ ସ୍କୁଲ ବନ୍ଦ ରହିଛି। ତେଣୁ ସରକାର ତୁରନ୍ତ ଏହି ଦାବି ଉପରେ ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀ ସାଉଁତା ଶୂନ୍ୟକାଳରେ ଦାବି କରିଛନ୍ତି।

**ଚତୁର୍ଥ ଦିନରେ ପ୍ରାଥମିକ ଶିକ୍ଷକଙ୍କ ଧାରଣା**

## ଆଲୋଚନା ବିଫଳ ପରେ ବ୍ୟାପକ ହେଲା ଆନ୍ଦୋଳନ

ଭୁବନେଶ୍ୱର, ୮ ।୧୨(ସମିସ): ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ଚତୁର୍ଥ ଦିନରେ ପହଞ୍ଚିଛି। ଶନିବାର ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା ବିଫଳ ହେବା ପରେ ସୋମବାର ଆନ୍ଦୋଳନକୁ ଶିକ୍ଷକମାନେ ଆହୁରି ତୀବ୍ର କରିଛନ୍ତି। ବହୁ ସଂଖ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ଗାନ୍ଧୀ ମାର୍ଗରେ ଏକତ୍ରିତ ହୋଇ ଅହୋରାତ୍ର ଆନ୍ଦୋଳନ ଜାରି ରଖିଛନ୍ତି। ସେମାନଙ୍କ ଦାବି ପୂରଣ ନ

**ଅନ୍ୟ ପ୍ରରୋଚନାରେ ଧାରଣାରେ ବସିଛନ୍ତି ଶିକ୍ଷକ: ଗଣଶିକ୍ଷା ମନ୍ତ୍ରୀ**

ହେବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ରୋକଠୋକ୍ ଭାବେ ସରକାରଙ୍କୁ ଶୁଣେଇ ଦେଇଛନ୍ତି।

ମୂଳ ପଦକୁ ଅପଗ୍ରେଡ୍ କରିବା ସହ ୪୨୦୦ ଗ୍ରେଡ୍ ପେ ପ୍ରଦାନ ଏବଂ ପ୍ରାଥମିକ ଶିକ୍ଷାରୁ ଠିକା ବ୍ୟବସ୍ଥା ଉଚ୍ଛେଦ କରି ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହ ନୋସନାଲ୍ ଇନକ୍ରିମେଣ୍ଟ ପ୍ରଦାନ କରିବା ପରି ଦୁଇ ଦଫା ଦାବିରେ ଆନ୍ଦୋଳନ କରୁଥିବା ଶିକ୍ଷକଙ୍କ ସହ ସରକାର ପୁନଃ ଆଲୋଚନା ନ କରିବାକୁ ନେଇ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସରକାର ଯଦି ସେମାନଙ୍କ ଦାବିକୁ ନ ଶୁଣନ୍ତି, ତେବେ ବିଦ୍ୟାଳୟ ବନ୍ଦ କରି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସମୂହ ଛୁଟିରେ ଯିବେ। ଏହି ଆନ୍ଦୋଳନକୁ ବ୍ଲକ୍ ସ୍ତର ପର୍ଯ୍ୟନ୍ତ ନେଇ



ଦୁର୍ବାର ଲଢ଼େଇ ଲଢ଼ିବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ସମ୍ପର୍କରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ଗତ ଶନିବାର ଦିନ ଶିକ୍ଷକ ନେତାଙ୍କ ସହ ସେ ସକରାତ୍ମକ ଆଲୋଚନା କରିଛନ୍ତି। ସେମାନେ ଆନ୍ଦୋଳନ ପ୍ରତ୍ୟାହୃତ କରିବ ବୋଲି କହିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଅନ୍ୟ କାହା ପ୍ରରୋଚନାରେ ଆସି ଧାରଣାରେ ବସିଛନ୍ତି। ସରକାର ସେମାନଙ୍କ ସମସ୍ୟାକୁ ତର୍ଜମା କରୁଛନ୍ତି। ଆବଶ୍ୟକ ସ୍ଥଳେ ପୁନର୍ବାର ଶିକ୍ଷକ ପ୍ରତିନିଧିଙ୍କ ସହ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

ଶୀତ କାକରକୁ ଖାତିର ନ କରି ୨ ଦଫା ଦାବିରେ ଅହୋରାତ୍ର ଧାରଣା ଜାରି ରଖିଛନ୍ତି। ୩ଦିନ ଧରି ରାଜ୍ୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିବାବେଳେ ଆନ୍ଦୋଳନ ଜାରି ରହିବ ବୋଲି ଘୋଷଣା କରାଯାଇଥିବାରୁ ଆଗକୁ ମଧ୍ୟ ଅଚଳାବସ୍ଥା ଲାଗି ରହିବାର ଆଶଙ୍କା ସୃଷ୍ଟି ହୋଇଛି। ପିଲାଙ୍କ ଶିକ୍ଷାଦାନ ଗୁରୁତ୍ର ଭାବେ ପ୍ରଭାବିତ ହେଉଥିବାରୁ ଅଭିଭାବକମାନେ ମଧ୍ୟ ଉଦବେଗ ପ୍ରକାଶ କରିଛନ୍ତି।

## ଆଗକୁ ଅଧିକ ଶିକ୍ଷକ ଆନ୍ଦୋଳନ

ଭୁବନେଶ୍ୱର, ୮ ।୧୨(ସମିସ): ବିଧାନସଭା ସମୟରେ ଶିକ୍ଷକ ଆନ୍ଦୋଳନ ସରକାରଙ୍କ ପାଇଁ ଶିରପୀଡ଼ା ହୋଇଥିବାବେଳେ ଆଗକୁ ଏହା ଅଧିକ ବଢ଼ିବ। ପ୍ରାଥମିକ ଶିକ୍ଷକ ମହାସଂଘ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ସମେତ ବିଭିନ୍ନ ଶିକ୍ଷକ ସଂଗଠନ ଆନ୍ଦୋଳନ ଜାରି ରଖିଥିବାବେଳେ ଆସନ୍ତା ୧୦ରୁ ୧୩ ତାରିଖ ମଧ୍ୟରେ ଏକାଧିକ ସଂଘ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ରାଜ୍ୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିବାବେଳେ ଆଗକୁ ଅଧିକ ଶିକ୍ଷକ ସଂଗଠନ ଆନ୍ଦୋଳନ ମୁହାଁ ହେଉଥିବାରୁ ସରକାରଙ୍କ ଶିରପୀଡ଼ା ଅଧିକ ବଢ଼ିବା ନେଇ ଆଲୋଚନା ହେଉଛି। ଶିକ୍ଷା ଓ ଶିକ୍ଷକଙ୍କ ଦାବି ନେଇ ଆସନ୍ତା ୧୦ ତାରିଖରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆନ୍ଦୋଳନକୁ ଓହ୍ଲାଇବ। ପୂର୍ବରୁ ସେମାନଙ୍କ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେଇ ପରେ ପ୍ରତାରିତ କରିଥିବାରୁ ହଜାର ହଜାର ସଂଖ୍ୟାରେ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ବିଧାନସଭା

- ୧୦ରେ ହେବ ସମନ୍ୱୟ ସମିତିର ସମାବେଶ
- ୬୬୨ ବର୍ଗ କଲେଜ ସଂଘ ଆନ୍ଦୋଳନ ୧୧ରେ
- ଅଣ-ଅନୁଦାନପ୍ରାପ୍ତ କଲେଜ ଆନ୍ଦୋଳନ ୧୨ରେ

ସମ୍ମୁଖ ଗାନ୍ଧିମାର୍ଗରେ ଆନ୍ଦୋଳନ କରିବେ। ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅବସର ନେଉଥିବା ଓ ନେଇଥିବା ଶିକ୍ଷାକର୍ମଚାରୀଙ୍କୁ ପେନସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ, ଅବସର ବୟସ ସୀମା ୬୨କୁ ବୃଦ୍ଧି ଦାବି ପୂରଣ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାକୁ ପୂରଣ କରିବା ପରିବର୍ତ୍ତେ କାଳକ୍ଷେପଣ ନୀତି ଆପଣେଇ ଆଉ ଏକ କମିଟି ଗଠନ କରିଛନ୍ତି। ଯାହାକୁ ସଂଘ ବିରୋଧ କରି ଆନ୍ଦୋଳନ କରିବ।

ସେହିପରି ୬୬୨ ବର୍ଗ କଲେଜରେ କାର୍ଯ୍ୟରତ ଅଧ୍ୟାପକମାନେ ମଧ୍ୟ ୧୧ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସୋମବାର ଘୋଷଣା କରିଛନ୍ତି। ରାଜ୍ୟ ସଭାପତି ଗୋଲକ ନାୟକ କହିଛନ୍ତି ଯେ ଚାକିରି ସର୍ତ୍ତାବଳୀ ସହ ପେନସନ୍ ପ୍ରଦାନ, ବାଦ୍ ପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନ ଓ ଅବସର ବୟସ ସୀମା ୬୨କୁ ବଢ଼ାଇବା ଦାବିରେ ସେମାନେ ବିଭିନ୍ନ ସମୟରେ ଆନ୍ଦୋଳନ କରିଛନ୍ତି। ସରକାର ସେମାନଙ୍କୁ ଦାବିକୁ ପୂରଣ କରିବ ପାଇଁ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ପ୍ରତାରିତ କରୁଛନ୍ତି। ଅନେକ ଦୁର୍ଦ୍ଦଶା ଭୋଗୁଥିଲେ ମଧ୍ୟ ସେମାନଙ୍କ ଦାବି ପ୍ରତି ସରକାର କର୍ଣ୍ଣପାତ କରୁ ନାହାନ୍ତି। ଏଣୁ ସେମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ହୋଇଥିବା ଶ୍ରୀ ନାୟକ କହିଛନ୍ତି। ଅନୁରୂପ ଭାବେ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ସଂସ୍କୃତ ଶିକ୍ଷାନୁଷ୍ଠାନରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେଇ ମଧ୍ୟ ପାଳନ କରି ନାହାନ୍ତି। ବିରୋଧୀ ଦଳରେ ଥିବାବେଳେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଧାରଣା ସ୍ଥଳରେ ସେମାନଙ୍କ ଦାବିକୁ ଯଥାର୍ଥ ଦର୍ଶାଇ ନୈତିକ ସମର୍ଥନ ଦେଇଥିଲେ। ହେଲେ ସରକାରକୁ ଆସିବବା ପରେ ସେମାନେ ପ୍ରତାରିତ କରିଥିବା ସଂଘ ଅଭିଯୋଗ କରିଛି। ଏଣୁ ସେମାନଙ୍କ ଏକମାତ୍ର ଦାବି 'ସରକାରୀ ଅନୁଦାନ ପ୍ରଦାନ' ଦାବିରେ ୧୨ ତାରିଖରେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘର ସଭାପତି ଡ. ଦେବ ବିଜୟ ମିଶ୍ର ଚେତାବନୀ ଦେଇଛନ୍ତି।

## ମନ୍ତ୍ରୀଙ୍କ ଆବାସ ନବୀକରଣ ପାଇଁ ପାଣି ପରି ଟଙ୍କା ଖର୍ଚ୍ଚ

ଭୁବନେଶ୍ୱର,୮ ।୧୨(ସମିସ): ରାଜ୍ୟରେ ସରକାର ପରିବର୍ତ୍ତନ ପରେ ନୂତନ ମନ୍ତ୍ରିମଣ୍ଡଳ ଗଠନ ହୋଇଥିଲା। ଏହି ମନ୍ତ୍ରୀମାନଙ୍କୁ ବିଭିନ୍ନ ସରକାରୀ ବାସଭବନ ଆଲର୍ଟ ହୋଇଛି। ପୂର୍ବରୁ ମନ୍ତ୍ରୀମାନେ ରହିଆସୁଥିବା ବାସଭବନ ମଧ୍ୟରୁ ଅଧିକାଂଶ ବାସଭବନକୁ ନୂତନ ସରକାରଙ୍କ ମନ୍ତ୍ରୀଙ୍କୁ ଆବଣ୍ଟନ ହୋଇଛି। ତେବେ ଏହି ସରକାରୀ କ୍ୱାର୍ଟର୍ସ ଆବଣ୍ଟନ ପରେ ଏହାର ନବୀକରଣ ବାବଦକୁ ସରକାରୀ ତହବିଲ୍‌ରୁ ପାଣି ଭଳି ଟଙ୍କା ଖର୍ଚ୍ଚ ହୋଇଛି। ବିଧାନସଭାରେ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସଙ୍କ ପ୍ରଶ୍ନରେ ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ଏହି ତଥ୍ୟ ରଖିଛନ୍ତି।

- ମୁଖ୍ୟମନ୍ତ୍ରୀଙ୍କ ଦୁଇ ବାସଭବନ ପାଇଁ ଖର୍ଚ୍ଚ ୭୩ ଲକ୍ଷ ଟଙ୍କା
- ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର ସବୁଠୁ କମ୍ ୫ ଲକ୍ଷ
- କେଭିଙ୍କ ପାଇଁ ୨୮, ସୂର୍ଯ୍ୟବଂଶୀଙ୍କର ୨୫ ଲକ୍ଷ ଖର୍ଚ୍ଚ

ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁସାରେ ମୁଖ୍ୟମନ୍ତ୍ରୀଙ୍କ ଗୋଟିଏ ସରକାରୀ ଆବାସର ମରାମତି ପାଇଁ ୫୦ ଲକ୍ଷ ୧୦ ହଜାର ୮୭୧ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଅନ୍ୟ ଏକ ସରକାରୀ ବାସଭବନ ପାଇଁ ୨୩ ଲକ୍ଷ ୪୭ ହଜାର ୪୮୭ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଘର ମରାମତି ପାଇଁ ୧୮ ଲକ୍ଷ ୯୦ ହଜାର, ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓଙ୍କ ଘର ମରାମତି ପାଇଁ ୨୮ ଲକ୍ଷ ୨୧ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଜଙ୍ଗଲ ପରିବେଶ ମନ୍ତ୍ରୀଙ୍କ ବାସଭବନ ମରାମତି ୨୫ ଲକ୍ଷ ୭୪ ହଜାର ୬୭୨ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବାସଭବନ ପାଇଁ ଖର୍ଚ୍ଚ ହୋଇଛି ୨୫ ଲକ୍ଷ ୭୨ ହଜାର ୫୧୭ ଟଙ୍କା। ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ବାସଭବନ ନବୀକରଣ ପାଇଁ ୨୦ ଲକ୍ଷ ୯୩ ହଜାର୮୧୧ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ନିଜ ସରକାରୀ ବାସଭବନରେ ସବୁଠାରୁ କମ ଖର୍ଚ୍ଚ କରିଥିବା ମନ୍ତ୍ରୀ ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରହିଛନ୍ତି। ତାଙ୍କ ବାସଭବନ ପାଇଁ ମାତ୍ର ୫ ଲକ୍ଷ ୧୧ ହଜାର ୫୭୮ ଟଙ୍କା ଖର୍ଚ୍ଚ ହୋଇଛି।

## ରାଜ୍ୟରେ ଡାକ୍ତର ମରୁଡ଼ି



**୧୨ ମେଡିକାଲ କଲେଜ ସତ୍ତ୍ୱେ ଡାକ୍ତର ଅଭାବ**

ଭୁବନେଶ୍ୱର,୮ ।୧୨(ସମିସ): ରାଜ୍ୟରେ ବର୍ତ୍ତମାନ ଡାକ୍ତର ମରୁଡ଼ି ସ୍ଥିତି। ଏବେ ବି ୬୦ ପ୍ରତିଶତ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ଖାଲି ପଡ଼ିଛି। ରାଜ୍ୟରେ ମୋଟ୍ ମଞ୍ଜୁରୀପ୍ରାପ୍ତ ୧୫୭୭୪ ଡାକ୍ତର ପଦବୀରୁ ୯୫୦୩ ଡାକ୍ତର ପଦବୀ ଖାଲି ପଡ଼ିଛି। ଏବେ ମାତ୍ର ୬୨୭୧ ଡାକ୍ତର କାର୍ଯ୍ୟରତ ରହିଛନ୍ତି। ଏମିତି କି ଏହି ଡାକ୍ତରମାନଙ୍କ ମଧ୍ୟରୁ ୧୧୩୫ ଡାକ୍ତର ଠିକାରେ ମଧ୍ୟ ନିଯୁକ୍ତ ହୋଇଛନ୍ତି। ତେଣୁ ସ୍ଥାୟୀ ନିଯୁକ୍ତି ପାଇ ରାଜ୍ୟରେ ମାତ୍ର ୫୦୦୩ ଡାକ୍ତର କାର୍ଯ୍ୟ କରୁଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ବିଧାନସଭାରେ ଏହି ତଥ୍ୟ ଦେଇଛନ୍ତି।

୨୦୨୪ ସୁଦ୍ଧା ଓଡ଼ିଶା ଡାକ୍ତର ବଳକା ରାଜ୍ୟ ଭାବେ ଉଭା ହେବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟତଃ ରାଜ୍ୟରେ ଗଢ଼ି ଉଠୁଥିବା ମେଡିକାଲ୍ କଲେଜରୁ ପ୍ରତିବର୍ଷ ବାହାରୁଥିବା ଡାକ୍ତର ଓ ସେମାନଙ୍କ ନିଯୁକ୍ତି ଫଳରେ ଏହି ସମସ୍ୟା ହଟିଯିବ ବୋଲି ପୂର୍ବ ସରକାର ଲକ୍ଷ୍ୟ ରଖିଥିଲେ। ହେଲେ ଏବେ ଡାକ୍ତର ବଳକା ରାଜ୍ୟ ଓଡ଼ିଶା ପାଇଁ ଏକ ଆହ୍ୱାନପୂର୍ଣ୍ଣ ହୋଇପଡ଼ିଛି।

- ଖାଲି ପଡ଼ିଛି ୬୦ ପ୍ରତିଶତ ମଞ୍ଜୁରୀପ୍ରାପ୍ତ ପଦବୀ
- ନବୀନଙ୍କ ଡାକ୍ତର ବଳକା ରାଜ୍ୟ ଲକ୍ଷ୍ୟ ମୋହନଙ୍କ ପାଇଁ ଆହ୍ୱାନ

ଡାକ୍ତର ବଳକା ବଦଳରେ ବଡ଼ ବଡ଼ କୋଠା ଛିଡ଼ା ହୋଇଥିବା ଡାକ୍ତରଖାନାରେ ବି ଡାକ୍ତର ମରୁଡ଼ି ଦେଖା ଦେଇଛି। ଫଳରେ ଆଜି ବି ରାଜ୍ୟର ବିଭିନ୍ନ ସ୍ଥାନରୁ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ସାମ୍ନାକୁ ଆସୁଛି। ରୋଗୀ ହନ୍ତସନ୍ତ ହେବାର ଧାରା କମିବା ବଦଳରେ ବିଭିନ୍ନ ପ୍ରକାର ଅବହେଳା ଯୋଗୁଁ ଏହି ସମସ୍ୟା ବଢ଼ିବାରେ ଲାଗିଛି। ଗାଁ ଗଣ୍ଡାରୁ ଲୋକମାନେ ସହରକୁ ସରକାରୀ ଡାକ୍ତରଖାନା ଭରସାରେ ଆସୁଛନ୍ତି; ହେଲେ ସେଠି ଡାକ୍ତର ରହୁ ନାହାନ୍ତି। ଯଦିଓ କେଉଁଠି କେତେବେଳେ ଜଣେ ଅଧେ ଡାକ୍ତର ରହୁଛନ୍ତି, ସେଠାରେ ଶହଶହ ରୋଗୀ ଲମ୍ବା ଲାଇନ୍‌ରେ ଠିଆ ହୋଇ ରହୁଛନ୍ତି। ଡାକ୍ତର ଦେଖାଇବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ବି ଉନ୍ନତ ଚିକିତ୍ସା ସୁନିଶ୍ଚିତ ହୋଇପାରୁ ନ ଥିବା ଅଭିଯୋଗ ହେଉଛି।

୨୦୦୦ ମସିହାରେ ବର୍ଷକୁ ୩୨୧ ଜଣ ଡାକ୍ତର ଓ ୨୫୪ ସ୍ପେଶାଲିଷ୍ଟ ବାହାରୁଥିବା ବେଳେ ଏବେ ଏହି ଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଛି। ଓଡ଼ିଶାରେ ବର୍ତ୍ତମାନ ୧୨ଟି ସରକାରୀ ମେଡିକାଲ କଲେଜ ସାଙ୍ଗକୁ ୬ଟି ବେସରକାରୀ କଲେଜ ଓ ଗୋଟିଏ ଏମ୍ସ ରହିଛି। ଗୋଟିଏ ଡେଣ୍ଟାଲ କଲେଜ ଓ ଦୁଇଟି ପିଜି ଇନ୍‌ଷ୍ଟିଚ୍ୟୁଟ୍ କାର୍ଯ୍ୟକ୍ଷମ ଅଛି। ଏବେ ପ୍ରତିବର୍ଷ ୨୨୦୦ରୁ ଊର୍ଦ୍ଧ୍ୱ ଡାକ୍ତର ଓ ୮୦୦ରୁ ଊର୍ଦ୍ଧ୍ୱ ସ୍ପେଶାଲିଷ୍ଟ ବାହାରୁଛନ୍ତି; ତଥାପି ରାଜ୍ୟରେ ଡାକ୍ତର ଅଭାବ ରହୁଛି। ସବୁ ପ୍ରକାର ସାଧନ ଥିବା ସତ୍ତ୍ୱେ ଓଡ଼ିଶାର ସାଧାରଣ ରୋଗୀଟିଏ ହନ୍ତସନ୍ତ ହେଉଛି। ନବୀନ ସରକାର "ଡାକ୍ତର ବଳକା' ରାଜ୍ୟ ନେଇ ଘୋଷଣା କରିଥିବା ବେଳେ ମୋହନ ସରକାର ଏହି ଚାଲେଞ୍ଜକୁ ପୂରା କରି ପାରୁଛନ୍ତି କି ନାହିଁ ତା' ଉପରେ ଉପରେ ବର୍ତ୍ତମାନ ସମସ୍ତଙ୍କ ନଜର ରହିଛି।

ସୂଚନାଥାଉ କି ରାଜ୍ୟରେ କେତେ ଡାକ୍ତର ପଦବୀ ଫାଙ୍କା ପଡ଼ିଛି ବୋଲି ବିଧାନସଭାରେ ବିଜେଡି ବିଧାୟକ ଗଣେଶ୍ୱର ବେହେରା ପ୍ରଶ୍ନ ପଚାରି ଥିଲେ। ଏହାର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ, ମଞ୍ଜୁରୀପ୍ରାପ୍ତ ୧୫,୭୭୪ରୁ ୫୦୩ ପଦବୀ ଖାଲି ପଡିଛି। ତେବେ ୫୨୪୮ ଡାକ୍ତର ପଦବୀ ପୂରଣ ପାଇଁ ଓପିଏସ୍‌ସିକୁ ଅନୁରୋଧ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

**ସାତକୋଶିଆ କର୍ତ୍ତୃପକ୍ଷଙ୍କ ଅପାରଗତା**

# ପର୍ଯ୍ୟଟନ ମାନଚିତ୍ରରୁ ଲିଭିଯିବ ଟିକରପଡ଼ା!

ଅନୁଗୋଳ,୮।୧୨(ସମିସ): ଅନୁଗୋଳ ଜିଲ୍ଲାର ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଟିକରପଡ଼ା ମହାନଦୀ କୂଳରେ ଥିବା ନେଚର କ୍ୟାମ୍ପକୁ ଚଳିତବର୍ଷ ବନ୍ଦ କରି ଦିଆଯାଇଛି। ଫଳରେ ଦେଶ ବିଦେଶରୁ ଏଠାକୁ ଆସୁଥିବା ପର୍ଯ୍ୟଟକ ନିରାଶ ହୋଇ ଫେରୁଛନ୍ତି। ଏହାଛଡ଼ା ପରିଚାଳନା ପାଇଁ ନିୟୋଜିତ ହୋଇଥିବା ୨୦ଟି ପରିବାର ବେକାର ହୋଇଯାଇଛନ୍ତି। ଆଖପାଖ ଗ୍ରାମର ଯେଉଁମାନେ ରାସନ ସାମଗ୍ରୀ, କ୍ଷୀର ଓ ପନିପରିବା ଆଦି ଯୋଗାଇ ଜୀବିକା ନିର୍ବାହ କରୁଥିଲେ, ସେମାନେ ମଧ୍ୟ ହାତବାନ୍ଧି ବସିଛନ୍ତି। ସାତକୋଶିଆ ଗଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ବନ୍ୟପ୍ରାଣୀ ପାଇଁ ସାରା ବିଶ୍ୱରେ ଥିବା ପରିଚୟ ହଜିଯିବାକୁ ବସିଛି।

ସାତକୋଶିଆ ମହାନଦୀ ଗଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋରମ। ଏଠାକାର ନୀଳ ଜଳରାଶି, ସବୁଜିମାରେ ଭରପୁର ପାହାଡ଼, ରଙ୍ଗ ବେରଙ୍ଗର ବିଭିନ୍ନ ପ୍ରଜାତିର ପକ୍ଷୀ, ଜଳଚର ପ୍ରାଣୀ ଓ ଭଳିକି ଭଳି ବନ୍ୟଜନ୍ତୁ ପ୍ରକୃତିପ୍ରେମୀଙ୍କୁ ବେଶ ଆକୃଷ୍ଟ କରେ। ସେଥିପାଇଁ ପ୍ରତିବର୍ଷ ନଭେମ୍ବର ମାସରୁ ଏପ୍ରିଲ ଯାଏ ଏଠାକୁ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥା'ନ୍ତି। ଏହାକୁ ଦୃଷ୍ଟିରେ ରଖି ଗତ ୨୦୦୫ରେ ମହାନଦୀ ପଠାରେ ପ୍ରକୃତି ନିବାସ କରାଯାଇଥିଲା। ଏଠାରେ ପର୍ଯ୍ୟଟକଙ୍କ ପାଇଁ ରହିବା, ଖାଇବା ଆଦି ସବୁ ସୁବିଧା ଥିଲା। କିନ୍ତୁ ପରିବେଶ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଦୃଷ୍ଟିରୁ ୨୦୧୨ରେ ମହାନଦୀ ଘାଟ ଟିକରପଡ଼ାକୁ ଉଠାଇ ଅଣାଯାଇଥିଲା। ସେଠାରେ ୧୩ଟି ସୁବ୍ୟବସ୍ଥିତ ଟେଣ୍ଟ କରାଯାଇଥିଲା। ଟେଣ୍ଟ ମଧ୍ୟରେ ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିଲା। ଟିକରପଡା ଗ୍ରାମର ୨୦ଟି ପରିବାରକୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଏଠାକୁ ପ୍ରତିବର୍ଷ






ଶୀତଋତୁରେ ଶହ ଶହ ପର୍ଯ୍ୟଟକ ଆସୁଥିବାରୁ ଭଲ ରୋଜଗାର କରୁଥିଲେ। ଏଥିସହ ଆଖପାଖରେ ଥିବା ଗାଁର ଲୋକେ ମାଛ, ମାଂସ, କ୍ଷୀର, ପନିପରିବା ଓ ରାସନ ସାମଗ୍ରୀ ଯୋଗାଇ ରୋଜଗାର କରୁଥିଲେ। ପର୍ଯ୍ୟଟକ ମଧ୍ୟ ସ୍ଥାନୀୟ ଗାଇଡ୍‌ଙ୍କ ସହାୟତାରେ ଜଙ୍ଗଲ ଭ୍ରମଣ, ମୋଟର ବୋଟ ଯୋଗେ ନଦୀ ବିହାର କରୁଥିଲେ।

କିନ୍ତୁ ଚଳିତ ବର୍ଷ ସବୁ କିଛି ବଦଳିଯାଇଛି। ବନ ବିଭାଗ ଏଠାରେ ନେଚର କ୍ୟାମ୍ପକୁ ବନ୍ଦ କରିଦେଇଛି। ଫଳରେ ଶ୍ରୀହୀନ ହୋଇପଡିଛି ସାତକୋଶିଆ। ଅଞ୍ଚଳବାସୀଙ୍କଠାରୁ ନେଇ ପର୍ଯ୍ୟଟକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ବ୍ୟାଘ୍ର ପ୍ରକଳ୍ପ ନାଁରେ ସାତକୋଶିଆ ଭିତରୁ ଗୋଟିଏ ପରେ ଗୋଟିଏ ଗାଁ ସ୍ଥାନାନ୍ତର ହେଉଛି। ଆଗାମୀ ଦିନରେ ଟିକରପଡ଼ା ଗାଁ ସ୍ଥାନାନ୍ତର ପାଇଁ ବନ ବିଭାଗ ଯୋଜନା କରୁଥିବାରୁ ନେଚର କ୍ୟାମ୍ପ ବନ୍ଦ କରିଦେଇଥିବା ଜଣାପଡ଼ିଛି। ଗାଁର ଅଧିକାଂଶ ବାସିନ୍ଦା ଗାଁ ଛାଡ଼ିବାକୁ ଆଦୌ ରାଜି ନୁହନ୍ତି। ଏହାଛଡ଼ା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ବାଘ ଥାଇ ମଧ୍ୟ ଜନବସତି ଅଛି। ଇକୋ ଟୁରିଜିମ୍ ଚାଲିଛି। ତେଣୁ ସାତକୋଶିଆରେ କାହିଁକି ବନ୍ଦ କରାଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସାତକୋଶିଆର ଟିକରପଡ଼ା ନେଚର କ୍ୟାମ୍ପ ଯୋଗୁଁ ଗାଁ କମିଟି, ରାଜ୍ୟ ସରକାର, ବନ ବିଭାଗ ସମସ୍ତେ ଲାଭବାନ ହେଉଥିଲେ। ଏହି ନେଚର କ୍ୟାମ୍ପରୁ ଆଦାୟ ଅର୍ଥରୁ ୨୦୧୨ରୁ ଚଳିତ ବର୍ଷ ମେ' ସୁଦ୍ଧା ଟିକରପଡ଼ା ଗାଁ କମିଟିକୁ ୨୬ଲକ୍ଷ ୯୦ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପକୁ ୪ଲକ୍ଷ ୫୦ ହଜାର ଟଙ୍କା, ରାଜ୍ୟ ସରକାରଙ୍କୁ ରାଜସ୍ୱ ବାବଦରେ ୨୨ ଲକ୍ଷ ୩୪ ହଜାର ଟଙ୍କା, ରାଜ୍ୟ ସରକାରଙ୍କ ଇକୋ ଟୁ୍ୟରିଜିମ ସେଲକୁ ୨୨ଲକ୍ଷ ୩୨ହଜାର ଟଙ୍କା ଦିଆଯାଇଛି। ଫଳରେ ଏହି ନେଚର କ୍ୟାମ୍ପ ଯୋଗୁଁ ସମସ୍ତେ ଲାଭବାନ ହୋଇଛନ୍ତି। କିନ୍ତୁ ବନ ବିଭାଗର ଅପାରଗତା ଯୋଗୁ ଏଭଳି ଏକ ନେଚର କ୍ୟାମ୍ପ ବନ୍ଦ ହୋଇଯାଇଛି। ସେଠାରେ ପ୍ରାୟ ଦେଢ଼ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ୧୩ଟି ସୁସଜ୍ଜିତ ଟେଣ୍ଟ ଏବେ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି। ୫୫ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ପକ୍କାଘର ଅବ୍ୟବହୃତ ହୋଇ ପଡ଼ି ରହିବା ସହ ଭୂତକୋଠି ପାଲଟିଛି। ଯେଉଁଠି ଶୀତଋତୁରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିଲା, ସେଠାରେ ଏବେ ଖାଁ ଖାଁ। ଗାଈଗୋରୁଙ୍କ ଚରାଭୂଇଁ ପାଲଟିଛି। ବ୍ୟାଘ୍ର ପ୍ରକଳ୍ପ ପାଇଁ ଗାଁ ସ୍ଥାନାନ୍ତର କରିବାକୁ ଯଦି ନେଚର କ୍ୟାମ୍ପ ବନ୍ଦ କରୁଛି ବନ ବିଭାଗ, ତେବେ ନିଜେ ପରିଚାଳନା ଦାୟିତ୍ୱ ନେଇ କାହିଁକି ଚାଲୁ କରୁନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ସାତକୋଶିଆ ଡିଏଫଓ କୌଣସି ସନ୍ତୋଷଜନକ ଉତ୍ତର ଦେଉନାହାନ୍ତି।

# ଜିଏସ୍‌ଟି ପରିସରକୁ ଆସିବ ନାହିଁ ପେଟ୍ରୋଲ, ଡିଜେଲ

ଭୁବନେଶ୍ୱର,୮।୧୨(ସମିସ): ନିକଟ ଭବିଷ୍ୟତରେ ପେଟ୍ରୋଲ-ଡ଼ିଜେଲ ମୂଲ୍ୟ କମିବାର ସମ୍ଭାବନା ନାହିଁ। ଏପରିକି ଏହି ଦୁଇ ପେଟ୍ରୋଲିୟମ ସାମଗ୍ରୀକୁ ଜିଏସ୍‌ଟି ପରିସରଭୁକ୍ତ କରିବାର କୌଣସି ସମ୍ଭାବନା ନାହିଁ ବୋଲି ରାଜ୍ୟସଭାରେ ସ୍ପଷ୍ଟ ସୂଚନା ଦେଇଛନ୍ତି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତି ଗ୍ୟାସ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ।



**ରାଜ୍ୟସଭାରେ ସାଂସଦ ମାନସଙ୍କ ପ୍ରଶ୍ନରେ ବିଭାଗୀୟ ମନ୍ତ୍ରୀଙ୍କ ଉତ୍ତର**

ରାଜ୍ୟସଭାରେ ସାଂସଦ ମାନସ ମଙ୍ଗରାଜ ସାରା ଦେଶରେ ତୈଳ ଦରର ସମାନତା ସୁନିଶ୍ଚିତ ନିମନ୍ତେ ପେଟ୍ରୋଲ ଓ ଡ଼ିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରିବାକୁ ଦାବି କରିଥିଲେ। ଏହା ସହିତ ଏହାକୁ ଜିଏସ୍‌ଟି ପରିସରଭୁକ୍ତ କରିବା ଓ ଏଥିପାଇଁ କୌଣସି ନିର୍ଦ୍ଧାରିତ ସମୟ ସୀମା ଧାର୍ଯ୍ୟ ହୋଇଛି କି ନାହିଁ ବୋଲି ପ୍ରଶ୍ନ କରିଥିଲେ। ଯଦି ଏପରି ପ୍ରସ୍ତାବ ନାହିଁ, ତେବେ ଏହାର କାରଣ କ'ଣ ବୋଲି ସେ କେନ୍ଦ୍ର ସରକାରଙ୍କଠାରୁ ଜାଣିବାକୁ ଚାହିଁଥିଲେ। ଏହି ପ୍ରଶ୍ନର ଉତ୍ତରରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ କହିଛନ୍ତି, ସମ୍ବିଧାନର ଧାରା ୨୭୯ କ (୫) ଅନୁଯାୟୀ ଜିଏସଟି ପରିଷଦ ପେଟ୍ରୋଲିୟମ କ୍ରୁଡ୍, ହାଇ ସ୍ପିଡ୍ ଡିଜେଲ୍, ମୋଟର ସ୍ପିରିଟ୍ (ସାଧାରଣତଃ ପେଟ୍ରୋଲ୍ ଭାବେ ପରିଚିତ) ପ୍ରାକୃତିକ ଗ୍ୟାସ୍ ଏବଂ ଏଭିଏସନ୍ ଟର୍ବାଇନ୍ ଫ୍ୟୁଏଲ୍ ଉପରେ ଜିଏସଟି କେବେ ଲାଗୁ ହେବ, ତାହାର ତାରିଖ ସୁପାରିଶ କରିବ। ସିଜିଏସଟି ଆଇନ ୨୦୧୭ର ଧାରା ୯ (୨) ଅନୁଯାୟୀ ଏହି ଉତ୍ପାଦଗୁଡ଼ିକୁ ଜିଏସଟିରେ ସାମିଲ କରିବା ପାଇଁ ଜିଏସ୍‌ଟି ପରିଷଦର ସୁପାରିସ ଆବଶ୍ୟକ ହେବ। ମାତ୍ର ଏପର୍ଯ୍ୟନ୍ତ ଜିଏସଟି ପରିଷଦ ଏହି ସାମଗ୍ରୀଗୁଡ଼ିକୁ ଜିଏସଟି ଅଧୀନରେ ଅନ୍ତର୍ଭୁକ୍ତ କରିବା ପାଇଁ କୌଣସି ସୁପାରିଶ କରିନାହାଁନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ୧୨ ପର୍ଯ୍ୟନ୍ତ ଶୀତ ଲହରୀ

ଭୁବନେଶ୍ୱର, ୮।୧୨ (ସମିସ): ସାରା ରାଜ୍ୟରେ ପ୍ରବଳ ଶୀତ ଜାରି ରହିଛି। ପଶ୍ଚିମରୁ ଉପକୂଳ ସବୁଠି ପ୍ରବଳ ଥଣ୍ଡା ଅନୁଭୂତ ହେଉଥିବା ବେଳେ କିଛି ସ୍ଥାନରେ ପ୍ରବଳ ଜାଡ ଅନୁଭବ ହେଉଛି। ରାଜ୍ୟକୁ କ୍ରମାଗତ ଭାବେ ଆସୁଥିବା ଥଣ୍ଡା ପବନ ଯୋଗୁଁ ତାପମାତ୍ରା କମିଛି। ତେଣୁ ରାଜ୍ୟରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଅନ୍ୟପଟେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି ସ୍ଥାନରେ ପ୍ରବଳ ଶୀତ ଆଶଙ୍କା କରି ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲାକୁ ଶୀତ ଲହରୀ ଚେତାବନୀ ଜାରି କରିଛି।

**୪.୩ ଡିଗ୍ରୀକୁ ଖସିଲା ଜି. ଉଦୟଗିରି**

ଅନ୍ୟପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ହାଡ଼ଭଙ୍ଗା ଶୀତ ଜାରି ରହିଛି। ଜି. ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୪.୩ ଡିଗ୍ରୀକୁ ଖସିଥିବା ବେଳେ ସେମିଳିଗୁଡାରେ ୪.୬, ଫୁଲବାଣୀ ୭.୨, ଝାରସୁଗୁଡା ୭.୪, ଦାରିଙ୍ଗବାଡି ୭.୫, ରାଉରକେଲା ୭.୬, ଚିପିଲିମା ୮, ଅନୁଗୁଳ ୮.୮, ସୁନ୍ଦରଗଡ଼ର କିରେଇ ୮.୯, ଭବାନୀପାଟଣା ୯ ଓ ନବରଙ୍ଗପୁରରେ ପାରଦ ୧୦ ଡିଗ୍ରୀ ଛୁଇଁଛି। ଏହି ତାପମାତ୍ରା ସହ ଝାରସୁଗୁଡ଼ାରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୬.୨ ଡିଗ୍ରୀ ତଳକୁ ଖସିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ସାରା ରାଜ୍ୟରେ ବର୍ତ୍ତମାନ ଚାଲିଥିବା ଥଣ୍ଡା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଉତ୍ତର ଆଭ୍ୟନ୍ତରୀଣ (ସୁନ୍ଦରଗଡ଼-ଝାରସୁଗୁଡ଼ା) ଓ ପଶ୍ଚିମ ଓଡ଼ିଶା (ସମ୍ବଲପୁରଠାରୁ ନବରଙ୍ଗପୁର) ଓ ସଂଲଗ୍ନ ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ପ୍ରାୟତଃ ଅପରିବର୍ତ୍ତିତ ରହିବ। ୨୧ ତାରିଖ ପରେ ତାପମାତ୍ରା କିଛି ମାତ୍ରାରେ ବଢ଼ିପାରେ। ଉପକୂଳ ଜିଲ୍ଲା (ବାଲେଶ୍ୱର-ଗଞ୍ଜାମ) ଓ ସଂଲଗ୍ନ ଜିଲ୍ଲା (ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼ ଓ ଗଜପତି) ରେ ୧୧ ତାରିଖ ରାତିରୁ ଶୀତ ବଢ଼ିବ୍ୟ ୧୧-୧୩ ମଧ୍ୟରେ ୨ ଡିଗ୍ରୀ ଏବଂ କନ୍ଧମାଳ, ଢେଙ୍କାନାଳ, କୋରାପୁଟ ଜିଲ୍ଲାରେ ୩-୪ ଡିଗ୍ରୀ କମିବାର ସମ୍ଭାବନା ରହିଛି। ତେବେ ୧୪ରେ ଓ ୧୭ରେ ରାତିରେ ପୁଣି ଶିତ ବଢ଼ି ୧୯ ତାରିଖରେ ବର୍ତ୍ତମାନର ସ୍ଥିତି ଫେରିବାର ସମ୍ଭାବନା ରହିଛି। ବର୍ତ୍ତମାନ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ। ଚଳିତ ବର୍ଷ ଗତ ୪ ତାରିଖରୁ ଆରମ୍ଭ ହୋଇ ୨ ସପ୍ତାହରୁ ଅଧିକ ଦିନ ଥଣ୍ଡା ଜାରି ରହିବ। ଲା-ନିନା ଯୋଗୁଁ ଥଣ୍ଡା ବୃଦ୍ଧିର କରାଣ କୁହାଯାଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ଝାରସୁଗୁଡ଼ା, ଅନୁଗୁଳ ଓ ସୁନ୍ଦରଗଡ଼ ପାଇଁ ଶୀତ ଲହରୀ ଚେତାବନୀ ଜାରି କରାଯାଇଥିବା ବେଳେ ବୁଧବାର ଓ ଗୁରୁବାର ୧୦ ଟି ଲେଖାଏଁ ଜିଲ୍ଲାକୁ ଶୀତ ଲହରୀ ଚେତାବନୀ ଜାରି କରାଯାଇଛି। ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି ବର୍ତ୍ତମାନ ରାଜ୍ୟରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନଥିବା ବେଳେ ଅଧିକାଂଶ ଜିଲ୍ଲାରେ ମୁଖ୍ୟତଃ ଶୁଖିଲା ପାଗ ରହିବା ସହ କିଛି ସ୍ଥାନରେ ଘନ କୁହୁଡି ପାଇଁ ମଧ୍ୟ ପାଗ ଅନୁକୂଳ ରହୁଛି। ମଙ୍ଗଳବାର ସୁନ୍ଦରଗଡ଼ ଓ କନ୍ଧମାଳରେ ଘନ କୁହୁଡ଼ି ଆଶଙ୍କା ରହିଛି।

## ସହପାଠୀର ଅନ୍ତଃବୁଜୁଳା ବାହାର କରିଦେଲା

ବାରିପଦା, ୮।୧୨ (ସମିସ): ପ୍ରେମ ପାଇଁ ସହପାଠୀକୁ ଛୁରାମାଡ଼। ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅଧୀନ ବାଇଗଣବାଡ଼ିଆସ୍ଥିତ ବାବା ବଳିଆ(ବିବି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ଅପରାହ୍ଣରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ଆହତ ଛାତ୍ରଜଣଙ୍କ ହେଲେ, କୁଳିଅଣା ଥାନା ତିଳକଗଡ଼ିଆ ଗ୍ରାମର ପ୍ରହ୍ଲାଦ ବିନ୍ଧାଣୀ (୧୭)। ସେ ଯୁକ୍ତ ୨ ବାଣିଜ୍ୟ ବିଭାଗର ଛାତ୍ର। ଛୁରାମାଡ଼ରେ ତାଙ୍କର ଅନ୍ତଃନାଡ଼ି ବାହାରକୁ ବାହାରି ଆସିଛି। ପ୍ରଥମେ ତାଙ୍କୁ କୁଳିଅଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ବାରିପଦା ପିଆର୍‌ଏମ୍ ମେଡିକାଲ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ନାବାଳକକୁ ଅଟକ ରଖି ପଚରାଉଚରା କରୁଛି। ତା' ଘର ବାରିପଦା ସଦର ଥାନା ଦାମୋଦରପୁର ଅଞ୍ଚଳରେ।

**ବାବା ବଳିଆ କଲେଜ କ୍ୟାମ୍ପସ୍ ଅଶାନ୍ତ**

ସେ ଉକ୍ତ କଲେଜର କଳା ବିଭାଗର ଛାତ୍ର। ତାକୁ ସ୍ୱଧାର ଗୃହକୁ ପଠାଯିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ପ୍ରେମ ବ୍ୟାପାରକୁ ନେଇ ଦୁଇ ଛାତ୍ରଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ଆଜି ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଦୁହିଁଙ୍କ ମଧ୍ୟରେ ବଚସା ଲାଗିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଛାତ୍ରଜଣଙ୍କ ପ୍ରହ୍ଲାଦଙ୍କ ପେଟରେ ଛୁରି ଭୁସି ଦେଇଥିଲା। ଏଥିରେ ପ୍ରହ୍ଲାଦଙ୍କ ପେଟରେ ଗଭୀର କ୍ଷତ ହେବା ସହ ଅନ୍ତଃବୁଜୁଳା ବାହାରି ଆସିଥିଲା। ଏହି ଖବର ପ୍ରଚାରିତ ହେବା ପରେ କଲେଜ ପରିସରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟଲୋକେ କଲେଜରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଉତ୍ତେଜନା କ୍ରମଶଃ ବଢ଼ିବାରୁ କର୍ତ୍ତୃପକ୍ଷ କଲେଜ ଛୁଟି କରିଦେଇଥିଲେ। ଖବର ପାଇ କୁଳିଅଣା ପୁଲିସ ସହ ବାରିପଦା ସଦର ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାରୁ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା।

**କଂଗ୍ରେସ ଦଳର ଗୁମର କଥା**

# ନରସିଂହଙ୍କ ସପକ୍ଷରେ ନିରଞ୍ଜନ

ଭୁବନେଶ୍ୱର,୮।୧୨(ସମିସ): କଂଗ୍ରେସ ଭିତରେ ଚାଲିଥିବା ଟଣାଓଟରାକୁ ନେଇ କେବଳ ସାଧାରଣ କର୍ମୀ ନୁହନ୍ତି, ଦଳର ନେତାମାନେ ବି ପକ୍ଷଭୁକ୍ତ ହୋଇଛନ୍ତି। ଗତ ନୂଆପଡ଼ା ଉପନିର୍ବାଚନ ପରେ ଏହା ଅଧିକ ଘନୀଭୂତ ହେବାରେ ଲାଗିଛି। ନିଜେ ନରସିଂହ ତାଙ୍କୁ ଦଳରେ କେହି ପଚାରୁ ନ ଥିବା ଓ ସେ ଏକପ୍ରକାର ଅଲୋଡ଼ା ଅନୁଭବ କରୁଥିବା ପ୍ରକାଶ କରିବା ପରେ ଦଳରେ ଯେ ସବୁକିଛି ଠିକ୍ ଚାଲିନଥିବା ସ୍ପଷ୍ଟ ହୋଇଛି। ଏକପକ୍ଷରେ ମୋକିମ୍ ପିସିସି ସଭାପତି ଭକ୍ତଚରଣଙ୍କ ବିରୋଧରେ ବିଦ୍ରୋହର ପ୍ରଥମ ଘଣ୍ଟି ପିଟିଥିବାବେଳେ ଏବେ ନରସିଂହଙ୍କ ସପକ୍ଷରେ ନିରଞ୍ଜନଙ୍କ ଟିପ୍ପଣୀ ଅନେକ ଦିଗକୁ ଇଙ୍ଗିତ କରିଛି। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ନରସିଂହ ମିଶ୍ର ଜଣେ ଦକ୍ଷ, ଜ୍ଞାନୀ ଓ ଅଭିଜ୍ଞନେତା। ତାଙ୍କୁ ଅଣଦେଖା କରିବା ଠିକ୍ ନୁହେଁ ଓ ତାଙ୍କୁ ଗୁରୁତ୍ୱ ନ ଦେବା ଦଳ ପାଇଁ କ୍ଷତିକାରକ। ଏଥିପାଇଁ ମୁଁ ଦୁଃଖିତ। ତାଙ୍କୁ ଗୁରୁତ୍ୱ ଦେବା ଦଳର ଧର୍ମ। ସମସ୍ତଙ୍କୁ ନେଇ ଦଳ କିଭଳି ମଜବୁତ୍ ହେବ ନରସିଂହ ବାବୁ ତାହାର ବ୍ୟତିକ୍ରମ ନ ହୋଇ ପାରନ୍ତି। ତାଙ୍କୁ ସାଙ୍ଗରେ ନେଇ କାମ କରିବା ବୁଦ୍ଧିମାନର କାମ। ମନ୍ତ୍ରୀ, ବିଧାୟକ ଦଳ ନେତା, ବିରୋଧୀ ଦଳ ନେତା ଥିବା ବେଳେ ନରସିଂହ ବାବୁଙ୍କର କାର୍ଯ୍ୟ ସବୁଠୁ ଉଚ୍ଚକୋଟୀର। ସେ ଜଣେ ଭଲ ରାଜନେତା। ପିସିସି ସଭାପତି ଭକ୍ତ ଚରଣ ଦାସ ଶ୍ରୀ ମିଶ୍ରଙ୍କ ସହ କଥା ହୋଇଥିବା ମୁଁ ଏବେ ଶୁଣିବାକୁ ପାଇଛି ଓ ଏ ସଂକ୍ରାନ୍ତରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ଏହା ଭଲ କଥା। ବର୍ତ୍ତମାନ ସବୁ କଂଗ୍ରେସ ନେତା ଯଦି ଏକାଠି ହୋଇ ଯୁଦ୍ଧ ନ କରିବେ, ଏକତ୍ରିତ ନ ହେବେ ତେବେ କଂଗ୍ରେସର ଭବିଷ୍ୟତ ଉଜ୍ଜଳ ନୁହେଁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

**ଦାଦନ ଦୁଃଖ**

## ଦୁବାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଖଲ୍ଲିକୋଟ, ୮।୧୨(ସମିସ): ପୁଣି ଦାଦନ ଦୁଃଖ। ପରିବାର ପ୍ରତିପୋଷଣ ପାଇଁ ସୁଦୂର ଦୁବାଇ ଯାଇଥିବା ଜଣେ ଦାଦନ ଶ୍ରମିକଙ୍କ



**ଭିଟାମାଟିକୁ ଶବ ଆଣିବାକୁ ପରିବାରର ନିବେଦନ**

ସେଠାରେ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ମୃତକ ହେଲେ, ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ ଖୋଜାପଲ୍ଲୀ ଗ୍ରାମର ଧନେଶ୍ୱର ସେଠୀ(୪୪)। ଏହି ଖବର ଜଣାପଡ଼ିବା ପରେ ଧନେଶ୍ୱରଙ୍କ ଘର କାନ୍ଦବୋବାଳିରେ ଫାଟି ପଡ଼ିଛି। ତାଙ୍କ ମରଶରୀର ଭିଟାମାଟିକୁ ଫେରାଇ ଆଣିବାକୁ ପରିବାରଲୋକ ଜିଲ୍ଲା ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି।

ସୂଚନାନୁଯାୟୀ, ସ୍ତ୍ରୀ କଲ୍ୟାଣୀ ସେଠୀ କିଡନୀ ରୋଗରେ ଆକ୍ରାନ୍ତ ହେବା ପରେ ଧନେଶ୍ୱର ଧାରକରଜ କରି ତାଙ୍କ ଚିକିତ୍ସା କରୁଥିଲେ। ଋଣଭାର ଧୀରେଧୀରେ ବଢ଼ିବାରୁ ଅଧିକ ରୋଜଗାର ଆଶାରେ ୪ବର୍ଷ ତଳେ ଦୁବାଇର ଆବୁଧାବି ସହରକୁ ଯାଇଥିଲେ। ସେଠାରେ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ରୋଜଗାର କରି ଯାହା ପଠାଉଥିଲେ, ସେଥିରେ ତାଙ୍କ ପରିବାର ଚଳୁଥିଲା। ଗତ ରବିବାର ସେ କାମ ସାରି କମ୍ପାନୀରୁ ଫେରିବା ବେଳେ ତାଙ୍କର ହୃଦ୍‌ଘାତ ହୋଇଥିଲା ଓ ସେ ରାସ୍ତା ଉପରେ ଟଳି ପଡ଼ିଥିଲେ। ସେଠାକାର ଏକ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

ଧନେଶ୍ୱରଙ୍କ ମୃତ୍ୟୁ ଖବର ପାଇବା ପରେ ଘରେ କାନ୍ଦ ବୋବାଳିରେ ଫାଟି ପଡ଼ିଛି। ଧନେଶ୍ୱରଙ୍କ ମୃତ୍ୟ ପରେ ପରିବାର କେମିତି ଚଳିବ, ସେନେଇ ଚିନ୍ତାରେ ପଡି ଯାଇଛନ୍ତି କଲ୍ୟାଣୀ। ତାଙ୍କର ଚିକିତ୍ସା ଖର୍ଚ୍ଚ, ପିଲାମାନଙ୍କ ପାଠପଢ଼ା ଖର୍ଚ୍ଚ, ପରିବାର ଚଳାଇବା ଖର୍ଚ୍ଚ ସବୁ କେମିତି ତୁଲାଇବେ, ସେଇ ଚିନ୍ତାରେ ଘାଣ୍ଟି ହେଉଛନ୍ତି।

## ଭିଜିଲାନ୍ସ ଜାଲରେ ଏଏସ୍‌ଆଇ

**୫ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ**

ଯାଜପୁର, ୮।୧୨(ସମିସ): ମାମଲା ରଫାଦଫା ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଯାଜପୁର ଟାଉନ୍ ଥାନା ଏଏସ୍‌ଆଇ ନନ୍ଦକିଶୋର ଦାସ। ଯାଜପୁର ସହର ବଡ଼ବଜାରର ଦୋଳଗୋବିନ୍ଦ ସାହୁଙ୍କ ଏକ ଜମିଜମା ବିବାଦ ଲାଗି ରହିଥିଲା। ଜମି ଚିହ୍ନଟ ବେଳେ ହୋଇଥିବା ବିବାଦକୁ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହାକୁ ରଫାଦଫା କରିବା ପାଇଁ ଦୋଳଗୋବିନ୍ଦଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ ଏଏସ୍‌ଆଇ ଶ୍ରୀ ଦାସ। ଏ ସଂପର୍କରେ ଦୋଳଗୋବିନ୍ଦ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯାଜପୁର ଭିଜିଲାନ୍ସ ଡିଏସ୍‌ପି ସୁଶୀଲ ଏକ୍କାଙ୍କ ନେତୃତ୍ୱରେ ଏକ



ସ୍ୱତନ୍ତ୍ର ଟିମ୍ ଏଏସ୍‌ଆଇ ଶ୍ରୀ ଦାସଙ୍କୁ ଧରିବାକୁ ଜାଲ ବିଛାଇଥିଲା। ଆଜି ଥାନା ଭିତରେ ଶ୍ରୀ ଦାସ ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ଅପରପକ୍ଷେ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ତାଙ୍କର ଏକାଧିକ ସ୍ଥାନରେ ଚଢ଼ଉ କରିଛି।

# କୋଟିଆରେ ପୁଣି ଆନ୍ଧ୍ରର ଚକ୍ରାନ୍ତ

ପଟ୍ଟାଙ୍ଗି, ୮।୧୨ (ସମିସ): ବିବାଦୀୟ କୋଟିଆ ପଞ୍ଚାୟତରେ ପୁଣି ଓଡ଼ିଶା ବିରୋଧରେ ଷଡ଼୍‌ଯନ୍ତ୍ର ଆରମ୍ଭ ହୋଇଯାଇଛି। ଆନ୍ଧ୍ରର କିଛି ଜନପ୍ରତିନିଧି ଗରିବ, ନିରୀହ ଲୋକଙ୍କୁ ମତେଇ ଫାଟୁସିନେରି ଅଞ୍ଚଳରେ ଲାଗିଥିବା ଓଡ଼ିଶା ସରକାରଙ୍କ ନାମ ଫଳକଗୁଡ଼ିକୁ ଭାଙ୍ଗି ଦେଇଛନ୍ତି। ସୂଚନାନୁଯାୟୀ, ଆନ୍ଧ୍ରପ୍ରଦେଶ କରିଥିବା

**■ ଭାଙ୍ଗିଦେଲେ ଓଡ଼ିଶାର ନାମଫଳକ**
**■ ଓଡ଼ିଶାର ଯୋଜନାକୁ ବିରୋଧ**

ପଞ୍ଚାୟତ ତଥା ଫଗୁଣସିନେରି ଏବଂ ଫାଟୁସିନେରି ପଞ୍ଚାୟତର ଜନପ୍ରତିନିଧି ବେଶୁ ପାଙ୍ଗି ଏବଂ ସେମି ହିମେରିକଙ୍କ ନେତୃତ୍ୱରେ ରବିବାର ଏକ ବୈଠକ ବସିଥିଲା। ଏଥିରେ ଡୋଲିଆମ୍ବା, ଫଗୁଣସିନେରି, ଫାଟୁସିନେରି, ହରମାଣ୍ଡେଙ୍ଗି, ମାଡକାର, ଡୋଲିଆମ୍ବା ଆଦି ଗ୍ରାମବାସୀମାନେ ଯୋଗ ଦେଇଥିଲେ। ପରେ ସେମାନେ ଓଡ଼ିଶା ସରକାରଙ୍କ ଦ୍ୱାରା ହରମାଣ୍ଡେଙ୍ଗି ଛକ, ଡୋଲିଆମ୍ବା ଛକ ଆଦି ସ୍ଥାନର ଲଗାଯାଇଥିବା ନାମ ଫଳକଗୁଡ଼ିକୁ ଚିରିବା ସହ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଆଜି ପୁଣି ହରମାଣ୍ଡେଙ୍ଗି ଛକରେ ଆନ୍ଧ୍ର ଜନପ୍ରତିନିଧି ତଥା ବେଶୁ ପାଙ୍ଗି ଏବଂ ସେମି ହିମେରିକଙ୍କ ନେତୃତ୍ୱରେ




ବିଭିନ୍ନ ଗ୍ରାମବାସୀ ଏକତ୍ରିତ ହୋଇ ପୁଣିଥରେ ବୈଠକ କରିଥିଲେ। ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ସମସ୍ତ ଯୋଜନାଗୁଡ଼ିକୁ ବିରୋଧ କରିବା ନିମନ୍ତେ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି। ଓଡ଼ିଶା ସରକାର ଏହି ଷଡ଼ଯନ୍ତ୍ରକୁ ଭଣ୍ଡୁର ନକଲେ ଆଗାମୀ ଦିନରେ କୋଟିଆ ଉପରେ ଆନ୍ଧ୍ରର କର୍ତ୍ତୃତ୍ୱ ବଢ଼ିବାର ଆଶଙ୍କା ରହିଛି ବୋଲି କୁହାଯାଉଛି।

**ମୟୂରଭଞ୍ଜରେ ପୁଣି ଲଜ୍ଜା**

# ଦଶମ ଶ୍ରେଣୀ ଛାତ୍ରୀ ୭ ମାସର ଅନ୍ତଃସତ୍ତ୍ୱା

ବାରିପଦା, ୮।୧୨ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ବାରିପଦା ସଦର ଥାନା ଅଞ୍ଚଳରେ ଜଣେ ଦଶମ ଛାତ୍ରୀ ୭ମାସର ଅନ୍ତଃସତ୍ତ୍ୱା ଥିବା ଜଣାପଡ଼ିଛି। ବାରିପଦା ସଦର ପୁଲିସ ଏକ ପୋକ୍ସୋ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ନାବାଳିକାଙ୍କ ସମ୍ପର୍କୀୟ ଭାଇ ସମ୍ପୃକ୍ତ ଥିବା କୁହାଯାଉଛି।

ଛାତ୍ରୀଜଣଙ୍କ ମୋରଡ଼ା ବ୍ଲକ୍‌ରେ ଥିବା ସ୍କୁଲରେ ପାଠ ପଢୁଥିବା ବେଳେ ସେଠାକାର ଏକ ହଷ୍ଟେଲରେ ରହୁଥିଲେ। ଏହି ସମୟରେ ସେ ସମ୍ପର୍କୀୟ ଭାଇର କୁ-କର୍ମର ଶିକାର ହୋଇଥିଲେ। ଥରେ କି ଦୁଇଥର ନୁହେଁ, ଏକାଧିକଥର ସେ ଦୁଷ୍କର୍ମର ଶିକାର ହୋଇଥିଲେ। ନାବାଳିକାଜଣଙ୍କ ଅନ୍ତଃସତ୍ତ୍ୱା ହେବା ପରେ ପରିବାରଲୋକେ ତାଙ୍କୁ ଘରକୁ ନେଇ ଆସି ଲୁଚାଇ ରଖିଥିଲେ। ଗ୍ରାମବାସୀଙ୍କ କାନକୁ ଏ କଥା ଯିବା ପରେ ଘଟଣା ପ୍ରଘଟ ହୋଇଥିଲା। ପରିବାର ପକ୍ଷରୁ ମଧ୍ୟ ବାରିପଦା ସଦର ଥାନାରେ ଅଭିଯୋଗ କରାଯାଇଥିଲା। ପୁଲିସ ଏକ ପୋକ୍ସୋ ମାମଲା ରୁଜୁ କରି ଅଭିଯୁକ୍ତକୁ ଖୋଜୁଥିବା ବେଳେ ଅଭିଯୁକ୍ତଜଣଙ୍କ ଫେରାର୍ ଥିବା ଜଣାପଡ଼ିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନାବାଳିକା ଗର୍ଭବତୀ ହେବା ଖବର ପରିବାରବର୍ଗ କାହିଁକି ୭ମାସ ଧରି ଲୁଚାଇ ରଖିଥିଲେ ଏବଂ ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ଏତେ ଦିନ ଅନୁପସ୍ଥିତ ଛାତ୍ରୀଙ୍କ ସଂପର୍କରେ କାହିଁକି ନିରବ ରହିଛନ୍ତି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂପର୍କରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ କହିଛନ୍ତି ଯେ ଘଟଣା ସମ୍ପର୍କରେ ଗଣମାଧ୍ୟମରୁ ଖବର ପାଇଛୁ। ଏନେଇ ଆମେ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରି ୱାନ୍-ଷ୍ଟପ୍ ସେଣ୍ଟର୍‌ରେ ରଖିଛୁ। ଏହା ସହ ଆଇନଗତ ପଦକ୍ଷେପ ନେବୁ। ସଦର ଥାନାଧିକାରୀ ଆଦିତ୍ୟ ପ୍ରସାଦ ଜେନା କହିବାନୁସାରେ, ଅଭିଯୋଗ ପାଇବା ମାତ୍ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛୁ। ପୀଡ଼ିତାର ବୟାନ ରେକର୍ଡ ସହ ଡାକ୍ତରୀ ମାଇନା କରାଇଛୁ। ଖୁବ୍‌ଶୀଘ୍ର ଅଭିଯୁକ୍ତକୁ ଗିରଫ କରାଯିବ।

**■ ସାକ୍ଷୀ ଦେବାକୁ ଆସି ଫସିଲେ ଗଜପତିର ଯୁବକ**

# ବ୍ରହ୍ମପୁର କୋର୍ଟ ପରିସରରୁ ଉଠାଇନେଲା ଦିଲ୍ଲୀ ପୁଲିସ

ବ୍ରହ୍ମପୁର, ୮।୧୨(ସମିସ): ସାକ୍ଷୀ ଦେବାକୁ ଆସିଥିବା ଜଣେ ବ୍ୟକ୍ତିଙ୍କୁ କୋର୍ଟ ପରିସରରୁ ଉଠାଇନେଲା ଦିଲ୍ଲୀ ପୁଲିସ। ପରେ ବୈଦ୍ୟନାଥପୁର ଥାନା ପୁଲିସର ସହାୟତାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦିଲ୍ଲୀ ପୁଲିସ ବ୍ରହ୍ମପୁର ଉପ-ଜିଲ୍ଲାପାଳଙ୍କ କୋର୍ଟରେ ହାଜର କରିଥିଲା। ଦିଲ୍ଲୀ ପୁଲିସ ଉଠାଇଥିବା ବ୍ୟକ୍ତିଜଣଙ୍କ ହେଲେ, ଗଜପତି ଜିଲ୍ଲା ଅଡବା ଅଞ୍ଚଳର ରାଜକିଶୋର ପାଳ। ରାଜକିଶୋର ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ତୃତୀୟ)ଙ୍କ ଅଦାଲତ ଏକ ଗଞ୍ଜେଇ ଚାଲାଣ ମାମଲାରେ ସାକ୍ଷୀ ଦେବାକୁ ଆସିଥିବା ବେଳେ କୋର୍ଟ କ୍ୟାମ୍ପସରୁ ତାଙ୍କୁ ପୂର୍ବରୁ ଛକି ଥିବା ଦିଲ୍ଲୀ ପୁଲିସ ଉଠାଇ ନେଇଥିବା ରାଜକିଶୋରଙ୍କ ଓକିଲ ହୃଷୀକେଶ ପ୍ରଧାନ ସୂଚନା ଦେଇଛନ୍ତି। ସେପଟେ ଦିଲ୍ଲୀ ପୁଲିସ ଦ୍ୱାରା ଦିଲ୍ଲୀରେ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଗିରଫ ହୋଇଥିବା ଜଣେ ଅଭିଯୁକ୍ତ ସହ ରାଜକିଶୋରଙ୍କ ସମ୍ପର୍କ ଥିବା କଲ୍ ରେକର୍ଡରୁ ଜଣାପଡ଼ିବା ପରେ ସାକେତ କୋର୍ଟରୁ ୱାରେଣ୍ଟ ଜାରି ହୋଇଥିଲା। ଉକ୍ତ ୱାରେଣ୍ଟ ବଳରେ ଦିଲ୍ଲୀ ପୁଲିସ ରାଜକିଶୋରଙ୍କ ମୋବାଇଲ ଟ୍ରାକିଂ କରି ତାଙ୍କୁ ଆଜି ସ୍ଥାନୀୟ କୋର୍ଟ ପରିସରକୁ ଧରିଥିବା ଜଣାପଡ଼ିଛି। ରାଜକିଶୋର ସାଦା ପୋଷାକରେ ଥିବା ଦିଲ୍ଲୀ ପୁଲିସକୁ ଚିହ୍ନି ପାରି ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ ହାତରେ ଧରାପଡ଼ିଥିଲେ। ପରେ ଗିରଫ ରାଜକିଶୋରଙ୍କୁ ବ୍ରହ୍ମପୁର ଉପ-ଜିଲ୍ଲାପାଳଙ୍କ କୋର୍ଟରେ ହାଜର କରି ଦିଲ୍ଲୀ ପୁଲିସ ଟ୍ରାଞ୍ଜିଟ ରିମାଣ୍ଡରେ ନେବାକୁ ଆବେଦନ କରିଥିବା ଜଣାପଡ଼ିଛି।

## 'ଜନ୍ମ ପ୍ରମାଣପତ୍ର' ଦେଇ ନ ପାରିବାରୁ ପୁଅର ହେପାଜତରୁ ବାପାକୁ ବଞ୍ଚିତ କରାଯାଇପାରିବ ନାହିଁ: ହାଇକୋର୍ଟ

କଟକ,୮।୧୨(ସମିସ): ଜନ୍ମ ପ୍ରମାଣପତ୍ର ପ୍ରଦାନ କରିବାରେ ବିଫଳ ପାଇଁ ଜଣେ ବାପାକୁ ତା' ନାବାଳକ ପୁଅର ହେପାଜତରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଭଦ୍ରକ ପରିବାର ଅଦାଲତଙ୍କ ନିର୍ଦ୍ଦେଶକୁ ଖାରଜ କରି ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ଏପରି ରାୟ ଶୁଣାଇଛନ୍ତି। ମା'ର ମୃତ୍ୟୁ ପରେ ବାପା ଆଇନ ଅନୁଯାୟୀ ଶିଶୁର ପ୍ରକୃତ ଅଭିଭାବକ। ଯଦି ଆବେଦନକାରୀଙ୍କୁ ପିଲାର ହେପାଜତ ପ୍ରଦାନ କରାଯିବ ନାହିଁ, ତେବେ ପିଲା ଏବଂ ବାପା ଉଭୟ ପରସ୍ପରର ପ୍ରେମ ଏବଂ ସ୍ନେହରୁ ବଞ୍ଚିତ ହେବେ ବୋଲି ହାଇକୋର୍ଟ କହିଛନ୍ତି। ହିନ୍ଦୁ, ସଂଖ୍ୟାଲଘୁ ଅଭିଭାବକ ଆଇନ, ୧୯୫୬ର ଧାରା-୬ ଅନୁଯାୟୀ ଆଇନଗତ ବ୍ୟବସ୍ଥା ଏବଂ ପରିସ୍ଥିତିକୁ ବିଚାରକୁ ନେଇ ଅଦାଲତ ଏହା କହିଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଗତ ୨୦୧୯ ଜୁନ୍ ୧୯ରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିଥିଲେ। ସେମାନଙ୍କ ଏକ ଶିଶୁପୁତ୍ର ଜନ୍ମ ହେବାର କିଛି ସମୟ ପରେ ପତ୍ନୀ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ। ପତ୍ନୀଙ୍କ ମୃତ୍ୟୁ ପରେ ପ୍ରତିପକ୍ଷ ତଥା ଆବେଦନକାରୀଙ୍କ ଶ୍ୱଶୁର ପିଲାଟିକୁ ନିଜ ହେପାଜତରେ ରଖିଥିଲେ। ଅଭିଯୋଗ ଅନୁଯାୟୀ ଆବେଦନକାରୀଙ୍କୁ ତାଙ୍କ ସନ୍ତାନ ସହ ଭେଟିବାକୁ ମଧ୍ୟ ଅନୁମତି ଦେଇନଥିଲେ ଶ୍ୱଶୁର। ଅନ୍ୟ କୌଣସି ଉପାୟ ନପାଇ ସେ ତାଙ୍କ ପିଲାକୁ ନିଜ ହେପାଜତକୁ ନେବା ପାଇଁ ଭଦ୍ରକ ପରିବାର ଅଦାଲତରେ ଆବେଦନ କରିଥିଲେ। କିନ୍ତୁ ପୁଅର ଜନ୍ମ ପ୍ରମାଣପତ୍ର ଏବଂ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିବାରେ ବିଫଳ ହୋଇଥିବା ଆଧାରରେ ତାଙ୍କର ଦାବିକୁ ପରିବାର ଅଦାଲତ ଖାରଜ କରିଥିଲେ। ପରିବାର ଅଦାଲତଙ୍କ ନିର୍ଦ୍ଦେଶକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ରାଜ୍ୟରେ ଜନ ଅଭିଯୋଗ ଶୁଣାଣି**

# ଅଭିଯୋଗ ସମାଧାନ ପାଇଁ ସମୟସୀମା ଧାର୍ଯ୍ୟ ହେଉ


ଭୁବନେଶ୍ୱର,୮।୧୨(ସମିସ): ଅଭିଯୋଗ ଶୁଣାଣି ପାଇଁ ଆସୁଥିବା ବହୁ ଲୋକଙ୍କର ଅଭିଯୋଗ ପରେ ମଧ୍ୟ ଏହାର ସମାଧାନ ହେଉନି। ଅଭିଯୋଗ ଶୁଣାଣିର ସ୍ଥିତି ସମ୍ପର୍କରେ ବିଧାୟକମାନେ ମଧ୍ୟ ଜାଣି ପାରୁ ନାହାନ୍ତି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଅଭିଯୋଗ କରିଛନ୍ତି। ସୋମବାର ବିଧାନସଭାର ପ୍ରଶ୍ନକାଳରେ ପ୍ରମିଳା ମଲ୍ଲିକ, ବ୍ଲକ ଓ ତହସିଲ ସ୍ତରରେ କେତେ ଅଭିଯୋଗ ଆସୁଛି, ତାହାର ତାଲିକା ମଧ୍ୟ ଜାରି କରିବାକୁ ଦାବି କରିଛନ୍ତି। ଏହାବ୍ୟତୀତ ୱେବ୍‌ସାଇଟ୍ ଖୋଲୁନଥିବାରୁ ରାସନ ଚାଉଳ ଓ ପିଏମ ଆବାସ ଘର ତତକ୍ଷଣାତ ମିଳିବା କଥାକୁ ସେ ଖଣ୍ଡନ କରିଛନ୍ତି। ସୋମବାର ବିଧାୟକ ଟଙ୍କଧର ତ୍ରିପାଠୀ ମୂଳ ପ୍ରଶ୍ନରେ ବ୍ଲକକୁ ଆସୁଥିବା ଲୋକଙ୍କ ଅଭିଯୋଗ ସମାଧାନ ପାଇଁ କଣ ପଦକ୍ଷେପ ନିଆ ଯାଇଛି ଓ କିଛି ସମୟସୀମା ନିର୍ଦ୍ଧାରିତ ଅଛି କି ବୋଲି ପ୍ରଶ୍ନ କରିଥିଲେ। ସମୟସୀମା ନ ଥିବାରୁ ଅନେକ ସ୍ଥାନରେ ଲୋକଙ୍କ ମନରେ ବିତୃଷ୍ଣା ଭାବ ଚାଲି ଆସୁଛି। ତେବେ ତାଙ୍କ ପ୍ରଶ୍ନର ଗୃହରେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଉତ୍ତର ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଜିଲ୍ଲାସ୍ତରରେ ଯୁଗ୍ମ ଶୁଣାଣି ହେଉଛି। ଜିଲ୍ଲାପାଳ ଓ ଏସପିମାନେ ରହି ଶୁଣାଣି କରୁଛନ୍ତି। ସେହି ଅଭିଯୋଗ ଶୁଣାଣି ବେଳେ ବିଧାୟକମାନେ ଯୋଗଦାନ କଲେ ଅଧିକ ଲୋକଙ୍କ ସମସ୍ୟାର ସମାଧାନ ଅଧିକ ହୋଇପାରିବ। କାରଣ ବିଧାୟକ ରହି ପାରିଲେ, ଯେତେ ଦୂର ସମ୍ଭବ, ଲୋକଙ୍କ ସମସ୍ୟାର ସମାଧାନ ନିଷ୍ଠା ସହ କରାଯାଇପାରିବ। ତେବେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହୋଇଥିବା ଅଭିଯୋଗର ୯୧ ପ୍ରତିଶତ ସମାଧାନ ହୋଇଛି। ତେବେ ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ୧୩,୩୫୮ଟି ଅଭିଯୋଗ ଆସିଛି। ଯେଉଥିରୁ ୧୨, ୪୩୨ ଅଭିଯୋଗର ସମାଧାନ ହୋଇ ସାରିଛି।





# ଆଜି କମ୍ପିବ ବାରବାଟୀ
# ଅଭ୍ୟାସରେ ଉତ୍ସାହ; ଲଢ଼େଇକୁ ଅପେକ୍ଷା


କଟକ,୮।୧୨(ସମିସ): ଗ୍ୟାଲେରୀରେ ଦର୍ଶକଙ୍କ ଉତ୍ସାହ ଦର୍ଶାଇ ଦେଇଛି ଭାରତ-ଦକ୍ଷିଣଆଫ୍ରିକା ମୁକାବିଲା ରୋମାଞ୍ଚକ ହେବ। ଉଭୟ ଦଳର ଖେଳାଳିଙ୍କ ଅଭ୍ୟାସ ସେସନରେ ଗ୍ୟାଲେରୀ ନଂ-୧, ୨, ୬ ଏବଂ ୭ ଆଜି ଲୋକାରଣ୍ୟ ଥିଲା। ନିଜର ଫେଭରାଇଟ୍ ଖେଳାଳିଙ୍କୁ ଦେଖିବା ପାଇଁ କ୍ରିକେଟପ୍ରେମୀ ଭିଡ ଜମାଇଥିଲେ। ଘରୋଇ ଭାରତ ଏବଂ ଭ୍ରମଣକାରୀ ଦକ୍ଷିଣଆଫ୍ରିକା ଦଳ ମଧ୍ୟ ନେଟ୍ସ ଏବଂ ଗ୍ରାଉଣ୍ଡରେ ଅଭ୍ୟାସ ଜରିଆରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ଏବେ କେବଳ ମଙ୍ଗଳବାର ସନ୍ଧ୍ୟାରେ ହେବାକୁ ଥିବା ଲଢ଼େଇକୁ ଅପେକ୍ଷା..



## ଅନୁମତି ଅପେକ୍ଷାରେ 'ଡିଏମସ୍ ଲାଇଟ୍ ଶୋ'

ଦର୍ଶକଙ୍କ ମନୋରଞ୍ଜନ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ପ୍ରଥମଥର ଡିଏମଏସ୍ ଲାଇଟ୍ ଶୋ କରାଯିବ। ହେଲେ ଏ ପର୍ଯ୍ୟନ୍ତ ବିସିସିଆଇ ପକ୍ଷରୁ ଅନୁମତି ମିଳିନାହିଁ। ୮ ଟି ଯାକ ଫ୍ଲଡଲାଇଟ୍ ବ୍ୟବହାର ଦ୍ୱାରା ଲାଇଟ୍ ଶୋ ଯୋଜନା ହୋଇଛି। ହେଲେ ଫ୍ଲଡଲାଇଟ୍ ଜନିତ ତ୍ରୁଟି ଯୋଗୁଁ ଗତ ଭାରତ-ଇଂଲଣ୍ଡ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିବା ଯୋଗୁଁ ଏବେ ଏହି ଶୋ ଦ୍ୱନ୍ଦରେ ରହିଛି। ତଥାପି ମ୍ୟାଚ୍ ଶେଷ ହେବା ପରେ ଶୋ କରାଯିବ ବୋଲି ଓସିଏ ସ୍ଥିର କରିଛି।









### ଆଟାକ୍ ମୁଡ୍‌ରେ ୱାଶିଂଟନ୍

ଅଲରାଉଣ୍ଡର ୱାଶିଂଟନ୍ ସୁନ୍ଦର ଅଭ୍ୟାସ ସେସନ୍‌ରେ ବିସ୍ଫୋରକ ଢ଼ଙ୍ଗରେ ବ୍ୟାଟିଂ କରୁଥିବା ଦେଖିବାକୁ ମିଳିଛି। ତାଙ୍କର କସରତ ଦ୍ୱାରା ଏହା ଅନୁମାନ କରାଯାଉଛି ଯେ, ମଙ୍ଗଳବାର ମ୍ୟାଚ୍‌ରେ ସେ ଚୂଡାନ୍ତ ଏକାଦଶରେ ରହିପାରନ୍ତି। ସ୍ପିନ ଯାଦୁରେ ପ୍ରତିପକ୍ଷ ବ୍ୟାଟରଙ୍କୁ ପ୍ୟାଭିଲିୟନ ଫେରାଇବା ଦକ୍ଷତା ରଖିଥିବା ୱାଶିଂଟନ୍ ଭାରତର ବ୍ୟାଟିଂ ଲାଇନଅପରେ ପ୍ରମୁଖ ଭୂମିକା ତୁଲାଇ ପାରନ୍ତି। ଅନ୍ୟପକ୍ଷରେ ସଞ୍ଜୁ ସାମସନ ଏବଂ ଶୁବମନ ଗିଲ୍ କିଛି ସମୟର ଅଭ୍ୟାସରେ ନିଜ ଚମତ୍କାର ବ୍ୟାଟିଂ ଶୈଳୀର ଛାପ ଛାଡିଥିଲେ। ସୂର୍ଯ୍ୟକୁମାର ଏବଂ ତିଳକ ବର୍ମାଙ୍କ ବ୍ୟାଟିଂ ଦେଖିବାକୁ ମଧ୍ୟ କ୍ରିକେଟପ୍ରେମୀ ବେଶ୍ ଉତ୍ସାହିତ ଥିଲେ।

### ଚାହିଦାରେ କୋହଲି-ରୋହିତଙ୍କ ଜର୍ସି

ଭାରତୀୟ କ୍ରିକେଟର ଦୁଇ ପ୍ରମୁଖ ବ୍ୟାଟର ବିରାଟ କୋହଲି ଏବଂ ରୋହିତ ଶର୍ମା ଟି-୨୦ ଫର୍ମାଟରୁ ଅବସର ଗ୍ରହଣ କରିସାରିଛନ୍ତି। ବାରବାଟୀ ମୁକାବିଲାରେ ଉଭୟ ଅନୁପସ୍ଥିତ ରହିବେ। ହେଲେ ଏବେବି ଏହି ଦୁଇ ଖେଳାଳିଙ୍କ ପ୍ରଶଂସକ ଅନ୍ୟମାନଙ୍କ ତୁଳନାରେ ଅଧିକ। ଷ୍ଟାଡିୟମ ବାହାରେ ବିଭିନ୍ନ ଖେଳାଳିଙ୍କ ଜର୍ସି ବିକ୍ରି କରାଯାଉଥିବା ବେଳେ କୋହଲି ଏବଂ ରୋହିତଙ୍କ ନାମ ଲେଖା ଜର୍ସିର ଚାହିଦା ଅଧିକ ରହିଛି। ଜର୍ସି ଗୁଡିକ ୧୫୦ଟଙ୍କାରେ ବିକ୍ରି କରାଯାଉଛି।

### ଟିକଟ ଦର ଆକାଶ ଛୁଆଁ

୧୧୦୦ଟଙ୍କା କିଣାଯାଇଥିବା ଗ୍ୟାଲେରୀ ଟିକଟ ଏବେ ୬ହଜାରରୁ ଅଧିକ ଟଙ୍କାରେ ବିକ୍ରି କରାଯାଉଛି। ୯୦୦ଟଙ୍କିଆ ଟିକଟ୍‌ର ମୂଲ୍ୟ ବି ୫ହଜାରରୁ କମ୍ ମୂଲ୍ୟ ଯାଉନି। ସବୁଥର ପରି ବାରବାଟୀ ମୁକାବିଲାରେ ଏଥର ବି ଟିକଟ କଳାବଜାରି ଜୋରଦାର ଚାଲିଛି। ୬ହଜାର ଟଙ୍କା ମୂଲ୍ୟର ସ୍ପେଶିଆଲ ଏନକ୍ଲୋଜର ଟିକଟକୁ ୧୦ରୁ ୧୨ହଜାର ଟଙ୍କାରେ କିଣିବାକୁ ପଛାଉନାହାନ୍ତି କ୍ରିକେଟପ୍ରେମୀ। ଅନ୍ୟପକ୍ଷରେ ସାମ୍ବାଦିକଙ୍କ ନିମନ୍ତେ ଉଦ୍ଦିଷ୍ଟ ଅପର-ପ୍ରେସବକ୍ସ କମ୍ପ୍ଲିମେଣ୍ଟାରୀକୁ ମଧ୍ୟ କଳାବଜାରି ଦ୍ୱାରା ବିକ୍ରି କରାଯାଉଥିବା ନଜିର ରହିଛି। ଏ ଦିଗରେ ପୁଲିସ, ପ୍ରଶାସନର ତିଳେ ହେଲେ ଦୃଷ୍ଟି ରହୁନାହିଁ।

## ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକ ପୁରସ୍କାର ପ୍ରଦାନ ୧୪ରେ

କଟକ, ୮।୧୨ (ସମିସ): ଚଳିତ ବର୍ଷ ପାଇଁ ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକ ପୁରସ୍କାର ଭୁବନେଶ୍ୱର ନିବାସୀ ପ୍ରଭାତ ରଞ୍ଜନ ବେହୁରା ଓ ରାଉରକେଲା ନିବାସୀ ବିରଞ୍ଚି ନାରାୟଣ ମିଶ୍ରଙ୍କୁ ଯୁଗ୍ମ ଭାବେ ଦିଆଯିବ ବୋଲି ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ପକ୍ଷରୁ ଘୋଷଣା କରାଯାଇଛି। ନ୍ୟାସର ଆବାହକ ଦୀପକ କୁମାର ମହାନ୍ତ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ, ଆସନ୍ତା ୧୪ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧି ଭବନଠାରେ ଆୟୋଜିତ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ। ଏଥିରେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡକ୍ଟର କମଳ ପ୍ରସାଦ ମହାନ୍ତି ମୁଖ୍ୟଅତିଥି ଓ ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି ମୁଖ୍ୟବକ୍ତା ରୂପେ ଯୋଗଦେବେ। ସୂଚନାଥାଉକି ପ୍ରୁଫ୍-ସଂଶୋଧନର ଗୁରୁତ୍ୱକୁ ସମାଜ ଆଗରେ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ପ୍ରୁଫ୍-ସଂଶୋଧକଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ତରଫରୁ ଗତ ବର୍ଷଠାରୁ ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକଙ୍କୁ ଅର୍ଥରାଶି ସହ ପୁରସ୍କୃତ କରାଯାଇଆସୁଛି।

## ପରୀକ୍ଷା ସୂଚୀକୁ ନେଇ ରେଭେନ୍ସାରେ ଛାତ୍ର ଅଶାନ୍ତି

କଟକ, ୮।୧୨ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ସ୍ନାତକ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତୃତୀୟ ସେମିଷ୍ଟାର ପରୀକ୍ଷାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପରୀକ୍ଷା ଘୁଞ୍ଚାଇବା ଦାବିରେ ସୋମବାର ଦିନ ବହୁ ସଂଖ୍ୟକ ଛାତ୍ରଛାତ୍ରୀ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ଅଭିଯୋଗ ଅନୁସାରେ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆସନ୍ତା ଜାନୁଆରୀ ୧୫ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ସ୍ନାତକ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କର ତୃତୀୟ ସେମିଷ୍ଟାର ପରୀକ୍ଷା କରାଯିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ସିଲାବସ୍ ସମ୍ପୂର୍ଣ୍ଣ ଶେଷ ହୋଇ ନ ଥିବା ଯୋଗୁଁ ଏତେ କମ୍ ସମୟ ମଧ୍ୟରେ ପରୀକ୍ଷା ପାଇଁ କିପରି ପ୍ରସ୍ତୁତ ହେବେ, ସେଥିନେଇ ଛାତ୍ରଛାତ୍ରୀମାନେ ଚିନ୍ତା ପ୍ରକଟ କରିଥିଲେ। ଛାତ୍ରଛାତ୍ରୀମାନେ ଦର୍ଶାଇଥିଲେ ଯେ ଜାତୀୟ ଶିକ୍ଷା ନୀତି ଅନୁଯାୟୀ ପ୍ରତି ସେମିଷ୍ଟାର ପାଇଁ ସର୍ବନିମ୍ନ ୯୦ ଦିନ କ୍ଲାସ୍ କାର୍ଯ୍ୟକ୍ରମ ରହିବା ଆବଶ୍ୟକ। ମାତ୍ର ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଏହି ନିୟମକୁ ପାଳନ କରାଯାଉ ନ ଥିବା ବେଳେ ଏତେ ଶୀଘ୍ର ପରୀକ୍ଷା କରାଯିବାକୁ ସ୍ଥିର କରାଯାଇଛି। ଏହାର ପ୍ରତିବାଦରେ ଛାତ୍ରଛାତ୍ରୀମାନେ ଧାରଣା ଦେଇଥିଲେ। ଏହି ଖବର ପାଇ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଏବଂ ପରୀକ୍ଷା ନିୟନ୍ତ୍ରକ ଘଟଣାସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ, ଆସନ୍ତା ଜାନୁଆରୀ ୧୫ ତାରିଖ ବଦଳରେ ଜାନୁଆରୀ ୨୭ ତାରିଖ ଠାରୁ ପରୀକ୍ଷା ଆରମ୍ଭ ହେବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଶ୍ରୁତି ପରେ ଛାତ୍ରଛାତ୍ରୀମାନେ ଧାରଣା ପ୍ରତ୍ୟାହାର କରିଥିଲେ।



କୁଳପତିଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ

## ନାବାଳିକା ଓ ଶିଶୁଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ରଖିବା ଅଭିଯୋଗରେ ଯୁବକ ଗିରଫ

କଣ୍ଟାପଡା, ୮।୧୨ (ସମିସ): କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ଉରାଡ ଗ୍ରାମର ଅଭିମନ୍ୟୁ ସ୍ୱାଇଁଙ୍କ ପୁଅ ଲକ୍ଷ୍ମୀଧର ସ୍ୱାଇଁଙ୍କ ମୋବାଇଲ୍ ଫୋନ୍‌ରେ ନାବାଳିକା ଓ ଶିଶୁଙ୍କ ୬୨ଟି ଅଶ୍ଳୀଳ ଭିଡିଓ ଓ ଆପତ୍ତିଜନକ ଫଟୋ ରଖିବା ଏବଂ ସେଗୁଡିକୁ ବିଭିନ୍ନ ବର୍ଗର ଲୋକଙ୍କୁ ସେୟାର କରିବା ଓ ନାବାଳିକାଙ୍କୁ ଏହି ଭିଡିଓ ଓ ଫଟୋ ଦେଖାଇବା ଅପରାଧରେ ଅଭିଯୁକ୍ତ ଲକ୍ଷ୍ମୀଧରକୁ ଆଜି ବିଭିନ୍ନ ଦଫାରେ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ବ୍ୟବହାର କରୁଥିବା ଏକ ମୋବାଇଲ, ୩ଟି ଡିଭିଡି ଜବତ କରିଛି। ଦୀର୍ଘଦିନ ଧରି ସେ ଏପରି କରୁଥିବା ସିଆ।ଇଡି ଓ କ୍ରାଇମବ୍ରାଞ୍ଚକୁ ଖବର ମିଳିଥିଲା ଏ ନେଇ ଉଭୟ ତଦନ୍ତକାରୀ ସଂସ୍ଥା ତଦନ୍ତ କରି ଗୋବିନ୍ଦପୁର ପୁଲିସକୁ ଜଣାଇଥିଲେ। ପରେ ଅଭିଯୁକ୍ତ ୨୨ ବର୍ଷର ଯୁବକକୁ ଗିରଫ କରିଥିବା ଗୋବିନ୍ଦପୁର ଥାନା ଆଇଆଇସି ସୋନିଲା ଆନନ୍ଦ ସୂଚନା ଦେବା ସହ ଓଡ଼ିଶାରେ ଏଭଳି ଘଟଣା ପ୍ରଥମ ବୋଲି ପ୍ରକାଶ କରିଛନ୍ତି।

## କଟକ ଷ୍ଟେସନରୁ ଧରାପଡ଼ିଲେ ଆନ୍ତଃରାଜ୍ୟ ଲୁଟେରା | ଜଣେ ମହିଳାଙ୍କ ସହ ପଶ୍ଚିମବଙ୍ଗର ୩ ଗିରଫ

କଟକ,୮।୧୨(ସମିସ):

କଟକ ରେଳ ଷ୍ଟେସନରେ ଏକ ସ୍ୱତନ୍ତ୍ର ଅଭିଯାନରେ ରେଳବାଇ ପୁଲିସ ଓ ରେଳବାଇ ସୁରକ୍ଷା ବଳର ମିଳିତ ଟିମ୍ ଚଳନ୍ତା ଟ୍ରେନରୁ ଚୋରି ହୋଇଥିବା ପ୍ରାୟ ୨.୫ ଲକ୍ଷ ଟଙ୍କା ମୂଲ୍ୟର ଏକ ସୁନା ରାଣୀ ହାର ଉଦ୍ଧାର କରିବା ସହ ଜଣେ ମହିଳାଙ୍କ ସମେତ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୪.୧୨.୨୦୨୫ ରିଖରେ ପୀଡିତାଙ୍କ ସ୍ୱାମୀଙ୍କ ଏକ ଲିଖିତ ଅଭିଯୋଗ ଆଧାରରେ କଟକ ଜିଆରପିଏସ୍ ଥାନାରେ ମାମଲା କେସ୍ ନଂ ୨୪୯/୨୦୨୫, ଧାରା ୩୦୫(ମ) ବିଏନ୍‌ଏସ୍ ରୁଜୁ କରାଯାଇଥିଲା। ଅଭିଯୋଗ ଅନୁସାରେ, ତାଙ୍କ ପତ୍ନୀ ଟ୍ରେନ୍ ନଂ ୧୨୮୮୦ ମୁମ୍ବାଇ-ଏଲ୍‌ଟିଟି ସୁପରଫାଷ୍ଟ ଏକ୍ସପ୍ରେସ୍‌ର ବି/୨ କୋଚରେ ଯାତ୍ରା କରୁଥିବା ବେଳେ ସେହି ଦିନ ସକାଳ ୭ଟା ୧୦ରୁ ୮ଟା ୧୦ ମଧ୍ୟରେ ତାଙ୍କ ଭ୍ୟାନିଟି ବ୍ୟାଗରୁ ଉକ୍ତ ସୁନା ହାରଟି ଚୋରି ହୋଇଯାଇଥିଲା। କଟକ ରେଳ ଷ୍ଟେସନରୁ ଟ୍ରେନ୍ ଛାଡିବା ପରେ ଏହି ଚୋରି ବିଷୟରେ ଯାତ୍ରୀ ଜାଣିବାକୁ ପାଇଥିଲେ। ଏହି



**୨.୫ ଲକ୍ଷ ଟଙ୍କାର ସୁନା ହାର ଜବତ**

ଘଟଣାର ତଦନ୍ତ ସମୟରେ, ଗତ ୬ ତାରିଖ ଦିନ ଆରପିଏଫ୍, ସିଆଇବି ଏବଂ ଜିଆରପିଏସ୍ କଟକର ଏକ ମିଳିତ ଟିମ୍ କଟକ ରେଳ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୧ (ବିଏର୍‌ସି ପଟ) ରେ ତିନି ଜଣ ବ୍ୟକ୍ତିଙ୍କୁ ସନ୍ଦେହରେ ଅଟକ ରଖି ଖାନତଲାସ କରାଯାଇଥିଲା। ତଲାସ ସମୟରେ ଅଭିଯୁକ୍ତ ସାବିତ୍ରୀ ଦେବୀ (୪୦)ଙ୍କ ଠାରୁ ଚୋରି ହୋଇଥିବା ସୁନା ରାଣୀ ହାରକୁ ଜବତ କରାଯାଇଥିଲା। ଅନ୍ୟ ଗିରଫ ଅଭିଯୁକ୍ତମାନେ ହେଲେ ସୁଦାମ ସିଂହ (୩୩) ଏବଂ ରାଜେଶ ସିଂହ (୨୦)। ଏହି ତିନି ଜଣ ଅଭିଯୁକ୍ତ ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲା, ପାଣ୍ଡବେଶ୍ୱରର ବାସିନ୍ଦା ବୋଲି ଜଣାପଡିଛି। ସେମାନଙ୍କ ନିକଟରୁ ମୋବାଇଲ୍ ଫୋନ୍, ପରିଚୟପତ୍ର, ନଗଦ ଟଙ୍କା ଏବଂ ଯାତ୍ରା ସମ୍ବନ୍ଧୀୟ କାଗଜପତ୍ର ମଧ୍ୟ ଜବତ ହୋଇଛି। ନିବିଡ଼ ଜେରା ବେଳେ ଅଭିଯୁକ୍ତମାନେ ସେମାନେ ଏକ ସଂଗଠିତ ଗୋଷ୍ଠୀ ଭାବରେ ଚଳନ୍ତା ଟ୍ରେନରେ ଯାତ୍ରୀମାନଙ୍କୁ ଟାର୍ଗେଟ୍ କରୁଥିବା ସ୍ୱୀକାର କରିଥିଲେ। ଫଳସ୍ୱରୂପ, ସମସ୍ତ ତିନି ଜଣ ଅଭିଯୁକ୍ତଙ୍କୁ ଧାରା ୩୦୫(ମ)/୩(୫) ବିଏନ୍‌ଏସ୍ ଅନୁଯାୟୀ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା ଏବଂ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।


THE KENDRAPARA URBAN CO-OPERATIVE BANK LTD.
Regd. No. : 123/KE, Dt - 26.09.1986
At : Kajala Po/Dist : Kendrapara
e-Mail : kendraparaurbanbank@gmail.com
Financialy sound & Well Managed(FSWM) Bank.
'A' GRADE BANK
Leveraging Technology for Improvement in Customer Service.

| Financial Position AS on 31-03.2025 | (Rs in laks) |
|---|---|
| Share Capital | 548.20 |
| Reserve | 820.47 |
| Deposits | 19895.08 |
| Advances | 12889.79 |

OUR BRANCHES
MAIN BRANCH | OLD BUS STAND BRANCH | MARSHAGHAI BRANCH | CHANDOL BRANCH | PATTAMUNAI BRANCH | AUL BRANCH
CORE BANKING SOLUTIONS (CBS)

OUR SERVICES
RTGS, NEFT, & QR Code banking
ATM-cum Debit card
Safe Deposit Lockers
CTS
Personalised Chegue Book


LOAN FACILITIES
My Home Loan
My Car Loan
Property Mortgage Loan
Gold Loan
Cash Credit Loan
Personal Loan
Business Loan
BPSRY Loan

INTEREST TATES ON FIXED DEPOSITS

| PERIOD | Rate P.A. | PERIOD | Rate P.A. |
|---|---|---|---|
| 7 days to 45 days | 3.50% | 1 Year Pragati/FD | 6.00% |
| 46 days to 90 days | 4.00% | Above1 Year to less than 2 years | 6.75% |
| 91 days to 179 days | 4.50% | Above 2 Year to less than 3 years | 7.00% |
| 180 days to 269 days | 5.00% | Above 3 Year to less than 5 years | 6.75% |
| 270 days to Less than1Year | 5.75% | Above 5 Year And Above | 6.00% |
| Senior Citizen & Ex-Servicemen 0.50% Extra only on term deposits of 1 yr & above | | | |
| Savings Bank | 3.25% | Daily Collection Account | 3.00% |

Interest rates are subject to change as per directives from RBI and the Bank's Management.
Bhagyalaxmi Panda, Chief Executive Officer
Guru Prasad Mohanty, President

# ସମ୍ପାଦକୀୟ



ଶିକ୍ଷା ନାମକ ବୃକ୍ଷର ମୂଳ ତିକ୍ତ, କିନ୍ତୁ ଏହାର ଫଳ ମିଠା ।
-ଆରିଷ୍ଟୋଟଲ୍

ସକାଳ
THE SAKALA

## ବିବାଦରେ ପରୀକ୍ଷା ଓ ପ୍ରଶ୍ନପତ୍ର

ରାଜ୍ୟ ସରକାରଙ୍କ ନିଯୁକ୍ତି ପରୀକ୍ଷା ପରିଚାଳନା ଓ ପ୍ରଶ୍ନପତ୍ର ପ୍ରଘଟ ଏତେ ବିବାଦୀୟ ଓ ଦୋଷଯୁକ୍ତ ଯେ ଯେତେ ଯାହା କହିଲେ ବି ତାହା ସୁଧୁରିବା ପରିବର୍ତ୍ତେ ଦିନକୁ ଦିନ ଅଧିକ ବିଗୁଡୁଥିବାର ଲକ୍ଷ୍ୟ କରାଯାଉଛି । ନିକଟରେ ଏଏନଏମ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଛି । ଏକାଧିକ ବାର ଏଭଳି ବିଭ୍ରାଟ ପରିଦୃଷ୍ଟ ହୋଇଥିଲେ ମଧ୍ୟ ସବୁକିଛି ସେହି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତିରେ ସୀମିତ ରହିଛି । ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ପରୀକ୍ଷା ଘୁଞ୍ଚାଇ ଦେବା ନିଷ୍ପତ୍ତି ଘୋଷଣା ହେବା ପୂର୍ବରୁ ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ପାଇ ପରୀକ୍ଷାଖାତାରେ ଉତ୍ତର ଲେଖିବା ଆରମ୍ଭ କରିଦେଇଥିଲେ । ସେମାନଙ୍କୁ ପରୀକ୍ଷାଖାତା ଓ ପ୍ରଶ୍ନପତ୍ର ଫେରାଇ ଦେଇ ଚାଲିଯିବାକୁ କୁହାଯାଇଥିଲା । ପରୀକ୍ଷାର୍ଥୀଙ୍କ ପ୍ରସ୍ତୁତି ଓ ବହୁମୂଲ୍ୟ ସମୟରେ ଅପଚୟ ସ୍ୱାଭାବିକ ଭାବେ ହତାଶା ସୃଷ୍ଟି କରିଛି ।

ପରୀକ୍ଷା ପରିଚାଳନାର ଅନ୍ୟ ଏକ ଦିଗ ସାମ୍ନାକୁ ଆସିଛି । ଏଲଟିଆଇ ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ହୋଇଥିବା ଯୋଗ୍ୟତା ପରୀକ୍ଷାରେ ଶହେ ନମ୍ବରରୁ ୧ ରଖିଲେ ପାସ ନିଷ୍ପତ୍ତି ସମସ୍ତଙ୍କୁ ଚକିତ କରିଛି । ଏମାନେ ମୁଖ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଗଲେ ବିଦ୍ୟାଳୟରେ କି ପାଠ ପଢ଼ାଇବେ? ଅନୁସୂଚିତ ଜାତି ଓ ଜନଜାତି ଏବଂ ମହିଳାଙ୍କ ସକାଶେ ସ୍ୱତନ୍ତ୍ର ସୁବିଧା ସୃଷ୍ଟି କରିବାରେ କାହାର ଆପତ୍ତି ନାହିଁ । କିନ୍ତୁ ଏକ ବେଞ୍ଚମାର୍କ ନିର୍ଦ୍ଧାରଣ କରି ତାହାକୁ ଅତିକ୍ରମ କରିପାରୁଥିବା ପରୀକ୍ଷାର୍ଥଙ୍କୁ ବର୍ଗ ବିଶେଷରେ ଚୟନ କରିବାରେ କିଛି ଅସୁବିଧା ନଥିଲା । ଯେଉଁ ଉଦ୍ଦେଶ୍ୟରେ ଏମାନଙ୍କୁ ନିଯୁକ୍ତି ଦିଆଯିବ ତାହା ଯେ ଚରିତାର୍ଥ ହେବ ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି । ମୁଖ୍ୟ ପରୀକ୍ଷା ପାଇଁ ଯୋଗ୍ୟତା ହାସଲ ଦିଗରେ କର୍ତ୍ତୃପକ୍ଷ ବର୍ଗବିଶେଷରେ କଟଅଫ ମାର୍କ ୧, ୨.୫, ୨.୭୫, ୩,୨୩.୫ ଓ ୨୯ ରଖିଛନ୍ତି । ଏଭଳି ଏକ ଅର୍ଥହୀନ ପରୀକ୍ଷା କରିବା ଅପେକ୍ଷା ସମସ୍ତଙ୍କୁ ମୁଖ୍ୟ ପରୀକ୍ଷା ଦେବାକୁ ସୁଯୋଗ ଦେଇଥିଲେ ଅସୁବିଧା ହୋଇନଥା'ନ୍ତା । ଏଠାରେ ଉଲ୍ଲେଖଯୋଗ୍ୟ କି ଦୁଇମାସ ତଳେ ନିୟମ ଉଲ୍ଲଂଘନ କରି ୭୧୧ ହିନ୍ଦୀ ଶିକ୍ଷକଙ୍କୁ ଦିଆଯାଇଥିବା ନିଯୁକ୍ତିକୁ ହାଇକୋର୍ଟ ରଦ୍ଦ କରିଥିଲେ । ଆମେ ଆଶା କରିବା ଅନ୍ତତଃ ଏହି ଯେଉଁ ପ୍ରକ୍ରିୟା ଚାଲିଛି ତାହା ପୁଣି ଥରେ ବାତିଲ ନହେଉ । ତାହାପୂର୍ବରୁ କର୍ତ୍ତୃପକ୍ଷ ବ୍ୟବସ୍ଥାରେ ଅନ୍ତତଃ ସଂଶୋଧନ ଆଣିବା ଉଚିତ ।

ବିହାର, ଉତ୍ତର ପ୍ରଦେଶ ଭଳି ଆମ ରାଜ୍ୟରେ ପ୍ରଶ୍ନପତ୍ର ପ୍ରଘଟ ଏକ ନିୟମିତ ଘଟଣାରେ ପରିଣତ ହୋଇଛି । ଏଦିଗରେ ସରକାର ତେକେଦୂର ସଚେତନ ଅଛନ୍ତି ତାହା ଆମେ ଜାଣୁନା । ତେବେ ଘଟଣାର ପୁନରାବୃତ୍ତି କେବଳ ପରୀକ୍ଷାର୍ଥୀ ନୁହନ୍ତି, ଅଭିଭାବକ ମହଲରେ ସରକାରଙ୍କ ନିଷ୍ଠା ଓ ଆନ୍ତରିକତା ପ୍ରତି ସନ୍ଦେହ ସୃଷ୍ଟି କରିଛି । ଅବଶ୍ୟ ମୁଖ୍ୟମନ୍ତ୍ରୀ ବିଧାନସଭାରେ କହିଛନ୍ତି ଆଉ ପ୍ରଶ୍ନପତ୍ର ପ୍ରଘଟ ହେବନି, ସରକାରୀ ବ୍ୟବସ୍ଥାରେ କୌଣସି ରାଜନୈତିକ ହସ୍ତକ୍ଷେପ ହେବନି । ତାଙ୍କର ଏହି ବକ୍ତବ୍ୟରୁ ପ୍ରମାଣିତ ହେଉଛି ଯେ ପ୍ରଶ୍ନପତ୍ର ପ୍ରସ୍ତୁତିରେ ଏପର୍ଯ୍ୟନ୍ତ ରାଜନୈତିକ ହସ୍ତକ୍ଷେପ ଚାଲିଛି । ଏମିତିରେ ବ୍ୟବସ୍ଥା ସୁଧୁରି ଗଲେ ତ ଭଲ କଥା ।

## କାହା ପାଇଁ ସୁଧହ୍ରାସ

ଖୁଚୁରା ମୁଦ୍ରାସ୍ଫୀତି ହାର ଗତ ଅକ୍ଟୋବର ମାସରେ ୦.୨୫ ପ୍ରତିଶତରେ ପହଞ୍ଚିଛି । ଆମ ଅର୍ଥନୈତିକ ବ୍ୟବସ୍ଥାରେ ବଜାର ପରିସ୍ଥିତିର ଆକଳନ ସାଧାରଣତଃ ଚାହିଦା ଓ ଯୋଗଣ ସ୍ଥିତିରୁ ସ୍ଥିରୀକୃତ ହୋଇଥାଏ । କିନ୍ତୁ ଯୋଗାଣ ତୁଳନାରେ ଚାହିଦା ହ୍ରାସ ପାଇଲେ ଦରଦାମ କମିବା ସ୍ୱାଭାବିକ । ଆମର ଏମିତି କ'ଣ ଉତ୍ପାଦନ ବଢ଼ିଗଲା ଯେ ତାହା ଚାହିଦା ତୁଳନାରେ ବଳକା ହେଉଛି? ଅସଲ କଥା ହେଉଛି ବଜାରରେ ଉପଲବ୍ଧ ସାମଗ୍ରୀ କିଣିବା ପାଇଁ ଆମର କ୍ରୟ ସାମର୍ଥ୍ୟ ଅପେକ୍ଷାକୃତ କମ । ରିଜର୍ଭବ୍ୟାଙ୍କ ମୁଦ୍ରାନୀତି ନିର୍ଦ୍ଧାରକମାନେ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ମୁଦ୍ରା ପ୍ରଚଳନକୁ କ୍ରମାଗତ ଭାବେ ସଂକୋଚନମୁକ୍ତ କରି ଚାଲିଛନ୍ତି । କାରଣ ଭାରତ ଭଳି ବିଶାଳ ବଜାରର କାରବାର ଉପରେ ଦେଶର ଅର୍ଥନୈତିକ ସମୃଦ୍ଧି ନିର୍ଭରଶୀଳ । ଯେହେତୁ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ ପାଇଁ କୌଣସି ବିଦେଶୀ ସଂସ୍ଥା ଆମ ଉପରେ ଭରସା କରିପାରୁନାହାନ୍ତି ତେଣୁ ଦେଶୀ ମହାଜନ ଓ ଖରିଦଦାର ଉପରେ ସରକାର ନିର୍ଭର କରିବାର ବାଧ୍ୟବାଧକତା ଉପୁଜିଛି । ବିଶ୍ୱର ଚତୁର୍ଥ ଅର୍ଥନୀତି ଭାରତର ଜିଡିପି ଅଭିବୃଦ୍ଧି ହାର ୮.୨ ପ୍ରତିଶତ ହୋଇଥିଲେ ମଧ୍ୟ ଆମ ମହାଜନଙ୍କ ଦୌରାତ୍ମ୍ୟରେ ବିଦେଶୀ ବଣିକ ଛାନିଆରେ ମୁହଁ ଫେରାଉଛନ୍ତି । ଏହା ହେଉଛି ଭାରତୀୟ ଅର୍ଥନୀତିର ବାସ୍ତବ ଚିତ୍ର ।

ଗତ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ୪ଟି ଦଫାରେ ୧.୨୫ ବେସିସ୍ ପଏଣ୍ଟ ରିପୋରେଟ ହ୍ରାସ କରିଛନ୍ତି । ଏହାଫଳରେ ଦେଶରେ ମୁଦ୍ରା ପ୍ରଚଳନ ସଂପ୍ରସାରିତ ହୋଇଚାଲିଛି । ହେଲେ ତାହାର ଅନୁକୂଳ ପ୍ରଭାବ କ'ଣ ପଡ଼ିଛି? ମୁଦ୍ରାସ୍ଫୀତି ବା ଦରଦାମ କ୍ରମାଗତ ଭାବେ ହ୍ରାସ ପାଇଛି । ବଜାରରେ ଲୋକଙ୍କ ଯେଉଁ ଅନୁପାତରେ ଚାହିଦା ବୃଦ୍ଧି ପାଇବା କଥା ତାହା ଅନୁଭୂତ ହେଉନି । ଏଭଳି ପରିସ୍ଥିତିରେ ଦେଶର ସାମଗ୍ରିକ ଅଭିବୃଦ୍ଧି ହାର ପୂର୍ବ ଆକଳନକୁ ଅତିକ୍ରମ କରି ୮.୨ ପ୍ରତିଶତ ହେଲା କିପରି? ଏହି ଯୁକ୍ତିର ଯଥାର୍ଥତା ଥିଲେ ମଧ୍ୟ ଦେଶକୁ ଯଦି 'ଇଣ୍ଡିଆ' ଓ 'ଭାରତ' ଦୁଇବର୍ଗରେ ବିଭକ୍ତ କରାଯାଏ ତେବେ 'ଭାରତ'ର ଗତିଶୀଳତା ଏବେ ମଧ୍ୟ ଶିଥିଳ । ଅନ୍ୟପକ୍ଷରେ 'ଇଣ୍ଡିଆ' ଦୌଡୁଛି ଏବଂ ଦେଶର ଅଭିବୃଦ୍ଧି ହାର ବଢ଼ିଚାଲିଛି । ଆମେ ଯେଉଁ ବିକଶିତ ଭାରତରେ ସୁଖ ସ୍ୱପ୍ନ ଦେଖୁଛେ ଓ ଲୋକଙ୍କୁ ଦେଖାଉଛେ ଏହି ପ୍ରଗତି ଧାରା ତାହାର ପରିପନ୍ଥୀ ।

ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଗତ ମୁଦ୍ରାନୀତି ନିର୍ଦ୍ଧାରଣ କମିଟି ବୈଠକ ପରେ ୦.୨୫ ପ୍ରତିଶତ ରିପୋରେଟ ହ୍ରାସ ଘୋଷଣା କଲା ବେଳେ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ଦୁର୍ବଳ ସ୍ଥିତି ସଂପର୍କରେ କୌଣସି ମତାମତ ନଦେବା ବିସ୍ମୟକର । ଅଥଚ ରିଜର୍ଭବ୍ୟାଙ୍କ ଡଲାର କ୍ରୟ କରି ଭାରତୀୟ ମୁଦ୍ରାକୁ ସବଳ କରିବା ସକାଶେ ପାରୁପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିଛନ୍ତି । ରିପୋରେଟ ୪ଟି କିସ୍ତିରେ ହ୍ରାସ ପାଇ ୫.୨୫ ପ୍ରତିଶତରେ ପହଞ୍ଚିଛି । ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଛି ବ୍ୟାଙ୍କ କାରବାର ଉପରେ । ଦେଶର ବାଣିଜ୍ୟକୁ ନେଇ ଉପୁଜିଥିବା ପ୍ରତିକୂଳ ପରିସ୍ଥିତିରେ ରପ୍ତାନିଯୋଗ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଏହି କୋହଳ ସୁଧହାରର ସଠିକ ଉପଯୋଗ ହୋଇପାରିଛି କି? ଏହାର ଉତ୍ତର ହେଉଛି ଭାରତ ପାଇଁ ବ୍ୟାଙ୍କରେ ରହିଛି ନାନା କଟକଣା । କିଏ ଯୁଝିବ, କିଏ ଉପରକୁ ଉଠିବ?

# ଆମ ସମୟର କିଛି କଥା, କିଛି ବ୍ୟଥା

ଆରାଧନା ଦାଶ

ଏବେ ଆମ ଦେଶର ଜନସଂଖ୍ୟା ବୃଦ୍ଧି ସହିତ ଲୋକମାନଙ୍କର ଜୀବନଯାପନ ଶୈଳୀ ମଧ୍ୟ ବଦଳୁଛି । ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ମଣିଷ ଜୀବନକୁ ଅଧିକ ସହଜ ଓ ଆରାମଦାୟକ କରିଛି । ହାତ ପାଆନ୍ତାରେ ମିଳୁଛି ସୁଖ ସ୍ୱାଚ୍ଛନ୍ଦର ସବୁ ସାମଗ୍ରୀ । ମାତ୍ର ଆମ ମାନଙ୍କର ଅସାବଧାନତା ଯୋଗୁଁ ଅନେକ ବର୍ଷର ପରମ୍ପରା ଓ ସଂସ୍କୃତିର ଅବକ୍ଷୟ ହୋଇଚାଲିଛି । ମଣିଷ ପୁରୁଣା ସଂସ୍କୃତିର ଗଳାଚିପି ପାଶ୍ଚାତ୍ ସଂସ୍କୃତିକୁ ବେଶୀ ଆପଣେଇ ନେଇଛି । ଏପରି ଏକ ପରିସ୍ଥିତିର ଗମ୍ଭୀରତା ସଂପର୍କରେ ଜାଣି ମଧ୍ୟ ଆମେ ସମସ୍ତେ ଚୁପ୍ ରହିଛେ ।

ସମୟର ସ୍ରୋତରେ ଆମେ ସମସ୍ତେ ଆଗକୁ ଆଗକୁ ଆଗେଇ ଚାଲିଛୁ । ପ୍ରତ୍ୟେକ ମଣିଷ ଜୀବନ ସଂଗ୍ରାମ ପାଇଁ ସଂଘର୍ଷରତ । କିନ୍ତୁ ଏହାର ଶେଷ କେଉଁଠି? ଆମେ ସମସ୍ତେ ନଦୀ କୂଳରେ ଠିଆ ହୋଇ ପାଣି ପାଣି ହେଉଛୁ । ହେଲେ ଶୋଷ ମେଣ୍ଟୁଛି କେଉଁଠି? ଆମେ ସମସ୍ତ ବୁଦ୍ଧିଜୀବୀ ସଭା ସମିତିରେ ନିଜ ଭାଷା ପାଇଁ ଭାଷଣ ଦେଉଛୁ, ସଂସ୍କୃତିର ସୁରକ୍ଷା ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛୁ । କିନ୍ତୁ ଏଥିରେ କ'ଣ ସଂସ୍କୃତିର ସୁରକ୍ଷା ହୋଇପାରୁଛି? ଆୟତନ ଓ ଜନସଂଖ୍ୟା ଦୃଷ୍ଟିରୁ ପୃଥିବୀର ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ର ଏବେ ମଧ୍ୟ ଅପେକ୍ଷା କରିଛି କେବେ ତା'ଦେଶର ଜନତା ସଚେତନ ହେବେ! କେବେ ତାଙ୍କର ନିଦ ଭାଙ୍ଗିବ! ଆଉ କେବେ ଫେରିବ ନବ ଜାଗରଣ! ହେଲେ କଳ୍ପନାଠାରୁ ବାସ୍ତବିକତା ଯେ ଅନେକ ଦୂର ଆଉ ଏକଥା ବୁଝିବାକୁ ଡେରି ନାହିଁ ।

ଯୁଗର ପରିବର୍ତ୍ତନ ହୋଇଛି ସତ; କିନ୍ତୁ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସୁନାହିଁ । ଆମେ ସମସ୍ତେ ଆଜି ଆତ୍ମକେନ୍ଦ୍ରିକ ହୋଇପଡ଼ିଛୁ । କ୍ଷଣିକ ମୋହର ବଶବର୍ତ୍ତୀ ହୋଇ ଯେକୌଣସି ହୀନ କାମ କରିବାକୁ ପଛାଉନାହୁଁ । ଏବେ ତ ଦେଖାଯାଉଛି ରାଜକୋଷରୁ କେତେ ଧନ ବାଣ୍ଟିଲେ ଭୋଟ ହାତେଇବାକୁ ସୁବିଧା ହେବ ସେ ନେଇ ନେତାମାନେ ବ୍ୟସ୍ତ । କିଛି ଅସୁବିଧା ନ ଥିଲେ ମଧ୍ୟ ଛତର (ରିଲିଫ୍) ଖାଇବା ପାଇଁ ଆମେ ରାଜରାସ୍ତା ଉପରେ ବସିବାକୁ କୁଣ୍ଠାବୋଧ କରୁନାହୁଁ । ଦରିଦ୍ରନାରାୟଣଙ୍କ ସେବା କରିବା ତ ଦୂରର କଥା କେଉଁବାଟେ ସେମାନେ ସେମାନଙ୍କର ପ୍ରାପ୍ୟ ଅଧିକାରରୁ ବଞ୍ଚିତ ହେବେ ସେହି କାର୍ଯ୍ୟ କରିବା ପାଇଁ ଆମେ ସଦାତତ୍ପର । ସବୁଠାରୁ ଦୁଃଖର କଥା ଆମ ଦେଶର ଲୋକମାନେ ଯେତେ ସୁଖରେ ଥିଲେ ମଧ୍ୟ ଦାରିଦ୍ର୍ୟ ସୀମାରେଖା ତଳେ ନାମ ରଖିବାକୁ ବିଭିନ୍ନପ୍ରକାର କୌଶଳ ଅବଲମ୍ବନ କରି ସୁଯୋଗ ହାତେଇବାକୁ ଆଗ୍ରହୀ । ଫଳରେ ଏମାନଙ୍କ ସଂଖ୍ୟା ବଢ଼ି ବଢ଼ିଚାଲିଛି ।

ପ୍ରତିଦିନ ଖବରକାଗଜର ପୃଷ୍ଠାମଣ୍ଡନ କରେ କିଛି କାପୁରୁଷତାର, ଆଉ କିଛି ବର୍ବରତାର କାହାଣୀ ତ କେତେବେଳେ ଅବକ୍ଷୟ ଓ ଅଧୋଗତିର ବାର୍ତ୍ତା । ଦିନକୁ ଦିନ ବଢ଼ି ଚାଲିଛି ଆତଙ୍କବାଦ ଆଉ ପୁଞ୍ଜିବାଦର ଆଧିପତ୍ୟ । ଧର୍ମ, ପ୍ରେମ ଓ ସାମ୍ପ୍ରଦାୟିକତା ନାମରେ ପ୍ରତିଦିନ ଘଟୁଛି ରକ୍ତାକ୍ତ ଘଟଣା । ଚାରିତ୍ରିକ ଦୁର୍ବଳତା ଓ ଆତ୍ମିକ ଇଚ୍ଛାଶକ୍ତିର ଅଭାବ ଆମକୁ ଭ୍ରଷ୍ଟାଚାର ଆଡ଼କୁ ଟାଣି ନେଉଛି । ଆମେ ଭୁଲିଛୁ ଆମର ନୈତିକ କର୍ତ୍ତବ୍ୟ ଆଉ ଆମର ସମାଜ ତଥା ଦେଶ ପ୍ରତି ଦାୟିତ୍ୱ । ତ୍ୟାଗ ଓ ମଣିଷପଣିଆ ସତେଯେମିତି ଆମଠାରୁ ବହୁଦୂରକୁ ଚାଲି ଯାଇଛି । ଏସବୁ ପାଇଁ ଆମେ ସମସ୍ତେ ନିଜ ନିଜକୁ ଦାୟୀ କରିବା ଉଚିତ୍ ।

ଉପଯୁକ୍ତ ସମାଜଟିଏ ଗଠନ କରିବା ପୂର୍ବରୁ ଉତ୍କୃଷ୍ଟ ଭାଷା, ଉଚ୍ଚ ଚିନ୍ତାଧାରା, ନିଃସ୍ୱାର୍ଥପରତା ଓ ସୁସ୍ଥ ମାନସିକତା ରହିବା ନିତାନ୍ତ ଆବଶ୍ୟକ । କିନ୍ତୁ ଆଜି ତାହା ସମ୍ଭବ ହୋଇ ପାରୁନାହିଁ । କାରଣ ମଣିଷ ଆଜି ତା' ନିଜ ଭାଷାକୁ ଆପଣେଇ ପାରୁନାହିଁ କି ନିଜ ମାତୃଭୂମିକୁ ଶ୍ରଦ୍ଧା ମଧ୍ୟ କରି ପାରୁନାହିଁ । ଏପରିସ୍ଥଳେ ଗୋଟିଏ ସୁସ୍ଥ ସମାଜର ପରିକଳ୍ପନା କ'ଣ ସମ୍ଭବ? ଗୋଟିଏ ଭଲ ସମାଜ ଗଠନ ପାଇଁ କିଛି ଭଲ ନାଗରିକଙ୍କର ଆବଶ୍ୟକତା ରହିଛି । ଏବେ ଦେଖା ଦେଉଛି ପ୍ରତ୍ୟେକ ପରିବାରରେ ସ୍ନେହ ପ୍ରେମର ଅଭାବ । ଆମେ ସମସ୍ତେ ବସ୍ତୁବାଦୀ ହୋଇପଡୁଛୁ ଏବଂ କିଛି ବସ୍ତୁକୁ ଆଖି ଆଗରେ ରଖି ଆମେ ସମସ୍ତେ ସେହି ଲକ୍ଷ୍ୟରେ ଧାଉଁଛୁ । ତେଣୁ ଆଦର୍ଶ ଓ ସତ୍‌ପଥର ପ୍ରତିକୂଳରେ ଆମେ ପ୍ରବାହିତ ହୋଇ ଚାଲିଛୁ ।

ଯୌଥ ପରିବାର ଅଭାବ ଗୋଟିଏ ଶିଶୁର ଅନ୍ୟକୁ ଭଲ ପାଇବା ଏବଂ ସମାଜ ପାଇଁ କିଛି କରିବାର ମନୋବୃତ୍ତି କ୍ରମଶଃ କମି ଯାଉଛି । ପିଲାଦିନରୁ ଆଜିର ଶିଶୁ ଏକ ଯନ୍ତ୍ର ପରି ବଢ଼ୁଛି । ତା'ର ନୈତିକ କର୍ତ୍ତବ୍ୟ କ'ଣ ସେ ଜାଣିପାରୁ ନାହିଁ । ତା'ର ପରିବାର, ପଡ଼ୋଶୀ, ଗାଁ, ସର୍ବୋପରି ସମାଜ ପ୍ରତି ଯେ ତା'ର କିଛି କର୍ତ୍ତବ୍ୟ ରହିଛି ସେ ତାହା ଜାଣିପାରୁନି । ଯେଉଁ ପିଲା ନିଜର ବାପା ମାଆ ତଥା ପଡ଼ୋଶୀଙ୍କର ଦୁଃଖରେ ସାମିଲ୍ ହୋଇନାହିଁ ସେ ସମାଜ ପ୍ରତିଥିବା ତା'ର କର୍ତ୍ତବ୍ୟକୁ କିପରି ବା ବୁଝି ପାରିବ? ପିଲାବେଳୁ ସେମାନଙ୍କ ମୁଣ୍ଡରେ ପାଠପଢ଼ା ଓ ପରୀକ୍ଷା ଚିନ୍ତା ଛଡ଼ା ଅନ୍ୟ କୌଣସି ଭାବନା ପଶିବାକୁ ଦିଆଯାଉନାହିଁ । ସେମାନଙ୍କ ପାଇଁ ଜୀବନଟା କେତେଗୁଡ଼ିଏ ପରୀକ୍ଷାର ସମାହାର ପାଲଟି ଯାଇଛି । ତାଙ୍କର ଶୈଶବ ଆଜି ଅପହୃତ । ଶୈଶବର ଚପଳତା, ଶିଶୁର ଦରୋଟି ହସଠାରୁ ସେମାନେ ବହୁଦୂରରେ । ସେ ଦେଖୁଛି ତା' ଚାରି ପାଖର ସମସ୍ତ ବ୍ୟକ୍ତି ବସ୍ତୁବାଦୀ ହୋଇ ମାୟା ମରୀଚିକା ପଛରେ ଧାଇଁଛନ୍ତି । ସେ ଅବା ସେଥିରୁ ବାଦ୍ ପଡ଼ନ୍ତା କିପରି? ନିଜର ସଂସ୍କାର ଓ ସଂସ୍କୃତି ବିଷୟରେ ଭାବିବାକୁ ତା'ର ବେଳ ବା କାହିଁ?

ଏପରି ଅବସ୍ଥାରେ ଭାରତୀୟ ପରମ୍ପରା ଓ ଉତ୍କଳୀୟ ସଂସ୍କୃତି ଆଜି ଧୀରେ ଧୀରେ ତା'ର ସତ୍ତା ହରାଉଛି । ସମସ୍ତେ ପାଶ୍ଚାତ୍ ସଭ୍ୟତାକୁ ଆପଣେଇବାରେ ବ୍ୟସ୍ତ । ଯେଉଁ ଦେଶ ତା'ର ମହାନ ସଂସ୍କୃତି ପାଇଁ ବିଶ୍ୱ ଦରବାରରେ ପରିଚିତ ଥିଲା, ତା'ର ସାଂସ୍କୃତିକ ଅବକ୍ଷୟରେ ମଧ୍ୟ ତା'ର ଅତୀତ ଗୌରବକୁ ନିଶ୍ଚୟ ହରାଇ ବସିବ । ଆଜି ଦେଶରେ କୋଣ ଅନୁକୋଣରେ ସହରୀ ସଭ୍ୟତା ମୁଣ୍ଡଟେକିଛି । ଏହି ସଭ୍ୟତାର ରସାସ୍ୱାଦନରେ ଆମେ ସମସ୍ତ ବିଭୋର । ସମସ୍ତେ ଗାଁ କୁ ଛାଡ଼ି ଆଜି ସହରାଭିମୁଖୀ । ସହରର ଚାକଚକ୍ୟ, କୋଠାବାଡ଼ି, ଗାଡ଼ିମଟର ସବୁ ଆମର ଅତିପ୍ରିୟ ହୋଇପଡ଼ିଛି । ଗାଁ ତୋଟାମାଳ ନଦୀକୂଳ ସବୁ ଆଜି ଖାଁ ଖାଁ । ଗାଁମାନଙ୍କର ଥିବା ଭାଗବତ ଟୁଙ୍ଗି ଆଜି ଶ୍ରୀହୀନ । ଗାଁକୁ ରଜ ଆସିଲେ ଜଣାପଡୁନି । ପାନଭଙ୍ଗା, ପିଠାପଣା, ବାଗୁଡ଼ିଖେଳ ଓ ଦୋଳିଖେଳ ସବୁ ଆଜି ସ୍ୱପ୍ନ ପାଲଟିଛି । ହୋଲି, ଦୀପାବଳି ଭଳି ବିଭିନ୍ନ ପର୍ବପର୍ବାଣିରେ କୋଳାହଳରେ ଫାଟି ପଡୁଥିବା ଗାଁ ଦାଣ୍ଡ ଆଜି ଶୂନଶାନ୍ । ଘର ଅଗଣାରେ ଚଉଁରା ଅଛି, ହେଲେ ମୁରୁଜ ଆଉ ଝୋଟି, କାର୍ତ୍ତିକ ମାସରେ ନାମ ସଂକୀର୍ତ୍ତନରେ ଫାଟି ପଡୁଥିବା ଗାଁ ଦାଣ୍ଡ ଆଜି ନିରବ ହୋଇପଡ଼ିଛି । ସବୁକିଛି ତା'ର ପୂର୍ବ ମହିମା ହରେଇ ବସିଛି । ପିଲାର ଜନ୍ମଦିନରେ ଆଉ କେହି ମେଳା ପୂଜାଟିଏ କରୁନାହିଁ, ବରଂ ପାଶ୍ଚାତ୍ୟଦେଶର କେକ୍ କଟା ଆଉ ମହମବତୀ ଜଳା ଏବେ ଘରେ ଘରେ ପ୍ରଚଳିତ । ପୂଜାପାର୍ବଣରେ ଅଶ୍ଳୀଳ ନାଚ ଆଉ ଗୀତରେ ଫାଟି ପଡୁଛି ପରିବେଶ, ତାହା ପୁଣି ଗୁରୁଜନମାନଙ୍କ ଆଗରେ । ଏସବୁ ଦେଖି ଆମେ ମଧ୍ୟ କେବେ ପ୍ରତିବାଦ କରିନୁ । ଏ ସବୁ ଆମ ସଂସ୍କୃତିର ଅବକ୍ଷୟର ଗୋଟିଏ ଗୋଟିଏ ନିଛକ ନମୁନା । ଆମ ସଂସ୍କୃତିକୁ ଭଲ ପାଇବାର ଅଭାବ ହିଁ ଆଜି ଆମ ବିପନ୍ନତାର କାରଣ ।

ବସ୍ତୁବାଦୀ ଦୁନିଆ ପଛରେ ଦୌଡ଼ି ଦୌଡ଼ି ଆମେ ଯେତେ ହିନସ୍ତା ହେଲୁଣି ତାହା ଆମେ ସମସ୍ତେ ଜାଣିଛୁ । ଆମର ସୁଦୃଢ଼ ପାରିବାରିକ ଭିତ୍ତିଭୂମି, ସୁସ୍ଥ ସମାଜ ବ୍ୟବସ୍ଥା ଆଜି ଧ୍ୱଂସାଭିମୁଖୀ । ବୁଦ୍ଧିଜୀବୀମାନେ ନିର୍ବିକାର । ସରକାର ନିର୍ଲିପ୍ତ, ଦେଶବାସୀ ସୁପ୍ତ । ଆମେ ସମସ୍ତେ ମାୟା ସଂସାରରେ ପାର୍ଥିବ ବସ୍ତୁ ପ୍ରତି ଅଧିକ ମୋହଗ୍ରସ୍ତ । ଲୋଭର ବଶୀଭୂତ ହୋଇ ଆମେ ନିଜର ବୁଦ୍ଧି ବିବେକକୁ ଜଳାଞ୍ଜଳି ଦେଉଛୁ । ନିଜକୁ ନିଜେ ଶୁଣିବା ପାଇଁ ଭଲ କାନଟିଏ ଏବଂ ନିଜେ ନିଜକୁ ଦେଖିବା ପାଇଁ ଯେଉଁ ଆଖିଟିଏ ଆବଶ୍ୟକ ହୁଏ, ତାହାକୁ ଆମେ ଗୁରୁତ୍ୱ ଦେଉନାହୁଁ । ଶ୍ରୀଅରବିନ୍ଦଙ୍କ ଭାଷାରେ ଏ ଦୁନିଆରେ ଏମିତି କେହି ବ୍ୟକ୍ତି ନାହାନ୍ତି, ଯାହାର ଜୀବନ ତ୍ରୁଟିରହିତ । କିନ୍ତୁ ଏହି ତ୍ରୁଟି ଆଦୌ ଅସାମର୍ଥ୍ୟର ଚିହ୍ନ ନୁହେଁ । ଏହି ତ୍ରୁଟିକୁ ସୁଧାରିବା ପାଇଁ ଚେଷ୍ଟା ନକରିବା ହିଁ ବିଡ଼ମ୍ବନା । ଥରେ ପରିବର୍ତ୍ତନ ରୂପୀ ଫୁଲର ବାସ୍ନାରେ ବିମୋହିତ ହେଲେ ଆଉ ନର୍ଦ୍ଦମାର ଦୁର୍ଗନ୍ଧ ଆଡ଼କୁ ମନ ଯିବ ନାହିଁ ।

ଆମର ଅତୀତ ଆମ ଆୟତ୍ତରେ ନାହିଁ । ଭବିଷ୍ୟତ ମଧ୍ୟ ଅନିଶ୍ଚିତତା ମଧ୍ୟରେ । କେବଳ ବର୍ତ୍ତମାନ ହିଁ ସତ୍ୟ ଓ ଆମ ଆୟତ୍ତାଧୀନ । ତେଣୁ ବର୍ତ୍ତମାନ ପ୍ରତି ସଚେତନତା ହିଁ ବୁଦ୍ଧିମାନର କାର୍ଯ୍ୟ । ଏଥିନିମନ୍ତେ ଆମେ ଅଧିକରୁ ଅଧିକ ସଚେତନ ହେବା ପାଇଁ ପ୍ରୟାସ କରିବାକୁ ପଡ଼ିବ । ପ୍ରତି ମୁହୂର୍ତ୍ତରେ ଠିକ୍ ଓ ଭୁଲ୍‌ର ତର୍ଜମା କରି ଠିକ୍ ମାର୍ଗରେ ଯିବାକୁ ହେବ । ସତ୍ୟର ସନ୍ଧାନ କରିବାକୁ ହେବ । ନଚେତ ନେଡ଼ିଗୁଡ଼ କହୁଣୀକୁ ବୋହି ସାରିଥିବ ।

(ପ୍ରଧାନ ଶିକ୍ଷୟିତ୍ରୀ)
କେନ୍ଦ୍ରାପଡ଼ା, ମୋ: ୯୯୩୭୩୦୬୭୭୯

# ଘାତକ ହେଉଛି ବାୟୁ

ବୈଷ୍ଣବ ମେହେର

ଉତ୍ତର ଭାରତରେ ଭୟଙ୍କର ବାୟୁ ପ୍ରଦୂଷଣକୁ ନେଇ ଲୋକସଭା ଓ ରାଜ୍ୟସଭାର ଚଳିତ ଅଧିବେଶନରେ ବିରୋଧୀ ଦଳଙ୍କ ଦ୍ୱାରା ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଦିଲ୍ଲୀ ଏନସିଆର ଓ ଉତ୍ତର ଭାରତର ଅନେକ ସହରରେ ଏକ୍ୟୁଆଇ ୪୦୦ ଅତିକ୍ରମ କରି ଗମ୍ଭୀର ସ୍ତରରେ ରହିଥିବା ଦର୍ଶାଇ ବିରୋଧୀ ଦଳ ଜାତୀୟ ସ୍ୱାସ୍ଥ୍ୟ ଜରୁରୀ ସ୍ଥିତି ଘୋଷଣା କରିବାକୁ ଦାବି କରିଛନ୍ତି । କେବଳ ରାଜନୈତିକ ସ୍ତରରେ ନୁହେଁ, ବାୟୁ ପ୍ରଦୂଷଣକୁ ନେଇ ନିକଟରେ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଉଦବେଗ ପ୍ରକାଶ କରି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ୟାର ସମାଧାନ ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ବାୟୁ ଗୁଣବତ୍ତା ପରିପାଳନ ଆୟୋଗ (ସିଏକ୍ୟୁଏମ) କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି । ତଥ୍ୟ ଅନୁସାରେ ୨୦୨୧ ନଭେମ୍ବରରେ ରାଜଧାନୀ ଦିଲ୍ଲୀର ହାରାହାରି ଏକ୍ୟୁଆଇ ମାତ୍ର ୨୮ ଥିବା ବେଳେ ୨୦୨୨ରେ ୨୨୭, ୨୦୨୩ରେ ୨୧୮ ଓ ୨୦୨୪ରେ ୩୦୩କୁ ବୃଦ୍ଧି ପାଇଥିଲା । ବିଶେଷଜ୍ଞଙ୍କ ମତରେ ସାଧାରଣ ବାୟୁର ମାନ ସୂଚକାଙ୍କ (ଏକ୍ୟୁଆଇ) ୫୦ କିମ୍ବା ତା'ଠାରୁ ତଳକୁ ରହିଲେ ଏହା ଉତ୍ତମ ବାୟୁ ବୋଲି ଧରାଯାଏ । ଅପରପକ୍ଷେ ସୂଚକାଙ୍କ ୫୦ ରୁ ୧୦୦ ମଧ୍ୟରେ ରହିଲେ ସନ୍ତୋଷଜନକ, ୧୦୧ ରୁ ୨୦୦ ମଧ୍ୟରେ ମଧ୍ୟମ, ୨୦୧ ରୁ ୩୦୦ ଭିତରେ ସାଂଘାତିକ ଓ ୩୦୧ ରୁ ୪୦୦ ମଧ୍ୟରେ ରହିଲେ ଅତିସାଂଘାତିକ ବୋଲି କୁହାଯାଏ ।

୨୦୧୮ ରୁ ୨୦୨୪ ପର୍ଯ୍ୟନ୍ତ କ୍ରମାଗତ ସାତବର୍ଷ ଧରି ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ରାଜଧାନୀ ତାଲିକାର ଶୀର୍ଷରେ ରହିଛି ବୋଲି ସ୍ୱିସ୍ କମ୍ପାନିର ଆଇକ୍ୟୁଏୟାର କହିଛି । ଦୁଇବର୍ଷ ତଳେ ଦିଲ୍ଲୀ ଓ ମୁମ୍ବାଇର ୪୦୦ ଲୋକଙ୍କ ଉପରେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସଂସ୍ଥା ପ୍ରିଷ୍ଟିନ କେୟାର ଦ୍ୱାରା କରାଯାଇଥିବା ସର୍ବେକ୍ଷଣରେ ପ୍ରତି ୧୦ ଜଣରେ ୯ ଜଣ ପ୍ରଦୂଷିତ ବାୟୁ ଦ୍ୱାରା ପ୍ରଭାବିତ ବୋଲି ଜଣାପଡ଼ିଛି । ପୀଡ଼ିତ ବ୍ୟକ୍ତିମାନେ କାଶ, ଶ୍ୱାସକ୍ରିୟା ସମସ୍ୟା, ମୁଣ୍ଡ ବୁଲାଇବା, ଗଳା ଯନ୍ତ୍ରଣା, ଆଖିଖରାପ ଭଳି ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଛନ୍ତି । ବାୟୁ ପ୍ରଦୂଷଣ ଅନେକ ସାଂଘାତିକ ରୋଗର ବାହକ ହେଉଛି । ଏଥିଯୋଗୁଁ କର୍କଟ, ହୃଦରୋଗ ଓ ଶ୍ୱାସପ୍ରଶ୍ୱାସ ଜନିତ ରୋଗ ସହ ଛୋଟ ପିଲାଙ୍କ ମସ୍ତିଷ୍କର ବିକାଶରେ ବାଧକ ହେବା ନିଶ୍ଚିତ ଉଦବେଗର ବିଷୟ । ବାୟୁ ପ୍ରଦୂଷଣ ଦ୍ୱାରା ମଣିଷର ପ୍ରଜନନ ଶକ୍ତି ପ୍ରଭାବିତ ହେଉଥିବା ମଧ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି । ସମ୍ବେଦନଶୀଳ ବିଷୟ ଯେ, ପ୍ରଦୂଷିତ ବାୟୁ ଯୋଗୁଁ କୋଭିଡ୍ ଟିକାର ପ୍ରଭାବ ହ୍ରାସ ପାଉଥିବା ଭଳି ଚିନ୍ତାଜନକ ତଥ୍ୟ ମଧ୍ୟ ସାମନାକୁ ଆସିଛି । 'ଜର୍ଣ୍ଣାଲ୍ ଅଫ୍ ହେଲଥ୍ ପରସପେକ୍ଟିଭ'ରେ ପ୍ରକାଶିତ ଏକ ଗବେଷଣାତ୍ମକ ତଥ୍ୟ ଅନୁଯାୟୀ କୋଭିଡ୍ ଟିକାରେ ଆଣ୍ଟିବଡି ପ୍ରସ୍ତୁତ କରୁଥିବା ପ୍ରକ୍ରିୟାକୁ ବାୟୁ ପ୍ରଦୂଷଣ ପ୍ରଭାବିତ କରୁଥିବା ସ୍ପଷ୍ଟ ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ପ୍ରଦୂଷିତ ବାୟୁ କାରଣରୁ ବିଶ୍ୱରେ ବର୍ଷକୁ ପାଖାପାଖି ୫୦ ଲକ୍ଷରୁ ଅଧିକ ଏବଂ ଭାରତରେ ପ୍ରାୟ ପାଞ୍ଚଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଛି ।

ଓଡ଼ିଶାରେ ମଧ୍ୟ ବାୟୁ ପ୍ରଦୂଷଣର ମାତ୍ରା କିଛି କମ ନୁହେଁ । ବାୟୁମଣ୍ଡଳକୁ ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ ରଖିବାକୁ ପଦକ୍ଷେପ ନେବା ପାଇଁ ଗତ ଜୁନ ମାସରେ ଓଡ଼ିଶାରେ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏସସିଏପି) ଆରମ୍ଭ କରାଯାଇଛି । ସେହିଭଳି ଜାତୀୟ ସ୍ତରରେ ବାୟୁମଣ୍ଡଳର ସ୍ୱଚ୍ଛତା ନିମନ୍ତେ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନସିଏପି) କାର୍ଯ୍ୟ କରୁଥିବା ବେଳେ ଏହା ଅଧୀନରେ ଆମ ରାଜ୍ୟର ରାଉରକେଲା, ଅନୁଗୁଳ, ତାଳଚେର, ବାଲେଶ୍ୱର, ରାଇରଙ୍ଗପୁର, କଟକ ଓ ଭୁବନେଶ୍ୱର ଭଳି ଶିଳ୍ପାଞ୍ଚଳ ଅନ୍ତର୍ଭୁକ୍ତ ରହିଛି । ଅନ୍ୟପକ୍ଷରେ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ ଅପେକ୍ଷାକୃତ ଅଧିକ ପଦୂଷିତ ବଡ଼ବିଲ, ବ୍ରହ୍ମପୁର, ବେଲପାହାଡ଼, ବଣାଇ, ବ୍ରଜରାଜନଗର, ଝାରସୁଗୁଡ଼ା, ଯୋଡ଼ା, କେନ୍ଦୁଝର, ପାରାଦୀପ, ପୁରୀ, ରାଜଗାଙ୍ଗପୁର, ସମ୍ବଲପୁର ଆଦି ସହରକୁ ପ୍ରାଧାନ୍ୟ ଦିଆଯାଇଛି ।

ଦେଶର ଛୋଟ ପିଲାଙ୍କଠାରୁ ବୟସ୍କ ଯାଏଁ ପ୍ରଦୂଷିତ ବାୟୁଣ୍ଡଳର ଅଦୃଶ୍ୟ ବିଷ ପ୍ରଭାବରେ ଯେ କେବଳ ଆକ୍ରାନ୍ତ ହେଉଛନ୍ତି ତା'ହା ନୁହେଁ, ବରଂ ଏହା ଯୋଗୁଁ ଦେଶର ଅର୍ଥନୀତି ଉପରେ ମଧ୍ୟ ଭୟାବହ ପ୍ରଭାବ ପଡ଼ିଆସୁଛି । ପ୍ରଦୂଷିତ ବାୟୁର ପ୍ରଭାବରେ ଆକ୍ରାନ୍ତ ହୋଇ ଫୁସଫୁସ କର୍କଟ, ପିଲାଙ୍କ ଶ୍ୱାସ ସମସ୍ୟା, ବୟସ୍କଙ୍କ ହୃଦରୋଗ ଭଳି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟାରେ ପ୍ରପୀଡ଼ିତ ଦେଶର ଲକ୍ଷଲକ୍ଷ ପରିବାରର ଚିକିତ୍ସା ଜନିତ ଆର୍ଥିକ କ୍ଷତି ଯୋଗୁଁ ଗତ ୨୦୨୨ରେ ଆମ ଦେଶର ଜିଡିପିର ୯.୫ ପ୍ରତିଶତ ଖର୍ଚ୍ଚ ହୋଇଥିବା ଜଣାପଡ଼େ ।

ମଣିଷ ଚାହିଁଲେ ବାୟୁ ପ୍ରଦୂଷଣକୁ ଅନେକାଂଶରେ ନିୟନ୍ତ୍ରଣ କରିପାରିବ । ଅତୀତରେ ଆମ ଦେଶରେ ଚୁଲି କାଠ ଜାଳି ପାରମ୍ପରିକ ପଦ୍ଧତିରେ ରୋଷେଇ କରାଯାଉଥିଲା । ଫଳରେ ଲକ୍ଷଲକ୍ଷ ପରିବାରରୁ ପ୍ରତ୍ୟହ ଧୂଆଁ ବାହାରି ବାୟୁଣ୍ଡଳକୁ ପ୍ରଦୂଷିତ କରୁଥିଲା । ଏବେ ଏହି ରୋଷେଇ ପଦ୍ଧତିରେ ବ୍ୟାପକ ପରିବର୍ତ୍ତନ ଘଟି ଧୂଆଁମୁକ୍ତ ରୋଷେଇ ପ୍ରକ୍ରିୟାକୁ ଆପଣା ଯାଇସାରିଛି । ଜୀବାଶ୍ମ ଇନ୍ଧନ ଧୀରେଧୀରେ ବନ୍ଦ କରି ସୌର, ପବନ, ଜଳବିଦ୍ୟୁତ ଆଦି ସ୍ୱଚ୍ଛ ଶକ୍ତିକୁ ଏବେ ବହୁଳ ବ୍ୟବହାର କରିବାର ସମୟ ଆସିଛି । ଏଭଳି ଉପଯୋଗୀ ବିକଳ୍ପ ପଦ୍ଧତି ପାରମ୍ପରିକ ଶବଦାହ, ଯାନବାହନ ଚଳାଚଳ, ଶିଳ୍ପାୟନ ଆଦି କ୍ଷେତ୍ରରେ ଆପଣାଯାଇ ବ୍ୟାପକ ଚାରାରୋପଣ ଓ ଜଙ୍ଗଲ ସଂରକ୍ଷଣ ସହ କଳକାରଖାନାଗୁଡ଼ିକରେ କଠୋର ପ୍ରଦୂଷଣ ନିୟନ୍ତ୍ରଣ ନିୟମ ଲାଗୁ, ଫିଟନେସ ଯୁକ୍ତ ଯାନବାହନ ଚଳାଚଳ, ବ୍ୟକ୍ତିଗତ ଗାଡ଼ି ବଦଳରେ ସାର୍ବଜନୀନ ଗାଡ଼ି ସେବାର ବ୍ୟବହାରକୁ ପ୍ରାଧାନ୍ୟ, ବିଦ୍ୟୁତଶକ୍ତିର ଅପବ୍ୟବହାର ଓ ପ୍ଲାଷ୍ଟିକ ବ୍ୟବହାରରେ କଟକଣା, ଆବର୍ଜନା ଜଳାଇବା ବନ୍ଦ କରିବା ଆଦି ବିହିତ ପଦକ୍ଷେପ ବାୟୁରେ ସ୍ୱଚ୍ଛତା ଆଣିବାରେ ସହାୟକ ହୋଇପାରିବ ।

ସୁନ୍ଦର ଜୀବନ ପାଇଁ ସ୍ୱଚ୍ଛ ଜଳ ଭଳି ନିର୍ମଳ ବାୟୁ ମଧ୍ୟ ଅତ୍ୟନ୍ତ ଜରୁରୀ । ଆମେ ନିଜେ ଯଦି ବାୟୁକୁ ସ୍ୱଚ୍ଛ, ପ୍ରଦୂଷଣ ମୁକ୍ତ ନରଖିବା ତେବେ ଆଗାମୀ ଦିନରେ ସ୍ୱଚ୍ଛ ବାୟୁ ପାଇବା ଦୁଃସ୍ୱପ୍ନ ହୋଇଯିବ ।

ସିନାପାଲି(ନୂଆପଡ଼ା),
ମୋ: ୯୭୭୭୭୫୩୯୩୫

# ମାନସିକ ଚାପ ନିବାରକ ତୁଳସୀ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଆମ ସଂସ୍କୃତିରେ ତୁଳସୀ କେବଳ ପବିତ୍ରତମ ବୃକ୍ଷ ନୁହେଁ, ଆମ ଆୟୁର୍ବେଦରେ ମଧ୍ୟ ରହିଛି ଏହାର ଔଷଧୀୟ ଗୁଣ ସମ୍ପର୍କରେ ବହୁଳ ସୂଚନା । ଏହି ସୁଦୀର୍ଘ ତାଲିକାରେ ଏବେ ନୂଆ ହୋଇ ଯୋଗ ଦେଇଛି ତାହାର ମାନସିକ ଚାପ ହ୍ରାସକାରୀ ସାମର୍ଥ୍ୟ । ନିକଟରେ 'ଦ ନ୍ୟାସନାଲ୍ ଲାଇବ୍ରେରୀ ଅଫ୍ ମେଡିସିନ୍'(ଅଗଷ୍ଟ ୨୦୨୫ ସଂଖ୍ୟା)ରେ ପ୍ରଦତ୍ତ ଏକ ସୂଚନା ଅନୁସାରେ ଏହା ଶରୀରରୁ 'ଚାପ ହର୍ମୋନ୍' ବୋଲି କୁହାଯାଉଥିବା 'କୋର୍ଟିସଲ୍'ର ସ୍ତର ନିମ୍ନଗାମୀ କରି ମାନସିକ ଚାପ ଏବଂ ଅସନ୍ତୁଳନକୁ ଦୂର କରେ ।

ଆମ ମନରେ ନାନାଦି କାରଣରୁ ଚାପ ବୃଦ୍ଧି ଘଟେ । ଏହାର ପ୍ରାକୃତିକ ପ୍ରତିକ୍ରିୟା ରୂପେ ଶରୀରରେ ଏହାର କ୍ଷରଣ ଅଧିକ ହୁଏ । ଏହା ସାଧାରଣ ମାତ୍ରାରେ ଘଟିଲେ କିମ୍ବା ଅଳ୍ପ ସମୟ ପାଇଁ ଅଧିକ ହେଲେ ତାହାର ପ୍ରଭାବ ଦୃଶ୍ୟମାନ ହୁଏ ନାହିଁ । କିନ୍ତୁ ଦୀର୍ଘ ସମୟ ଧରି ତାହା ହେଲେ ଦେହ ଓ ମନ ଉପରେ ନାନାଦି କୁପ୍ରଭାବ ପଡ଼େ । ଫଳରେ ଦୁଶ୍ଚିନ୍ତା ଓ ରକ୍ତଚାପ ବୃଦ୍ଧି, ରୋଗ ପ୍ରତିରୋଧ ଶକ୍ତି ହ୍ରାସ, ହୃତ୍‌ସ୍ପନ୍ଦନ ହାର ବୃଦ୍ଧି, ରକ୍ତ ଶର୍କରାର ସ୍ତର ଉର୍ଦ୍ଧ୍ୱଗାମୀ ହେବା ଆକାରରେ ତାହା ପ୍ରକଟିତ ହୋଇଥାଏ । ତୁଳସୀ ଏସବୁ ଦୂର କିମ୍ବା ହ୍ରାସ କରେ । ଏହାର ପତ୍ରରେ ରହିଛି ନାନାଦି ସ୍ୱାସ୍ଥ୍ୟ ପ୍ରଦାନକାରୀ ଉପାଦାନ । ସେଗୁଡ଼ିକ ହେଲା ବିବିଧ ପ୍ରକାର ପଲିଫିନଲ୍, ଫ୍ଲାଭାନଏଡ, ଭିଟାମିନ୍, ଧାତବ ଲବଣ, ଆଲ୍କା ଲଏଡ, ଟ୍ୟାନିନ୍, ଗ୍ଲାଇକୋସାଇଡ ଓ ଫ୍ୟାଟି ଏସିଡ୍ । ଏହି ଫ୍ୟାଟି ଏସିଡମାନଙ୍କ ଅନ୍ତର୍ଭୁକ୍ତ ହେଲା ୟୁରୋସୋଲିକ୍ ଏସିଡ୍ ଓ ୟୁଜେନଲ । ଏ ଦୁଇଟି ରସାୟନ ଶରୀର ମଧ୍ୟରେ 'କୋର୍ଟିସଲ୍' ର ସ୍ତର ହ୍ରସ କରନ୍ତି ।

କୋର୍ଟିସଲ୍ ଉପରେ ତୁଳସୀର ଏଭଳି ପ୍ରଭାବ ୨୦୨୪ ମସିହାରେ ଆବିଷ୍କୃତ ହୋଇଥିଲା ଜାତୀୟ ଆୟୁର୍ବେଦିକ ସଂସ୍ଥାନର ଗବେଷକମାନଙ୍କ ଦ୍ୱାରା । ସେମାନଙ୍କ ପରୀକ୍ଷାରେ ୧୮ ରୁ ୨୫ ବର୍ଷ ବୟସ୍କ ୧୦୦ ଜଣ ପ୍ରାପ୍ତ ବୟସ୍କଙ୍କୁ ଦୁଇଭାଗରେ ବିଭକ୍ତ କରି ଗୋଟିକୁ ପ୍ଲାସେବୋ (ମିଛ ଔଷଧ, ଅର୍ଥାତ୍ ଔଷଧ ଭଳି ମନେ ହେଉଥିବା, କିନ୍ତୁ ତାହାର ଔଷଧୀୟ ଗୁଣ ନଥିବା ପଦାର୍ଥ) ଏବଂ ଅନ୍ୟଟିକୁ ୧୨୫ ମିଲିଗ୍ରାମ ତୁଳସୀପତ୍ର ରସ ଦିନକୁ ଦୁଇଥର କରି ୮ ଦିନ ପର୍ଯ୍ୟନ୍ତ ଦିଆଯାଉଥଲା । ସେହି ଅବସରରେ ସେମାନଙ୍କ କେଶ ଓ ଲାଳରେ କୋର୍ଟିସଲର ସ୍ତର ମାପିବା ସହିତ ତାଙ୍କ ରକ୍ତ ଚାପ, ନିଦ୍ରାର ଗଭୀରତା, ହୃତସ୍ପନ୍ଦନ ହାର ଇତ୍ୟାଦି ମପା ଯାଉଥିଲା । ଏହାର ଲକ୍ଷ୍ୟ ଥିଲା ମାନସିକ ଚାପ ପ୍ରତି ଶରୀରର ପ୍ରତିକ୍ରିୟାକୁ ଏହି ଔଷଧୀୟ ଗୁଳ୍ମଟି କେତେ ଦୂର କରିପାରିବ ତାହା ଆକଳନ କରିବାକୁ । ଉକ୍ତ ପରୀକ୍ଷାରେ ଅଂଶ ଗ୍ରହଣକାରୀ ସ୍ୱେଚ୍ଛାସେବୀଙ୍କ ସେବନ ପାଇଁ ଦିଆଯାଉଥିବା ପଦାର୍ଥ ସଂପର୍କରେ କୌଣସି ସୂଚନା ଦିଆଯାଉ ନଥିଲା । ନିର୍ଦ୍ଧାରିତ ୮ ସପ୍ତାହ ସମୟ ପରେ ଦେଖାଗଲା ଯେ ତୁଳସୀ ରସ ସେବନକାରୀଙ୍କ କେଶ ଓ ଲାଳରେ କୋର୍ଟିସଲ ୩୬ ଶତାଂଶ ହ୍ରାସ ପାଇଛି । ଅତଏବ ସେମାନଙ୍କ ମାନସିକ ଚାପ ନିମ୍ନଗାମୀ ହୋଇଛି । ନିଦ୍ରା ଅଧିକ ଗାଢ଼ ହୋଇଛି । ହୃଦ୍‌ସ୍ପନ୍ଦନ ହାର ସ୍ଥିର ହୋଇଛି । ରକ୍ତଶର୍କରା ହ୍ରାସ ପାଇଛି ଏବଂ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପ୍ରାପ୍ତ ହୋଇଛି ।

ବର୍ତ୍ତମାନ ଜୀବନ ଅଧିକ ଜଞ୍ଜାଳମୟ ହେବା ସହିତ ବଢ଼ିଚାଲିଛି କାର୍ଯ୍ୟଭାର ଏବଂ ଜୀବନ ସଂଗ୍ରାମର ତୀବ୍ରତା । ଏହା ମନକୁ ଅଧିକ ଚାପଗ୍ରସ୍ତ କରୁଛି । ଫଳରେ କୋର୍ଟିସଲର ସ୍ତର ବୃଦ୍ଧି ପାଇଁ ନାନାଦି ଶାରୀରିକ ଓ ମାନସିକ ରୋଗର କାରଣ ହେଉଛି । ତୁଳସୀପତ୍ରର ରସ ସେବନ ଏହି ହରମୋନଟିକୁ ହ୍ରାସ କରିବା ଫଳରେ ତାହାର ସବୁ କମ୍ ହେବାର ଦେଖାଯାଉଛି । ଅତଏବ ହ୍ରାସ ପାଇଚାଲୁଛି ଦେହ ଓ ମନ ଉପରେ ତାହାର ନକାରାତ୍ମକ ପ୍ରଭାବ । ଏପରି ସ୍ଥଳେ ଆମ ପରମ୍ପରା ଅନୁସାରେ ପ୍ରତ୍ୟେହ ଏଥିରୁ କିଛି କିଛି ସେବନ ସ୍ୱାସ୍ଥ୍ୟ ପକ୍ଷେ ଉପାଦେୟ ବୋଲି ପ୍ରମାଣିତ ହେଇଛି ।

ତେବେ ତୁଳସୀପତ୍ର ବା ତାହାର ରସ ବ୍ୟବହାର କରିବାରେ କେତେକ ସତର୍କତା ଅବଲମ୍ବନ କରିବାକୁ ଗବେଷକମାନେ ଉପଦେଶ ଦେଇଛନ୍ତି । ପ୍ରଥମେ ଏହା କମ୍ ମାତ୍ରାରେ ସେବନ କରି କ୍ରମେ ମାତ୍ରା ବଢ଼ାଇ ଚାଲିବା ନିରାପଦ । ଦିନକୁ ଦୁଇ ଥର ୧୨୫ ମିଲିଗ୍ରାମ ମଧ୍ୟରେ ସୀମିତ ରହିଲେ ଭଲ । ଦୀର୍ଘକାଳୀକ ରୋଗୀମାନେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ପୂର୍ବତନ ୱାର୍ଡ ସଭ୍ୟଙ୍କୁ ଅପହରଣ ପରେ ହତ୍ୟା



ରାଜନଗର, ୮।୧୨ (ସମିସ): ୯ ଦିନ ତଳୁ ନିଖୋଜ ଥିବା ରାଜନଗର ଥାନା ଅନ୍ତର୍ଗତ ଡିଆପାରି ଗାଁର ପୂର୍ବତନ ୱାର୍ଡ ସଭ୍ୟ ବଳରାମ ସେଠୀଙ୍କ ଆଜି ଶବ ଉଦ୍ଧାର ହୋଇଛି। କାଙ୍କଦିଆ ଗାଁ ନିକଟ ହଂସୁଆ ନଦୀରୁ ପୁଲିସ ତାଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପରକୀୟା ପ୍ରୀତିରୁ ତାଙ୍କୁ ହତ୍ୟା କରି ନଦୀରେ ଫିଙ୍ଗି ଦିଆଯାଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏହି ଘଟଣାରେ ପୁଲିସ ଜଣେ ମହିଳାଙ୍କୁ ଉଠାଇ ଆଣିଛି। ସେ ହେଲେ, କାଙ୍କଦିଆ ଗାଁର ରଙ୍ଗମିସ୍ତ୍ରୀ ଭାଗ୍ୟଧର ଜେନାଙ୍କ ବିବାହିତା ଝିଅ ଯାମିନୀ ସ୍ୱାଇଁ। ଆଜି ଅପରାହ୍ଣରେ ପୁଲିସ ଯାମିନୀଙ୍କୁ ଘଟଣାସ୍ଥଳକୁ ନେଇ ସିନ୍-ରିକ୍ରିଏସନ୍ କରାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତନାଘନା କରୁଛି।

ବଳରାମ ସାନବଡ଼ ଗୋପାଳପୁର ବଜାରରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନ ନିକଟରେ ଏକ ଚାଖଣା ଦୋକାନ କରିଥିଲେ। ଗତ ନଭେମ୍ବର ୩୦ ତାରିଖ ସନ୍ଧ୍ୟାରେ ସେ ପୁଅ ଭୀଷ୍ମଙ୍କୁ ଦୋକାନରେ ବସାଇ ବାଇକ୍‌ରେ କୁଆଡ଼େ ପଳାଇଥିଲେ। କିନ୍ତୁ ଏହା ପରଠାରୁ ଆଉ ତାଙ୍କର ଖୋଜଖବର ମିଳିନଥିଲା। ଏ ସଂପର୍କରେ ଭୀଷ୍ମ ଡିସେମ୍ବର ୧ରେ ରାଜନଗର ଥାନାରେ ଜଣାଇବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଗତ ୪ ତାରିଖ ଦିନ କୋଇଲିପୁର ପଞ୍ଚାୟତ କାଙ୍କଦିଆ ଗାଁର ରଙ୍ଗମିସ୍ତ୍ରୀ ଭାଗ୍ୟଧର ଜେନା ଓ ସେହି ପଞ୍ଚାୟତର ୪ଜଣଙ୍କୁ ଉଠାଇ ଆଣି ପଚରାଉଚରା କରି ଛାଡ଼ି ଦେଇଥିଲା। ଗତକାଲି ଅପରାହ୍ଣରେ ପୁଲିସ ଭାଗ୍ୟଧରଙ୍କ ବିବାହିତ ଝିଅ ଯାମିନୀକୁ ଉଠାଇ ଆଣିଥିଲା। ତାକୁ ଜେରା କରିବା ପରେ ସେ ସବୁ ସତ ମାନି ଯାଇଥିଲେ। ବାପା ଭାଗ୍ୟଧର ଓ ମା' ସହ ମିଶି ସେ ବଳରାମଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ତାଙ୍କ ସୂଚନା ଆଧାରରେ ଅଗ୍ନିଶମବାହିନୀ ସହାୟତାରେ ଆଜି ପୁଲିସ କାଙ୍କଦିଆ ଗାଁ ପଛରେ ଜଙ୍ଗଲ ନିକଟ କେନାଲରୁ ବଳରାମଙ୍କ ଜ୍ୟାକେଟ୍, ଚପଲ ଓ ବାଇକ୍ ଉଦ୍ଧାର କରିଥିଲା। ପରେ କେନାଲ ସମ୍ମୁଖ ହଂସୁଆ ନଦୀପଠାରେ ଥିବା ଜଙ୍ଗଲ ମଧ୍ୟରୁ ବଳରାମଙ୍କ ମୃତଦେହ ଉଦ୍ଧାର କରିଥିଲା।

ଏହି ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଫେରାର୍ ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ପୁଲିସ ଚଢ଼ଉ ଜାରି ରଖିଛି। ମାଆ, ପୁଅ, ଝିଅ ମିଳିତ ଭାବେ ଖଣତିରେ ପିଟି ବଳରାମଙ୍କୁ ୩୦ ତାରିଖ ରାତିରେ ହତ୍ୟା କରିଛନ୍ତି। ପରକୀୟା ପ୍ରୀତି ପାଇଁ ଏହି ଘଟଣା ଘଟିଛି ବୋଲି ଆଇଆଇସି ନରେଶ କୁମାର ସାହୁ କହିଛନ୍ତି। ଅପରପକ୍ଷେ, ଜବତ ବଳରାମଙ୍କ ମୃତଦେହରେ ମାଂସ ନଥିବା ବେଳେ କେବଳ କଙ୍କାଳ ରହିଛି। ଏହି କଙ୍କାଳକୁ ନେଇ ସନ୍ଦେହ ଜାରି ରହିଛି।

ଏନେଇ ରାଜନଗର ଥାନାରେ ନମ୍ବର ୪୨୮/୨୦୨୫ରେ ଏକ ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡ଼ିକାଲକୁ ପଠାଯିବ ବୋଲି ଆଇଆଇସି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

# ଦାଦନ ସର୍ଦ୍ଦାର ହତ୍ୟା କରି ଫିଙ୍ଗିଦେଲା!

କଣ୍ଟାବାଞ୍ଜି/ତୁରେକେଲା, ୮।୧୨(ସମିସ): ବଲାଙ୍ଗିର ଜିଲ୍ଲା ମହୁଲବାହାଲି ଗାଁଠାରେ ରେଳଧାରଣାରୁ ଜଣେ ଯୁବକଙ୍କ ଗଣ୍ଡିମୁଣ୍ଡ ଅଲଗା ଶବ ଉଦ୍ଧାର ହେବା ଘଟଣା ଭିନ୍ନ ମୋଡ଼ ନେଇଛି। ଏହା ଏକ ଦୁର୍ଘଟଣା ନୁହେଁ, ବରଂ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହୋଇଛି। ଆଜି ମୃତ ଯୁବକଙ୍କ ପରିଚୟ ମିଳିଛି। ସେ ହେଲେ, ନୂଆପଡ଼ା ଜିଲ୍ଲା ଲଖନା ଥାନା ଅଞ୍ଚଳ ବାଞ୍ଛାନିଧି କୈବର୍ତ୍ତ ଓରଫ୍ ମାଖନୁ (୪୩)। ମାଖନୁଙ୍କୁ ଦାଦନ ସର୍ଦ୍ଦାର ଅରମାନ ଖାନ ହତ୍ୟା କରିବା ପରେ ରେଳ ଧାରଣାକୁ ଫିଙ୍ଗି ଦେଇଛନ୍ତି ବୋଲି ମାଖନୁଙ୍କ ପତ୍ନୀ ବିନତି କୈବର୍ତ୍ତ ସାଂଘାତିକ ଅଭିଯୋଗ ଆଣିଛନ୍ତି। ବିନତିଙ୍କ କହିବାନୁଯାୟୀ, ଗତ ସୋମବାର ମାଖନୁ ଦାଦନ ଯିବା ପାଇଁ ସ୍ଥାନୀୟ ସେକେଣ୍ଡ ସର୍ଦ୍ଦାର ରାଜୁ ସୁନାନୀଙ୍କଠାରୁ ଅଗ୍ରିମ ୩୦ ହଜାର ଟଙ୍କା ନେଇଥିଲେ। ଆନ୍ଧ୍ରପ୍ରଦେଶର ଏକ ଇଟାଭାଟିରେ କାମ କରିବା ପାଇଁ ସେ ଚୁକ୍ତି କରିଥିଲେ। ମଙ୍ଗଳବାର ସେ ଲଖନାରୁ ଝରଣୀ ଗାଁକୁ ଆସି ମୁଖ୍ୟ ସର୍ଦ୍ଦାର ଅରମାନ ଖାନଙ୍କ ଘରେ ରହିଥିଲେ। ଶନିବାର ସକାଳେ ଝରଣୀ ଗାଁଠାରୁ ୨ କିମି ଦୂରତାରେ ଥିବା ରେଳଧାରଣାରୁ ମାଖନୁଙ୍କ ଖଣ୍ଡବିଖଣ୍ଡିତ ଶରୀର ଉଦ୍ଧାର ହୋଇଥିଲା। ଖବର ପାଇ କଣ୍ଟାବାଞ୍ଜି ଜିଆରପି ମୃତଦେହକୁ ଉଦ୍ଧାର କରିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗୋଷ୍ଠୀ ସଂଘର୍ଷରେ...

ପୋଡ଼ାଜଳା କରିଥିଲେ। ଆଜି ମଧ୍ୟ ସମାନ ଘଟଣା ଘଟିଛି। ଏମ୍‌ଭି-୨୬ ଗ୍ରାମରେ ପଶି ରାଖେଲଗୁଡ଼ା ଗ୍ରାମବାସୀ ବହୁ ଘରେ ନିଆଁ ଲଗାଇ ଦେଇଛନ୍ତି। ଏହି ସମୟରେ ସେଠାରେ ଉପସ୍ଥିତ ପୁଲିସ ସେମାନଙ୍କୁ ବାରଣ କରିବାରୁ ପୁଲିସ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଛି। ଏଥିରେ ୩ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ନିମନ୍ତେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଏଚ୍ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ପ୍ରତି ନଜର ରଖିଛନ୍ତି।

ସେପଟେ, ମୃତ ମହିଳା ଲୋକେଙ୍କ କଟା ମୁଣ୍ଡ ଖୋଜିବା ପାଇଁ ପୁଲିସ ପ୍ରଶାସନ ଓ ଅଗ୍ନିଶମ ବାହିନୀ ଆଜି ପୋଟେରୁ ନଦୀରେ ଖାନତଲାସି କରିଛନ୍ତି। ଏଥିପାଇଁ ବାଲିମେଳା ଓ ଚିତ୍ରକୋଣ୍ଡାରେ ଡ୍ୟାମ୍ ଗେଟ୍ ବନ୍ଦ କରି ନଦୀର ଜଳସ୍ତରକୁ କମ୍ କରାଯାଇଥିଲା।

### ବିଧାନସଭାରେ...

ଆଜି ଖବରକାଗଜରେ ଏହି ପ୍ରସଙ୍ଗ ବାହାରିଛି କିନ୍ତୁ ଘଟଣା ଦୁଇ ଦିନ ବିତି ଗଲାଣି। ଗୃହ ବିଭାଗ ଓ ଗୁଇନ୍ଦା ବିଭାଗ ଶୋଇଥିଲେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ମାଲକାନଗିରି ମାଓପ୍ରବଣ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳ। ସେଠାରେ ୫୦ ଘର ପୋଡ଼ିଲା, ଦୁଇ ଗୋଷ୍ଠୀ ଭିତରେ ବିବାଦ ହେଲା। ହେଲେ ପୁଲିସ କେମିତି ଜାଣିପାରିଲା ନାହିଁ। ସେଠାରେ ଏଭଳି ଘଟଣା ଘଟିବା ଦର୍ଶାଉଛି ଯେ, ଆଇନଶୃଙ୍ଖଳା ନିୟନ୍ତ୍ରଣରେ ସରକାର ବିଫଳ। କେନ୍ଦ୍ର ସରକାର କହିଛନ୍ତି ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କର। କିନ୍ତୁ ସେହି କେନ୍ଦ୍ର ସରକାର ବାଂଲାଦେଶୀ ମାନଙ୍କୁ ସେଠାରେ ରଖି ନ ଥିଲେ କି? ମୁଖ୍ୟମନ୍ତ୍ରୀ ଆଇନଶୃଙ୍ଖଳାକୁ ନେଇ ଗୃହରେ ଭୁଲ ତଥ୍ୟ ଦିଅନ୍ତୁ ନାହିଁ। ତତକ୍ଷଣାତ୍ ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ରିପୋର୍ଟ ଦେବା ପାଇଁ ସେ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରତାପ ଦେବ୍ ଗୃହରେ କହିଛନ୍ତି।

ସମାନ ଭାବେ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ମଧ୍ୟ ଏହି ପ୍ରସଙ୍ଗ ଉଠାଇ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ ମାଲକାନଗିରି କୋରକଣ୍ଡାରେ ମହିଳାଟିଏ ବିଲକୁ ଧାନ କାଟିବାକୁ ଯାଉଛି। କିନ୍ତୁ ତାଙ୍କୁ ୪ ଜଣ ଜଣ ବଙ୍ଗାଳି ଦୁଷ୍କର୍ମ କରିବା ସହ ବୀଭତ୍ସ ହତ୍ୟା କରିଛନ୍ତି। ପରେ ଗୋଟେ ମିଶିଂ କେସ ରୁଜୁ ହେଲା। କିନ୍ତୁ ଯେତେବେଳେ ମହିଳାଙ୍କୁ ଖୋଜାଖୋଜି କରାଗଲା ସେତେବେଳେକୁ ତାଙ୍କର ମୃତ ଦେହ ମିଳୁଛି। ଯାହାକୁ ନେଇ ସେଠାରେ ବଡ ଧରଣର ଗୋଷ୍ଠୀ ସଂଘର୍ଷ ଆରମ୍ଭ ହୋଇଛି। ବଙ୍ଗାଳୀ - ଆଦିବାସୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଜାରି ରହିଛି। ତାକୁ କାହିଁକି ହାଲକା ଭାବରେ ନେଉଛି ପୁଲିସ ବୋଲି ସେ ପ୍ରଶ୍ନ କରିଛନ୍ତି। ଘଟଣା ପୂର୍ବରୁ କାହିଁକି ପୁଲିସ ଚୁପ୍ ବସିଥିଲା ବୋଲି ପ୍ରଶ୍ନ କରିବା ସହ ମାଲକାନଗିରିର ଆଇନ ଶୃଙ୍ଖଳା ପ୍ରତି ମୁଖ୍ୟମନ୍ତ୍ରୀ ଧ୍ୟାନ ଦିଅନ୍ତୁ ବୋଲି ମଙ୍ଗୁ ଖିଲ ଦାବି କରିଛନ୍ତି।

### ଲାଲ୍‌ମାଟିରେ ବାରବାଟୀ...

ହୋଇଥିବା ରେଡ୍ ସଏଲ ପିଚ୍ ବା ଲାଲମାଟିର ପିଚ୍। ବାରବାଟୀରେ ଏହା ପ୍ରଥମଥର ବ୍ୟବହାର କରାଯାଉଛି। ଏ ପ୍ରକାର ପିଚ୍‌ରେ ବଲର ଗତି ତୀବ୍ର ହୋଇଥାଏ। ବାଉନ୍ସ ମଧ୍ୟ ହୁଏ। ପିଚ୍‌ରେ ଘାସ ରହୁଥିବାରୁ ଫାଷ୍ଟ ବୋଲରମାନେ ଏଥିରୁ ଫାଇଦା ନେଇଥାନ୍ତି। ଏଭଳି ପିଚ୍‌ରେ ଆମେ ଅନ୍ୟଠାରେ ଖେଳିଛୁ। ଏଣୁ ଏହା ଆମଲାଗି ସମସ୍ୟା ସୃଷ୍ଟି କରିବ ନାହିଁ। କିନ୍ତୁ କଳାମାଟିରେ ପିଚ୍ ହୋଇଥିଲେ ଭଲ ହୋଇଥାନ୍ତା ବୋଲି ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଛନ୍ତି। କିନ୍ତୁ ବ୍ୟାଟରଙ୍କ ଲାଗି ଏହି ପିଚ୍ ବେଶ ଉପଯୋଗୀ ବୋଲି ପିଚ୍ ନିର୍ମାତା ଅଞ୍ଜନ ଖୁଣ୍ଟିଆ କହିଛନ୍ତି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଅଧିନାୟକ ଆଇଡେନ୍ ମାରକ୍ରମଙ୍କ ମତରେ ଆମେ ସମସ୍ତ ପ୍ରକାର ପିଚ୍ ଓ ପରିବେଶରେ ଲଢ଼େଇ କରିବା ଲାଗି ପ୍ରସ୍ତୁତ ରହିଛୁ। ଭାରତୀୟ ଦଳରେ ଅନେକ ଶ୍ରେଷ୍ଠ ଖେଳାଳି ରହିଛନ୍ତି। ଏହା ସତ୍ତ୍ୱେ ଆମେ ନୂଆ ରଣନୀତି ନେଇ ପଡ଼ିଆକୁ ଓହ୍ଲାଇବୁ ବୋଲି ସେ ଦୃଢ଼ ଆତ୍ମବିଶ୍ୱାସର ସହ କହିଛନ୍ତି।

ଗତ ୧୦ ବର୍ଷରେ ଭାରତ ପ୍ରତିପକ୍ଷ ଦକ୍ଷିଣ ଆଫ୍ରିକାଠାରୁ ଟି-୨୦ ଶୃଙ୍ଖଳା ହାରିନାହିଁ। ୨୦୨୪ ଟି-୨୦ ବିଶ୍ୱକପ୍ ଫାଇନାଲରେ ଭାରତଠାରୁ ମଧ୍ୟ ଦକ୍ଷିଣ ଆଫ୍ରିକା ପରାଜିତ ହୋଇଥିଲା। ୨୦୨୬ ବିଶ୍ୱକପ୍ ପୂର୍ବରୁ ନିଜର ଦକ୍ଷତା ଓ ଦୁର୍ବଳତା ଆକଳନ କରିବା ଭାରତକୁ ଏହି ସିରିଜ୍ ବଡ଼ ସୁଯୋଗ ଦେଇଛି। ଏହା ପରେ ନ୍ୟୁଜିଲାଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ସହ ଭାରତର ବିଶ୍ୱକପ୍ ପ୍ରସ୍ତୁତି ଶେଷ ହେବ।

### ତାମିଲନାଡୁରେ ହଟିବେ...

ଅସଂଗ୍ରହଣୀୟ ଶ୍ରେଣୀରେ ସାମିଲଥିବା ଫର୍ମ ସଂଖ୍ୟା ହେଉଛି ୫୪.୫୯ ଲକ୍ଷ। ଅର୍ଥାତ ଏହି ସଂଖ୍ୟାର ଭୋଟରଙ୍କ ନାମ ତାଲିକାରୁ କଟିବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି କେରଳରେ ଏହି ସଂଖ୍ୟା ୨୦ ଲକ୍ଷରୁ ଅଧିକ ବୋଲି ଜଣାପଡ଼ିଛି। କେରଳରେ ଯେଉଁ ଭୋଟରଙ୍କ ଖୋଜ ଖବର ମିଳୁନାହିଁ, ସେମାନେ ମୃତ୍ୟୁବରଣ କରିଛନ୍ତି କିମ୍ବା ଅନ୍ୟସ୍ଥାନକୁ ସ୍ଥାନାନ୍ତର ହୋଇଛନ୍ତି ବୋଲି କୁହାଯାଇଛି। ଡିସେମ୍ବର ୧୬ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ ହେବ। ଏଥିରୁ ଏହି ଭୋଟରଙ୍କ ନାମ କଟିବାର ଯଥେଷ୍ଟ ଆଶଙ୍କା ରହିଛି। ଉଲ୍ଲେଖଥାଉ କି, ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଅକ୍ଟୋବର ୨୮ରୁ ଏସ୍‌ଆଇଆର ପ୍ରକ୍ରିୟା ଚାଲୁ ରହିଛି। ଏହି ପ୍ରକ୍ରିୟାରେ ଭୋଟର ତାଲିକାର ସଂଶୋଧନ ହେଉଛି। ଏଥିରେ ନୂଆ ଭୋଟରଙ୍କ ନାମ ଯୋଡା ଯାଉଥିବା ବେଳେ ଭୋଟର ତାଲିକାରେ ଥିବା ତ୍ରୁଟିଗୁଡିକୁ ଠିକ୍ କରାଯାଇଥାଏ।

### ସରକାରଙ୍କୁ ଜଣାନାହିଁ...

ଆଲୋଚନାକୁ ଆରମ୍ଭ କରି ବିଜେଡି ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ଯେ ଏ ସରକାରକୁ ଆର୍ଥିକ ପରିଚାଳନା ଜଣା ନାହିଁ। ଋଣ କରି ବଜେଟ ଆକାରକୁ ବଢାଇ ଦେଇଛନ୍ତି ସିନା, ଅର୍ଥ ଖର୍ଚ୍ଚ ହୋଇପାରୁନାହିଁ। ମହିଳାଙ୍କୁ ଅସଦାଚରଣରେ ଓଡ଼ିଶା ପ୍ରଥମ ସ୍ଥାନରେ ପହଞ୍ଚିଲାଣି। ସୌମ୍ୟଶ୍ରୀ ଆତ୍ମହତ୍ୟା, ଗୋପାଳପୁର ଗଣଦୁଷ୍କର୍ମ, ବଲଙ୍ଗା, ମାଲକାନଗିରିରେ ମହିଳା ଓ ନାବାଳିକା ନିର୍ଯାତନା, ପୂର୍ବତନ ରାଜ୍ୟପାଳଙ୍କ ପୁଅ ଓଡ଼ିଆ ଅଫିସରଙ୍କୁ ମାଡ଼ ମାରିବ. ବଡ଼ ଠାକୁର ରଥରୁ ପଡ଼ିଯିବା ଘଟଣା କଥା ଉଠାଇ ଅରୁଣ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଉଦବେଗ ଜଣକ ବୋଲି କହିଛନ୍ତି। ଆୟୁଷ୍ମାନ ଯୋଜନା ବର୍ତ୍ତମାନ ଆୟୁକ୍ଷୟ ଯୋଜନାରେ ପରିଣତ ହେଲାଣି ବୋଲି କଟାକ୍ଷ ସହ ୧୦୦ଟି 'କାହିଁକି' ପ୍ରଶ୍ନରେ ସରକାରଙ୍କୁ ଅକଳରେ ପକାଇଛନ୍ତି ଅରୁଣ। ଅନୁରୂପ ଭାବରେ କଂଗ୍ରେସ ମଧ୍ୟ ସରକାରଙ୍କୁ କାଠଗଡ଼ାକୁ ଟାଣିଛି। କଂଗ୍ରେସ ବିଧାୟକ ରାମଚନ୍ଦ୍ର କାଡ଼ାମ କହିଛନ୍ତି ଯେ ବାର୍ଷିକ ବଜେଟ ଅର୍ଥ ସରକାର ଖର୍ଚ୍ଚ କରିପାରି ନାହାନ୍ତି, ପୁଣି ଆଣିଥିବା ଅତିରିକ୍ତ ବଜେଟ କିଭଳି ଖର୍ଚ୍ଚ କରିବେ ତାହାକୁ ନେଇ ଆମେ ସନ୍ଦେହରେ। ରାଜ୍ୟରେ ଡାକ୍ତର ଅଭାବ, ଶିକ୍ଷକ ଅଭାବ । ଆଦିବାସୀଙ୍କୁ ସେମାନଙ୍କ ହକ୍ ମିଳୁନାହିଁ। ସେମାନଙ୍କ ଅଧିକାର ଛଡେଇ ନେଉଛନ୍ତି।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ୨୪ବର୍ଷ ଧରି ଆମ ସରକାର କେମିତି ଅର୍ଥନୀତି ପରିଚାଳନା କରିଥିଲେ ତାହା ନୀତି ଆୟୋଗଙ୍କ ରିପୋର୍ଟ କହୁଛି। ଏକଦା ରାଜ୍ୟର ଅର୍ଥନୀତି ସ୍ଥିତି ଏମିତି ଥିଲା କି ନିଜର ସରକାରୀ କର୍ମଚାରୀଙ୍କୁ ବି ଦରମା ଦେବାରେ ସକ୍ଷମ ହେଉ ନଥିଲେ। ଅନେକ ଚେଷ୍ଟା ପରେ ଅର୍ଥନୀତିରେ ସ୍ୱଚ୍ଛଳ ଆସିଲା। ଏପରି ପୂର୍ବ ବିଜେଡିର ସରକାରଙ୍କ ଆର୍ଥିକ ପରିଚାଳନାକୁ ନୀତି ଆୟୋଗ ଦେଶରେ ଶ୍ରେଷ୍ଠ ୧୦ ରାଜ୍ୟ ତାଲିକାରେ ସ୍ଥାନ ଦେଇଥିଲେ। ଏହା ପରେ ବି କହିବା ୨୪ ବର୍ଷରେ କିଛି ହୋଇନାହିଁ କହିବା ଅର୍ଥ, ନୀତି ଆୟୋଗଙ୍କ ସାର୍ଟିଫିକେଟକୁ ଚ୍ୟାଲେଞ୍ଜ କରିବା। ଆମେ ବି ୨୦୧୪ରୁ କେନ୍ଦ୍ରରେ ମୋଦି ସରକାରକୁ ପ୍ରସଙ୍ଗ ଭିତ୍ତିକ ସମର୍ଥନ ଦେଇ ଆସୁଥିଲୁ। ମାତ୍ର ଡବଲ ଇଞ୍ଜିନ ସରକାର ଆସୁଆସୁ କେନ୍ଦ୍ର ସରକାର କେନ୍ଦ୍ରୀୟ ଅନୁଦାନ ୧୮ ପ୍ରତିଶତ କମାଇଦେଲେ। ଡବଲ ଇଞ୍ଜିନ ସରକାରରେ ଅନୁଦାନ ଡବଲ ହେବା ବଦଳରେ ଅଧା ହୋଇଗଲା। ୨୦୨୫ ଅକ୍ଟୋବର ସୁଦ୍ଧା କେନ୍ଦ୍ର ଆମକୁ ମାତ୍ର ୧୮ ପ୍ରତିଶତ ଅର୍ଥ ପ୍ରଦାନ କରିଛି। ଡବଲ ଇଞ୍ଜିନ ସରକାର ଡବଲ ବେଗରେ ବଢ଼ିବା ବଦଳରେ କମିବାରେ ବେଗ ଲାଗିଛି। ଆମେ ଆପଣଙ୍କ ସରକାରକୁ ସମୃଦ୍ଧ ଅର୍ଥନୀତି ଦେଇଥିଲୁ। ବଳକା ଅର୍ଥନୀତି ଆପଣଙ୍କ ସରକାର ହାତରେ ପ୍ରଦାନ କରିଥିଲୁ। ଆପଣଙ୍କ ସରକାର ତାକୁ ସଠିକ୍ ଭାବରେ ପରିଚାଳନା କରି ପାରୁନାହାନ୍ତି। ରାଜ୍ୟ ସରକାର ଏହା ଉପରେ ଆତ୍ମ ସମୀକ୍ଷା କରନ୍ତୁ ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ରାଜ୍ୟର ମୁଣ୍ଡପିଛା ଋଣ ଭାର ୨୬ ହଜାର ୯୭୮ ଟଙ୍କାରେ ପହଞ୍ଚିବାକୁ ନେଇ ବିରୋଧୀ ସରକାରଙ୍କୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ପୂଜାରୀ, ଅରବିନ୍ଦ ମହାପାତ୍ର, ଅଶୋକ ଦାସ ଓ ସୋଫିଆ ଫିର୍ଦ୍ଦୋଶ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରମୁଖ ସରକାରଙ୍କୁ ପ୍ରବଳ ସମାଲୋଚନା କରିଥିଲେ।

ଅନ୍ୟପକ୍ଷରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ କହିଥିଲେ ଯେ ସାଧାରଣ ନିର୍ବାଚନରେ ଓଡ଼ିଶାବାସୀ ବିଜେଡିକୁ ନୂଆପଡ଼ାରେ ତୃତୀୟ ସ୍ଥାନକୁ ପଠାଇଦେଲେ। ଆଗାମୀ ୫୦ ବର୍ଷ ପର୍ଯ୍ୟନ୍ତ ଆଉ ବିଜେଡିକୁ ଓଡ଼ିଶାର ସେବା କରିବାକୁ ସୁଯୋଗ ମିଳିବ ନାହିଁ। ୯ ଶୀତଳଭଣ୍ଡାର, ପାନୀୟ ଜଳ ଯୋଗାଣ, ଚାଷୀଙ୍କୁ ୧୦୦ ଟଙ୍କା ବୋନସ, ଓଡ଼ିଆ ଯୁବକ ଯୁବତୀଙ୍କୁ ଚାକିରି ପ୍ରତିଶ୍ରୁତି ପୂର୍ବ ସରକାର ପୂରଣ କରିପାରି ନଥିଲା ବୋଲି ସେ କହିଥିଲେ। ଅନୁରୂପ ଭାବରେ ଦଳର ଅନ୍ୟ ବିଧାୟକମାନେ କହିଥିଲେ ଯେ କେନ୍ଦ୍ରରେ ମୋଦୀ ସରକାର ଆସିବା ପରେ ଖଣି ଆଇନରେ ସଂସ୍କାର ଆଣିଲେ। ଯାହାଫଳରେ ରାଜ୍ୟରେ ଖଣି ରାଜସ୍ୱ ବୃଦ୍ଧି ହେବା ସହ ଆମ ରାଜ୍ୟ ଆର୍ଥିକ ଭାବେ ସଶକ୍ତ ହୋଇଛି। ବିଜେପି ସରକାରକୁ ଆସିବା ପରେ ଅପପୁଷ୍ଟି ହାର କମିଛି। ୨୨୦୦୦ ପ୍ରାଥମିକ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଛାତ୍ର ଛାତ୍ରୀଙ୍କ ପାଇଁ ପ୍ରି - ମାଟ୍ରିକ ବୃତ୍ତି ବୃଦ୍ଧି କରାଯାଇଛି । ଆମେ ଯାହା ପ୍ରତିଶ୍ରୁତି ଦେଇଥିଲୁ, ତାହାକୁ ପାଳନ କରିଛୁ ବୋଲି ଲକ୍ଷ୍ମଣ ବାଗ, ସୁଧୀର ରଞ୍ଜନ ପାଟଯୋଶୀ, ଉପାସନା ମହାପାତ୍ର, ସନ୍ତୋଷ ଖଟୁଆ, ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

### ୫ ସାବାଳକଙ୍କ...

ପ୍ରଥମେ ତଳକୋର୍ଟ ଏବଂ ପରେ ଜିଲ୍ଲା କୋର୍ଟରେ ପିଟିସନ ଦାଖଲ କରିଥିଲେ। ଉଭୟ କୋର୍ଟରେ ଆବେଦନ ଖାରଜ ପରେ ହାଇକୋର୍ଟରେ ମାମଲା ବିଚାରାଧୀନ ଥିବାରୁ ତାଙ୍କ ମାମଲାକୁ ମୂଳ ମାମଲାରୁ ପୃଥକ ବା ପାର୍ଟ ଫାଇଲ କରାଯାଇଥିବା ଜଣାପଡ଼ିଛି। ଆସନ୍ତା ୧୯ ତାରିଖରୁ ସାକ୍ଷ୍ୟ ବିଚାରଣା ଆରମ୍ଭ ହେବ ବୋଲି ଅଭିଯୁକ୍ତଙ୍କ ଓକିଲ କୁନାଲ ସାହୁ ସୂଚନା ଦେଇଛନ୍ତି। ସରକାରଙ୍କ ପକ୍ଷରୁ କ୍ରାଇମବ୍ରାଞ୍ଚ ଓକିଲ କାଳୀଚରଣ ମିଶ୍ର ମାମଲା ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ ଯେ, ଏହି ଘଟଣାରେ ଗୋପାଳପୁର ଥାନା ପୁଲିସ କେସ୍ ନମ୍ବର ୧୮୬/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ୪ଜଣ ନାବାଳକ ଓ ୬ଜଣ ସାବାଳକଙ୍କ ସମେତ ମୋଟ ୧୦ଜଣଙ୍କୁ କାବୁ କରିଥିଲା।

### ୨ ବର୍ଷରେ ସବୁ...

କାର୍ଯ୍ୟ ଆରମ୍ଭ କରିଛନ୍ତି। ଚଳିତ ଅତିରିକ୍ତ ବଜେଟରେ ଏଥିପାଇଁ ଆବଶ୍ୟକ ଅତିରିକ୍ତ ଅନୁଦାନ ୩୫୩ କୋଟି ଟଙ୍କାର ଅଧିକ ପ୍ରାବଧାନ କରିଛନ୍ତି ସୋମବାର ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଲୋଚନାରେ ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଗତ ନଭେମ୍ବର ସୁଦ୍ଧା ରାଜ୍ୟ ବଜେଟର ପ୍ରାୟ ୪୪ ପ୍ରତିଶତ ଅର୍ଥ ବ୍ୟୟ ହୋଇଛି। ଆମେ ବର୍ତ୍ତମାନ ବଜେଟ୍ ପାଣ୍ଠିର ସମ୍ପୂର୍ଣ୍ଣ ବିନିଯୋଗ ପାଇଁ ଆବଶ୍ୟକ ପଦକ୍ଷେପ ନେଉଛୁ। ବିଭାଗୀୟ ଖର୍ଚ୍ଚ ପାଇଁ ଉପୁଜୁଥିବା ପ୍ରତିବନ୍ଧକକୁ ଦୂର କରିବା ପାଇଁ ପଦକ୍ଷେପ ନେଉଛୁ। ବର୍ଷ ଶେଷ ସୁଦ୍ଧା ଆମେ ବଜେଟ ଅର୍ଥର ପୂର୍ଣ ବିନିଯୋଗ କରିପାରିବୁ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ଆଲୋଚନା ଶେଷରେ ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଧାନ ସଂଗ୍ରହକୁ ସୁବ୍ୟବସ୍ଥିତ ଢଙ୍ଗରେ କରିବା ପାଇଁ ରିଭଲଭିଂ ପାଣ୍ଠି ବାବଦରେ ୨ ହଜାର କୋଟି ଟଙ୍କା ସହ ଅତିରିକ୍ତ ୩ ହଜାର କୋଟି ଟଙ୍କା ଏବଂ ପିଡିଏସ୍ ରିହାତି ବାବଦରେ ଅତିରିକ୍ତ ୧ ହଜାର ୩ ଶହ ୨୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ଆମ ସରକାର ଆସିବା ପରେ ୩୭ ହଜାରରୁ ଅଧିକ ସରକାରୀ ପଦପଦବୀ ପୂରଣ କରିବା ସହିତ ଆସନ୍ତା ଚାରିମାସରେ ପ୍ରାୟ ୩୦ ହଜାର ପଦବୀ ପୂରଣ କରିବା ପାଇଁ କାର୍ଯ୍ୟ ଜାରି ରହିଛି। ୭୧୯ ଟି ପ୍ରସ୍ତାବ ମଧ୍ୟରୁ ୪୧୬ ଟି ଶିଳ୍ପ ପ୍ରସ୍ତାବ ମଞ୍ଜୁର ହୋଇଛି। ଆଗାମୀ ଦିନରେ ଓଡ଼ିଶା ଅତ୍ୟନ୍ତ ଉନ୍ନତ ସିଲିକନ୍ ସେମିକଣ୍ଡକ୍ଟର ଚିପ୍ସ ଉତ୍ପାଦନରେ ନିଜ ପାଇଁ ଏକ ନୂତନ ପରିଚୟ ସୃଷ୍ଟି କରିବ। ଚଳିତ ଆର୍ଥିକ ବର୍ଷର ନଭେମ୍ବର ସୁଦ୍ଧା ରାଜ୍ୟର ମୋଟ ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ୮.୩୩ ପ୍ରତିଶତ ଅଭିବୃଦ୍ଧି ହାସଲ ହୋଇଅଛି। ଏହା ବଜେଟ୍ ଆକଳନର ୫୪ ପ୍ରତିଶତ। ୧୭ ହଜାର ୪୪୦ କୋଟି ଟଙ୍କାର ଏହି ଅତିରିକ୍ତ ବ୍ୟୟ ମଧ୍ୟରୁ କେବଳ କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୧୩ ହଜାର ୭୧୬ କୋଟି ଟଙ୍କା ଖର୍ଚ୍ଚ ହେବ। ୨୦୨୫ ଅକ୍ଟୋବର ସୁଦ୍ଧା ରାଜ୍ୟର ରାଜସ୍ୱ ବଳକା (୧.୩ ପ୍ରତିଶତ) ସ୍ଥିତି ବଜାୟ ଥିବାବେଳେ ଋଣ ଭାର ରାଜ୍ୟ ସକଳ ଘରୋଇ ଉତ୍ପାଦର ଅନୁପାତ୧୧.୯ ପ୍ରତିଶତ ରହିଅଛି। ସୁଧ ଦେୟ ଓ ରାଜସ୍ୱ ଆୟର ଅନୁପାତ ୨.୨ ପ୍ରତିଶତରେ ସୀମିତ ରହିଛି। ଅକ୍ଟୋବର ଶେଷ ସୁଦ୍ଧା ରାଜ୍ୟର ମୁଣ୍ଡପିଛା ଋଣଭାର କେବଳ ୨୬ ହଜାର ୯୭୮ ଟଙ୍କା ରହିଅଛି, ଯାହାକି ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଯଥେଷ୍ଟ କମ୍ । ଓଡିଶାରେ ୭୫ ହଜାର କୋଟିରୁ ଅଧିକ ରେଳ ପ୍ରକଳ୍ପର କାର୍ଯ୍ୟ ଜାରି ରହିଛି ଏବଂ ୧୨ ହଜାର କୋଟିରୁ ଅଧିକ ଜାତୀୟ ରାଜପଥର କାର୍ଯ୍ୟ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ ଉତ୍ତର ରଖିଥିଲେ। ଏହାପରେ ବାଚସ୍ପତି ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକକୁ ଗୃହରେ ଅନୁମୋଦନ ଦେଇଥିବା ବେଳେ ୧୭୭୪୦ କୋଟିର ବଜେଟ ଗୃହୀତ ହୋଇଛି।

### ଜୀବନ ଯୁଦ୍ଧରେ...

ପୋକ୍ସୋ ଏବଂ ଆଟ୍ରୋସିଟି ଦଫାରେ ମାମଲା ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଶୃତି ରାଜଗାଙ୍ଗପୁରର ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଏକ ଓଡ଼ିଆ ସମ୍ମାନ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ରୀ। କୁତ୍ରା ଅଞ୍ଚଳର ନିଲେଶ ତାଙ୍କୁ ବାରମ୍ବାର ଫୋନ୍ କରି ଧମକଚମକ ଦେବା ସହ ମାନସିକ ନିର୍ଯାତନା ଦେଉଥିଲା। ଏଥିରେ ଅତିଷ୍ଠ ହୋଇ ଶନିବରା ରାତିରେ ଶୃତି ଘର ଭିତରେ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଏଥିରେ ତାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ି ଯାଇଥିଲା। ପରିବାରଲୋକ ତାଙ୍କୁ ରାଉରକେଲା ଆଇଜିଏଚ୍‌ର ବର୍ଣ୍ଣ ୟୁନିଟ୍‌ରେ ଭର୍ତ୍ତି କରାଇଥିଲେ। ହସ୍ପିଟାଲ ବେଡ୍‌ରେ ୨୪ ଘଣ୍ଟା ସଂଘର୍ଷ କରିବା ପରେ ରବିବାର ରାତିରେ ସେ ସବୁଦିନ ପାଇଁ ଆଖି ବୁଜି ଦେଇଛନ୍ତି।

ଏହି ଖବର ପ୍ରଘଟ ହେବା ପରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଶୃତିଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ରାଜଗାଙ୍ଗପୁର ବିଜୁ ଜନତା ଦଳ ପକ୍ଷରୁ ଆଇଜିଏଚ୍ କାଜୁଆଲିଟି ସମ୍ମୁଖରେ ଧାରଣା ଦିଆଯାଇଥିଲା। ରାଜଗାଙ୍ଗପୁରର ବିଜେଡି ନେତା ଅନିଲ ବରୁଆ, ଅମରେଶ ପଣ୍ଡା, ରାଜେନ୍ଦ୍ର ବେହେରା ଜିଲ୍ଲା ସମିତି ସଭ୍ୟ ସଂଘ ସଭାପତି ଜ୍ୟୋତି ରଂଜନ ନାୟକ, ରଶ୍ମି ଏକ୍କା, ଶିଳ୍ପା ଏକ୍କା ପ୍ରମୁଖଙ୍କ ସମେତ ଶୃତିଙ୍କ ପରିବାରଲୋକ ଏଥିରେ ସାମିଲ ଥିଲେ।

ଖବର ପାଇ ରାଉରକେଲା ଅତିରିକ୍ତ ତହସିଲଦାର, ଡିଏସ୍‌ପି ଯୋଗେଶ୍ୱର ପଣ୍ଡା, ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ରାଜଗାଙ୍ଗପୁର ଅତିରିକ୍ତ ତହସିଲଦାର କିରଣ କୁମାର ସୋରେଙ୍ଗ, ଡିଏସ୍‌ପି ମନୋରଞ୍ଜନ ପ୍ରଧାନ, ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାସ, ଲାଞ୍ଜିବେର୍ଣ୍ଣା ଫାଣ୍ଡି ଅଧିକାରୀ ପ୍ରୀତିରଂଜନ ପରିଡ଼ା ପ୍ରମୁଖ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରାୟ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କ ସହ ପରିବାର ଓ ନେତୃବୃନ୍ଦଙ୍କର ଆଲୋଚନା ହୋଇଥିଲା। ଶେଷରେ ଆପୋଷ ବୁଝାବଣା ପରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା। ଏହାପରେ ପରିବାର ବର୍ଗ ଶବ ଇନକ୍ୱେଷ୍ଟ ଓ ବ୍ୟବଚ୍ଛେଦ କରିବା ପାଇଁ ରାଜି ହୋଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା।

### ହୃଦୟ ବିଦାରକ...

ପ୍ରତି ମୋର ଗଭୀର ସମବେଦନା ଜଣାଇବା ସହ ଛାତ୍ରୀଙ୍କ ଅମର ଆତ୍ମାର ସଦଗତି କାମନା କରୁଛି। ଜୀବନରୁ ମାରିଦେବା ପାଇଁ ପୂର୍ବରୁ ଧମକ ମିଳିଥିବା ନେଇ ପରିବାର ଲୋକେ କହିବା ପରେ ବି ସରକାରଙ୍କ ନିଷ୍କ୍ରିୟତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ସରକାର କେତେ ଆଉ ନିରୀହ ଜୀବନ ଏପରି ଜଳିବାକୁ ଛାଡ଼ିଦେବେ? ଓଡ଼ିଶାରେ ବଢୁଥିବା ଏହିପରି ଘଟଣାକୁ ରୋକିବା ଦିଗରେ ସରକାରଙ୍କ ଉଦାସୀନତା ଅପରାଧୀଙ୍କ ସାହସ ବଢ଼ାଉଛି। ଲୋକେ ଅସୁରକ୍ଷିତ ହେଉଛନ୍ତି, ଅପରାଧୀମାନେ ଖୁଲମଖୋଲା ବୁଲୁଛନ୍ତି। ସରକାର ସୁରକ୍ଷା କାହାକୁ ଦେଉଛନ୍ତି ବୋଲି ନବୀନ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ସଜାଡ଼ିବା ଦିଗରେ ସରକାର କଠୋର ହୁଅନ୍ତୁ। ଲୋକଙ୍କୁ ନ୍ୟାୟ ମିଳୁ, ଅପରାଧୀଙ୍କ ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, SAMBALPUR (R&B) DIVISION NO. II, SAMBALPUR.**
E-mail – eesbprnbdivision2@gmail.com Phone -0663-2410104
BID IDENTIFICATION No. SE / R and B / SBP II / 06 (online) / 2025-26
B-808 No. 5321 /Dated, 04.12.2025
**E-procurement notice**

| | | | |
|---|---|---|---|
| 1. | The Superintending Engineer, Sambalpur (R&B) Division No.II, Sambalpur on behalf of Governor of Odisha, invites Percentage Rate bids in Double / Single cover System in ONLINE MODE | | |
| 2. | No. of works | :- | 3 nos works<br>Road works – 2 nos<br>Building work – 1 No. |
| 3. | Tender Cost | :- | Rs.10,000/- & Rs.6,000/- Each paper |
| 4. | Class of Contractor | :- | 'C' & 'B' Class Contractor |
| 5. | Availability of bid document in the website. | :- | 11:00 Hours 09.12.2025 to 17:00 Hours of 20.12.2025 |
| 6. | Date of Opening of Tenders | :- | 11:30 Hours on dated 22.12.2025 |
| 7. | The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/cancellation of tender will be displayed in the website said only. | | |

OIPR-34136/11/0021/2526 Sd/- Superintending Engineer, Sambalpur (R&B) Division No. II


**AFFIDAVIT**
By virtue of an affidavit sworn before Executive Magistrate, Bhubaneswar on dated, 03.12.2025, I Shanti Karkaria, resident at Plot No- 1149, H K Nagar, Niladri Vihar, Bhubaneswar, Dist- Khordha, Odisha, PIN- 751021, declare that I have changed my name from Santima Karkariya to Shanti Karkaria, henceforth, I shall be known as **SHANTI KARKARIA** for all purposes.
(Shanti Karkaria)

**AFFIDAVIT**
By virtue of an affidavit sworn before Executive Magistrate, Sohela vide no.03 dtd. 01/12/2025 I, Saraswati Bag, D/o- Bhoja Bag, W/o- Sanjeeb Mahananda, Dist.- Bargarh, Odisha, PIN-768034 residing at Bisipali, Po.- Jatla, Ps.- Sohela, Dist.- Bargarh, Odisha, PIN- 768028 state that, I have changed my name from **Saraswati Mahananda** to **Saraswati Bag**. henceforth I shall be known as **Saraswati Bag** for all future purposes.

**AFFIDAVIT**
By virtue of an affidavit before Executive Magistrate Bhawanipatna, Kalahandi on dated 08.12.2025. I Buhkhari Fakir Khan, S/o- Late Roshan Khan resident of At- Purnapada, Po/Ps- Bhawanipatana Town, Dist- Kalahandi, Odisha, PIN- 766001, my father's actual name is Roshan Khan. Rosan Khan and Roshan Khan is one and same person. That now he shall be known as **ROSHAN KHAN** for all future purposes.

**NOTICE (FOR MINOR)**
By virtue of an affidavit sworn before the Executive Magistrate, Balangir, dated 06.12.2025 I, Indra Padhan, Address- At: Kermeli, PO: Barapudugia, PS. Balangir Sadar. Dist. Balangir-767024 (Odisha). declare that I have changed the name of my son from Pratush Padhan to Pratyush Padhan. Henceforth, he shall be known as **Pratyush Padhan** for all purposes.
**Sd/- Indra Padhan**

**AFFIDAVIT**
By virtue of an affidavit sworn before Executive Magistrate, Nabarangpur vide no.801 dtd. 16/09/2025 I, Angel Anjali Bagh, D/o- Sailesh Bagh, resident of Gabrielguda, Po./Ps./Dist.- Nabarangpur, Odisha, PIN-764059 state that, I have changed my name from **ANJELJALI BAGH** to **ANGEL ANJALI BAGH**. henceforth I shall be known as **ANGEL ANJALI BAGH** for all future purposes.

**AFFIDAVIT**
I Shyam Sundar Swian, s/o-Late Raghunath swain, permanent resident of DDL-361, Dumuduma Phase-1, Housing board colony, P.S. Khandagiri, Bhubaneswar-751019, Dist: Khordha, declare by this affidavit CF No- 55. dtd- 05/12/2025 that now onwards I shall be known as **SHYAM SUNDAR SWAIN** for all future purpose.

**AFFIDAVIT**
By virtue of an affidavit (CF No. 01, dtd- 08/12/2025) sworn before the Notary Public, Padampur. I, Neelima Kalet, W/o Prakash Kalet, permanent & current resident of AT/ Kendmundi, Po/Rengali, PS- Sohela, Dist- Bargarh, PIN- 768033, Odisha declare that I have changed my name from Neelima Kalet to Padmini Kalet. Henceforth, I shall be known as Padmini Kalet (new name) for all purposes. **Sd/- Padmini Kalet**

**NOTICE**
By virtue of an affidavit sworn before the Executive Magistrate, Athmallik dated 05th December 2025, I, Mr. BANAMBAR PRADHAN address Village: DEKURD, P.O.: SANJAMURA, P.S.: KISHORENAGAR, District: ANGUL, PIN: 759126, STATE: ODISHA, declare that I have changed the name of my daughter from "SUBHASHREE PRADHAN" to "DENI PRADHAN". Henceforth, she shall be known as "DENI PRADHAN" for all purposes.
**Sd/- BANAMBAR PRADHAN**

**AFFIDAVIT**
By virtue of an affidavit sworn before the Executive Magistrate, Tangi, dated- 01.12.2025 I Abanikanta Muduli of Village-Laxmidharpur, Po- Pariorada, Ps-Tangi, Dist- Khordha declare that I have changed my name from Abanikant Muduli to Abanikanta Muduli in Aadhar card. Henceforth, I shall be known as **Abanikanta Muduli** for all purposes.

**AFFIDAVIT**
By virtue of an affidavit SL.No.- 3048, dtd.08.12.2025 in the court of the Executive Magistrate, Phulbani, Dist.- Kandhamal, I, Jubati Kanhar, have changed my minor daughter's name from Asha Kanhar to Ashalata Kanhar. Henceforth She will be known as Ashalata Kanhar for all purposes.
**S/d- Jubati Kanhar**

**AFFIDAVIT**
By virtue of an affidavit sworn before the Executive Magistrate, Tigiria, Dt-06/12/2025, CF No-3 I, Nageswar Swain of Vill- Chasanara, Po-Puruna Tigiria, Ps-Tigiria, Dist-Cuttack declare that I have changed the name of my minor daughter's name from Swayam Sidhhikshya to Swayam Siddhika Swain in Aadhar card. Henceforth, she shall be known as **Swayam Siddhika Swain** for all purposes.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar on dated, 03.12.2025, I P Subhashree Paul, resident of Plot No- 1149, HK Nagar, Niladri Vihar, Bhubaneswar, Dist- Khordha, Odisha, PIN- 751021, declare that I have changed my name from P. Subhashree Paul to P Subhashree Paul, henceforth, I shall be known as **P SUBHASHREE PAUL** for alpurposes.
(P Subhashree Paul)

**AFFIDAVIT**
I, Purnima Tikadar, age 54 years, W/o- Milan Kumar Tikadar, resident of House No.38, Main Road Banjalaput, PO- Padwa, Dist- Koraput, Odisha, PIN- 764038 declared by this affidavit No. 104, dtd- 26/11/2025 that now onwards I shall be known as **PURNIMA RANI DAS** for all future purposes.


ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus: 262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL


**ଲିଙ୍କ୍ କବଲା ଓ ପଟ୍ଟା ହଜିଛି**
ମୁଁ ସ୍ୱାତୀ ସାହୁ, ସ୍ୱାମୀ - ସୌମେନ୍ଦ୍ର ସାହୁ, ଗ୍ରାମ - ଡିଭାଇନ ନଗର, କଟକ। ଘୋଷଣା କରୁଅଛି ଯେ, ଗତ ତା ୨୪/୧୧/୨୦୨୫ ରିଖ ଦିନ, ମୋ ନିଜ ଦ୍ୱାରା କିଣା ଯାଇଥିବା ଜମି, ଯାହାର ଖାତା ନଂ: ୩୦୩/୪୦୦, ୩୦୩/୪୦୧ ଏବଂ ୩୦୩/୪୦୨ ସହ ସଂଶ୍ଲିଷ୍ଟ ଥିବା ଅସଲ କବଲା ଗୁଡ଼ିକ ମୋ ନିଜ ଦ୍ୱାରା ହଜି ଯାଇ ଅଛି । ଯାହାର ମୁଁ ବ୍ୟାଙ୍କ୍ ଲୋନ ପାଇଁ ଆବେଦନ କରିଅଛି। ଏକ ଜମି କାରବାର ବିଷୟରେ ନୟାଗଡ ସ୍ଥିତ ମୋ ସମ୍ପର୍କୀୟ ମାଉସୀ ଶାଶୁ, ଶ୍ରୀମତୀ ସୁଷମା ମହାପାତ୍ର (ସ୍ୱାମୀ: ସ୍ୱର୍ଗତ ମନୋରଞ୍ଜନ ମହାପାତ୍ର) ଙ୍କ ନୟାଗଡ଼ ସ୍ଥିତ ଘରକୁ ଯାଇଥିଲି । ସେଠାରୁ ଫେରିବା ସମୟରେ ଏହି ଘଟଣା ଘଟିଅଛି, ବହୁ ଖୋଜାଖୋଜି କରିବା ପରେ ମଧ୍ୟ ମୁଁ ତାହା ପାଇପାରିଲି ନାହିଁ। ମୁଁ ଏହାର ରିପୋର୍ଟ ନୟାଗଡ଼ ଥାନା, ଷ୍ଟେସନ ଡାଏରୀ ନମ୍ବର - ୦୨୩ ରେ କରିଅଛି। ହଜିଯାଇଥିବା ମୂଳ କାଗଜପତ୍ର ଗୁଡିକର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ୧. ବିକ୍ରି ଦଲିଲ୍ ନଂ (Sale Deed No): ୧୭୯୯ (ତା ୧୦/୦୨/୨୦୦୫) ୨. ବିକ୍ରି ଦଲିଲ୍ ନଂ (Sale Deed No): ୧୦୯୫୮ (ତା ୨୧.୦୭.୨୦୦୮) - ଲାଲକୋ ସିଟି ସ୍କେପ ପ୍ରାଇଭେଟ୍ ଲିମିଟେଡ ସପକ୍ଷରେ, ୩. ମୂଳ ଖାତା ନଂ (Original Khata No): ୧୩୮, ୩୦୩/ ୨୧୧, ୩୦୩/ ୨୧୦, ଏବଂ ୩୦୩/୨୧୨ ।

# ଗାଡ଼ି ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ରରୁ ୪.୧୩ କୋଟି ଆଦାୟ

କଟକ,୮ ।୧୨(ସମିସ)

ଗତ ୨୦୧୯ରୁ ଯାନବାହନ ଗୁଡିକ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯାଇଛି । ପିୟୁସି(ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ) ସାର୍ଟିଫିକେଟରେ ଖିଲାପ ପାଇଁ ୧୦ହଜାର ଟଙ୍କା ଜରିମାନା ଦେବାକୁ ପଡୁଥିବା ତଥା ଟୋଲଗେଟ ଗୁଡିକରେ ସ୍ୱୟଂକ୍ରିତ ଚିହ୍ନଟ ଓ ଚାଲାଣ ଜାରି ବ୍ୟବସ୍ଥା ହେବା ପରେ ଚାରିଚକିଆ ଓ ଅନ୍ୟ ବାଣିଜ୍ୟିକ ଗାଡି ମାଲିକ ମାନେ ସଚେତନ ହୋଇ ସେମାନଙ୍କ ଗାଡିର ପ୍ରଦୂଷଣ ପ୍ରମାଣପତ୍ର ହାସଲ କରୁଥିବା ଦେଖିବାକୁ ମିଳୁଛି । ହେଲେ ଦୁଇଚକିଆ ଗାଡି ଗୁଡିକର ପ୍ରମାଣପତ୍ର ବୈଧତା ଶେଷ ହେବା ପରେ ଆଉ ନୂଆ ପ୍ରମାଣପତ୍ର ସଂଗ୍ରହ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଯାନବାହନ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପ୍ରମାଣପତ୍ର ଲାଗୁ ସମୟରେ ଅର୍ଥାତ ୨୦୧୯ରେ ୨୬ଲକ୍ଷ ୩୭ହଜାର ୪୪ଟି ପ୍ରମାଣପତ୍ର ଜାରି ହୋଇଥିଲା । ଗତ ୬ବର୍ଷ ମଧ୍ୟରେ ପ୍ରମାଣପତ୍ର ହାସଲରୁ ୯ଲକ୍ଷ ଯାନବାହନ କମିଗଲାଣି । ୨୦୨୦ରେ ୨୦ଲକ୍ଷ ୯୬ହଜାର ୬୦୩ଟି, ୨୦୨୧ରେ

**■ ୬ବର୍ଷରେ ପ୍ରମାଣପତ୍ର ସଂଖ୍ୟା ୯ ଲକ୍ଷ କମିଗଲାଣି**

**■ ଖିଲାପିଙ୍କ ବିରୋଧରେ ହୋଇପାରୁନି କାର୍ଯ୍ୟାନୁଷ୍ଠାନ**

୧୬ଲକ୍ଷ ୪୭ହଜାର ୫୦୮ଟି, ୨୦୨୨ରେ ୧୬ଲକ୍ଷ ୩୦ହଜାର ୫୨୫ଟି, ୨୦୨୩ରେ ୧୭ଲକ୍ଷ ୨୬ହଜାର ୧୦୭ଟି, ୨୦୨୪ରେ ୧୫ଲକ୍ଷ୩୦ହଜାର୨୩୦ଟି ପିୟୁସି ସାର୍ଟିଫିକେଟ ଜାରି ହୋଇଛି । ୨୦୨୫ରେ ବର୍ତ୍ତମାନ ସୁଦ୍ଧା ୧୭ଲକ୍ଷ ୯୬ହଜାର ୨୫୫ଟି ପିୟୁସି ପ୍ରମାଣପତ୍ର ଜାରି ହୋଇଛି । ଏବେ ବି ୩୯ଲକ୍ଷ୬୮ହଜାର ଗାଡି ଖିଲାପି ରହିଥିବା ଜଣାପଡିଛି ।

ପିୟୁସି ପ୍ରମାଣପତ୍ର ପାଇଁ ଦୁଇଚକିଆ ଓ ତିନିଚକିଆ ଗାଡି ମାତ୍ର ୬୦ଟଙ୍କା ଓ ଚାରିଚକିଆ ହାଲୁକା ଗାଡି ପାଇଁ ୧୦୦ଟଙ୍କା ଦେବାକୁ ପଡୁଛି । ସେହିପରି ମଧ୍ୟମ ଓ ଭାରୀ ଯାନ ପାଇଁ ୧୫୦ଟଙ୍କା ଧାର୍ଯ୍ୟ ହୋଇଛି । ୨୦୧୯ରୁ ଅଦ୍ୟାବଧି ଏହି ପ୍ରମାଣପତ୍ର ଜାରି ବାବଦରେ ଆଦାୟ ହୋଇଥିବା ମୋଟ ଫି ୪କୋଟି ୧୩ଲକ୍ଷ ୫୦ହଜାରରେ ପହଞ୍ଚିଛି । ୨୦୧୯ରେ ୧କୋଟି ୫୨ଲକ୍ଷ ୭୮ହଜାର, ୨୦୨୦ରେ ୯୩ଲକ୍ଷ ୪୧ ହଜାର, ୨୦୨୧ରେ ୫୧ ଲକ୍ଷ, ୨୦୨୨ରେ ୩୯ଲକ୍ଷ ୭୪ହଜାର, ୨୦୨୩ରେ ୩୦ଲକ୍ଷ ୨୬ହଜାର, ୨୦୨୪ରେ ୨୩ଲକ୍ଷ ୫୬ହଜାର ଓ ୨୦୨୫ରେ ବର୍ତ୍ତମାନ ସୁଦ୍ଧା ୨୨ଲକ୍ଷ ୭୫ହଜାର ଟଙ୍କା ଆଦାୟ ହୋଇପାରିଛି । ଗୋଟିଏ ପଟରେ ସଂଶୋଧିତ ମୋଟରଯାନ ନିୟମ ଅନୁସାରେ ବିନା ପ୍ରଦୂଷଣ ପ୍ରମାଣପତ୍ରରେ ଗାଡିକୁ ୧୦ହଜାରଟଙ୍କା ପର୍ଯ୍ୟନ୍ତ ଜରିମାନା କରିବାର ବ୍ୟବସ୍ଥା ରହିଛି । ଯାହା ପୂର୍ବରୁ ମାତ୍ର ୫୦୦ଟଙ୍କା ଥିଲା । ଟୋଲଗେଟରେ ସ୍ୱୟଂକ୍ରିତ ଟ୍ରାକିଂ ବ୍ୟବସ୍ଥା ପାଇଁ ଗତ କିଛି ମାସ ହେବ ଗାଡି ମାଲିକ ସଚେତନ ହୋଇ ପ୍ରଦୂଷଣ ପ୍ରମାଣପତ୍ର ହାସଲ କରୁଛନ୍ତି । ରାଜ୍ୟରେ ପିୟୁସି ସେଣ୍ଟର ସଂଖ୍ୟା ବି ୨୦୦୯ରେ ପହଞ୍ଚିଲାଣି । ପିୟୁସି ପ୍ରମାଣପତ୍ର ଜାରି କରିବାରେ ଶେଷ ୫ଆରଟିଓ ମଧ୍ୟରେ ବାଲେଶ୍ୱର,କଟକ,ବଲାଙ୍ଗୀର,ରାଉରକେଲା ଓ ମୟୁରଭଞ୍ଜ ଆରଟିଓ ରହିଛନ୍ତି । ସେହିଭଳି ଏ ବାବଦ ରାଜସ୍ୱ ଆଦାୟ କ୍ଷେତ୍ରରେ ଭୁବନେଶ୍ୱର,କଟକ,ବାଲେଶ୍ୱର,ଭୁବନେଶ୍ୱର-୨ ଓ କେନ୍ଦୁଝର ରହିଛି ।

## ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ଦାବିପତ୍ର

ତିଗିରିଆ,୮।୧୨(ସମିସ): ତିଗିରିଆ ତହସିଲ ଅଧୀନ ନୂଆପାଟଣା ତଳସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏ ୦.୨୫ ଡେସିମିଲ ଜମିକୁ ଜୈନିକ ବ୍ୟକ୍ତି ଜବରଦଖଲ କରିଥିବାରୁ ଉକ୍ତ ଜବରଦଖଲ ଉଚ୍ଛେଦ ପାଇଁ ନୂଆପାଟଣା ଓ ଭୋଗଡା ପଞ୍ଚାୟତର ଜନସାଧାରଣ ସୋମବାର ତିଗିରିଆ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ଯେ, ନୂଆପାଟଣା ତଳସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ଲଟ ନମ୍ବର ୧୬୧/୫୩୯୯/୫୫୫୮ ରକବା ଏ୦.୨୫ ଡେସିମିଲ ସରକାରୀ ଜମିକୁ ଅଞ୍ଚଳର କୃଷ୍ଣଚନ୍ଦ୍ର ସ୍ୱାଇଁ ନାମକ ବ୍ୟକ୍ତି ଜବରଦଖଲ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି । ସୂଚନାଯୋଗ୍ୟ ଯେ ଉକ୍ତ ସରକାରୀ ଜମି ନିକଟରେ ଥିବା ୦.୯୫୨୦ ଡେସିମିଲ ଜାଗାର ଯାହାର ଖାତା ନମ୍ବର ୮୭୯/୨୧୬ ପ୍ଲଟ ନମ୍ବର ୧୬୧/୫୧୭୮ ପୂର୍ବ ମାଲିକ (ନିଳକମଳ ପାୱାର) ମାର୍ଫତ ସନ୍ତୋଷ କୁମାର ଅଗ୍ରୱାଲ ଯାହାଙ୍କ ଠାରୁ ବର୍ତ୍ତମାନ ଦଖଲରେ ଥିବା କୃଷ୍ଣଚନ୍ଦ୍ର ସ୍ୱାଇଁ ଉକ୍ତ ଜମି କିଣିଛନ୍ତି ସେ ଏହି ସରକାରୀ ଜମି ଦଖଲରେ ରହିଥିଲେ । ଦଖଲରେ ଥିବା ସମୟରେ ଶ୍ରୀ ଅଗ୍ରୱାଲ ଉକ୍ତ ସରକାରୀ ଜମି ଉପରେ ଏକ ପୋଖରୀ ଖୋଳି ମାଛ ଚାଷ ପାଇଁ ସରକାରଙ୍କ ଠାରୁ ସବସିଡି ପାଇଥିବା ଜଣାପଡିଛି । ପରେ ଉକ୍ତ ସରକାରୀ ଜମିରେ ପୋଖରୀ ରହିଥିବା ସତ୍ତ୍ୱେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟର କିଛି ଅସାଧୁ କର୍ମଚାରୀଙ୍କ ସହଯୋଗରେ ଏହାର କିସମ ପରିବର୍ତ୍ତନ କରି ଘରବାରିକୁ ପରିବର୍ତ୍ତନ କରିଛନ୍ତି । କିନ୍ତୁ ବିଦ୍ୟାଳୟ ଜମି ଉପରେ ହୋଇଥିବା ପୋଖରୀ ଖୋଳା ଗଲା କିଭଳି ଓ ବର୍ତ୍ତମାନ ସୁଦ୍ଧା ଉକ୍ତ ଜମିରେ ପୋଖରୀ ରହିଥିଲେ ମଧ୍ୟ ଏହାର କିସମ ପରିବର୍ତ୍ତନ ହେଲା କିଭଳି ତାହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଅଭିଯୋଗକାରୀମାନେ ଦାବି କରିଛନ୍ତି । ଅଭିଯୋଗକାରୀଙ୍କ ପକ୍ଷରୁ ଉକ୍ତ ଘଟଣାର ଭିଜିଲାନ୍ସ ତଦନ୍ତ ସହ ରାଜସ୍ୱ ବିଭାଗ ଦ୍ୱାରା ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ନମ୍ବର ଆରଡିଏମ-ଏଲଆରଜିଇବି-ପଲିସି -୦୦୦୧-୨୦୨୪- ତା ୩୧.୭.୨୦୧୬/ଆରଡିଏମ ତା ୨୨/୮/୨୫ରେ ଦିଆଯାଇଥିବା ଆଦେଶକୁ ଅନୁପାଳନ ପୂର୍ବକ ଜବରଦଖଲ ଉଚ୍ଛେଦ ପାଇଁ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ ପାଇଁ ଦାବି କରିଛନ୍ତି ।

## ଡମଣଗାଡ଼ିଆରେ ଅଗ୍ନିକାଣ୍ଡ

ବଡ଼ମ୍ବା,୮।୧୨(ସମିସ): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ବେଲିଆପାଳ ଗ୍ରାମ ପଞ୍ଚାୟତ ଅଧୀନ ଡ଼ମଣଗାଡ଼ିଆ କୋଚିଲା ଛକ ମୁଖ୍ୟ ରାସ୍ତାରେ ଥିବା ଫୁଟପାଥ ଉପରେ ବିଲରୁ ଧାନ କାଟି ରଖି ଧାନ ଅମଳ କରି ପାଳଗଦା ରଖିଥିଲେ । କିଛି ଚାଷୀଙ୍କର ଧାନ ଗଦା ହୋଇଥିଲା । ରବିବାର ବିଳମ୍ବିତ ରାତିରେ ଦୁଇ ଜଣ ବାଇକ ଚାଳକ ଆସି ଧାନଗଦା ସହ ଧକ୍କା ହୋଇଥିଲେ । ପରେ ଧାନ ଓ ପାଳ ଗଦାରେ ନିଆଁ ଲାଗି ହୁ ହୁ ହୋଇ ଜଳିବାରୁ ବାଲିଝରି ଦମକଳ ବାହିନୀକୁ ଖବର ଦିଆଯାଇଥିଲା । ଖବର ପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

## ପାରିବାରିକ ବିବାଦରୁ ଆକ୍ରମଣ; ଥାନାରେ ଅଭିଯୋଗ

ଆଠଗଡ,୮।୧୨(ସମିସ): ଆଠଗଡ଼ ଥାନା ଅନ୍ତର୍ଗତ ନୂଆଗଡ ଗ୍ରାମରେ ଜମିବାଡ଼ିକୁ ନେଇ ଚାଲିଥିବା ପାରିବାରିକ ବିବାଦରୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଏ ବାବଦରେ ସିସିଟିଭି କ୍ୟାମେରାରେ ଚିତ୍ର ରହିଥିବା ବେଳେ ଅନ୍ୟ ପକ୍ଷରୁ ମଧ୍ୟ ଗୋଟିଏ ପାଲଟା ଅଭିଯୋଗ ହୋଇଥିବା ଜଣାପଡିଛି । ନୂଆଗଡ ଗ୍ରାମର ବିରଞ୍ଚନ ପ୍ରଧାନଙ୍କ ଝିଅ ପ୍ରତୀକ୍ଷା ପ୍ରଧାନ ଆଠଗଡ଼ ଥାନାରେ ସେହି ଗ୍ରାମର ସୁଦର୍ଶନ ଜେନା, ରସାନନ୍ଦ ସାହୁ, ଅରବିନ୍ଦ ସାହୁଙ୍କ ସହିତ ଅନ୍ୟ ୯ଜଣ ଜମିବାଡ଼ି ସମ୍ପର୍କିତ ବିବାଦକୁ ନେଇ ତାଙ୍କର ଘରକୁ ଢେଲା ମାଡ କରିବା ସହିତ ମରଣାନ୍ତକ ଆକ୍ରମଣ କରିଥିଲେ । ଘଟଣାର ତଦନ୍ତ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଠଗଡ଼ ଥାନା ଅଧିକାରୀ ସୁମତି ମହାନ୍ତି ସୂଚନା ଦେଇଛନ୍ତି ।

## ସିରିଜ କାର ଦୁର୍ଘଟଣା; ୩ ଆହତ



ତ୍ରିଶୂଳିଆ,୮।୧୨( ସମିସ): ତ୍ରିଶୂଳିଆ ବଜାର ଉପରେ ମଦ୍ୟପ କାର ଚାଳକଙ୍କ ସିରିଜ ଦୁର୍ଘଟଣାରେ ୭ରୁ ଅଧିକ ଗାଡ଼ି କ୍ଷୟକ୍ଷତି ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି । ଘଟଣାରୁ ପ୍ରକାଶ ଯେ, ସୋମବାର ସକାଳ ୧୦ ଘଟିକା ସମୟରେ ଓଡି ୧୯ ଏଫ ୮୨୦୧ କାରଟି ଦୁଇ ଜଣ ମହିଳା ଦୁଇ ପୁରୁଷକୁ ନେଇ କଟକ ସିଡିଏ ୮ନଂ ଅଞ୍ଚଳରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା । ତ୍ରିଶୂଳିଆ ବଜାର ଟ୍ରାଫିକ ଛକ ଅତିକ୍ରମ କରିବା ପରେ ଚାଳକ ଜଣକ ଅତ୍ୟଧିକ ମଦ୍ୟପାନ କରିଥିବାରୁ ଦ୍ରୁତଗତିରେ ଆସି ପ୍ରଥମେ ଓଡି ୦୫ ବିଏଚ ୧୦୬୦ କାରକୁ ଧକ୍କା ଦେଲା ପରେ କାର ଫୁଟପାଥ ଉପରେ ଚଢ଼ିଯାଇଥିଲା । କାରଟି ଏତେ ଯୋରରେ ଆସୁଥିଲା ଏକ ଘରୋଇ ମାର୍କେଟ କମ୍ପେ୍ଲକ୍ସ ସମ୍ମୁଖରେ ରହିଥିବା ଗୋଟିଏ ବୁଲେଟ ଓଡି ୨୫ଏଲ ୨୫୫୩, ଦୁଇଟି ସ୍କୁଟି ଓଡି ୦୫ବିଜି ୦୪୬୦, ଓଡି ୩୩ ଏଜି ୩୦୫୨, ଗୋଟିଏ ପଲସର ଓଡି ୦୫ବିବି ୫୮୬୪, ଏବଂ ଗୋଟିଏ ୟାମା ଓଡି ୦୫ବିଜି ୮୩୦୪ ଗାଡ଼ି ଗୁଡ଼ିକୁ ଧକ୍କା ଦେଇଥିଲା । ଏହି ସିରିଜ ଦୁର୍ଘଟଣାରେ କାର ଭିତରେ ଥିବା ଦୁଇ ଜଣ ମହିଳା ସମେତ ରାସ୍ତା କଡ଼ରେ ଠିଆ ହୋଇଥିବା ଜଣେ ୪ ବର୍ଷର ଶିଶୁ ଆହତ ହୋଇଛନ୍ତି । ଘଟଣାସ୍ଥଳରେ ସ୍ଥାନୀୟ ଲୋକମାନେ ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ । ପରେ ଖବର ପାଇ ବାରଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର ବାଇକକୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି । ଏହି ସମୟରେ ରାସ୍ତାରେ ଭିଡ ଜମିବା ସହିତ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା ।

## ହାଇୱା ସହ ବାଇକ୍ ଧକ୍କା; ଦୁଇ ଗୁରୁତର

ତ୍ରିଶୂଳିଆ,୮ ।୧୨(ସମିସ): ଗୋଡିସାହି ଫାଣ୍ଡି ଅନ୍ତର୍ଗତ ନରାଜ ବ୍ୟାରେଜ ନିକଟରେ ହାଇୱା ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ଜଣ ଗୁରୁତର ହୋଇଛନ୍ତି । ଘଟଣାରୁ ପ୍ରକାଶ ଯେ ସୋମବାର ଅପରାହ୍ନ ସାଢେ ୨ଟା ସମୟରେ ନରାଜ ବ୍ୟାରେଜ ଛକରୁ ବିଶ୍ୱବିଦ୍ୟାଳୟ ରାସ୍ତାରେ



ଆସୁଥିବା ଓଡି ୩୪ ଏଫ ୦୩୮୨ ହାଇୱାକୁ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଓଡି ୦୫ ସିସି ୭୦୧୪ ବାଇକଟି ମୁହାଁମୁହିଁ ଧକ୍କା ଦେଇଥିଲା । ଫଳରେ ବାଇକରେ ଥିବା ଦୁଇ ଜଣ ଯୁବକ କିଛି ଦୂରରେ ଛିଟିକି ପଡିବାରୁ ରାସ୍ତା ଉପରେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକମାନେ ଗୁରୁତର ଆହତ ଦୁଇ ଜଣଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ସହିତ ଜରୁରୀକାଳୀନ ସେବାକୁ ସୂଚନା ଦେଇଥିଲେ । ସୂଚନା ଗୋଡିସାହି ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି ।

## ୩ ମଇଁଷି ଉଦ୍ଧାର, ୨ ଗିରଫ

ବଡମ୍ବା,୮।୧୨(ସମିସ): ରବିବାର ବିଳମ୍ବିତ ରାତିରେ ବଡମ୍ବା ଥାନା ପକ୍ଷରୁ ପେଟ୍ରୋଲିଂ ଚାଲିଥିବା ବେଳେ ତିଗିରିଆ ଅଞ୍ଚଳରୁ ବଡମ୍ବା ଟି ସେତୁ ଦେଇ ଗୋଟିଏ ଟାଟା ଏସିଇ ଗାଡି ସହ ସେଥିରେ ଥିବା ୩ଟି ମଇଁଷିକୁ ବଡମ୍ବା ପୁଲିସ ଉଦ୍ଧାର କରିଛି । ସୂଚନା ମୁତାବକ ରବିବାର ବିଳମ୍ବିତ ରାତିରେ ବଡମ୍ବା ଥାନା ପକ୍ଷରୁ ଗୋଟିଏ ଟାଟା ଏସିଇ ଗାଡି ନଂ-ଓଡି ୦୫ ଏଏଚ ୮୮୧୧ରେ ବୋଝେଇ ହୋଇ ବାହାରକୁ ଚାଲାଣ କରାଯାଉଥିବା ୩ଟି ଗୃହପାଳିତ ମଇଁଷିକୁ ଜବତ କରାଯିବା ସହ ଏହି ବ୍ୟବସାୟରେ ସଂପୃକ୍ତ ବଡମ୍ବା ଥାନା ଅଧୀନ ଗମେଇ ଗ୍ରାମର ବୈକୁଣ୍ଠନାଥ ବାରିକ ଓ ଏହି ଥାନା ଅଧୀନ ଶଶାଙ୍ଗ ଗ୍ରାମର ଦିଲ୍ଲୀପ ମହାପାତ୍ରଙ୍କୁ ଗିରଫ କରାଯାଇଛି । ଏଥିନେଇ ବଡମ୍ବା ଥାନା କେସ ନଂ-୩୧୬ ରେ ଏକ ମାମଲା ରୁଜୁ କରାଯାଇ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବାର ବଡମ୍ବା ଥାନା ଆଇଆଇସି ଅରବିନ୍ଦ ମୁଦୁଲିଙ୍କ ଠାରୁ ସୂଚନା ମିଳିଛି ।

## ବୃଷଭର ମହାପରାୟଣ ଦିବସ ପାଳିଲେ ଗ୍ରାମବାସୀ



ଭଦ୍ରେଶ୍ୱର,୮।୧୨(ସମିସ): ମାହାଙ୍ଗା ବ୍ଲକ ଉମର ଗ୍ରାମପଞ୍ଚାୟତ ଓସ୍ତପୁର ନାଳିପଡିଆ ଠାରେ ଗାଁ ଲୋକେ ଏକ ବୃଷଭ ବାସୁଆର ଏକବିଂଶତମ ମହାପରାୟଣ ଦିବସ ପାଳନ କରିଥିବାର ଜଣାଯାଇଛି । ଏହି ଅବସରରେ ଗ୍ରାମବାସୀ ପୂଜାର୍ଚ୍ଚନା କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ । ସ୍ଥାନୀୟ ବଜାର ବ୍ୟବସାୟୀ ସଂଘ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏହି ଉତ୍ସବରେ ସକାଳୁ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଆଜ୍ଞାମାଳ ଆଣି ଘଣ୍ଟ ବାଦ୍ୟ ରୋଷଣୀ କରି ପଟଣାସାହି, ମେଳକ ସାହି, ବେହେରା ସାହି, ବାରିକ ସାହି ପରିକ୍ରମା କରାଯିବା ପରେ ନାଳିପଡିଆସ୍ଥିତ ସମାଧିପୀଠରେ ପହଞ୍ଚିଥିଲେ । ପଣ୍ଡିତ ପ୍ରମୋଦ ଦାସଙ୍କ ଦ୍ୱାରା ସ୍ଥାପନ ସହ ପୂଜାର୍ଚ୍ଚନା କରାଯାଇଥିଲା । ସନ୍ଧ୍ୟାରେ ନୀଳକଣ୍ଠେଶ୍ୱର ଭଜନ ସନ୍ଧ୍ୟା ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠ ଶିଳ୍ପୀ କାର୍ତ୍ତିକ ଚନ୍ଦ୍ର ବେହେରା ଓ ତାଙ୍କ ସାଥିଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ଏଥିରେ ସୁରେନ୍ଦ୍ର ଓଝା ଓ ତାଙ୍କର ପତ୍ନୀ ଚାରୁଲତା ଓଝା କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ଏଥିରେ ନରୋତ୍ତମ ଦାସ, ରଘୁନାଥ ଦାସ, ବାନାମ୍ବର ଲେଙ୍କା, ପ୍ରମୋଦ ଦାସ, ଗଗନ କବାଟି, ବୀରବର ଦାସ, ଚନ୍ଦନ ସାହୁ, ପାର୍ଥସାରଥି ମଲିକ, ସରୋଜ ପ୍ରଧାନ, ବସନ୍ତ ବାରିକ, ଗଗନ ନାୟକ ପ୍ରମୁଖ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ ।

## ସିପିଆଇ ବୈଠକରେ ଆନ୍ଦୋଳନ ପାଇଁ ଆହ୍ୱାନ




କଟକ,୮।୧୨(ସମିସ): କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ସିପିଆଇ) କଟକ ଜିଲ୍ଲା ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଠଗଡ଼ ଜୋନ୍ ସମ୍ପାଦକ ଗୋବିନ୍ଦ ନାୟକଙ୍କ ସଭାପତିତ୍ୱରେ ନୂଆ ଦୁନିଆ କାର୍ଯ୍ୟାଳୟ (ପାଳିତ ପଡ଼ା) ଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ଦିବଙ୍ଗତ ସାଥୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସଭା କାର୍ଯ୍ୟ ଆରମ୍ଭରେ ଜିଲ୍ଲା ସମ୍ପାଦକ ବିନୋଦ ବେହେରା ବିଗତ ଦିନର କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ । ସେ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ୨୫ତମ ଜାତୀୟ ପାର୍ଟି କଂଗ୍ରେସର ଆହ୍ୱାନ ଏବଂ ଶତବାର୍ଷିକୀ ସମାରୋହ କାର୍ଯ୍ୟକ୍ରମ ପାଇଁ ସାଙ୍ଗଠନିକ ପ୍ରସ୍ତାବ ଆଗତ କରିଥିଲେ । ବୈଠକରେ ସିପିଆଇ ପାର୍ଟିକୁ ଅଧିକ ଶକ୍ତିଶାଳୀ କରିବା ସହ ବର୍ତ୍ତମାନର ପରିସ୍ଥିତିରେ ବାମପନ୍ଥୀ ଶକ୍ତିଙ୍କୁ ଏକଜୁଟ୍ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ଏବଂ ସଂଗ୍ରାମ ପାଇଁ ଆହ୍ୱାନ ଦିଆଯାଇଥିଲା । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଜନସମସ୍ୟା ଉପରେ ଏହି ବୈଠକରେ ଆଲୋଚନା ହୋଇଥିଲା ଓ ଅନେକ ପ୍ରସ୍ତାବ ଗୃହୀତ ହୋଇଥିଲା । ମୁଖ୍ୟତଃ ଗଣ ପାଣ୍ଠି ଅଭିଯାନକୁ ବ୍ୟାପକ କରିବା, ବାସହରା ଲୋକଙ୍କୁ ବାସଗୃହ ଯୋଗାଇଦେବା, ବିଦ୍ୟୁତ୍ ଶକ୍ତି କ୍ଷେତ୍ରରେ ଘରୋଇକରଣକୁ ତୁରନ୍ତ ବନ୍ଦ କରିବା, ମହିଳା ଓ ଦଳିତଙ୍କ ଉପରେ ହେଉଥିବା ନିର୍ଯାତନା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଜାତୀୟ ଶିକ୍ଷା ନୀତି-୨୦୨୦ ରଦ୍ଦ କରିବା, ଏବଂ ମନରେଗାରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ ୮୦୦ ଟଙ୍କା କରିବା ଭଳି ଦାବି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହା ସହିତ ପାଲେଷ୍ଟାଇନ୍ ଓ କ୍ୟୁବା ସଂହତି ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମରେନ୍ଦୁ ମହାନ୍ତି, ଜିଲ୍ଲା ସହ ସମ୍ପାଦକ ଉଦୟ କେଶରୀ ବର୍ମା, ନିଶ୍ଚିନ୍ତକୋଇଲି ବ୍ଲକ୍ ସମ୍ପାଦକ ହିମାଂଶୁ ଭୂୟାଁ ଏବଂ ମାହାଙ୍ଗା ବ୍ଲକ୍‌ରୁ ହରିହର ମହାନ୍ତି, ପ୍ରଶାନ୍ତ ସୂତାର, ସୁରେଶ ଚନ୍ଦ୍ର ସାହୁ, କଟକ ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର, କ୍ଷୀରୋଦ ବିଶ୍ୱାଳ, ମିହିର ବିଶ୍ୱାଳ, ଅଭୟ ପଟ୍ଟନାୟକ, ବିପିନ ବିହାରୀ ପାଢ଼ୀ, ଅଶୋକ ତା ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ମହିଳା ନେତ୍ରୀ ପୂର୍ଣ୍ଣିମା ମହାନ୍ତି ଧନ୍ୟବାଦ ଦେଇଥିଲେ । ଏହି ବୈଠକର ନିଷ୍ପତ୍ତି ଅନୁଯାୟୀ, ଡିସେମ୍ବର ୧୨ ତାରିଖରେ ଏକ ବିରାଟ ସମାବେଶ କରି ବିକ୍ଷୋଭ ପ୍ରଦର୍ଶନ କରିବାକୁ ସିପିଆଇ ପକ୍ଷରୁ ଘୋଷଣା କରାଯାଇଛି ।

**ଡିସେମ୍ବର ୧୨ରେ ବିକ୍ଷୋଭ**

## ମା' ମହାଲକ୍ଷ୍ମୀ ପୂଜା ମହୋତ୍ସବର ପଞ୍ଚମ ସନ୍ଧ୍ୟା

ବଡ଼ମ୍ବା,୮।୧୨(ସମିସ): ପଞ୍ଚମ ସନ୍ଧ୍ୟା ରତାପାଟ ଆଞ୍ଚଳିକ ମହାଲକ୍ଷ୍ମୀ ମହୋତ୍ସବ କମିଟିର ସଭପତି ରଜନୀକାନ୍ତ ବଳବନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍କୁଲର ଛାତ୍ରଛାତ୍ରୀଙ୍କ ନୃତ୍ୟ ପରିବେଷଣ ଚିତ୍ତାକର୍ଷକ ଥିଲା । ଆଜିର ସନ୍ଧ୍ୟାରେ ପ୍ରଭୁ ଜଗନ୍ନାଥଙ୍କ ପାଦ । ପୁଷ୍ପ ଅର୍ଘ୍ୟ ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟଅତିଥି ଭାବରେ କବି ଦୁର୍ଯ୍ୟୋଧନ ବରାଳ, ଖଣ୍ଡାପଡା



ଭାପୁର ମହୋତ୍ସବର ସମ୍ପାଦକ ପ୍ରଫୁଲ୍ଲ ମହାନ୍ତି, ତ୍ରିକୂଟ ମହୋତ୍ସବ ବୈଦେଶ୍ୱରର ସମ୍ପାଦକ ରବିନାରାୟଣ ମଙ୍ଗରାଜ, ଦୁଃଶାସନ ପଲେଇ, ଉପସଭାପତି ପ୍ରସନ୍ନ କୁମାର ପ୍ରଧାନ ଯୋଗଦେଇ ମହାଲକ୍ଷ୍ମୀ ପୂଜା ଓ ଓଡ଼ିଆ ଜନ ଜୀବନରେ ପୁରାଣର ଆବଶ୍ୟକତାକୁ ବର୍ଣ୍ଣନା କରିଥିଲେ । ସୋମନାଥ ଖୁଣ୍ଟିଆ, ବିଚିତ୍ରାନନ୍ଦ ଧଳ, ରବୀନ୍ଦ୍ର ସେଠୀ, ମିହିର ପ୍ରଧାନ, ରବୀନ୍ଦ୍ର ଦାସ, ସୁଶାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ । ଶିକ୍ଷକ ସମୀର କୁମାର ରାଉତ ସଂଯୋଜନା କରିଥିବା ବେଳେ ଓଷ୍ଟା କଟକ ଜିଲ୍ଲା ସଭାପତି କଳିଙ୍ଗ କେଶରୀ ପ୍ରଧାନ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସଂସ୍କୃତି ବିଭାଗ ତରଫରୁ ଯୋଗାଇ ଦିଆଯାଇଥିବା ଘୋଡାନାଚ ଓ ବିଧାୟକଙ୍କ ଅଫିସ ତରଫରୁ ଯୋଗଦେଇଥିବା ରେମୋ ଡାନ୍ସ ଗ୍ରୁପର ନୃତ୍ୟ ବେଶ୍ ଚିତ୍ତାକର୍ଷକ ହୋଇଥିଲା । ଏହି ମହୋତ୍ସବରେ ଆଖପାଖ ଅଞ୍ଚଳର ଜନ ସମାବେଶ ସହ ବିଭିନ୍ନ ଅଞ୍ଚଳରୁ ଜନସମାବେଶରେ ସହ ସହ ମୁଣ୍ଡମାଳ ଦେଖିବାକୁ ମିଳିଥିଲା ସମ୍ପାଦକ ବାମନ ଚରଣ ପଲେଇ ଧନ୍ୟବାଦ ଦେଇଥିଲେ ।

## ବଜାର ଉଚ୍ଛେଦକୁ ଏକ ବର୍ଷ ବିତିଲା | ବିଧାୟକଙ୍କ ଥଇଥାନ ପ୍ରତିଶ୍ରୁତି ପାଣିର ଗାର

କନ୍ଦରପୁର,୮।୧୨(ସମିସ): କଟକ ସଦର କଟକ-ପାରାଦୀପ ଓ କଟକ ଜଗତସିଂହପୁର ରାସ୍ତାର ତ୍ରିଛକି ସର୍ବପୁରାତନ କନ୍ଦରପୁର ବଜାରରେ ଥିବା କ୍ଷୁଦ୍ର ବ୍ୟବସାୟୀଙ୍କ ଦୋକାନ ଘରକୁ ଜଗତସିଂହପୁର ୫୫ ନମ୍ବର ଜାତୀୟ ରାଜପଥ ନବୀକରଣ ପାଇଁ ଉଚ୍ଛେଦ କରାଯାଇଛି । ଏଥି ପାଇଁ ଶହ ଶହ ବର୍ଷ ଧରି ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଏବେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ହେଲେ ଉଚ୍ଛେଦ ହୋଇଥିବା ବ୍ୟବସାୟୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବା ସହିତ ସମସ୍ତଙ୍କୁ ଥଇଥାନର ବ୍ୟବସ୍ଥା କରାଯିବ ବୋଲି କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ ତହସିଲଦାର ସର୍ବ ସମ୍ମୁଖରେ ଦେଇଥିବା ନିର୍ଭର ପ୍ରତିଶ୍ରୁତିକୁ ବର୍ଷେ ପୁରିଥିବା ବେଳେ ପ୍ରତିଶ୍ରୁତି ପାଣିର ଗାର ସଦୃଶ ହୋଇଛି । ଏଥିପାଇଁ ସର୍ବସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ସୂଚନାଯୋଗ୍ୟ ଯେ ବିଧାୟକ ଓ ତହସିଲଦାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ପ୍ରଶାସନ ଦୋକାନ ଘର ଗୁଡ଼ିକ ବଳପୂର୍ବକ ଉଚ୍ଛେଦ କରିବା ପୂର୍ବରୁ ବ୍ୟବସାୟୀମାନେ ସ୍ୱତଃ ପ୍ରବୃତ ଭାବେ ନିଜେ ନିଜେ ଭାଙ୍ଗି ଦେଇ ବିଧାୟକ ଓ ତହସିଲଦାରଙ୍କୁ ଭରସା କରି ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି । ପ୍ରତିଶ୍ରୁତିକୁ ଏକ ବର୍ଷ ପୁରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଯଦି ବିଧାୟକଙ୍କର ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଏ ତେବେ ବ୍ୟବସାୟୀ ମାନେ ଆଉ କହିବେ କାହାକୁ ଶୁଣିବ ବା କିଏ ନ୍ୟାୟରେ କପାଳକୁ ଆଦରି ଚୁପ୍ ରହିବାକୁ ବାଧ ହୋଇଥିବା ଜଣାପଡିଛି ।

## ବିଦ୍ୟାଳୟକୁ ପାଠ ପଢ଼ିବାକୁ ଆସି ଛାତ୍ର ଗୁରୁତର



ଭଦ୍ରେଶ୍ୱର,୮।୧୨(ସମିସ): କଟକ ଜିଲ୍ଲା ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଭଦ୍ରେଶ୍ୱର ପଞ୍ଚାୟତରେ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଆସି ଜଣେ ଛାତ୍ର ଗୁରୁତର ଭାବେ ଆହତ ହୋଇଛନ୍ତି । ଉପସ୍ଥିତ ଶିକ୍ଷକମାନେ ଆହତ ଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦେବାରେ କିମ୍ବା ଡାକ୍ତରଖାନା ନେବାରେ ସହାୟତା ନ କରିବା ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଶିକ୍ଷକଙ୍କର ଏଭଳି କର୍ତ୍ତବ୍ୟରେ ଘୋର ଅବହେଳାକୁ ନେଇ ଜନସାଧାରଣ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଗୋବିନ୍ଦପୁର ଗ୍ରାମର ଶରତ କୁମାର ନାଥଙ୍କ ପୁତ୍ର କ୍ରୀଷ୍ଣାଚରଣ ନାଥ ବୀର ଭଦ୍ରେଶ୍ୱର ପ୍ରାଥମିକ ବିଦ୍ୟାଳୟ (ପାଣ୍ଡିଆ) ରେ ପଞ୍ଚମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି । ସବୁଦିନ ପରି ସୋମବାର କ୍ରୀଷ୍ଣା ବିଦ୍ୟାଳୟକୁ ଆସିଥିବା ସମୟରେ ଅସାବଧାନତାବଶତଃ ବିଦ୍ୟାଳୟ ପରିସରରେ ରହିଥିବା ଏକ ଲୁହା ରଡ଼ ସଂସ୍ପର୍ଶରେ ଆସିଯାଇଥିଲେ । ଯେଉଁ ଲୁହା ରଡ଼ଟି କ୍ରୀଷ୍ଣାଙ୍କ ପିଠିରେ ପଶି ଗୁରୁତର କ୍ଷତ ସୃଷ୍ଟି କରିଥିଲା । ଏଡ଼େବଡ଼ ଅଘଟଣ ଘଟିବା ସତ୍ତ୍ୱେ, ବିଦ୍ୟାଳୟରେ ଉପସ୍ଥିତ ଶିକ୍ଷକମାନେ କର୍ତ୍ତବ୍ୟ ସମ୍ପାଦନ ନ କରି ପ୍ରଥମେ ଛାତ୍ରଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନେବା ପରିବର୍ତ୍ତେ, କେବଳ ତାଙ୍କ ଅଭିଭାବକଙ୍କୁ ଖବର ପଠାଇଥିଲେ । ଖବର ପାଇ ପରିବାର ପକ୍ଷରୁ କ୍ରୀଷ୍ଣାଙ୍କୁ ପ୍ରଥମେ ଭଦ୍ରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତେବେ ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତରମାନେ କ୍ଷତ ସ୍ଥାନରେ ୧୦ଟି ଷ୍ଟିଚ୍ ପକାଇବା ପରେ କ୍ରୀଷ୍ଣା ଘରକୁ ଫେରିଛନ୍ତି । ବିଦ୍ୟାଳୟ ପରିସରରେ ଛାତ୍ର ଜଣଙ୍କ ଗୁରୁତର ଆହତ ହେବା ପରେ ଶିକ୍ଷକଙ୍କ ଏପରି ଉଦାସୀନତା ଓ କର୍ତ୍ତବ୍ୟର ଅବହେଳାକୁ ନେଇ ଛାତ୍ରାଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅଭିଭାବକମାନେ ଉକ୍ତ ଶିକ୍ଷକଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

**ଆଠଗଡରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର**

# ଗୋଟିଏ ଅଭିଯୋଗର ବି ସମାଧାନ ହେଲାନି

### ନିରାଶ ହୋଇ ଫେରିଲେ ହିତାଧିକାରୀ

ଆଠଗଡ,୮।୧୨(ସମିସ)

ସୋମବାର ଆଠଗଡ଼ ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରକୁ ଆସିଥିବା ଲୋକମାନଙ୍କୁ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଥିଲା । କାରଣ ଅଭିଯୋଗ ଶୁଣିବାକୁ କିମ୍ବା ସମାଧାନ କରିବା ପାଇଁ କୌଣସି ଅଧିକାରୀ ନ ଥିଲେ । ଜିଲ୍ଲାପାଳ ଆସି ଜନ ଶୁଣାଣୀ ଶିବିରରେ ମାତ୍ର ଘଣ୍ଟାଏରୁ କମ୍ ସମୟ ରହି ଚାଲି ଯାଇଥିଲେ । ଆଜିର ଜନଶୁଣାଣି ଶିବିରରେ ସମୁଦାୟ ୬୩ଟି ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ସେଥିରୁ ୪୮ଟି ବ୍ୟକ୍ତିଗତ ଏବଂ ୧୫ଟି ସାମୁହିକ ଅଭିଯୋଗ ରହିଥିଲା । କିନ୍ତୁ ସେଥି ମଧ୍ୟରୁ ଗୋଟିଏ ଅଭିଯୋଗର ମଧ୍ୟ



ସମାଧାନ ହୋଇ ନ ଥିବା ଜଣାପଡିଛି । ଦିବ୍ୟାଙ୍ଗ ସହାୟତା, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସହାୟତା ଏବଂ ଭତ୍ତା ପାଇଁ ଆଶାୟୀ ହିତାଧିକାରୀମାନଙ୍କୁ ନିରାଶ ହୋଇ ଫେରିବା ଦେଖିବାକୁ ମିଳିଥିଲା । ଶିବିରର ଆରମ୍ଭରୁ ସମସ୍ତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବା ବେଳେ ଜିଲ୍ଲାପାଳ ଚାଲିଯିବା ପରେ ସେମାନେ ମଧ୍ୟ ଚାଲି ଯାଇଥିଲେ । ଶିବିରରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ବିନୀତ ଭରଦ୍ୱାଜ, ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଜିଲ୍ଲା ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ ହୋତା, ବିଡ଼ିଓ ଆକାଶ ପଣ୍ଡାଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୭୫ ● ପାଉଣ୍ଡ ୧୦୨.୭୭
- ୟୁରୋ ୧୧୬.୯୬ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୧୯,୫୫୦ (ନୂଆଦିଲ୍ଲୀ)
- ରୁପା : ୧,୯୬,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୫,୧୦୨.୦୦
- ନିଫ୍ଟି ୨୫,୯୬୦.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଖୁବ୍ ଶୀଘ୍ର ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି

**୧୦ରୁ ବଡ଼ ବୈଠକ**

ନୂଆଦିଲ୍ଲୀ,୮।୧୨(ଏଜେନ୍ସି)



- ଶୁଳ୍କ ସଙ୍କଟ ସମାଧାନ ପାଇଁ ପ୍ରୟାସ ତୀବ୍ରତର
- ଆଜି ଭାରତ ଆସୁଛନ୍ତି ରିକ୍ ସ୍ୱିଜର, ବ୍ରେଣ୍ଡନ୍ ଲିଞ୍ଚ୍

ଚଳିତ ସପ୍ତାହରେ ଭାରତ ଏବଂ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ନୂଆଦିଲ୍ଲୀରେ ହେବାର କାର୍ଯ୍ୟକ୍ରମ ରହିଛି। ଆମେରିକା ବାଣିଜ୍ୟ ପ୍ରତିନିଧିଙ୍କ କାର୍ଯ୍ୟାଳୟର ଏକ ଟିମ୍ ଡିସେମ୍ବର ୯ ରୁ ୧୧ ତାରିଖ ପର୍ଯ୍ୟନ୍ତ ଭାରତ ଗସ୍ତ କରିବେ। ଏହି ଦଳର ନେତୃତ୍ୱ ନେଉଛନ୍ତି ଉପ-ଆମେରିକା ବାଣିଜ୍ୟ ପ୍ରତିନିଧି ରିକ୍ ସ୍ୱିଜର। ସରକାରୀ ସୂତ୍ର ଅନୁଯାୟୀ, ଡିସେମ୍ବର ୧୦ ଏବଂ ୧୧ ତାରିଖରେ ସମସ୍ତ ବାଣିଜ୍ୟ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯିବ। ଏହି ଟିମ୍‌ରେ ଆମେରିକାର ମୁଖ୍ୟ ଆଲୋଚନାକାରୀ ବ୍ରେଣ୍ଡନ୍ ଲିଞ୍ଚ ଏବଂ ଦକ୍ଷିଣ ଏବଂ ମଧ୍ୟ ଏସିଆ ପାଇଁ ସହାୟକ ଆମେରିକୀୟ ବାଣିଜ୍ୟ ପ୍ରତିନିଧି ମଧ୍ୟ ସାମିଲ ହେବେ। ସେମାନେ ଭାରତର ମୁଖ୍ୟ ଆଲୋଚନାକାରୀ ଏବଂ ବାଣିଜ୍ୟ ଯୁଗ୍ମ ସଚିବ ଦର୍ପଣ ଜୈନଙ୍କ ସହ ସାକ୍ଷାତ ଆଲୋଚନା କରିବେ। ରିକ୍ ସ୍ୱିଜର ନିଜେ ଭାରତର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲଙ୍କ ସହ କଥା ହେବେ। ଏହି ବୈଠକ ଗୁରୁତ୍ୱପୂର୍ଣ୍ଣ କାରଣ ଉଭୟ ଦେଶ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଶୀଘ୍ର ସମାପ୍ତ କରିବାକୁ ଚେଷ୍ଟା କରୁଛନ୍ତି।

ରୁଷରୁ ଅଶୋଧିତ ତେଲ କ୍ରୟ କରିବା ପାଇଁ ଆମେରିକା ଭାରତୀୟ ସାମଗ୍ରୀ ଉପରେ ୨୫% ଶୁଳ୍କ ଏବଂ ଅତିରିକ୍ତ ୨୫% ଜରିମାନା ଲଗାଇବା ପରେ ଏହା ଆମେରିକୀୟ ଅଧିକାରୀଙ୍କ ଦ୍ୱିତୀୟ ଗସ୍ତ। ଆମେରିକା ଦଳର ଶେଷ ଗସ୍ତ ସେପ୍ଟେମ୍ବର ୧୬ରେ ହୋଇଥିଲା। କିଛି ଦିନ ପରେ, ସେପ୍ଟେମ୍ବର ୨୨ରେ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ମଧ୍ୟ ବାଣିଜ୍ୟ ଆଲୋଚନା ପାଇଁ ଆମେରିକା ଗସ୍ତ କରିଥିଲେ। ଗୋୟଲ ପୂର୍ବରୁ ମେ' ମାସରେ ୱାଶିଂଟନ ଗସ୍ତ କରିଥିଲେ। ବାଣିଜ୍ୟ ସଚିବ ସମ୍ପ୍ରତି କହିଛନ୍ତି ଯେ ଭାରତ ଚଳିତବର୍ଷ ଶେଷ ସୁଦ୍ଧା ଆମେରିକା ସହିତ ଏକ ଫ୍ରେମୱାର୍କ ବାଣିଜ୍ୟ ଚୁକ୍ତିରେ ପହଞ୍ଚିବାକୁ ଆଶା କରୁଛି, ଯାହା ଭାରତୀୟ ରପ୍ତାନିକାରୀଙ୍କୁ ଲାଭ ଦେବା ସହିତ ଶୁଳ୍କ ସମସ୍ୟାର ସମାଧାନ କରିବ। ସେ କହିଛନ୍ତି ଯେ ଏକ ପୂର୍ଣ୍ଣ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ସମୟ ନେବ, କିନ୍ତୁ ଏକ ଫ୍ରେମୱାର୍କ ଚୁକ୍ତି ପାରସ୍ପରିକ ଶୁଳ୍କ କ୍ଷେତ୍ରରେ ରହିଥିବା ଆହ୍ୱାନର ସମାଧାନ କରିପାରିବ। ବାସ୍ତବରେ ଭାରତ ଏବଂ ଆମେରିକା ଦୁଇଟି ପୃଥକ ଟ୍ରାକରେ ଆଲୋଚନା କରୁଛନ୍ତି। ଗୋଟିଏ ଶୁଳ୍କ ଦୂର କରୁଥିବା ଏକ ଫ୍ରେମୱାର୍କ ଚୁକ୍ତି ଖୋଜୁଛି ଏବଂ ଅନ୍ୟଟି ଏକ ବୃହତ ବାଣିଜ୍ୟ ଚୁକ୍ତି। ଫେବୃଆରୀରେ ଉଭୟ ଦେଶର ନେତୃବୃନ୍ଦ ଅଧିକାରୀମାନଙ୍କୁ ଏକ ଚୁକ୍ତିରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଥିଲେ। ଯୋଜନା ଥିଲା ୨୦୨୫ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ସମାପ୍ତ କରିବା। ଏ ପର୍ଯ୍ୟନ୍ତ ୬ ପର୍ଯ୍ୟାୟ ଆଲୋଚନା ଅନୁଷ୍ଠିତ ହୋଇସାରିଛି। ୨୦୩୦ ସୁଦ୍ଧା ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଦ୍ୱିଗୁଣରୁ ଅଧିକ ୫୦୦ ବିଲିୟନ ଡଲାର କରିବାକୁ ଏହି ଚୁକ୍ତିରେ ଲକ୍ଷ୍ୟ ରଖାଯାଇଛି, ଯାହା ବର୍ତ୍ତମାନ ପ୍ରାୟ ୧୯୧ ବିଲିୟନ ଡଲାର ସ୍ତର ତୁଳନାରେ। ୨୦୨୪-୨୫ ବର୍ଷରେ ଯୁକ୍ତରାଷ୍ଟ୍ର ଆମେରିକା ଲଗାତାର ଚତୁର୍ଥ ବର୍ଷ ପାଇଁ ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର ହୋଇ ରହିଥିଲା।

## ରେପୋ ହାର ହ୍ରାସର ପ୍ରଭାବ

# ୫ ବ୍ୟାଙ୍କ କମାଇଲେ ସୁଧହାର

ନୂଆଦିଲ୍ଲୀ,୮।୧୨(ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକରେ ରେପୋ ହାରରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରିବା ପରେ ରେପୋ ହାର ୫.୨୫% କୁ ହ୍ରାସ ପାଇଛି। ଏହାପରେ ବ୍ୟାଙ୍କଗୁଡ଼ିକ ସେମାନଙ୍କର ଖୁଚୁରା ଋଣ ସୁଧ ହାର ହ୍ରାସ କରିଛନ୍ତି। କାରଣ ରେପୋ ହାରରେ ହ୍ରାସ ସିଧାସଳଖ ବ୍ୟାଙ୍କଗୁଡ଼ିକର ଋଣ ଖର୍ଚ୍ଚକୁ ପ୍ରଭାବିତ କରେ, ଯାହା ଦ୍ୱାରା ଋଣ ଶସ୍ତା ହୁଏ। ଋଣ ସୁଧ ହାର ହ୍ରାସ କରିଥିବା ବ୍ୟାଙ୍କଗୁଡିକ ହେଉଛନ୍ତି, ବ୍ୟାଙ୍କ ଅଫ୍ ବରୋଦା, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ୍ ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ଏବଂ କରୁର ବୈଶ୍ୟ ବ୍ୟାଙ୍କ।

ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫ୍ ବରୋଦା ଏହାର ଋଣ ସୁଧ ହାର ୮.୫%ରୁ ୭.୯୦%କୁ ହ୍ରାସ କରିଛି। ସେହିପରି ବ୍ୟାଙ୍କ ଅଫ୍ ଇଣ୍ଡିଆ ଏହାର ଋଣ ସୁଧହାର ୮.୩୫%ରୁ ୮.୧୦%କୁ ହ୍ରାସ କରିଛି। ସେହିପରି ଅନ୍ୟତମ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଇଣ୍ଡିଆନ୍ ବ୍ୟାଙ୍କ ତା'ର ଋଣ ସୁଧ ହାର ୮.୨୦%ରୁ ୭.୯୫%କୁ ହ୍ରାସ ଘଟାଇଛି। ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ(ପିଏନ୍‌ବି) ଋଣ ହାର ୮.୩୫%ରୁ ୮.୧୦%କୁ ହ୍ରାସ କରିଥିବାବେଳେ କରୁର ବୈଶ୍ୟ ବ୍ୟାଙ୍କ ତାହାର ଋଣ ସୁଧ ହାର ୮.୮୦%ରୁ ୮.୫୫%କୁ ହ୍ରାସ କରିଛି। ଯଦିଓ ବ୍ୟାଙ୍କଗୁଡ଼ିକ ସେମାନଙ୍କର ଋଣ ସୁଧ ହାରରେ ସାମାନ୍ୟ ହ୍ରାସ କରିଛନ୍ତି, ଏହି ଛୋଟ ହ୍ରାସ ସମୟ ସହିତ ଲକ୍ଷ ଲକ୍ଷ ଟଙ୍କା ସଞ୍ଚୟ କରିପାରିବ। ଯଦିଓ ଇଏମ୍‌ଆଇ ପ୍ରତି ମାସରେ ୫୦୦-୬୦୦ ଟଙ୍କା ହ୍ରାସ ପାଉଛି, ଏହା ୨୦-୨୫ ବର୍ଷ ଋଣ ଅବଧିରେ ବହୁତ ଅଧିକ ଟଙ୍କା ସଞ୍ଚୟ କରିପାରିବ। ସୁଧହାରରେ ହ୍ରାସ ଯୋଗୁ କାର୍ ଋଣ, ଶିକ୍ଷା ଋଣ ମଧ୍ୟ ଶସ୍ତା ହୋଇଛି।

# ଟୟୋଟା କିର୍ଲୋସ୍କର ମୋଟର 'ଟୟୋଟା ହର୍ନବିଲ ମ୍ୟୁଜିକ୍ ଫେଷ୍ଟିଭାଲ୍ ୨୦୨୫'




ଭୁବନେଶ୍ୱର, ୮।୧୨(ସମିସ): କ୍ରମାଗତ ଚତୁର୍ଥ ବର୍ଷ ପାଇଁ ଟାଇଟଲ୍ ପ୍ରଯୋଜକ ଭାବରେ ଚାଲିଥିବା ସର୍ବଭାରତୀୟ ସ୍ତରରେ ସମ୍ମାନିତ ହର୍ନବିଲ୍ ଫେଷ୍ଟିଭାଲରେ ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ୍) 'ଟୟୋଟା ହର୍ନବିଲ ମ୍ୟୁଜିକ୍ ଫେଷ୍ଟିଭାଲ'ର ଶୁଭାରମ୍ଭ କରିଛି। ଚଳିତ ବର୍ଷର ସଂସ୍କରଣ ଜାପାନର ଡ୍ରମ୍ ଆନ୍ସମ୍ବଲ୍ ଏବଂ ଟୟୋଟା ବ୍ରାଣ୍ଡ ଆମ୍ବାସାଡର ଡ୍ରମ୍ ଟାଓଙ୍କ ଦ୍ୱାରା ଏକ ବିଶେଷ ପ୍ରଦର୍ଶନ ସହିତ ଖୋଲାଯାଇଥିଲା। ରାଜ୍ୟ ସରକାରଙ୍କ ବରିଷ୍ଠ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଟୟୋଟା ହର୍ନବିଲ୍ ମ୍ୟୁଜିକ୍ ଫେଷ୍ଟିଭାଲ୍ ୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଉଚ୍ଚ ଶିକ୍ଷା ଓ ପର୍ଯ୍ୟଟନ ପାଇଁ ସମ୍ମାନଜନକ ମିନିଷ୍ଟର, ନାଗାଲାଣ୍ଡ ସରକାର, ଶ୍ରୀମନ୍ଦିର ଟୟୋଟା କିର୍ଲୋସ୍କର ମୋଟରର ବରିଷ୍ଠ ନେତୃତ୍ୱ, ବିକ୍ରି, ସେବା ଏବଂ ବ୍ୟବହୃତ କାରର ଡେପୁଟି ମ୍ୟାନେଜିଂ ନିର୍ଦ୍ଦେଶକ ତଦିଶୀ ଆସାଜୁମା, ମୁଖ୍ୟ ଯୋଗାଯୋଗ ଅଧିକାରୀ, ବରିଷ୍ଠ ଉପସଭାପତି ତଥା ନିର୍ଦ୍ଦେଶକ ତଥା ଅନ୍ୟାନ୍ୟ ବରିଷ୍ଠ କାର୍ଯ୍ୟନିର୍ବାହୀ ତଦୀ ମେରୁ, ସାଂସ୍କୃତିକ ସୌହାର୍ଦ୍ଦ୍ୟ ତଥା କଳାତ୍ମକ ଉତ୍କର୍ଷର ପ୍ରତୀକ ଭାବରେ ଏକ ଉତ୍ସବର ଆରମ୍ଭକୁ ଚିହ୍ନିତ କରିଛନ୍ତି। ହର୍ନବିଲ୍ ମ୍ୟୁଜିକ୍ ଫେଷ୍ଟିଭାଲ୍ ୨୦୨୫ ସହିତ ଟୟୋଟା କିର୍ଲୋସ୍କର ମୋଟରର ଆସୋସିଏସନ ବିଷୟରେ ସୂଚନା ଦେଇ ବିକ୍ରି , ସେବା ଏବଂ ବ୍ୟବହୃତ କାର ପାଇଁ ଡେପୁଟି ମ୍ୟାନେଜିଂ ନିର୍ଦ୍ଦେଶକ ତାଡାଶୀ ଆସାଜୁମା କହିଛନ୍ତି। ଟୟୋଟା କିର୍ଲୋସ୍କର ମୋଟର ଆଣ୍ଡ ଲେକ୍ସସ୍ କହିଛନ୍ତି, ହର୍ନବିଲ୍ ମ୍ୟୁଜିକ୍ ଫେଷ୍ଟିଭାଲ୍ ନାଗାଲାଣ୍ଡର ପ୍ରକୃତ ହୃଦୟ ଏବଂ ଆତ୍ମାକୁ ପ୍ରତିପାଦିତ କରିଥାଏ।

# ୨୦୩୦ ସୁଦ୍ଧା ସବୁ ଭାରତୀୟଙ୍କ ପାଖରେ ଏଆଇ ପହଞ୍ଚାଇବ ଆମାଜନ

ନୂଆଦିଲ୍ଲୀ,୮।୧୨ : ଭାରତ ସରକାରଙ୍କ ଏଆଇ ମିଶନ ପ୍ରତି ସମର୍ଥନ ଜଣାଇ ଆମାଜନ ପକ୍ଷରୁ ୨୦୩୦ ସୁଦ୍ଧା ସବୁ ଭାରତୀୟଙ୍କ ପାଖରେ ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏଆଇ) ପହଂଚାଇବାକୁ ଲକ୍ଷ୍ୟ ରଖାଯାଇଛି। କମ୍ପାନୀ ସ୍ଥାନୀୟ କ୍ଲାଉଡ୍ ଓ ଏଆଇ ଭିତିଭୂମିରେ ୧୨.୭ ବିଲିୟନ ଡଲାର ନିବେଶ କରିବା ପଥରେ ରହିଛି ଯାହା ଫଳରେ ୧୫ ନିୟୁତରୁ ଅଧିକ କ୍ଷୁଦ୍ର ବ୍ୟବସାୟ ପାଖରେ ଏଆଇର ଲାଭ ପହଂଚିପାରିବ। ୨୦୩୦ ସୁଦ୍ଧା ୪ ନିୟୁତ ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଖରେ ଏଆଇ ସାକ୍ଷରତା ଓ କ୍ୟାରିୟର ସଚେତନତା ପହଂଚାଇବାକୁ ଆମାଜନ ପ୍ରତିବଦ୍ଧ ରହିଛି। ଆମାଜନ ଇଣ୍ଡିଆର କଣ୍ଟ୍ରି ମ୍ୟାନେଜର ସମିର କୁମାର କହିଛନ୍ତି ଯେ,ଯୁଗ ଯୁଗ ଧରି ଲୋକମାନଙ୍କୁ ପଛୁଆ ରଖିଥିବା ଭାଷା, ସାକ୍ଷରତା ଓ ସୁବିଧାର ପ୍ରତିବନ୍ଧକକୁ ଦୂର କରି ଭାରତରେ ଶ୍ରେଷ୍ଠ ସମାନତା ଆଣିବାର ସମ୍ଭାବନା ଏଆଇ ପାଖରେ ରହିଛି। ଯେତେବେଳେ ତୃତୀୟ ଶ୍ରେଣୀ ସହରରେ ଛୋଟ ବ୍ୟବସାୟୀ ଏଆଇକୁ ବ୍ୟବହାର କରି କିଛି ମିନିଟ୍ରେ ପ୍ରଫେସନାଲ ଉତ୍ପାଦ ଲିଷ୍ଟିଂ କରିବେ।

## ସଂସଦରେ ସରକାରଙ୍କ ସୂଚନା

# ସାଢ଼େ ୫ ବର୍ଷରେ ୬.୧୫ ଲକ୍ଷ କୋଟିର ଋଣ ରାଇଟ୍ ଅଫ୍

ନୂଆଦିଲ୍ଲୀ,୮।୧୨(ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ତଥ୍ୟ ଅନୁଯାୟୀ, ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଗତ ସାଢ଼େ ପାଞ୍ଚ ବର୍ଷରୁ କମ୍ ସମୟ ମଧ୍ୟରେ ୬.୧୫ ଲକ୍ଷ କୋଟି ଟଙ୍କାର ଋଣ ରାଇଟ୍ ଅଫ୍ କରିଛନ୍ତି। ବାଲାନ୍ସ-ସିଟ୍‌କୁ ସଫା କରିବା ପାଇଁ ଲକ୍ଷ୍ୟ ନେଇ ଏପରି କରାଯାଇଥିବା ସରକାର କହିଛନ୍ତି। ଚଳିତ ଆର୍ଥିକବର୍ଷର ସେପ୍ଟେମ୍ବର ୩୦ ମଧ୍ୟରେ ମୋଟ ୬,୧୫,୬୪୭ କୋଟି ଟଙ୍କାର ଋଣ ରାଇଟ ଅଫ୍ କରାଟାଇଥିବା ଆଜି ଲୋକସଭାରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏକ ଲିଖିତ ଉତ୍ତରରେ ଏହା କହିଛନ୍ତି।




ସେ କହିଛନ୍ତି ଯେ ସରକାର ୨୦୨୨-୨୩ ଆର୍ଥିକବର୍ଷ ପରଠାରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ (ପିଏସ୍‌ବି)ରେ କୌଣସି ପୁଞ୍ଜି ପ୍ରବେଶ କରିନାହାଁନ୍ତି। ଏହି ସମୟ ମଧ୍ୟରେ ସରକାରୀ ବ୍ୟାଙ୍କଗୁଡ଼ିକ ସେମାନଙ୍କର ଆର୍ଥିକ ପ୍ରଦର୍ଶନରେ ଯଥେଷ୍ଟ ଉନ୍ନତି ଆଣିଛନ୍ତି, ଲାଭଜନକ ସ୍ଥିତିରେ ରହିଛନ୍ତି ଏବଂ ସେମାନଙ୍କର ପୁଞ୍ଜି ସ୍ଥିତିକୁ ସୁଦୃଢ଼ କରିଛନ୍ତି। ତେଣୁ ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ କୌଣସି ପୁଞ୍ଜି ପ୍ରବାହ କରି ନ ଥିବା ଶ୍ରୀ ଚୌଧୁରୀ କହିଛନ୍ତି। ତାଙ୍କ ଅନୁସାରେ, ସରକାରୀ ବ୍ୟାଙ୍କଗୁଡ଼ିକ ବର୍ତ୍ତମାନ ସେମାନଙ୍କର ପୁଞ୍ଜି ଆବଶ୍ୟକତା ପୂରଣ କରିବା ପାଇଁ ବଜାର ଉତ୍ସ ଏବଂ ଆଭ୍ୟନ୍ତରୀଣ ସମ୍ବଳ ଉପରେ ନିର୍ଭର କରୁଛନ୍ତି। ସେମାନେ ୨୦୨୨ ଏପ୍ରିଲ୍ ୧ ରୁ ୨୦୨୫ ସେପ୍ଟେମ୍ବର ୩୦ ମଧ୍ୟରେ ଇକ୍ୱିଟି ଏବଂ ବଣ୍ଡ ମାଧ୍ୟମରେ ବଜାରରୁ ମୋଟ ୧.୭୯ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ବ୍ୟାଙ୍କଗୁଡ଼ିକ ଚାରି ବର୍ଷ ପରେ ଆର୍‌ବିଆଇ ନିର୍ଦ୍ଦେଶାବଳୀ ଏବଂ ବ୍ୟାଙ୍କ ବୋର୍ଡ ଦ୍ୱାରା ଅନୁମୋଦିତ ନୀତି ଅନୁଯାୟୀ ଏନ୍‌ପିଏ ନିଷ୍ପତ୍ତି ନେଇଛନ୍ତି, ଯେଉଁଥିରେ ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଛି।

ସେ ସ୍ପଷ୍ଟ କରିଛନ୍ତି ଯେ ଏପରି ଋଣ ରାଇଟ୍ ଅଫ୍ ଋଣଗ୍ରହୀତାମାନଙ୍କୁ ସେମାନଙ୍କର ପରିଶୋଧ ଦାୟିତ୍ୱରୁ ମୁକ୍ତ କରେ ନାହିଁ। ସେ ଏହା ମଧ୍ୟ ବ୍ୟାଖ୍ୟା କରିଛନ୍ତି ଯେ ଲେଖନ ଋଣର ପୁନରୁଦ୍ଧାର ଏକ ଚାଲୁଥିବା ପ୍ରକ୍ରିୟା। ବ୍ୟାଙ୍କଗୁଡ଼ିକ ସେମାନଙ୍କ ପାଖରେ ଉପଲବ୍ଧ ବିଭିନ୍ନ ପୁନରୁଦ୍ଧାର ବ୍ୟବସ୍ଥା ମାଧ୍ୟମରେ ଋଣଗ୍ରହୀତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଚାଲିଛନ୍ତି - ଯେପରିକି ସିଭିଲ୍ କୋର୍ଟ କିମ୍ବା ଋଣ ପୁନରୁଦ୍ଧାର ଟ୍ରିବ୍ୟୁନାଲ୍ (ଡିଆର୍‌ଟିଏସ୍) ରେ ମାମଲା ଦାଖଲ କରିବା, ଆର୍ଥିକ ସମ୍ପତ୍ତିର ନିରାପତ୍ତା ଏବଂ ପୁନଃନିର୍ମାଣ ଏବଂ ସୁରକ୍ଷା ସ୍ୱାର୍ଥ ପ୍ରବର୍ତ୍ତନ (ସରଫେସୀ) ଆଇନ, ୨୦୦୨ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଦେବାଳିଆ ଏବଂ ଦେବାଳିଆ କୋଡ୍, ୨୦୧୬ ଅନୁଯାୟୀ ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ୍ (ଏନ୍‌ସିଏଲ୍‌ଟି) ରେ ମାମଲା ଦାଖଲ କରିବା।

## ଟିପିସିଓଡିଏଲ୍‌ର ସ୍ୱଷ୍ଟୋକ୍ତି

# ଅତିରିକ୍ତ ସୁରକ୍ଷା ଜମା ସ୍ମାର୍ଟ ମିଟର ସହ ଜଡ଼ିତ ନୁହେଁ

ଭୁବନେଶ୍ୱର, ୮।୧୨(ସମିସ): ନିକଟରେ କିଛି ଉପଭୋକ୍ତାଙ୍କୁ ଜାରି କରାଯାଇଥିବା ଅତିରିକ୍ତ ସୁରକ୍ଷା ଜମା (ଏଏସଡି) ଡିମାଣ୍ଡ ନୋଟିସ୍ ହେଉଛି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ବଣ୍ଟନ (ଯୋଗାଣ ସର୍ତ୍ତାବଳୀ) କୋଡ୍, ୨୦୧୯ ଦ୍ୱାରା ପରିଚାଳିତ ଏକ ବାଧ୍ୟତାମୂଳକ ବାର୍ଷିକ ବୈଧାନିକ ଅନୁପାଳନ। ଏହାର ସ୍ମାର୍ଟ ମିଟର ସ୍ଥାପନା କିମ୍ବା ପରିଚାଳନା ସହିତ କୌଣସି ସମ୍ପର୍କ ନାହିଁ ବୋଲି ଟିପିସିଓଡିଏଲ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବିଦ୍ୟୁତ୍ ଆଇନ, ୨୦୦୩ର ଧାରା ୪୭ ଅନୁଯାୟୀ ସୁରକ୍ଷା ଜମା ସଂଗ୍ରହ କରିବା ବାଧ୍ୟତାମୂଳକ ଅଟେ। ଏହି ଆଇନ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ ବାବଦରେ ଉପଭୋକ୍ତାଙ୍କଠାରୁ ଉପଯୁକ୍ତ ସୁରକ୍ଷା ରାଶି ଦାବି କରିବାକୁ କ୍ଷମତା ପ୍ରଦାନ କରେ। ଏହି ଆଇନକୁ ଆଧାର କରି ଓଇଆରସି ବଣ୍ଟନ (ଯୋଗାଣ ସର୍ତ୍ତାବଳୀ) କୋଡ୍, ୨୦୧୯ର ନିୟମାବଳୀ ୫୨, ୫୩, ୫୪ ଏବଂ ୫୫ ପ୍ରଣୟନ କରିଛନ୍ତି, ଯାହା ଏହି ପ୍ରକ୍ରିୟାକୁ କଠୋର ଭାବରେ ନିୟନ୍ତ୍ରଣ କରିଥାଏ। ଯଦି ଜଣେ ଉପଭୋକ୍ତାଙ୍କ ବିଦ୍ୟୁତ୍ ବ୍ୟବହାର ବୃଦ୍ଧି ପାଇଛି, ତେବେ ପୂର୍ବରୁ ଥିବା ସୁରକ୍ଷା ଜମା (୨ ମାସର ବିଲିଂ ପାଇଁ ଗଣନା କରାଯାଇଥିବା) କମ୍ ପଡିଥାଏ। ତେଣୁ ଉପଭୋକ୍ତାଙ୍କୁ ଏହି ପାର୍ଥକ୍ୟ ରାଶିକୁ ଅତିରିକ୍ତ ସୁରକ୍ଷା ଜମା (ଏଏସଡି) ଭାବରେ ପୈଠ କରିବାକୁ ପଡିଥାଏ।

# ୬ ମିଲିୟନରୁ ଅଧିକ ଷ୍ଟାଇଲ ଆଣିଛି ମିନ୍ତ୍ରା ଇଓଆରଏସ-୨୩

ଭୁବନେଶ୍ୱର,୮।୧୨(ସମିସ): ଫ୍ୟାଶନ, ବିୟୁଟି ଓ ଲାଇଫଷ୍ଟାଇଲ ପ୍ଲାଟଫର୍ମ ମିନ୍ତ୍ରା ଏହାର ପ୍ରମୁଖ ଫ୍ୟାଶନ ଇଭେଣ୍ଟ ଏଣ୍ଡ ଅଫ୍ ରିଜନ ସେଲ (ଇଓଆରଏସ)ର ୨୩ତମ ସଂସ୍କରଣ ପାଇଁ ପ୍ରସ୍ତୁତ ହୋଇଛି, ଯାହା ଡିସେମ୍ବର ୫ରୁ ଆରମ୍ଭ ହେଉଛି। ଏଥିରେ ୧୦,୦୦୦ରୁ ଅଧିକ ଆନ୍ତର୍ଜାତୀୟ, ଘରୋଇ ଓ ହୋମ୍‌ଗ୍ରାନ୍ ବ୍ରାଣ୍ଡଗୁଡିକରୁ ୬ ମିଲିୟନରୁ ଅଧିକ ଷ୍ଟାଇଲର ଏକ ବିସ୍ତୃତ କଲେକ୍ସନ ରହିଛି। ଏହି ସଂସ୍କରଣରେ ଗ୍ରାହକମାନେ ଏହାର 'ପ୍ରାଇସ କ୍ରାଶ୍' କ୍ୟାମ୍ପେନ ମାଧ୍ୟମରେ ଆକର୍ଷଣୀୟ ମୂଲ୍ୟରେ ଉଚ୍ଚମାନର ଫ୍ୟାଶନ, ବିୟୁଟି ଓ ଲାଇଫଷ୍ଟାଇଲ ଆସର୍ଟମେଣ୍ଟଗୁଡିକୁ ଉପଲବ୍ଧ କରିପାରିବେ। ଭିଆଇପି-ଓନ୍ଲି ସ୍ପେଶାଲ ଅଫର, ଭିଆଇପି ୱିକେଣ୍ଡ ଲାଭ ଭଳି ସୁବିଧା ମଧ୍ୟ ରହିଛି। ମିନ୍ତ୍ରା ଏହି ଇଓଆରଏସ ପାଇଁ ଫାଷ୍ଟ ଡେଲିଭରିକୁ ପ୍ରାଥମିକତା ଦେଉଛି, ଯାହା ବିକ୍ରି ଅର୍ଡରଗୁଡିକୁ ଯେତେ ଶୀଘ୍ର ସମ୍ଭବ ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛି। ଇଓଆରଏସ-୨୩ ସପର୍କ ପାଇଁ ନୂଆ ଲଞ୍ଚଗୁଡିକର ଏକ ସିରିଜ୍ ଶୁଭାରମ୍ଭ କରିଛି ଯାହା ଫ୍ୟାଶନ, ବିୟୁଟି, ହୋମ୍ ଓ ଡି୨ସି ବ୍ରାଣ୍ଡ ବର୍ଗରେ ପରିବ୍ୟାପ୍ତ ରହିଛି।

# ଏଏମ୍ /ଏନ୍‌ଏସ୍ ଇଣ୍ଡିଆରେ ଜାତୀୟ ପ୍ରଦୂଷଣ ନିବାରଣ ଦିବସ

ଭୁବନେଶ୍ୱର, ୮।୧୨(ଏଜେନ୍ସି): ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍ /ଏନ୍‌ଏସ୍ ଇଣ୍ଡିଆ) ଏହାର ପାରାଦ୍ୱୀପ ଏବଂ ଡାବୁନା ପ୍ଲାଣ୍ଟରେ ସଚେତନତା ଅଧିବେଶନ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହିତ ଜାତୀୟ ପ୍ରଦୂଷଣ ନିବାରଣ ଦିବସ ପାଳନ କରିଛି। ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟରେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦ୍ୱୀପ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି)ର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ପାରାଦ୍ୱୀପ ଏସପିସିବିର ପରିବେଶ ଇଞ୍ଜିନିୟର ଦିବ୍ୟଲୋଚନ ମହାପାତ୍ର ଏବଂ ଏଏମ୍ /ଏନ୍‌ଏସ୍ ଇଣ୍ଡିଆର ଅଧିକାରୀମାନଙ୍କ ସମେତ ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟ,ସ୍ଲରି ପାଇପ ଲାଇନ ଓ ଏଏମ୍ /ଏନ୍‌ଏସ୍ ପୋର୍ଟ୍ସର ମୁଖ୍ୟ ସି.ଏଚ. ହରିପ୍ରସାଦ, ପାରାଦ୍ୱୀପ କ୍ୟାପଟିଭ୍ ପାୱାର ପ୍ଲାଣ୍ଟର ମୁଖ୍ୟ ରାଜଶ୍ରୀ ସିହ୍ନା, ଓଡିଶା ପରିବେଶ ବିଭାଗର ମୁଖ୍ୟ ଶୁଭେନ୍ଦୁ କୁମାର ଦାଶ, ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟ ପରିବେଶ ବିଭାଗର ପ୍ରବନ୍ଧକ ଦେବଦତ୍ତ ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଏବଂ ଅଂଶୀଦାରମାନେ ମଧ୍ୟ ଯୋଗ ଦେଇଥିଲେ।



● ୬୦୯ ପଏଣ୍ଟ ଖସିଲା ସେନ୍‌ସେକ୍ସ

# ନିବେଶକଙ୍କ ୮ ଲକ୍ଷ କୋଟି ସ୍ୱାହା

ମୁମ୍ବଇ,୮।୧୨(ଏଜେନ୍ସି): ଭାରତୀୟ ସେୟାର ବଜାର ସୋମବାର ବିଗତ କିଛି ମାସ ମଧ୍ୟରେ ସବୁଠୁ ବଡ଼ ହ୍ରାସ ଦେଖିଛି। ସେନ୍‌ସେକ୍ସରେ ୬୦୯ ପଏଣ୍ଟରୁ ଅଧିକ ହ୍ରାସ ସହ ବନ୍ଦ ହୋଇଛି। ଅନ୍ୟପଟେ ନିଫ୍ଟି ରସାତଳକୁ ଖସି ୨୬,୦୦୦ ପଏଣ୍ଟ ତଳେ କାରବାର ଶେଷ କରିଛି। ବିଏସ୍‌ଇ ମିଡ୍‌କ୍ୟାପ୍ ଇଣ୍ଡେକ୍ସ ୧.୭୩%ଓ ବିଏସ୍‌ଇ ସ୍ମଲ୍‌କ୍ୟାପ୍ ଇଣ୍ଡେକ୍ସ ୨.୨୦%ହ୍ରାସ ପାଇଛି। ଏହି ହ୍ରାସ ଏତେ ବଡ଼ ଥିଲା ଯେ ନିବେଶକ ଗୋଟିଏ ଦିନରେ ହିଁ ପ୍ରାୟ ୮ ଲକ୍ଷ କୋଟି ଟଙ୍କା ହରାଇ ବସିଛନ୍ତି। କାରବାର ଶେଷରେ ବିଏସ୍‌ଇ ସେନ୍‌ସେକ୍ସ ୬୦୯.୬୮ ପଏଣ୍ଟ ବା ୦.୭୧% ହ୍ରାସ ପାଇ ୮୫,୧୦୨.୬୯ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ନିଫ୍ଟି ୨୨୫.୯୦ ପଏଣ୍ଟ ବା ୦.୮୬% ହ୍ରାସ ପାଇ ୨୫,୯୬୦.୫୫ ସ୍ତରରେ ବନ୍ଦ ହୋଇଛି। ସେୟାର ବଜାରରେ ଆଜିର ଏହି ହ୍ରାସ ଚାରିଆଡୁ ହୋଇଥିଲା । ସମସ୍ତ ସେକ୍ଟୋରାଲ ଇଣ୍ଡେକ୍ସ ଲାଲ୍ ସଂକେତରେ ବନ୍ଦ ହୋଇଛି। ସବୁଠୁ ଅଧିକ ହ୍ରାସ ପ୍ରତିରକ୍ଷା, ରିଅଲ୍ଟି, କ୍ୟାପିଟାଲ୍ ଗୁଡ୍ସ, ୟୁଟିଲିଟି ଓ ଶିଳ୍ପ କ୍ଷେତ୍ରର ସେୟାରରେ ଦେଖିବାକୁ ମିଳିଛି। ଆଇଟି ଓ ବ୍ୟାଙ୍କି ସେୟାର ଇଣ୍ଡେକ୍ସ ମଧ୍ୟ ଲାଲ୍ ସଙ୍କେତରେ ବନ୍ଦ ହୋଇଛି ।

# ୟୁପିଆଇ ବିଶ୍ୱର ସର୍ବବୃହତ ରିଅଲ୍-ଟାଇମ୍ ପେମେଣ୍ଟ ସିଷ୍ଟମ୍

ନୂଆଦିଲ୍ଲୀ,୮।୧୨(ଏଜେନ୍ସି)




**ଆଇଏମ୍‌ଏଫ୍ ରିପୋର୍ଟ**

ଭାରତର ଏକୀକୃତ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ)କୁ କାରବାର ପରିମାଣ ଦୃଷ୍ଟିରୁ ବିଶ୍ୱର ସର୍ବବୃହତ ରିଅଲ୍-ଟାଇମ୍ ପେମେଣ୍ଟ ସିଷ୍ଟମର ମାନ୍ୟତା ମିଳିଛି। ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ, କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି ଯେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ର ରିପୋର୍ଟ 'ବୃଦ୍ଧିଶୀଳ ଖୁଚୁରା ଡିଜିଟାଲ୍ ପେମେଣ୍ଟ (ଆନ୍ତର କାର୍ଯ୍ୟକ୍ଷମତାର ମୂଲ୍ୟ)' ରେ ଉଜ୍ଜ୍ୱଳ କରାଯାଇଛି।

ଏସିଆଇ ୱାର୍ଲ୍ଡୱାଇଡ୍‌ର "ପ୍ରାଇମ୍ ଟାଇମ୍ ଫର୍ ରିଅଲ୍-ଟାଇମ୍" ୨୦୨୪ ରିପୋର୍ଟ ଅନୁଯାୟୀ, ୟୁପିଆଇ ବିଶ୍ୱସ୍ତରୀୟ ରିଅଲ୍-ଟାଇମ୍ ପେମେଣ୍ଟ ସିଷ୍ଟମର ୪୯% ପ୍ରତିଶତ ଅଂଶ ଧାରଣ କରିଛି। ୧୨୯.୩ ବିଲିୟନ କାରବାର ସହିତ ୟୁପିଆଇ ବିଶ୍ୱ ତାଲିକାରେ ଏହା ଶୀର୍ଷରେ ରହିଛି। ଏଥିରେ ବ୍ରାଜିଲ୍ ୧୪ ପ୍ରତିଶତ ବଜାର ଅଂଶ ଏବଂ ୩୭.୪ ପ୍ରତିଶତ କାରବାର ସହିତ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଥାଇଲ୍ୟାଣ୍ଡ ୮ ପ୍ରତିଶତ ବଜାର ଅଂଶ ଏବଂ ୨୦.୪ ବିଲିୟନ କାରବାର ସହିତ ତୃତୀୟ ସ୍ଥାନରେ ଅଛି।୬ ପ୍ରତିଶତ ବଜାର ଅଂଶ ଏବଂ ୧୭.୨ ବିଲିୟନ କାରବାର ସହିତ ଚୀନ୍ ଚତୁର୍ଥ ସ୍ଥାନରେ ରହିଛି।

ସରକାର କହିଛନ୍ତି ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଭାରତୀୟ ଜାତୀୟ ପେମେଣ୍ଟ କର୍ପୋରେସନ୍ ଦ୍ୱାରା ସମୟାନୁଯାୟୀ, ଛୋଟ ବ୍ୟବସାୟୀମାନଙ୍କୁ ୟୁପିଆଇ ସମେତ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ଗ୍ରହଣ କରିବାରେ ସମର୍ଥନ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏଥିରେ ନିମ୍ନ-ମୂଲ୍ୟର ଭୀମ୍-ୟୁପିଆଇ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ରୋତ୍ସାହନ ଯୋଜନା ଏବଂ ପେମେଣ୍ଟ ଭିତ୍ତିଭୂମି ବିକାଶ ପାଣ୍ଠି ଅନ୍ତର୍ଭୁକ୍ତ, ଯାହା ବ୍ୟାଙ୍କ ଏବଂ ଆର୍ଥିକ ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡ଼ିକୁ ସ୍ତର-୩ ରୁ ସ୍ତର-୬ କେନ୍ଦ୍ରଗୁଡ଼ିକରେ ଡିଜିଟାଲ୍ ପେମେଣ୍ଟ ଭିତ୍ତିଭୂମି (ଯେପରିକି ପିଓଏସ୍ ଟର୍ମିନାଲ ଏବଂ କ୍ୟୁଆର୍ କୋଡ୍) ସ୍ଥାପନ କରିବା ପାଇଁ ଅନୁଦାନ ସହାୟତା ପ୍ରଦାନ କରୁଛି।



# ଯୋଦ୍ଧା ପ୍ରସ୍ତୁତ



କଟକ, ୮।୧୨ (କୁମାରଶ୍ରୀ ସାହୁ)

୧୦ମାସ ବ୍ୟବଧାନ ପରେ ପୁଣି ଥରେ କମ୍ପିଉଠିବ ଐତିହାସିକ ବାରବାଟୀ ଷ୍ଟାଡିୟମ। ମଙ୍ଗଳବାର ସନ୍ଧ୍ୟାରେ ଏଠାରେ ଭାରତ ଓ ଦକ୍ଷିଣଆଫ୍ରିକା ମୁହାଁମୁହିଁ ହେବେ। ପ୍ରସ୍ତୁତି ଶେଷ ହୋଇଛି। ଉଭୟ ଦଳ ଅଭ୍ୟାସ ସାରି ଭୁବନେଶ୍ୱର ବାହୁଡିଛନ୍ତି। ଟି-୨୦ ବିଶ୍ୱକପ୍‌ର ଫାଇନାଲ ମୁକାବିଲା ପରେ ଭାରତ ଏବଂ ଦକ୍ଷିଣଆଫ୍ରିକା ପ୍ରଥମଥର ଏହି ଫର୍ମାଟରେ ପୁର୍ନବାର ଭେଟିବେ। ଏଣୁ ପ୍ରତିଦ୍ୱନ୍ଦିତା ରୋମାଞ୍ଚକ ହେବା ନିଶ୍ଚିତ। ଅନ୍ୟପଟେ ପୂର୍ବରୁ ଭାରତ ଓ ଦକ୍ଷିଣଆଫ୍ରିକା ଦୁଇଥର

- ଦିନ ୩.୩୦ରେ ଖୋଲିବ ଗ୍ୟାଲେରୀ ଫାଟକ
- ଘଣ୍ଟି ବଜାଇ ମ୍ୟାଚ୍ ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ
- ଦର୍ଶକଙ୍କୁ ଝୁମାଇବ ଡିଏମସ୍ ଲାଇଟ୍ ଶୋ

ବାରବାଟୀରେ ଟି-୨୦ ମୁକାବିଲାରେ ସାମ୍ନାସାମ୍ନି ହୋଇଥିଲେ ସୁଦ୍ଧା ଉଭୟ ଥର ଦକ୍ଷିଣଆଫ୍ରିକାକୁ ବିଜୟ ମିଳିଛି। ଏହି ଧାରାକୁ ଭାଙ୍ଗିବାକୁ ଘରୋଇ ଭାରତ ଉଦ୍ୟମ କରିବ। ସନ୍ଧ୍ୟା ୭.୦୦ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଣ୍ଟି ବଜାଇ ମ୍ୟାଚ୍‌ର ଶୁଭାରମ୍ଭ କରିବେ। ମଙ୍ଗଳବାର ପୂର୍ବାହ୍ନରୁ ଦର୍ଶକଙ୍କ ଧାଡି ଲାଗିବ। ଦିନ ୩.୩୦ରେ ଗ୍ୟାଲେରୀ ଫାଟକ ଖୋଲାଯିବ। ଅନ୍ୟପଟେ ଜବାହାରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମ ଏବଂ କିଲ୍ଲା ପଡ଼ିଆରେ ଫ୍ୟାନପାର୍କ ବ୍ୟବସ୍ଥା ହେବ।

ରାଜ୍ୟର ଏକମାତ୍ର ଅନ୍ତର୍ଜାତୀୟ କ୍ରିକେଟ ଭେନ୍ୟୁ ବାରବାଟୀ ଷ୍ଟାଡିୟମର ଚତୁର୍ଥ ଥର ଟି-୨୦ ମ୍ୟାଚ୍ ଖେଳାଯିବ। ପ୍ରଥମଥର ବାରବାଟୀର ନାଲିମାଟି ପିଚ୍‌ରେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ ହେଉଛି। କାକର ପ୍ରଭାବକୁ ହ୍ରାସ କରାଇବା ଏବଂ ଉଭୟ ଇନିଂସ୍‌ରେ ବ୍ୟାଟିଂ, ବୋଲିଂକୁ ସୁହାଇବା ହେଉଛି ନାଲିମାଟି ପିଚ୍‌ର ବିଶେଷତ୍ୱ। ବାରବାଟୀରେ ୫ଟି ପ୍ରମୁଖ ପିଚ୍ ରହିଛି। ସେଥିରୁ ୨ଟି ନାଲିମାଟି ଏବଂ ୩ଟି କଳାମାଟି ପିଚ୍। ଗତ ଫେବୃୟାରୀରେ ଭାରତ-ଇଂଲଣ୍ଡ ଏକଦିବସୀୟ କଳାମାଟି ପିଚ୍‌ରେ ଖେଳାଯାଇଥିଲା। ମାତ୍ର ଭାରତ-ଦକ୍ଷିଣଆଫ୍ରିକା ଟି-୨୦ ନାଲିମାଟି ପିଚ୍‌ରେ ଖେଳାଯିବ। ପ୍ରଥମେ ବ୍ୟାଟିଂ କରିବାକୁ ଥିବା ଦଳ ଏଠାରେ ୨୦୦ରୁ ଅଧିକ ସ୍କୋର କରିବ ବୋଲି କ୍ୟୁରେଟର ଅନୁମାନ କରିଛନ୍ତି। ଅନ୍ୟପକ୍ଷରେ ମହାନଦୀ କୂଳରେ ଅବସ୍ଥିତ ବାରବାଟୀ ଷ୍ଟାଡିୟମରେ କାକର ପ୍ରଭାବକୁ ଅଣଦେଖା କରଯାଇ ନପାରେ। ଏଥି ନିମନ୍ତେ ବିଦେଶରୁ ସ୍ୱତନ୍ତ୍ର ଭାବେ ଆଣ୍ଟି ଡ୍ୟୁ ସ୍ପ୍ରେ ଅଣାଯାଇଛି। ତେବେ ବାରବାଟୀରେ ଉପସ୍ଥିତ ଦର୍ଶକଙ୍କୁ ଝୁମାଇବ ଡିଏମଏସ୍ ଲାଇଟ୍ ଶୋ। ୮ଟି ଯାକ ଫ୍ଲଡଲାଇଟ୍ ବିଭିନ୍ନ ରକମରେ ଝଲସି ଉଠିବ। ଲାଇଟ୍ ଶୋ ନିମନ୍ତେ ବିସିସିଆଇକୁ ନିବେଦନ କରାଯାଇଥିବା ବେଳେ ଏ ପର୍ଯ୍ୟନ୍ତ ସବୁଜ ସଙ୍କେତ ମିଳିନାହିଁ। ମ୍ୟାଚ୍ ଶେଷ ହେବା ପରେ ଡିଏମଏସ୍ ଶୋ କରାଯାଇପାରେ। ଆଜି ସନ୍ଧ୍ୟାରେ ପିଚ୍‌ରେ ଏହି ସ୍ପ୍ରେ କରାଯାଇଥିବା ଦେଖିବାକୁ ମିଳିଥିଲା। ମ୍ୟାଚ୍ ପୂର୍ବରୁ ଉଭୟ ଭାରତ ଏବଂ ଦକ୍ଷିଣଆଫ୍ରିକା ଦଳ ଆଜି ବାରବାଟୀରେ ଜୋରଦାର ଅଭ୍ୟାସ କରିଥିଲେ। ଅପରାହ୍ନ ୧.୩୦ରୁ ୪.୩୦ରୁ ପର୍ଯ୍ୟନ୍ତ ଭାରତୀୟ ଦଳ ପଡ଼ିଆରେ ଝାଳ ବୁହାଇଥିଲେ। ମୁଖ୍ୟକୋଚ୍ ଗୌତମ ଗମ୍ଭୀରଙ୍କ ଉପସ୍ଥିତିରେ ଦଳ ଅଭ୍ୟାସ ଚଳାଇଥିବା ବେଳେ ପ୍ରିୟ କ୍ରିକେଟରଙ୍କୁ ଦେଖିବା ନିମନ୍ତେ ଗ୍ୟାଲେରୀ ନଂ-୧,୨,୬ ଏବଂ ୭ରେ ଦର୍ଶକଙ୍କ ଭିଡ ଜମିଥିଲା। ସେହିପରି ସନ୍ଧ୍ୟାରେ ଦକ୍ଷିଣଆଫ୍ରିକା ଦଳ ଅଭ୍ୟାସକୁ ଓହ୍ଲାଇଥିଲା। ବିଦେଶୀ ଦଳର ଅଧିନାୟକ ଆଇଡେନ ମାର୍କରମ୍ ନେଟ୍ସ ଭିତରେ ବିସ୍ଫୋରକ ବ୍ୟାଟିଂ କରିବା ସହ ଭାରତ ବିପକ୍ଷ ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ପୂର୍ବାଭାଷ ଦେଇଥିଲେ।























## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ଆୟ ଓ ବ୍ୟୟ ସମାନ ରହିବ। ଦାନ ଧର୍ମରେ ଦିନ ବିତିବ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପଡୋଶୀଙ୍କ ସହ ସମ୍ପର୍କ ନିବିଡ଼ ହେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେଇପାରେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିପାରେ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।


**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୬୨୫-ହଲାଣ୍ଡ ଓ ଇଂଲଣ୍ଡ ସେନା ସନ୍ଧିରେ ହସ୍ତାକ୍ଷର କଲେ।
- ୧୮୯୮-ବେଲୁର ମଠର ସ୍ଥାପନା।
- ୧୯୪୬- ସମ୍ବିଧାନ ସଭାର ପ୍ରଥମ ବୈଠକ ଅନୁଷ୍ଠିତ।
- ୧୯୯୨- ବ୍ରିଟେନ ଯୁବରାଜ ଚାର୍ଲସ୍ ଓ ଯୁବରାଣୀ ଡାଏନା ଅଲଗା ହେବା କଥା ଘୋଷଣା କଲେ।
- ୨୦୧୧- କଲିକତାର ଏକ ହସ୍‌ପିଟାଲରେ ନିଆଁ ଲାଗିଯିବାରୁ ୯୦ ଜଣ ମୃତ।



## 'ସ୍ପିରିଟ୍' ପ୍ରଭାସ ନେଇଛନ୍ତି ୧୬୦ କୋଟି

ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ଫିଲ୍ମ 'ସ୍ପିରିଟ୍'କୁ ନେଇ ଲଗାତାର ନୂଆ ନୂଆ ଖବର ଆସୁଛି। ଏହି ଫିଲ୍ମ ପାଇଁ ସାଉଥ୍ ସୁପରଷ୍ଟାର୍ ପ୍ରଭାସ ୧୬୦ କୋଟି ନେଇଥିବା ଜଣାପଡ଼ିଛି। ତେବେ 'ସ୍ପିରିଟ୍' ପାଇଁ ପ୍ରଭାସ ତାଙ୍କ କ୍ୟାରିୟରରେ ସବୁଠୁ ଅଧିକ ପାରିଶ୍ରମିକ ନେଇଛନ୍ତି। 'ବାହୁବଳି' ଓ 'ବାହୁବଳି ୨'ଫିଲ୍ମ ପରେ ପ୍ରଭାସ ଗ୍ଲୋବାଲ ଆଇକନ୍ ହୋଇଯାଇଛନ୍ତି। ଆମେରିକା, ଜାପାନ ଓ ବିଶ୍ୱର ଅନ୍ୟ ସ୍ଥାନଗୁଡ଼ିକରେ ତାଙ୍କର ଲକ୍ଷ ଲକ୍ଷ ପ୍ରଶଂସକ ଅଛନ୍ତି। ପ୍ରଭାସ 'ସ୍ପିରିଟ୍' ପାଇଁ ୧୬୦ କୋଟି ନେବା ପରେ ସେ କେବଳ ଟଲିଉଡ୍‌ରେ ନୁହେଁ ଭାରତୀୟ ସିନେମା ଜଗତରେ ସବୁଠୁ ପାରିଶ୍ରମିକ ନେଉଥିବା ହିରୋ ହୋଇଯାଇଛନ୍ତି। 'ବାହୁବଳି' ଫିଲ୍ମ ପରେ ପ୍ରଭାସ ଲଗାତାର ତାଙ୍କ ପାରିଶ୍ରମିକ ବୃଦ୍ଧି କରିଛନ୍ତି। 'ଆଦିପୁରୁଷ', 'ସାଲାର', 'କଲ୍‌କୀ', 'ଦ ରାଜା ସାବ୍' ଫିଲ୍ମ ପାଇଁ ପ୍ରଭାସ ୧୦୦ରୁ ୧୫୦ କୋଟି ନେଇଛନ୍ତି। 'ସ୍ପିରିଟ୍'ରେ ପ୍ରଭାସଙ୍କ ବିପକ୍ଷରେ ତ୍ରିପ୍ତି ଡିମ୍‌ରି ଦେଖାଯିବେ। ସେହିଭଳି ପ୍ରକାଶରାଜ ଓ ବିବେକ ଓବରୟଙ୍କର ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ରହିଛି। ଫିଲ୍ମର ବଜେଟ୍ ୩୦୦ କୋଟି ରହିଥିବାବେଳେ ତ୍ରିପ୍ତିଙ୍କୁ ପାରିଶ୍ରମିକ ବାବଦରେ ୪ କୋଟି ମିଳିଛି।


## ପ୍ଲାଷ୍ଟିକ୍ ବର୍ଜ୍ୟକୁ କମ୍ କରିବ ଷ୍ଟିଲ୍ ପ୍ଲେଟ୍ ବ୍ୟାଙ୍କ

ବିବାହ, ବ୍ରତ କି ପାର୍ଟି ଫଙ୍କସନକୁ ପ୍ଲାଷ୍ଟିକ୍ ମୁକ୍ତ କରିବାକୁ କର୍ଣ୍ଣାଟକ, ମୈସୁରରେ ଏକ ପ୍ଲେଟ୍ ବ୍ୟାଙ୍କ ରହିଛି। ଅନନ୍ଥା ପ୍ଲେଟ୍ ବ୍ୟାଙ୍କ ନାଁରେ ପରିଚିତ ଏହି ବ୍ୟାଙ୍କକୁ ଅଦମ୍ୟ ଚେତନା ଫାଉଣ୍ଡେସନ୍‌ର ମୁଖ୍ୟ ତେଜସ୍ୱିନୀ ଅନନ୍ତ କୁମାର ଆରମ୍ଭ କରିଛନ୍ତି। ଏଠାରେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଦୁଇ ହଜାର ପ୍ଲେଟ୍, ଗିନା, ଗ୍ଲାସ୍, ଚାମଚ ସହ ହଜାରରୁ ଊର୍ଦ୍ଧ୍ୱ ଚା' ଏବଂ କଫି ମଗ୍ ଉପଲବ୍ଧ ରହିଛି। ବିବାହ, ଜନ୍ମଦିନ, ବନ୍ଧୁମିଳନ କାର୍ଯ୍ୟକ୍ରମରେ ଲୋକଙ୍କୁ ଏହି ବ୍ୟାଙ୍କ ମାଗଣାରେ ଏହି ଜିନିଷଗୁଡ଼ିକ ବ୍ୟବହାର କରିବାକୁ ଦେଇଥାଏ। କାମ ସରିବା ପରେ ଲୋକେ ଏହାକୁ ସଫା କରି ବ୍ୟାଙ୍କକୁ ଫେରାଇ ଦିଅନ୍ତି। ଏହି ପ୍ଲେଟ୍ ବ୍ୟାଙ୍କ ସ୍ଥାପନାରେ ଜିଏସ୍‌ଏସ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଶ୍ରୀହରୀ ଦ୍ୱାରକାନାଥଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେ କୁହନ୍ତି, ପ୍ଲାଷ୍ଟିକ୍ ବ୍ୟବହାର ଉପରେ ରୋକ୍ ଲଗାଇବା କଷ୍ଟ ନୁହେଁ। ତାଙ୍କ କଥାକୁ ଲୋକେ ମଧ୍ୟ ସମ୍ମତି ଜଣାଉଛନ୍ତି। ଏଥିପାଇଁ ଚଳିତ ବର୍ଷ ଶେଷ ସୁଦ୍ଧା ଦ୍ୱାରକା ନାଥ ୧୦,୦୦୦ ବାସନକୁସନ ଏକତ୍ରିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ବାସନକୁସନଗୁଡ଼ିକର ଦେଖାଶୁଣା ପାଇଁ ଜଣେ କର୍ମଚାରୀ ରହିଛନ୍ତି। ତେଜସ୍ୱିନୀ କୁହନ୍ତି, ଦେଶରେ ମୋଟ୍ ୩୨ଟି ପ୍ଲେଟ୍ ବ୍ୟାଙ୍କ ଥିବାବେଳେ ତନ୍ମଧ୍ୟରୁ କର୍ଣ୍ଣାଟକରେ କେବଳ ୨୭ଟି ରହିଛି। ସେ ଆହୁରି ମଧ୍ୟ କହିଛନ୍ତି, ୧୯୯୭-୯୮ ମସିହାରେ ତାଙ୍କ ସ୍ୱାମୀ ଜଣେ ପୂର୍ବତନ କେନ୍ଦ୍ର ମନ୍ତ୍ରୀଙ୍କ ସହ ଆମେରିକା ଯାଇଥିଲେ। ସେଠାରେ ସେ ୱେଷ୍ଟ ସେଗ୍ରିଗେସନ ଆଟ୍ ସୋର୍ସର ମଡେଲ ଦେଖିଥିଲେ। ସେଠାରୁ ଭାରତକୁ ଫେରି ସେ ଅଦ୍ୟମ ଚେତନା ଜରିଆରେ ବେଙ୍ଗାଲୁରୁରେ ୱେଷ୍ଟ ସେଗ୍ରିଗେସନ ଅଭିଯାନ ଆରମ୍ଭ କରିଥିଲେ। ୨୦୦୪-୦୫ରେ ବେଙ୍ଗାଲୁରୁର ସେବା ଉତ୍ସବରେ ପ୍ରଥମ ଥର ପାଇଁ ୧,୦୦୦ ଷ୍ଟିଲ୍ ପ୍ଲେଟ୍ ବଣ୍ଟା ଯାଇଥିଲା। ଏହି ମଡେଲ ପ୍ଲାଷ୍ଟିକ୍ ଜିନିଷ ବ୍ୟବହାରରୁ ରୋକିବ ବୋଲି ସେତେବେଳେ ସେ ଅନୁଭବ କରିଥିଲେ। ବର୍ତ୍ତମାନ ତାଙ୍କ ପାଖେ ପାଖାପାଖି ୩୦ ପ୍ରକାର ଷ୍ଟିଲ ବାସନକୁସନ, ଚାମଚଠୁ ନେଇ ଆଇସକ୍ରିମ କପ୍ ରହିଛି। ବର୍ତ୍ତମାନ ଏହା ଏକ ଜାତୀୟ ନେଟ୍‌ୱର୍କରେ ପରିଣତ ହୋଇଛି। ସବୁଠୁ ବଡ଼ କଥା ହେଉଛି, ଅଦ୍ୟମ ଚେତନା ଆମେରିକାରେ ମଧ୍ୟ ଦୁଇଟି ପ୍ଲେଟ୍ ବ୍ୟାଙ୍କ ୟୁନିଟ୍‌ର ଆରମ୍ଭ କରିଛି।



## ଆଜି ଆସିଥିଲେ

### କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର



କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଥିଲେ ଜଣେ ବହୁ ପ୍ରତିଭାଧାରୀ ବ୍ୟକ୍ତିତ୍ୱ। ସେ ଏକାଧାରରେ ଥିଲେ ଜଣେ କବି, ସଙ୍ଗୀତକାର, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ପ୍ରାବନ୍ଧିକ ଓ ଶିଶୁ ସାହିତ୍ୟିକ। ଓଡ଼ିଶାର ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ତାଙ୍କ ଲେଖନୀରୁ ନିସୃତ। କାନ୍ତକବିଙ୍କ କବିତାରେ ପ୍ରଣତି, ପ୍ରତ୍ୟୟ ଓ ସମର୍ପଣର ବାଣୀ ସ୍ପଷ୍ଟ ଥାଏ। ରମ୍ୟ ରଚନା, ଉପନ୍ୟାସ, କ୍ଷୁଦ୍ରଗଳ୍ପ ଆଦି ସବୁ ବିଭାଗରେ ସେ ଲେଖନୀ ଚାଳନା କରିଥିଲେ। 'ବୁଢ଼ା ଶଙ୍ଖାରି' ଗଳ୍ପ ହେଉ କିମ୍ବା 'ଜୀବନ ସଙ୍ଗୀତ' କବିତା, ଉଭୟ ଗଦ୍ୟ ଓ ପଦ୍ୟ ପାଇଁ ସେ ପାଠକଙ୍କ ନିକଟରେ ଆଦୃତ ହୋଇଥିଲେ। ଲକ୍ଷ୍ମୀକାନ୍ତ ମହାପାତ୍ର ୧୮୮୮ ମସିହା ଆଜିର ଦିନରେ କଟକ ଜିଲ୍ଲାର ବାଖରାବାଦର ଧୂଆଁପତ୍ରିଆଗଳିରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପୈତୃକ ଗ୍ରାମ ହେଉଛି ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅନ୍ତର୍ଗତ ତାଳପଦା। ସେ ମାଣବସା ଗୁରୁବାର ତିଥିରେ ଜନ୍ମ ନେଇଥିବାରୁ ମାତା ଲକ୍ଷ୍ମୀଙ୍କ ନାମ ଅନୁସାରେ ତାଙ୍କ ନାମ ଲକ୍ଷ୍ମୀକାନ୍ତ ବୋଲି ରଖାଯାଇଥିଲା। ତାଙ୍କ ପିତାଙ୍କ ନାମ ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର ଓ ମାତାଙ୍କ ନାମ ରାଧାମଣୀ। ଲକ୍ଷ୍ମୀକାନ୍ତ ହାଇସ୍କୁଲରେ ପଢ଼ିବା ସମୟରେ ପାଠ ଛାଡ଼ି ଇଂରେଜମାନଙ୍କ ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରି ଅନେକ ରଚନା ସୃଷ୍ଟି କରିଥିଲେ। ଉତ୍କଳ ସମ୍ମିଳନୀରେ ସେ ସଂଶ୍ଳିଷ୍ଟ ହୋଇ ପରବର୍ତ୍ତୀ କାଳରେ ସାମାଜିକ ଏକତା ଓ ସ୍ୱରାଜ୍ୟ ପାଇଁ ବହୁ ଜାତୀୟତାପୂର୍ଣ୍ଣ ସଙ୍ଗୀତ ଓ ପ୍ରବନ୍ଧ ଆଦି ଲେଖିଥିଲେ। ୧୯୧୩ରେ ସେ ରେଭେନ୍ସା କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ପ୍ରଥମେ ତାଙ୍କ ଲେଖାମାନ 'ମୁକୁର' ଓ 'ଉତ୍କଳ ସାହିତ୍ୟ' ଭଳି ପତ୍ରିକାରେ ପ୍ରକାଶ ପାଇଥିଲା। ବ୍ୟାସକବି ଫକୀରମୋହନଙ୍କ ପ୍ରେରଣା ଓ ଆଶୀର୍ବାଦ ତାଙ୍କୁ ଗଭୀର ଭାବେ ଅନୁପ୍ରାଣିତ କରିଥିଲା। ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚନାରେ ଦେଶ ଓ ଜାତିପ୍ରେମର ଅଦମ୍ୟ ଝଲକ ଦେଖିବାକୁ ମିଳିଥାଏ। ଓଡ଼ିଆ ଜାତି ମଧ୍ୟରେ ନିକୃଷ୍ଟତାକୁ ଦୂର କରି ଦୃଢ଼ ଆତ୍ମବିଶ୍ୱାସ ଜଗାଇବା ଲକ୍ଷ୍ମୀକାନ୍ତଙ୍କ କବିତାଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସେ ମାସିକ ସାହିତ୍ୟ ପତ୍ରିକା 'ଡଗର'ର ପ୍ରତିଷ୍ଠାତା ଥିଲେ। 'ଡଗର'ରେ 'ମୁଁ କାହିଁକି ଲେଖେ' ଶୀର୍ଷକ ସ୍ତମ୍ଭରେ ଓଡ଼ିଶାର ବହୁ ପ୍ରତିଷ୍ଠିତ ଲେଖକଙ୍କୁ ସେ ଲୋକଲୋଚନକୁ ଆଣିଥିଲେ। କାନ୍ତକବିଙ୍କ ରଚିତ 'ଜୀବନ ସଙ୍ଗୀତ' ଓଡ଼ିଶା ସାହିତ୍ୟ ଜଗତରେ ଏକ ଦୁର୍ଲଭ ସଙ୍ଗୀତ ଗ୍ରନ୍ଥ। କବି ନିଜ ରଚିତ ସଙ୍ଗୀତର ସ୍ୱର ନିଜେ ଦେବା ସହ ଏହାର ଇଂରାଜୀ ଅନୁବାଦ 'ସଙ୍ଗ ଅଫ୍ ଦ ସୋଲ' ନିଜେ କରିଛନ୍ତି। 'ସବୁଥିରୁ ବଞ୍ଚିତ କରି କେଉଁ ଯଶବାନ ଉଡ଼ାଇବ ହେ', 'ମୋ ସକଳ ଗର୍ବ ଚୂର୍ଣ୍ଣ କରିଛ', 'ଦେ ମୋତେ ବାୟା କରି', 'କୋଟି କୋଟି କଣ୍ଠେ ଆଜି', 'ଉଡ଼ାଇ ନିଶାଣ ବଜାଇ ଭେରି', 'ବନ୍ଦେ ଉତ୍କଳ ଜନନୀ' ଭଳି ଅନେକ କାଳଜୟୀ ସଙ୍ଗୀତର ସେ ସ୍ରଷ୍ଟା। ୧୯୩୩ରେ ଭଦ୍ରକ ଉଚ୍ଚ ବିଦ୍ୟାଳୟରେ ତାଙ୍କ ସମ୍ମାନାର୍ଥେ ଆୟୋଜିତ ସଭାରେ ସର୍ବସମ୍ମତିକ୍ରମେ ତାଙ୍କୁ 'କାନ୍ତକବି' ଉପାଧି ଦିଆଯାଇଥିଲା। ଦୀର୍ଘଦିନ ରୋଗରେ ପୀଡ଼ିତ ହୋଇ ଶେଷରେ ୧୯୫୩ ମସିହା ଫେବୃଆରୀ ୨୪ରେ ଆଖି ବୁଜିଥିଲେ ଓଡିଆ ଜଗତର ଏହି କାଳଜୟୀ ସ୍ରଷ୍ଟା।




# ସୁବର୍ଣ୍ଣା

## ଲାଉରେ ପଟାସ୍ ପ୍ରୟୋଗ

**ଲାଉରେ ପଟାସିୟମ, ଭିଟାମିନ୍, ଖଣିଜ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଭରପୂର ରହିଥାଏ। ବଜାରରେ ଲାଉର ଚାହିଦା ସବୁବେଳେ ରୁହେ। ତେବେ ଲାଉ ଚାଷରେ ଅଧିକ ଫଳ ଆସିବାକୁ ପଟାସ ବ୍ୟବହାର କରିପାରିବେ।**

ପଟାସ ଗଛ ପାଇଁ ଏକ ଆବଶ୍ୟକୀୟ ପୋଷକତତ୍ତ୍ୱ। ମୁଖ୍ୟ ରୂପେ ଏହା ଫୁଲ ଓ ଫଳର ବିକାଶରେ ସାହାଯ୍ୟ କରିଥାଏ। ଏହା ଗଛମୂଳକୁ ଶକ୍ତ ବନାଇବା ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ତେଣୁ କୃଷି ବିଶେଷଜ୍ଞଙ୍କ ମତରେ ଲାଉ ଗଛ ମୂଳେ ଉଚିତ ପରିମାଣର ପଟାସ ପ୍ରୟୋଗ କରିପାରିବେ। ତେଣୁ ଗଛ ୩ରୁ ୪ ଫୁଟ ଲମ୍ବା ହେଲେ, ପ୍ରଥମେ ଫୁଲ ଫୁଟିଥାଏ, ସେହି ସମୟରେ ପଟାସ ପ୍ରୟୋଗ କରନ୍ତୁ। ଏଥିପାଇଁ ଏକ ଚାମଚ ପଟାସକୁ ଏକ ଲିଟର ପାଣିରେ ଘୋଳ ବନାଇ ଗଛମୂଳରେ ପ୍ରୟୋଗ କରିପାରିବେ। ପ୍ରତି ୧୫ଦିନ ଅନ୍ତରରେ ଏହାକୁ ପ୍ରୟୋଗ କରିବା ଆବଶ୍ୟକ। ସେହିପରି ଗଛମୂଳରେ ଅଧିକ ମାତ୍ରାର ପଟାସ ବ୍ୟବହାର କରିବା ଅନୁଚିତ। ମାସରେ ଥରେ ଗୋବରଖତ କିମ୍ବା ଜିଆଖତ ପ୍ରୟୋଗ କରି ପାରିବେ। ଗଛରେ ଥିବା ପୁରୁଣା ପତ୍ରକୁ ବାହାର କରିଦିଆଯାଏ। ଏହି ଉପାୟ ଆପଣାଇଲେ ଗଛରେ ଲାଉ ଅଧିକ ଫଳିଥାଏ। ଚାଷୀଭାଇମାନଙ୍କ ଆୟ ବୃଦ୍ଧି ହୋଇଥାଏ।





## ଗହମ ବିହନ ବୁଣାଯନ୍ତ୍ର

ବର୍ତ୍ତମାନ କୃଷିକ୍ଷେତ୍ରରେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରାଯାଉଛି। ନୂଆ ନୂଆ କୃଷି ଉପକରଣ ଚାଷୀଙ୍କ ଶ୍ରମ ଚିନ୍ତା ଦୂର କରୁଛି। କମ୍ ସମୟରେ ଏକାଧିକ ଜମିର ଚାଷ କାର୍ଯ୍ୟକୁ ସହଜ କରୁଛି। ଏମିତି ଏକ ଆଧୁନିକ କୃଷି ଉପକରଣ ହେଉଛି ଏୟାର ସିଡର। ଏହି କୃଷି ଯନ୍ତ୍ରଟି ଚାଷୀଙ୍କ ସମୟ ବଞ୍ଚାଇବା ସହ ଫସଲ ବୁଣା ପ୍ରକ୍ରିୟାକୁ ସହଜ କରୁଛି। ଏହି ଯନ୍ତ୍ରର କାମ ହେଉଛି, ଏହା ବିହନ ଏବଂ ଉର୍ବରକକୁ ମାଟିରେ ସମାନ ରୂପେ ପକାଇଥାଏ। ଏହି ମେସିନ୍‌ରେ ବାୟୁଚାପ ଜରିଆରେ ଜମିରେ ବିହନ ବୁଣାଯାଏ। ଫଳରେ ବିହନ ମାଟିରେ ସଠିକ୍ ଗଭୀର ଏବଂ ଦୂରତ୍ୱରେ ପଡ଼ିଥାଏ। ଏହାଦ୍ୱାରା ଅଙ୍କୁରଣ ଭଲ ହୋଇଥାଏ। ସାଧାରଣତଃ ପାରମ୍ପରିକ ଭାବେ ବିହନ ବୁଣା କାମରେ ଅଧିକ ସମୟ ଲାଗିଥାଏ। ହେଲେ ଏୟାର ସିଡର ମାତ୍ର କିଛି ସମୟ ମଧ୍ୟରେ ବଡ଼ ବଡ଼ ଚାଷ ଜମିରେ ବିହନ ବୁଣିଥାଏ। ଫଳରେ ଏହା ଏକାସାଙ୍ଗେ ବିହନ ଏବଂ ଉର୍ବରକକୁ ଏକାସାଙ୍ଗେ ଜମିରେ ପହଞ୍ଚାଇ ଦେଇଥାଏ। ଏହାଦ୍ୱାରା ଫସଲକୁ ଆରମ୍ଭରୁ ପୋଷଣ ମିଳିପାରେ ଏବଂ ଉତ୍ପାଦନ ବୃଦ୍ଧି ହୋଇଥାଏ। ଏହି ବିହନ ବୁଣାଯନ୍ତ୍ର ଦ୍ୱାରା କେବଳ ସମୟ ବଞ୍ଚିପାରିବ ତାହା ନୁହେଁ, ବିହନ ନଷ୍ଟ ହୁଏ ନାହିଁ। ଆମ ଦେଶରେ ବିଭିନ୍ନ ପ୍ରକାରର ଏୟାର ସିଡର ଉପଲବ୍ଧ ରହିଛି। ଏହା ମୁଖ୍ୟରୂପେ ଆକାର, କ୍ଷମତା, କୌଶଳ ଆଧାରରେ ବାଣ୍ଟି ଦିଆଯାଇଛି। ମିନି ଏୟାର ସିଡର, ଟ୍ରାକ୍ଟର ମାଉଣ୍ଟେଡ୍ ଏୟାର ସିଡର, ଉନ୍ନତ ତଥା ଉଚ୍ଚ କ୍ଷମତା ସମ୍ପନ୍ନ ଏୟାର ସିଡର ଆଦି ଉପଲବ୍ଧ ରହିଛି। ଏହି କୃଷି ଯନ୍ତ୍ର ମାଧ୍ୟମରେ ଗୋଟିଏ ଥରରେ ଏକର ଏକର ଜମିରେ ବିହନ ଏବଂ ଖତ ଓ ଉର୍ବରକ ପ୍ରୟୋଗ କରାଯାଇପାରେ। ଏହି କୃଷି ଯନ୍ତ୍ରର ମୂଲ୍ୟ ଏହାର କ୍ଷମତା, କୌଶଳ ଏବଂ ବ୍ରାଣ୍ଡ ଉପରେ ନିର୍ଭର କରେ। ତେଣୁ ଆଗାମୀ ଦିନରେ ଏୟାର ସିଡର ଉପକରଣ ଚାଷୀ ତଥା ଚାଷୀକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ।

## ଆଳୁ ଚୋପାରୁ ପ୍ରାକୃତିକ ଖତ

**ଆଳୁ ଚୋପାରେ ଅନେକ ପୋଷକତତ୍ତ୍ୱ ରହିଥାଏ। ତେଣୁ ଏହାକୁ ନ ଫିଙ୍ଗି ଗଛ ପାଇଁ ପ୍ରାକୃତିକ ଖତ ରୂପେ ବ୍ୟବହାର କରିପାରିବେ। ଏହା ମାଟିର ଗୁଣବତ୍ତା ସହ ଗଛ ବୃଦ୍ଧି କରାଇବାରେ ସାହାଯ୍ୟ କରେ।**

ଜିଆଖତ ଏବଂ ଚା' ପତ୍ର ସହ ଆଳୁ ଚୋପାକୁ ମିଶାଇ ତରଳ କିମ୍ବା ଶୁଖିଲା ଖତ ଭାବେ ଫସଲରେ ପ୍ରୟୋଗ କରିହେବ। ଫୁଲ ଏବଂ ଫଳ ବୃଦ୍ଧି କରିବାରେ ଆଳୁ ଚୋପା ସାହାଯ୍ୟ କରେ। ଏଥିପାଇଁ ପ୍ରଥମେ ୧୦୦ ଗ୍ରାମ୍ ଆଳୁ ଚୋପାକୁ ଅଧଲିଟର ପାଣିରେ ପକାଯାଏ। ଅନ୍ୟ ପାତ୍ରରେ ୧୦୦ ଗ୍ରାମ୍ ଜିଆଖତ ଏବଂ ଆଉ ଏକ ପାତ୍ରଟିରେ ୧୦ ଗ୍ରାମ୍ ବ୍ୟବହୃତ ଚା' ପତି ପକାଯାଇଥାଏ। ଉଭୟ ପାତ୍ରରେ ଅଧ ଲିଟର ପାଣି ପକାଇ ତିନିଟି ପାତ୍ରକୁ ୨ ଦିନ ଢ଼ାଙ୍କି ଦିଆଯାଏ। ପରେ ତିନିଟି ଘୋଳକୁ ଏକ ବଡ଼ କଣ୍ଟେନରରେ ଛାଣି ଦିଆଯାଏ। ଏକ ଲିଟର ତରଳ ଖତକୁ ୪ରୁ ୫ ଲିଟର ପାଣିରେ ମିଶାଇ ୧୦ରୁ ୧୫ ଦିନ ଅନ୍ତରରେ ଫସଲରେ ପ୍ରୟୋଗ କଲେ ଫୁଲ ଫଳ ଅଧିକ ଆସେ।

ଆଳୁ ଚୋପାକୁ ୩ଦିନ ଖରାରେ ଶୁଖାଇ ଏହାକୁ ଜିଆଖତ ଏବଂ ବ୍ୟବହୃତ ଚା'ପତି ସହ ମିଶାଇ ମଧ୍ୟ ବ୍ୟବହାର କରିପାରିବେ। ଗଛ ମୂଳେ ହାଲୁକା କୋଡ଼ାଖୋସା କରି ଏହାକୁ ପ୍ରୟୋଗ କରିବା ଭଲ।



## କୃଷି ପାଞ୍ଜି

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- କମ୍ ତାପମାତ୍ରା ଯୋଗୁଁ ରବି ଫସଲରେ ଶୋଷକ କୀଟ, ପତ୍ର ପୋଡ଼ା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି। ତେଣୁ ନିୟମିତ ଫସଲରେ ପୋକ ଏବଂ ରୋଗର ସର୍ବେକ୍ଷଣ କରନ୍ତୁ।
- ବର୍ତ୍ତମାନ ତାପମାତ୍ରା କମ୍ ରହୁଥିବାରୁ, ପନିପରିବା ମଞ୍ଜି ଶୀଘ୍ର ଗଜା ହେବା ପାଇଁ ତଳିଘରାରେ ପଲିଥିନ୍ ଦ୍ୱାରା ଆଚ୍ଛାଦିକରଣ ବ୍ୟବସ୍ଥା କରନ୍ତୁ। ସକାଳ ଓ ସନ୍ଧ୍ୟା ସମୟରେ ଶୀତଦିନିଆ ପନିପରିବାରେ ଜଳସିଞ୍ଚନ କରନ୍ତୁ। ରବି ପନିପରିବାରେ ଘାସ ବାଛି କୋଡ଼ାଖୋସା କରନ୍ତୁ।
- ଆଳୁ ଫସଲରେ କୋଡ଼ାଖୋସା କରି ଘାସ ବାଛି ଦିଅନ୍ତୁ। ହୁଡ଼ା ଚଉଡ଼ା ଓ ମଜବୁତ ରଖନ୍ତୁ।
- ଶୀତଋତୁରେ ମାଛଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖା ଯାଇଥାଏ। ଏହି ରୋଗମାନଙ୍କର ନିରାକରଣ ପାଇଁ ଏକ ଏକର ପୋଖରୀ ପ୍ରତି ସିଫାକ୍ସ @ ୪୦୦ ମିଲି ୪୦ ଲିଟର ପାଣିରେ ମିଶାଇ ବିଶୋଧନ କରନ୍ତୁ। ପ୍ରତିଦିନ ମାଛମାନଙ୍କୁ ତେଲ ପିଡ଼ିଆ ଖାଇବାକୁ ଦିଅନ୍ତୁ।

## ହ୍ୟାଙ୍ଗିଂ କୁଣ୍ଡ କିଣୁଥିଲେ

**ଆଜିକାଲି ଘରକୁ ନୂଆ ଲୁକ୍ ଦେବାକୁ ଅଧିକାଂଶ ଓହଳା କୁଣ୍ଡରେ ଗଛ ଲଗାଉଛନ୍ତି। ଏହା ବାଲକୋନିର ସୌନ୍ଦର୍ଯ୍ୟ ବଢ଼ାଇବା ସହ ଘରକୁ ଆଧୁନିକ ସ୍ପର୍ଶ ଦେଇଥାଏ। ତେଣୁ ହ୍ୟାଙ୍ଗିଂ କୁଣ୍ଡ କିଣୁଥିଲେ ଧ୍ୟାନ ଦିଅନ୍ତୁ।**



**ମେକ୍ରମ ହ୍ୟାଙ୍ଗିଂ କୁଣ୍ଡ:** କୁଣ୍ଡରେ ତୁଳା, ରଶି କିମ୍ବା ଝୋଟକୁ ବାନ୍ଧି ଏହି କୁଣ୍ଡ ତିଆରି କରାଯାଏ। ଏଥିରେ ସ୍ପାଇଡର ପ୍ଲାଣ୍ଟ, ମନି ପ୍ଲାଣ୍ଟ ଆଦି ଗଛ ଲଗାଯାଏ। ସ୍ଥାନର ଅଭାବ ଥିଲେ ଏହି କୁଣ୍ଡ ବ୍ୟବହାର ସବୁଠୁ ଭଲ।

**ମେଟାଲ୍ ହ୍ୟାଙ୍ଗିଂ କୁଣ୍ଡ:** ଧାତୁରୁ ନିର୍ମିତ କୁଣ୍ଡ ମଜବୁତ ଓ ସ୍ଥାୟୀ। ଏହା ବିଭିନ୍ନ ଡିଜାଇନ୍ ଏବଂ ଆକାରରେ ଉପଲବ୍ଧ। ଏହି କୁଣ୍ଡ ଅଧିକ ଦିନ ବ୍ୟବହାର କରିହୁଏ। ଭାଙ୍ଗିବାର ଆଶଙ୍କା ନ ଥାଏ। ପାଣି ନିଷ୍କାସନ ଏବଂ ବାୟୁ ଚଳାଚଳ ପାଇଁ କୁଣ୍ଡଟି ସର୍ବୋତ୍ତମ। ଏଥିରେ ଫୁଲ କିମ୍ବା ଇନ୍‌ଡୋର ପ୍ଲାଣ୍ଟ ଲଗାଇପାରିବେ।

**କାଚ କୁଣ୍ଡ:** ବାଲକୋନିକୁ ମଡର୍ଣ୍ଣ ଲୁକ୍ ଦିଏ କାଚ କୁଣ୍ଡ। ସର୍ବଦା ଏହାର ମାନ ଦେଖି କିଣିବା ଦରକାର। ଅଲଙ୍କାରିକ ପଥର, ଲାଇଟ୍ ଦେଇ କୁଣ୍ଡକୁ ଆକର୍ଷଣୀୟ କରିପାରିବେ। ଏହି କୁଣ୍ଡରେ ଲକି ବାମ୍ବୋ, ତୁଳସୀ, ପୁଦିନା, ଧଣିଆ ଆଦି ଲଗାଯାଇଥାଏ।

**ଟେରାକୋଟା କୁଣ୍ଡ:** ଟେରାକୋଟା ଓହଳା କୁଣ୍ଡ ହାଲୁକା ହୋଇଥାଏ। ସମସ୍ତ ପାଣିପାଗ ପାଇଁ ଏହି କୁଣ୍ଡ ଭଲ। ଏହି କୁଣ୍ଡରେ ଫୁଲ, ପନିପରିବା, ମନିପ୍ଲାଣ୍ଟ ଆଦି ଲଗାଇପାରିବେ।

**ବାମ୍ବୋ ହ୍ୟାଙ୍ଗିଂ ପ୍ଲାଣ୍ଟର:** ବାଲ୍‌କୋନିକୁ ପ୍ରାକୃତିକ ଲୁକ୍ ଦେବାକୁ ବାଉଁଶ ତିଆରି କୁଣ୍ଡ ବ୍ୟବହାର କରିପାରିବେ। ଏହି କୁଣ୍ଡକୁ କାନ୍ଥ କିମ୍ବା ଛାତରେ ଓହଳାଇ ପାରିବେ। ଏହା ପରିବେଶ ଅନୁକୂଳ।

## ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ସିରିଜ୍ ଆଜିଠୁ

# ବାରବାଟୀ ପ୍ରସ୍ତୁତ; ଆଜି ମହାମୁକାବିଲା





କଟକ, ୧୨।୭ (ତୁଷାର ସେନାପତି)

କାଉଣ୍ଟ ଡାଉନ ଶେଷ ହୋଇଛି। ପ୍ରତୀକ୍ଷାର ମଧ ଅନ୍ତ ଘଟିଛି। ରାତି ପାହିଲେ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ପ୍ରଥମ ମୁକାବିଲା ଖେଳାଯିବ। ସିରିଜର ଏହି ପ୍ରଥମ ମ୍ୟାଚ୍ ଲାଗି ଉଭୟ ଦଳ ପ୍ରସ୍ତୁତି ଶେଷ କରିଛନ୍ତି। ବାରବାଟୀ ମଧ ପ୍ରସ୍ତୁତ ରହିଛି। ପ୍ରଥମ ମ୍ୟାଚରେ ବିଜୟୀ ହୋଇ ଅଗ୍ରଣୀ ହାସଲ କରିବା ଉଭୟ ଦଳର ଲକ୍ଷ୍ୟ। ସେହିଭଳି ବର୍ଷକରେ ଦ୍ୱିତୀୟ ଅନ୍ତର୍ଜାତୀୟ ମ୍ୟାଚ୍ ବାରବାଟୀରେ ଆୟୋଜିତ ହେବାକୁ ଯାଉଥିବାରୁ ଏହାକୁ ନେଇ ଓଡ଼ିଶାର କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ଦେଖିବାକୁ ମିଳିଛି।

### ଝାଳ ବୁହାଇଲେ ଗିଲ୍; ବିଶ୍ରାମ ନେଲେ କୁଲଦୀପ

ଟେଷ୍ଟ ସିରିଜକୁ ହାରିବା ପରେ ଭାରତୀୟ ଦଳ ଦିନିକିଆରେ ୨-୧ରେ ବିଜୟୀ ହୋଇ ପ୍ରତିଶୋଧ ନେଇଥିଲା। ଏହି ବିଜୟ ଟି-୨୦ ସିରିଜ ପୂର୍ବରୁ ଖେଳାଳିଙ୍କ ମନୋବଳ ମଧ ଦୃଢ଼ ରହିଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଘରୋଇ ଦଳ ସୋମବାର ବାରବାଟୀରେ ବେଶ୍ କିଛି ଘଣ୍ଟା ନେଟ୍ସରେ ଝାଳ ବୁହାଇଥିଲେ। ଅପରାହ୍ଣ ପାଖାପାଖି ୨ଟାରୁ ଆରମ୍ଭ କରି ସାଢ଼େ ୪ଟା ପର୍ଯ୍ୟନ୍ତ ଟିମ୍ ଇଣ୍ଡିଆର ଖେଳାଳିମାନେ ଫିଲ୍ଡିଂ, ବୋଲିଂ ଓ ନେଟ୍ସରେ ବ୍ୟାଟିଂ କରିଥିଲେ। ବାଉଣ୍ଡାରୀ ଲାଇନରେ ଥିବା ଦୁଇଟି ନେଟ୍ସରେ ପ୍ରଥମେ ଶୁବମନ ଗିଲ, ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ତିଲକ ବର୍ମା ଓ ସଞ୍ଜୁ ସାମସନ ବ୍ୟାଟିଂ ଅଭ୍ୟାସ କରିଥିଲେ। ବିଶେଷ କରି ଆହତ ସମସ୍ୟାରୁ ମୁକୁଳି ଥିବା ଗିଲ୍ ନେଟ୍ସରେ ବହୁତ ସମୟ ପର୍ଯ୍ୟନ୍ତ ନେଟ୍ସରେ ଦ୍ରୁତ ବୋଲରଙ୍କୁ ଖେଳିଥିଲେ। ଫଳରେ ଆସନ୍ତାକାଲି ଗିଲ୍‌ଙ୍କ ଖେଳିବା ସମ୍ଭାବନା ଉଜ୍ଜଳ ହୋଇଛି। ଅପରପକ୍ଷରେ ସ୍ପିନର କୁଲଦୀପ୍ ଯାଦବ ନେଟ୍ସରେ ବୋଲିଂ ନ କରି ବିଶ୍ରାମ କରୁଥିବାର ଦେଖିବାକୁ ମିଳିଥିଲା। ଅନ୍ୟତମ ସ୍ପିନର ବରୁଣ ଚକ୍ରବର୍ତ୍ତୀ କିନ୍ତୁ ଆରମ୍ଭରୁ ସୂର୍ଯ୍ୟକୁମାର ଓ ତିଲକଙ୍କୁ ବୋଲିଂ କରିଥିଲେ। ତେଣୁ ପ୍ରଥମ ଟି-୨୦ର ଚୂଡ଼ାନ୍ତ ଏକାଦଶରେ ରିଷ୍ଟସ୍ପିନର କୁଲଦୀପ୍‌ଙ୍କ ଖେଳିବା ଆଶା କ୍ଷୀଣ ହୋଇଛି। ସେହିଭଳି ଯଶପ୍ରୀତ୍ ବୁମ୍‌ରାଙ୍କ ସହ ଶିବମ ଦୁବେ ନେଟ୍ସରେ ବେଶ କିଛି ସମୟ ବୋଲିଂ ଅଭ୍ୟାସ କରିଥିଲେ। ତେଣୁ ବୁମରାଙ୍କ ସହ ପାଣ୍ଡ୍ୟା ନୂଆ ବଲରେ ବୋଲିଂ ଆରମ୍ଭ କରିବା ସ୍ପଷ୍ଟ ହୋଇଛି। ଦୁବେ ତୃତୀୟ ଦ୍ରୁତ ବୋଲର ଭୂମିକା ତୁଲାଇବେ। ସେହିଭଳି ବରୁଣଙ୍କ ସହ ଅକ୍ଷର ପଟେଲ ସ୍ପିନ ବିଭାଗ ସମ୍ଭାଳିବେ। ତେବେ ୱିକେଟ୍‌କିପର ଭାବେ କିଏ ଖେଳିବେ ତାହାକୁ ନେଇ ଦ୍ୱନ୍ଦ୍ୱ ରହିଛି। ଅଷ୍ଟ୍ରେଲିଆରେ ସଞ୍ଜୁ ସାମସନଙ୍କୁ ପଛରେ ପକାଇ ଜିତେଶ ଶର୍ମାଙ୍କୁ ଦଳ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ଉଭୟ ସୋମବାର ନେଟ୍ସରେ ବ୍ୟାଟିଂ କରୁଥିବାର ଦେଖିବାକୁ ମିଳିଥିଲା। ମୁଖ୍ୟ ପିଚର ସାଇଡ୍‌ରେ ରହିଥିବା ନେଟ୍ସରେ ଅଭ୍ୟାସ କରିଥିବା ଜିତେଶ ବଡ଼ ବଡ଼ ସଟ୍ ମାରି ଦର୍ଶକଙ୍କ ମନମୋହିଥିଲେ।

### ‘ପ୍ରତ୍ୟେକ ପୋଜିସନରେ ବ୍ୟାଟିଂ କରିପାରିବେ ସଞ୍ଜୁ’

ସେହିଭଳି ସଞ୍ଜୁ ସାମସନଙ୍କୁ ନେଇ ସୂର୍ଯ୍ୟକୁମାର କହିଛନ୍ତି, ‘ସେ ଯେତେବେଳେ ଆସିଥିଲେ ଉପର ଅର୍ଡର ବ୍ୟାଟିଂ କରିଥିଲେ। ମୁଁ ଭାବୁଛି ଓପନର୍‌ଙ୍କ ବ୍ୟତୀତ ଅନ୍ୟ ସମସ୍ତେ ସବୁ ପୋଜିସନରେ ବ୍ୟାଟିଂ କରିପାରିବାର ଦକ୍ଷତା ରଖୁଥିବା ଦରକାର। ଶୁବମନ ତାଙ୍କ ପୂର୍ବରୁ ଶ୍ରୀଲଙ୍କା ସିରିଜ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ତେଣୁ ଗିଲ୍ ସେହି ପୋଜିସନ (ଓପନିଂ) ପାଇଁ ଯୋଗ୍ୟ। ସଞ୍ଜୁଙ୍କୁ ଆମେ ମଧ ସୁଯୋଗ ଦେଇଥିଲୁ। ସେ ପ୍ରତ୍ୟେକ ପୋଜିସନରେ ଖେଳିବାକୁ ଯୋଗ୍ୟ। ଏପରି ଜଣେ ଖେଳାଳି ଦଳରେ ରହିବା ଭଲ’ ବୋଲି ଅଧିନାୟକ ଯାଦବ କହିଛନ୍ତି। ଫଳରେ ଆସନ୍ତାକାଲି ଗିଲ୍ ଇନିଂସ ଓପନ୍ କରିବା ଏକପ୍ରକାର ନିଶ୍ଚିତ ହୋଇଛି।

### କଟକର ପ୍ରଶଂସକ ବେଶ ଉତ୍ସାହୀ; ମୁଁ ବି ବାମହାତରେ ଟସ୍ ପକାଇବି

ସେହିଭଳି କଟକରେ ପ୍ରଥମଥର ନାଲିମାଟିରେ ପିଚ୍ ପ୍ରସ୍ତୁତ ହୋଇଥିବା ନେଇ ସୂର୍ଯ୍ୟ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ସେ କହିଛନ୍ତି ପୂର୍ବରୁ ଏଠାରେ ଆମେ ‘କଳା ମାଟି’ର ପିଚରେ ଖେଳିଛୁ। ବର୍ତ୍ତମାନ ସୁଦ୍ଧା ମୁଁ ଗ୍ରାଉଣ୍ଡକୁ ଯାଇନି। ପିଚ୍ ଯଦି ନାଲି ମାଟି ହୋଇଥିବ ତେବେ ଆହୁରି ଭଲ। ନାଲି ମାଟିରେ ପିଚ୍ ଫାଷ୍ଟ ରହିଥାଏ। ସେହିଭଳି ବାରବାଟୀରେ ପ୍ରଥମଥର ଖେଳିବାକୁ ଯାଉଥିବା ସୂର୍ଯ୍ୟ କହିଛନ୍ତି, ‘ଏଠାରେ ମୁଁ ପୂର୍ବରୁ ଆଇପିଏଲ୍ ଓ ଘରୋଇ କ୍ରିକେଟ୍ ମ୍ୟାଚ୍ ଖେଳିଛି। ଏଠାକାର ପ୍ରଶଂସକ ବେଶ ଉତ୍ସାହୀ। ଲୋକେଶ ରାହୁଲ ତୃତୀୟ ଦିନିକିଆରେ ବାମହାତରେ ଟସ୍ ପକାଇ ଯେଉଁଭଳି ବିଜୟୀ ହୋଇଥିଲେ ମୁଁ ମଧ କାଲି ବାରବାଟୀରେ ବାମହାତରେ ଟସ୍ ପକାଇବି’ ବୋଲି ମଜାରେ ସାମ୍ବାଦିକଙ୍କୁ କହିଥିଲେ ସୂର୍ଯ୍ୟକୁମାର।

**ଖେଳ ଆରମ୍ଭ : ରାତି ୭ଟା**

**ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

### ଟସ୍ ନେବ ଗୁରୁତ୍ୱପୂର୍ଣ୍ଣ ଭୂମିକା

ଆସନ୍ତାକାଲି ବାରବାଟୀରେ ଖେଳାଯିବାକୁ ଥିବା ପ୍ରଥମ ଟି-୨୦ ମ୍ୟାଚରେ ଟସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ। ଯେତେହୁ ବର୍ତ୍ତମାନ ଓଡ଼ିଶାରେ ଶୀତର ଲହରି ଜାରି ରହିଛି ତେଣୁ ମ୍ୟାଚରେ କାକର ବୋଲରଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ରାତି ୮ଟାରୁ କାକରର ପରିମାଣ ବଢ଼ିବ। ‘ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟା ୩୦ରୁ ବାରବାଟୀରେ କାକର ପଡ଼ିବାର ସମ୍ଭାବନା ରହିଛି। ରାଜ୍ୟରେ ବର୍ତ୍ତମାନ ଥଣ୍ଡା ପାଗ ସାଙ୍ଗକୁ କାକର ପାଇଁ ପାଗ ଅନୁକୂଳ ରହିଛି। ରାଜ୍ୟକୁ ଏବେ ବଙ୍ଗୋପସାଗର ପଟୁ କିଛିକାଂଶରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଆସୁଥିବାରୁ ଏହା କାକର ପାଇଁ ଅନୁକୂଳ ପାଗ ସୃଷ୍ଟି କରିଛି। ମ୍ୟାଚ୍ ଦିନ ସମାନସ୍ଥିତି ଜାରି ରହିବ’ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଯଦି କାକରର ପରିମାଣ ୮ଟା ପରେ ବଢ଼ିବ ତେବେ ଏଥିରେ ଦ୍ୱିତୀୟ ଇନିଂସରେ ଫିଲ୍ଡିଂ କରୁଥିବା ଦଳ ସମସ୍ୟାର ସମ୍ମୁଖୀନ ହେବ। କାକର ଯୋଗୁ ବଲ୍ ଓଦା ହୋଇ ହାତରୁ ଖସିବ। ଫଳରେ ବଲ୍‌କୁ ଗ୍ରୀପ୍ କରିବାରେ ସ୍ପିନରଙ୍କୁ ଅସୁବିଧା ହେବ। ଏ ସବୁ କାରଣରୁ ଟସ୍ ଜିତିଲେ ପ୍ରଥମେ ଫିଲ୍ଡିଂ କରିବାକୁ ଉଭୟ ଦଳ ପସନ୍ଦ କରିବେ। ସେହିଭଳି ସୋମବାର ସାମ୍ବାଦିକ ସମ୍ମିଳନୀରେ ଅଧିନାୟକ ସୂର୍ଯ୍ୟକୁମାର କାକରକୁ ନେଇ କହିଛନ୍ତି ଯେ ଏହା ଆମ ହାତରେ ନାହିଁ। କାକର ପାଇଁ ଆମେ ସେତେଟା ବ୍ୟସ୍ତ ନାହୁଁ। ଆଇପିଏଲ୍ ସମେତ ଏକାଧିକ ଦିବା-ରାତ୍ର ମ୍ୟାଚରେ କାକରରେ କେଉଁଭଳି ଖେଳାଯିବ ଆମେ ସେଥିରେ ଅଭ୍ୟସ୍ତ ହୋଇଗଲୁଣି।

### ଦଳ ସହ ଅଭ୍ୟାସକୁ ଆସିଲେନି ପାଣ୍ଡ୍ୟା

ତାରକା ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ସୋମବାର ଦଳ ସହ ପ୍ରାକ୍ଟିସ କରିବାକୁ ବାରବାଟୀ ଷ୍ଟାଡିୟମକୁ ଆସି ନ ଥିଲେ। ଶନିବାରଠୁ ଭୁବନେଶ୍ୱରରେ ପହଞ୍ଚିଥିବା ପାଣ୍ଡ୍ୟା ପ୍ରଥମ ଖେଳାଳି ଭାବେ ରବିବାର ଏକାକୀ ସନ୍ଧ୍ୟାରେ ବାରବାଟୀରେ ବେଶ୍ କିଛି ସମୟ ଅଭ୍ୟାସ କରିଥିଲେ। କିନ୍ତୁ ସୋମବାର ସେ ଟିମ୍ ସହ ଅଭ୍ୟାସକୁ ନ ଆସି ବିଶ୍ରାମ ନେବାକୁ ଉଚିତ ମଣିଥିଲେ। ଫଳରେ ବାରବାଟୀରେ ଉପସ୍ଥିତ ହଜାର ହାଜର କ୍ରିକେଟ୍ ପ୍ରେମୀ ଆଜି ପାଣ୍ଡ୍ୟାଙ୍କ ଝଲକ ପାଇବାରୁ ବଞ୍ଚିତ ହୋଇଥିଲେ।



### ଗିଲ୍, ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନ ଦଳରେ ସନ୍ତୁଳନ ଆଣିଛି: ସୂର୍ଯ୍ୟ

‘ହାର୍ଦ୍ଦିକ ପାଣ୍ଡ୍ୟା ଓ ଶୁବମନ ଗିଲ୍ ଉଭୟ ସୁସ୍ଥ ଫିଟ୍ ଦେଖାଯାଉଛନ୍ତି। ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନ ଫଳରେ ଦଳରେ ସନ୍ତୁଳନ ଆଣିଛି। ଗତ ଏସିଆ କପ୍‌ରେ ପାଣ୍ଡ୍ୟା ଯେତେବେଳେ ନୂଆ ବଲରେ ବୋଲିଂ କରିଥିଲେ ସେତେବେଳେ ଆମର ଚୂଡ଼ାନ୍ତ ଏକାଦଶ ଲାଗି ଅନେକ ବିକଳ୍ପ ଓ କମ୍ବିନେଶନ ଖୋଲା ହୋଇଯାଇଥିଲା। ପାଣ୍ଡ୍ୟାଙ୍କ ସାମିଲ ହେବା ଫଳରେ ଦଳକୁ ଏହି ସମସ୍ତ ଲାଭ ମିଳିଥାଏ। ତାଙ୍କର ଅଭିଜ୍ଞତା, ସମସ୍ତ ବଡ଼ ବଡ଼ ମ୍ୟାଚ୍ ଏବଂ ଆଇସିସି ଓ ଏସିସି ଟୁର୍ଣ୍ଣାମେଣ୍ଟରେ ସେ ଯେଉଁଭଳି ପ୍ରଦର୍ଶନ କରିଛନ୍ତି ମୁଁ ଭାବୁଛି ସେହି ଅଭିଜ୍ଞତା ଦଳ ପାଇଁ ବହୁତ ଉପଯୋଗୀ ହେବ। ପାଣ୍ଡ୍ୟାଙ୍କ ଉପସ୍ଥିତି ନିଶ୍ଚିତ ଭାବରେ ଦଳରେ ଏକ ଭଲ ସନ୍ତୁଳନ ରକ୍ଷା କରିବ’ ବୋଲି ସୋମବାର ଅଭ୍ୟାସ ସେସନ ପୂର୍ବରୁ ଅଧିନାୟକ ସୂର୍ଯ୍ୟକୁମାର ସାମ୍ବାଦିକ ସମ୍ମିଳନୀ ଏହା କହିଛନ୍ତି।



### ଅଭିଷେକଙ୍କୁ ଅଟକାଇବା ପାଇଁ ସ୍ୱତନ୍ତ୍ର ପ୍ଲାନ କରିଛୁ: ମାରକ୍ରମ

ଟି-୨୦ ଫର୍ମାଟ୍ ସମ୍ପୂର୍ଣ୍ଣ ଅଲଗା। ଏଥିରେ ଅନ୍ୟ ଫର୍ମାଟ୍ ତୁଳନାରେ ଭିନ୍ନ ଧରଣର ଲଢ଼େଇ ହୋଇଥାଏ। ଆମେ ରେକର୍ଡ ଉପରେ ବିଶ୍ୱାସ କରୁନୁ। କିନ୍ତୁ ଆସନ୍ତାକାଲି ଆମେ ଆମର ଶ୍ରେଷ୍ଠତ୍ୱ ଦେବୁ ଏବଂ ଖେଳର ମଜା ଉଠାଇବୁ’ ବୋଲି ସୋମବାର ଅଭ୍ୟାସ ପୂର୍ବରୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ଆଇଡେନ ମାରକ୍ରମ କହିଛନ୍ତି। ସେହିଭଳି ବିସ୍ଫୋରକ ଭାରତୀୟ ଓପନର୍ ଅଭିଷେକ ଶର୍ମାଙ୍କୁ ମାରକ୍ରମ ବେଶ୍ ପ୍ରଶଂସା କରିଛନ୍ତି। ‘ଦିନିକିଆ ସିରିଜ୍‌ରେ ଫର୍ମରେ ଥିବା ଦୁଇ ଭାରତୀୟ ଖେଳାଳି ବିରାଟ କୋହଲି ଓ ରୋହିତ୍ ଶର୍ମାଙ୍କ ବିନା ଭାରତ ଟି-୨୦ ସିରିଜ ଖେଳୁଥିବାରୁ ଉଭୟଙ୍କ ଅନୁପସ୍ଥିତି ନିଶ୍ଚୟ ଅନୁଭୁତ ହେବ। ତେବେ ଅଭିଷେକ ଜଣେ ଦୁର୍ଦ୍ଧର୍ଷ ଖେଳାଳି। ଆମେ ତାଙ୍କୁ ଅଟକାଇବା ଲାଗି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛୁ।’ ଦକ୍ଷିଣ ଆଫ୍ରିକା ଖେଳାଳିମାନେ ସନ୍ଧ୍ୟା ୫ଟାରୁ ଓ ଫ୍ଲଡ ଲାଇଟ୍‌ରେ ରାତି ସାଢ଼େ ୭ଟା ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ଖେଳାଳିମାନେ ନେଟ୍ସରେ ଝାଳ ବୁହାଇଥିଲେ। ସେଣ୍ଟର ପିଚ୍ ନିକଟରେ ଥିବା ନେଟ୍ସରେ ଡେଭିଡ୍ ମିଲର ଓ କୋର୍ବିନ ବୋଶ୍ଚ ବଡ଼ ବଡ଼ ଛକା ମାରି ମ୍ୟାଚ୍ ପୂର୍ବରୁ ନିଜକୁ ପ୍ରସ୍ତୁତ କରିଥିଲେ। ସେହିଭଳି ଲୁନ୍‌ଗି ଏନ୍‌ଗିଡି ବାଉଣ୍ଡାରୀ ଲାଇନରେ ଉଚ୍ଚ କ୍ୟାଚ ଅଭ୍ୟାସ କରୁଥିବାର ଦେଖିବାକୁ ମିଳିଥିଲା।

### ଭାରତ ଲାଗି ତୃତୀୟଥର ଭାଗ୍ୟବାନ ହେବ କି ବାରବାଟୀ

ଭୁବନେଶ୍ୱର, ୮।୧୨ (ସମିସ): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତାକାଲିଠାରୁ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପ୍ରଥମ ମୁକାବିଲା ଆସନ୍ତାକାଲିଠାରୁ ଆରମ୍ଭ ହେବ। ବାରବାଟୀରେ ସିରିଜ୍ ଆରମ୍ଭ ହେଉଥିବାରୁ ଓଡ଼ିଶା ଦର୍ଶକ କିଛିଟା ଅଧିକ ଉତ୍ସାହିତ ରହିବା ସ୍ୱାଭାବିକ୍। କିନ୍ତୁ ଉଭୟ ଦଳ ଏଠାରେ ପରସ୍ପର ସହ ତୃତୀୟ ଟି-୨୦ ମୁକାବିଲାରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି। ଏହି ମ୍ୟାଚ୍ ଭାରତ ଲାଗି ଲକି ସାବ୍ୟସ୍ତ ହେବ କି ଦଳ ହ୍ୟାଟ୍ରିକ୍ ପରାଜୟ ବରଣ କରିବ ତାହାକୁ ନେଇ ବେଶ ଚର୍ଚ୍ଚା ଚାଲିଛି। ପୂର୍ବରୁ ୨୦୧୫ ଓ ୨୦୨୨ରେ ଖେଳାଯାଇଥିବା ଦୁଇଟିଯାକ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପରାଜିତ ହୋଇଛି। ଏଠାରେ ଦଳକୁ ଭାଗ୍ୟଦେବୀ ସହାୟ ହେବ କି ନାହିଁ ତାହା ଆସନ୍ତାକାଲି ମ୍ୟାଚ୍ ପରେ ଜଣା ପଡ଼ିବ। ସେହିପରି ଉଭୟ ଦଳ ନୂଆ ଅଧିନାୟକ ଓ କିଛି ନୂଆ ଖେଳାଳିଙ୍କୁ ନେଇ ଏହି ସିରିଜ୍ ଖେଳିବ। ବିଶ୍ୱକପ୍ ପୂର୍ବରୁ ଏହାକୁ ମିଶାଇ ଆଉ ୧୦ଟି ମ୍ୟାଚ୍ ଖେଳାଯିବାକୁ ଥିବାରୁ ଏବେ ଉଭୟ ଚାମ୍ପିଅନ ଓ ରନର୍ସ ଅପ୍ ଦଳ ଏବେଠାରୁ ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରସ୍ତୁତି ଆରମ୍ଭ କରିବେ ବୋଲି ଯୋଜନା ରଖିଛନ୍ତି।

#### କ’ଣ ହୋଇପାରେ ରେକର୍ଡ

ବାରବାଟୀରେ ଏଯାଏ ୩ଟି ଟି-୨୦ ମ୍ୟାଚ୍ ଖେଳାଯାଇଛି। ଏହା ମଧ୍ୟରୁ ଭାରତ ୨ଟି ମ୍ୟାଚ୍ ହାରିଛି ଓ ୨୦୧୭ ରେ ଶ୍ରୀଲଙ୍କା ବିପକ୍ଷରେ ଏକମାତ୍ର ମ୍ୟାଚ୍‌ରେ ବିଜୟୀ ହୋଇଛି। ଦକ୍ଷିଣ ଆଫ୍ରିକା ନିକଟରୁ ୨ଟି ଯାକ ମ୍ୟାଚ୍‌ରେ ପରାଜିତ ହୋଇଛି।

**ଯଶପ୍ରୀତ୍ ବୁମ୍‌ରା** : ସେହିପରି ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଯଦି ଏଠାରେ ଆଉ ଗୋଟିଏ ୱିକେଟ ନିଅନ୍ତି ତେବେ ଏହି ଫର୍ମାଟରେ ସେ ୧୦୦ତମ ୱିକେଟ ହାସଲ କରିବେ। କିନ୍ତୁ ସେ ବିଶ୍ୱର ମାତ୍ର ପଞ୍ଚମ ବୋଲର ଭାବେ ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ୩ଟି ଯାକ ଫର୍ମାଟରେ ୧୦୦ କିମ୍ବା ତା’ଠାରୁ ଅଧିକ ୱିକେଟ ନେବାର ବିରଳ ରେକର୍ଡର ଅଧିକାରୀ ହେବେ। ୯୮ଟି ୱିକେଟ ନେଇଥିବା ହାର୍ଦ୍ଦିକ ପାଣ୍ଡ୍ୟା ଆଉ ଦୁଇଟି ୱିକେଟ ଅକ୍ତିଆର କଲେ ଏହି ଫର୍ମାଟର ୧୦୦ ୱିକେଟ ପୂରଣ କରିବେ।



### ସମ୍ଭାବ୍ୟ ଖେଳାଳି

**ଭାରତ**: ଅଭିଷେକ ଶର୍ମା, ଶୁବମନ ଗିଲ୍, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ଜିତେଶ ଶର୍ମା (ୱିକେଟ ରକ୍ଷକ), ଯଶପ୍ରୀତ୍ ବୁମ୍‌ରା, ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ ଯାଦବ।

**ବେଞ୍ଚ୍**: ସଞ୍ଜୁ ସାମସନ, ଅର୍ଶଦୀପ ସିଂହ, ୱାଶିଂଟନ ସୁନ୍ଦର, ହର୍ଷିତ ରାଣା।

**ଦକ୍ଷିଣ ଆଫ୍ରିକା** : ଆଇଡେନ୍ ମାରକ୍ରମ (ଅଧିନାୟକ), କ୍ୱିଣ୍ଟନ ଡି କକ୍, ଟୋନି ଡି ଜୋର୍ଜି/ ରୀଜା ହେଣ୍ଡ୍ରିକ୍ସ, ଡିୱାଲ୍ଡ ବ୍ରେଭିସ୍, ଟ୍ରିଷ୍ଟାନ ଷ୍ଟବ୍ସ, ଡେଭିଡ ମିଲର, ମାର୍କୋ ଜାନସେନ, କର୍ବିନ ବୋଶ୍ଚ, କେଶବ ମହାରାଜ, ଲୁନ୍‌ଗି ଏନ୍‌ଗିଡି, ଆନରିଚ୍ ନୋର୍ଜେ। **ବେଞ୍ଚ** : ଡୋନୋଭାନ ଫେରେରା, ଜର୍ଜ ଲିଣ୍ଡେ, ଓଟ୍‌ନେଲ ବାର୍ଟମ୍ୟାନ୍, କ୍ୱେନା ମାଫକା।

## ଜାତୀୟ କିକ୍ ବକ୍ସିଂ ଚାମ୍ପିଅନସିପ୍ ଉଦ୍‌ଯାପିତ

# ସିନିଅର ଓ ସବ୍‌ଜୁନିଅର ବିଭାଗରେ ଓଡ଼ିଶା ଚାମ୍ପିଅନ

ଭୁବନେଶ୍ୱର,୮।୧୨ (ସମିସ)

ଇଣ୍ଡିଆନ ଆସୋସିଏସନ ଅଫ କିକ୍ ବକ୍ସିଂ ଅର୍ଗାନାଇଜେସନ (ଆଇକେଓ) ପକ୍ଷରୁ ନିଖିଳ ଓଡ଼ିଶା କିକ ବକ୍ସିଂ ଆସୋସିଏସନ ସହାୟତାରେ ଭୁବନେଶ୍ୱରଠାରେ ୪ ଦିନ ଧରି ଚାଲିଥିବା ଜାତୀୟ କିକ ବକ୍ସିଂ ଚାମ୍ପିଅନସିପ୍ ଉଦଯାପିତ ହୋଇଯାଇଛି। ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଟାଉନ ହାଉସରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ୫୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ (ସିନିଅର) ଓ ଉପକନିଷ୍ଠ (ସବଜୁନିଅର) ବର୍ଗରେ ଓଡ଼ିଶା ଦଳଗତ ଚାମ୍ପିଅନ ହୋଇଥିଲା ବେଳେ କନିଷ୍ଠ (ଜୁନିୟର) ବର୍ଗରେ କେରଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସେହିପରି କର୍ଣ୍ଣାଟକର ପରିତୋଷ ମେଘାଳୟର ରୟାଲସନ ଙ୍କୁ ପରାସ୍ତ କରି ପ୍ରଥମ ଆଇଏସ୍‌କେଏ ଜାତୀୟ ପ୍ରୋ କୁଁ ଖମେର ଟାଇଟଲ ହାସଲ କରିଛନ୍ତି। ପ୍ରୋ କିକ ବକ୍ସିଂ ୫୦ କିଲୋ ବର୍ଗରେ ଓଡ଼ିଶାର ରାହୁଲ ଘଡେଇ ଓ ୬୦ କିଲୋ ବର୍ଗରେ କେରଳର ନିହାଲ କରିମ ବେଲ୍ଟ ହାସଲ ଜରିଥିବା ନେଇ ଆୟୋଜକ କମିଟି ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଆୟୋଜକ କମିଟି ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ଓଡ଼ିଶା ଅଲିମ୍ପିକ ଆସୋସିଏସନ ସଭାପତି ସମୀର ମହାନ୍ତି ମୁଖ୍ୟଅତିଥି, ରୋଟାରୀ ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ ମନୋଜ ତ୍ରିପାଠୀ, ଆଇଏକେଓ ସଭାପତି ଇଂ ପ୍ରବୋଧ ମହାନ୍ତି, ସମାଜସେବୀ ରୋଜାଲିନ ପାଟଶାଣୀ ମିଶ୍ର, ରୋଟାରୀ ଜିଲା ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଯୋଗ ଦେଇଥିଲେ।




### ଏସ୍‌ଏମ୍‌ଏଟି: ଷଷ୍ଠରେ ରହିଲା ଓଡ଼ିଶା

ଲକ୍ଷ୍ନୌ,୮।୧୨(ଏଜେନ୍ସି): ସୟଦ ମୁସ୍ତାକ ଅଲି ଟି-୨୦ (ଏସ୍‌ଏମ୍‌ଏଟି) କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ନିକଟରୁ ୯ ୱିକେଟରେ ହାରି ଏଲିଟ୍ ଗ୍ରୁପ୍-ଏ’ରେ ଓଡ଼ିଶା ଷଷ୍ଠ ସ୍ଥାନରେ ରହିଛି। ଏହି ଗ୍ରୁପ୍‌ରେ ଓଡ଼ିଶା ୩ଟି ବିଜୟ ଓ ୪ଟି ପରାଜୟ ସହ ୧୨ ପଏଣ୍ଟ ପାଇଛି। ଓଡ଼ିଶାକୁ ହରାଇ ଗ୍ରୁପ୍‌ରେ ମୁମ୍ବାଇ ପ୍ରଥମ ସ୍ଥାନରେ ରହିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୭ ୱିକେଟରେ ୧୬୭ ରନ୍ କରିଥିଲା। ଜବାବରେ ମୁମ୍ବାଇ ୧୬ ଓଭରରେ ୧ ୱିକେଟ ହରାଇ ବିଜୟୀ ହୋଇଥିଲା। ଆଜିଙ୍କ୍ୟ ରାହାଣେ ସର୍ବାଧିକ ଅପରାଜିତ ୯୫ ରନ୍ କରିଥିଲେ।

### ଆଜିଠାରୁ ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର,୮।୧୨(ସମିସ): କଟକର ନେହରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଆସନ୍ତାକାଲି ବା ମଙ୍ଗଳବାରଠାରୁ ଓଡ଼ିଶା ମାଷ୍ଟର୍ସ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ତୃତୀୟ ସଂସ୍କରଣ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟକୁ ମିଳିତ ଭାବେ ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଅଫ୍ ଇଣ୍ଡିଆ (ବାଇ), ଓଡ଼ିଶା ବ୍ୟାଡମିଣ୍ଟନ ସଂଘ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆୟୋଜନ କରୁଛନ୍ତି। ଆସନ୍ତା ୧୪ ତାରିଖଯାଏ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ୨୨ଟି ଦେଶରୁ ୫୭୮ ଜଣ ପ୍ରତିଯୋଗୀ ୫ଟି ଭିନ୍ନ ଭିନ୍ନ ବିଭାଗରେ ଅଂଶଗ୍ରହଣ କରିବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହା ମଧ୍ୟରେ ଭାରତରୁ ସର୍ବାଧିକ ୩୧୦ରୁ ୩୩୦, ମାଲେସିଆରୁ ୪୫ରୁ ୫୫, ଇଣ୍ଡୋନେସିଆରୁ ୪୦ରୁ ୫୦, ଚାଇନିଜ୍ ତାଇପେରୁ ୨୫ରୁ ୩୫ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଏସିଆ, ୟୁରୋପ, ଆମେରିକା, ଅଷ୍ଟ୍ରେଲିଆ ଆଦି ମହାଦେଶରୁ ଖେଳାଳିମାନେ ଅଂଶଗ୍ରହଣ କରୁଛନ୍ତି। ଏହା ମଧ୍ୟରେ ଓଡ଼ିଶାରୁ ୧୩ ଜଣ ଖେଳାଳି ସମସ୍ତ ବିଭାଗରେ ଭାଗ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଆୟୁଷ ଦାଶ, ଆର୍ଯ୍ୟ ମାଝୀ, ମହିଳା ସିଙ୍ଗଲ୍ସରେ ହର୍ଷିତା ରାଉତ ଓ ଜାତୀୟ ଜୁନିଅର ଚାମ୍ପିଅନ ତନ୍‌ଭୀ ପତ୍ରୀ, ପୁରୁଷ ଡବଲ୍ସରେ ଅବିନାଶ ମହାନ୍ତି, ଆୟୂଷ ପଟ୍ଟନାୟକ, କେ. ମୁରଲୀ କ୍ରିଷ୍ଣା, ଅଭିଜିତ ମହାରାଣା, ମହିଳା ଡବଲ୍ସରେ ରତୁପର୍ଣ୍ଣା ପଣ୍ଡା, ଶ୍ୱେତପର୍ଣ୍ଣା ପଣ୍ଡା, ହର୍ଷିତା ରାଉତ୍, ପୂର୍ବା ପ୍ରତ୍ୟାଶା ପଣ୍ଡା, ବିଶାଖା ଟପ୍ପୋ, ମିକ୍ସଡ ଡବଲ୍ସରେ ଆୟୁଷ ଦାଶ-ପୂର୍ବା ପ୍ରତ୍ୟାଶା ପଣ୍ଡା, ହର୍ଷିତା ରାଉତ-ତନ୍ମୟ କୁମାର ସାହୁ ଅଂଶଗ୍ରହଣ କରିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠା ଲାଭ କରିଥିବା ବୁଲଗାରିଆର ଷ୍ଟୋଏଭା ସିଷ୍ଟର୍ସ, ଇଣ୍ଡୋନେସିଆର ମହିଳା ଡବଲ୍ସ ଯୋଡି ଆପ୍ରିୟାନୀ ରାହାୟୁ-ସିତି ଫାଦିଆ, ଥାଇଲାଣ୍ଡର ଲାଲିନରାତ ଚାଇୱାନ୍, ଇଣ୍ଡୋନେସିଆର ମହମ୍ମଦ୍ ରିଆନ୍ ଆଡ୍ରିଆଣ୍ଟୋ ଅଂଶଗ୍ରହଣ କରୁଛନ୍ତି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO
PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS